

ଲକ୍ଷେ ଟଙ୍କିଆ ପୋଷାକ ପିନ୍ଧି ପ୍ରମୋସନ ଇଭେଣ୍ଟରେ ଦୀପିକା

▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-359 ◆BHUBANESWAR ◆TUESDAY ◆25 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୫୯ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୫ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


### ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ

# ପ୍ରଧାନମନ୍ତ୍ରୀଙ୍କ ସମେତ ଶପଥ ନେଲେ ୨୮୦ ସାଂସଦ

■ **ନୂଆଦିଲ୍ଲୀ, ୨୪।୬(ଏଜେନ୍ସି):** ଅଷ୍ଟାଦଶ ଲୋକସଭାର ପ୍ରଥମ ତଥା ସ୍ୱତନ୍ତ୍ର ଅଧିବେଶନ ସୋମବାର ଆରମ୍ଭ ହୋଇଛି। ଅଧିବେଶନର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ୨୮୦ ସାଂସଦ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସାଂସଦ ଭର୍ତ୍ତୃହରି ମହତାବ ପ୍ରୋଟେମ୍ (କାମଚଳା) ବାଚସ୍ପତି ଭାବେ ନିଯୁକ୍ତ ହେବା ପରେ ସେ ନବ ନିର୍ବାଚିତ ସାଂସଦମାନଙ୍କୁ ଶପଥ ପାଠ କରାଇଛନ୍ତି। ଲୋକସଭାର ନେତା ଭାବେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶପଥ ନେବା ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟ ଏବଂ ପରେ ପରେ ଅନ୍ୟ ସାଂସଦମାନେ ଶପଥ ନେଇଥିଲେ। ଅବଶିଷ୍ଟ ୨୬୪ ସାଂସଦ ଆସନ୍ତାକାଲି ଶପଥ ନେବେ। ଏହାଛଡ଼ା ଆସନ୍ତାକାଲି ମଧ୍ୟାହ୍ନ ସୁଦ୍ଧା ବାଚସ୍ପତି ପ୍ରାର୍ଥୀ ନାମାଙ୍କନ ଭରିବେ। ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହେବ। ୨୭ ତାରିଖରେ ସଂସଦର ଉଭୟ ସଦନ ଲୋକସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଅଭିଭାଷଣ ଦେବେ। ୨୮ ତାରିଖରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ବିତର୍କ ଚାଲିବ ବୋଲି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୨ କିମ୍ବା ୩ରେ ବିତର୍କ ସମ୍ପର୍କରେ ନିଜ ବିବୃତି ରଖିବେ। ତା'ପରେ ସଂସଦର ଉଭୟ ସଦନ ଜୁଲାଇ ୨୧ ଯାଏ ବନ୍ଦ ରଖାଯିବ। ୨୨ ତାରଖରେ ସଂସଦ ଅଧିବେଶନ ଆହୂତ ହୋଇ ବଜେଟ୍ ଉପସ୍ଥାପନ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ସକାଳେ ପ୍ରୋଟେମ୍ ବାଚସ୍ପତି ଭାବେ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ପରେ ଭର୍ତ୍ତୃହରି ସଂସଦ ପହଞ୍ଚି ଦିବା ୧୧ଟାରୁ ଲୋକସଭା ଅଧିବେଶନ ଆରମ୍ଭ ପାଇଁ ଘୋଷଣା କରିଥିଲେ। ଅଷ୍ଟାଦଶ ଲୋକସଭାର ଏହା ପ୍ରଥମ ଅଧିବେଶନ ହୋଇ ଥିବାରୁ ଉପସ୍ଥିତ ସାଂସଦମାନେ ପ୍ରଥମେ କିଛି କ୍ଷଣ ନିରବତା ଅବଲମ୍ବନ କରିଥିଲେ। କିନ୍ତୁ ପରେ ପରେ କାମଚଳା ବାଚସ୍ପତିଙ୍କ ନିଯୁକ୍ତିକୁ ନେଇ ବିରୋଧୀ ଦଳ ଗୃହରେ ପ୍ରତିବାଦ ଜଣାଇବା ସହିତ ହଙ୍ଗାମା କରିଥିଲେ। ଲୋକସଭାକୁ ୮ଥର ନିର୍ବାଚିତ ହୋଇଥିବା କେରଳର ବରିଷ୍ଠ ସାଂସଦ କେ ସୁରେଶଙ୍କୁ ଉପେକ୍ଷା କରି ଭର୍ତ୍ତୃହରି ମହତାବଙ୍କୁ କାମଚଳା ବାଚସ୍ପତି ଚୟନ କରାଯାଇଥିବାରୁ ଇଣ୍ଡିଆ ବ୍ଲକ୍ ସାଂସଦମାନେ ସଂସଦ ପରିସରରେ ଥିବା ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଏକତ୍ରିତ ହେଇ ହାତରେ ସମ୍ବିଧାନ ପୁସ୍ତକ ଧରି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ସେମାନେ 'ସମ୍ବିଧାନ ବଞ୍ଚାଅ' ସ୍ଲୋଗାନ୍ ଦେଇଥିଲେ ଓ ସମ୍ବିଧାନ ବଞ୍ଚାଇବାକୁ ସଙ୍କଳ୍ପ ନେଇ ବାପୁଙ୍କ ଆଶୀର୍ବାଦ ମାଗିଥିଲେ। ସର୍ବବରିଷ୍ଠ ସାଂସଦଙ୍କୁ କାମଚଳା ▶ପୃଷ୍ଠା-୯



ଶପଥପାଠ କରାଇଲେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ

### ରାଜ୍ୟସଭା ସଂସଦୀୟ ଦଳ ବୈଠକରେ ନବୀନଙ୍କ ନିର୍ଦ୍ଦେଶ

# ସଶକ୍ତ ବିରୋଧୀ ଭୂମିକା ନେବ ବିଜେଡି

- ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ହାସଲ ପର୍ଯ୍ୟନ୍ତ ଜାରି ରହିବ ଲଢ଼େଇ
- ଉଠିବ କୋଇଲା ରାଜଭାଗ, ରାଜପଥ ଓ ଉପକୂଳ ରାଜପଥ ପ୍ରସଙ୍ଗ
- ଦୋହରାଯିବ ଏମ୍‌ଏସ୍‌ପି ୩୧୦୦ ଟଙ୍କା, ୧୬୨ ଜନଜାତିକୁ ମାନ୍ୟତା
- ସମ୍ବଲପୁର, କୋରାପୁଟ ଓ ବାଲେଶ୍ୱରରେ ୩ଟି ପୂର୍ଣ୍ଣାଙ୍ଗ ଏମ୍ସ ସ୍ଥାପନ
- ୩୩% ମହିଳା ସଂରକ୍ଷଣ, ସମ୍ବିଧାନ ମୁଖବନ୍ଧରେ 'ଅହିଂସା' ପ୍ରସଙ୍ଗ ଉଠିବ



ରାଜ୍ୟସଭାରେ ବିଜେଡି ହେବ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ସ୍ୱର

■ **ଭୁବନେଶ୍ୱର, ୨୪।୬(ସମିସ):** ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଦିଲ୍ଲୀ ଦରବାରରେ ଲଢ଼େଇ କରି ଆସୁଛି। ଆଗକୁ ଏହା ଅବ୍ୟାହତ ରହିବ ଏବଂ ଦିଲ୍ଲୀରେ ବିଜେଡି ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ସ୍ୱର ହେବ। ଏକ ଶକ୍ତିଶାଳୀ ଓ ବିରୋଧୀ ଦଳର ଦାୟିତ୍ୱ ନିର୍ବାହ କରିବାରେ ବିଜେଡି ସାମାନ୍ୟତମ ଅବହେଳା କରିବ ନାହିଁ। ଆଜି ବି ଓଡ଼ିଶା ଅନେକ ନ୍ୟାୟସଂଗତ ଓ ଯଥାର୍ଥ ଦାବି ପୂରଣ ପାଇଁ ଲଢ଼େଇ କରୁଛି। ଏହି ଦାବିଗୁଡିକ କେନ୍ଦ୍ର ସରକାର ଯେପରି ଶୀଘ୍ର ପୂରଣ କରିବେ ତାହା ବିଜେଡି ସାଂସଦମାନେ ସୁନିଶ୍ଚିତ କରିବେ। ଆମେ ଏକ ଶକ୍ତିଶାଳୀ ଓ ଉତ୍ତରଦାୟୀ ଦଳ ଭାବେ ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟୀ କରିବା ବୋଲି ଦଳର ରାଜ୍ୟସଭା ସାଂସଦମାନଙ୍କୁ ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

ନବୀନ ନିବାସରେ ବିଜେଡି ସଂସଦୀୟ ଦଳର ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଓଡ଼ିଶା ଦୀର୍ଘ ଦିନ ହେଲା ଦାବି କରି ଆସୁଛି ଆଉ ଆଗକୁ ମଧ୍ୟ କରିବ। ରାଜ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି ଏବଂ ଏହାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଯଥାର୍ଥତା ବହନ କରୁଛି। ଏପରିକି ୨୦୧୪ ନିର୍ବାଚନ ଇସ୍ତାହାରରେ ବିଜେପି ମଧ୍ୟ ଏଥିପାଇଁ ଦାବି କରାଯିବ ବୋଲି କହିଥିଲେ ସୁଦ୍ଧା ପରେ ତାହା ପାଳନ କରି ନ ଥିଲା। ତେଣୁ ସଂସଦରେ ବିଜେଡି ପୁନର୍ବାର ଏହି ଦାବି ଉପସ୍ଥାପନ କରିବ। ସେହିପରି ଓଡ଼ିଶାରେ ଦୟନୀୟ ଅବସ୍ଥାରେ ଥିବା ଜାତୀୟ ରାଜପଥ ପ୍ରସଙ୍ଗ ମଧ୍ୟ ସଂସଦରେ ଗୁଞ୍ଜରିତ ହେବ। ଓଡ଼ିଶାରେ ଏନ୍‌ଏଚ୍ ପ୍ରକଳ୍ପରେ ଅହେତୁକ ବିଳମ୍ବ ଏବଂ ଦୁର୍ବଳ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ ବିଜେଡି ସାଂସଦମାନେ ସ୍ୱର ଉଠାଇବେ। ବିଶେଷକରି କଟକ-ସମ୍ବଲପୁର ଏନ୍‌ଏଚ୍ ଭଳି ପ୍ରକଳ୍ପ ପାଇଁ ଜନତା ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ସେହିପରି ▶ପୃଷ୍ଠା-୯

### ■ ଅଧା ହେଲାଣି ଆଷାଢ଼

# ପାଞ୍ଚ ଜିଲ୍ଲାରେ ଅତି ନିଅଣ୍ଟିଆ ବର୍ଷା

■ **ଭୁବନେଶ୍ୱର, ୨୪।୬(ସମିସ):** ଜୁନ୍ ଶେଷ ସପ୍ତାହ ହେଲାଣି, ଅଧା ହେଲାଣି ଆଷାଢ଼; ମାତ୍ର ବିଲରେ ଚାଷ ପାଇଁ ନାହିଁ ପାଣି। ମୌସୁମୀର ପ୍ରଭାବ ବିଶେଷ ଅନୁଭୂତ ହୋଇପାରି ନାହିଁ ଓ ବର୍ଷା ଅଭାବରୁ ଚାଷ ଆଗେଇ ପାରୁନାହିଁ। ବିଶେଷ କରି ଉପକୂଳ ଓଡ଼ିଶାରେ ବର୍ଷା ପରିମାଣ ଅପେକ୍ଷାକୃତ କମ୍ ରହିଛି ଏବଂ ରାଜ୍ୟର ୬ ଜିଲ୍ଲାକୁ ଛାଡ଼ି ଦେଲେ ବାକି ସବୁ ଜିଲ୍ଲାରେ ବର୍ଷା ସ୍ଥିତି ନିଅଣ୍ଟିଆ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସୋମବାର ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪୧ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ପୁରୀ, ବଲାଙ୍ଗିର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଅତି ନିଅଣ୍ଟିଆ ବର୍ଷା ଯୋଗୁଁ ଏଠାରେ ସ୍ଥିତି ସଙ୍ଗୀନ ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମୌସୁମୀ ଛୁଇଁବାର ପରବର୍ତ୍ତୀ ପାଣିପାଗ ଲକ୍ଷଣ ଉପକୂଳ ଜିଲ୍ଲାରେ ବର୍ତ୍ତମାନ ଦେଖାଯିବାର ସମ୍ଭାବନା କମ୍ ରହିଛି। ରାଜ୍ୟରେ ସୋମବାର ସୁଦ୍ଧା ସ୍ୱାଭାବିକ ୧୪୬ ମିମି ବର୍ଷା ତୁଳନାରେ ମାତ୍ର ୮୮ ମିମି ବର୍ଷା ହେବା ସହ ୩୯ ପ୍ରତିଶତ ନିଅଣ୍ଟିଆ ରହିଛି। କେବଳ ୫ ଟି ଜିଲ୍ଲାରେ ଜୁନ୍ ମାସରେ ଏପର୍ଯ୍ୟନ୍ତ ସ୍ୱାଭାବିକ ପରିମାଣର ବର୍ଷା ହୋଇଛି। ବାକି ସବୁ ଜିଲ୍ଲାରେ ନିଅଣ୍ଟିଆ ରହିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଉପକୂଳ ଜିଲ୍ଲାମାନଙ୍କରେ ଏପର୍ଯ୍ୟନ୍ତ ବୁଣାବୁଣି କରିବା ପାଇଁ ଖୁବ୍ ନିଅଣ୍ଟିଆ ରହିଛି ଓ ମାସ ଶେଷକୁ ନିଅଣ୍ଟିଆ ପରିମାଣ ଆହୁରି ବଢ଼ିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ଏହି ସ୍ଥିତିରେ ଖାଲ ଜମି ବ୍ୟତୀତ ମଧ୍ୟମ ବା ଢିପ ଜମିରେ ଧାନବୁଣା ଓ ତଳି ପକାଇବାକୁ ପ୍ରଫେସର ପଶୁପାଳକ ବାରଣ କରିଛନ୍ତି। ଆସନ୍ତା ୧୦ ଦିନ ଭିତରେ ବର୍ଷା ସମ୍ଭାବନା ଥିବାରୁ ମାଲକାନଗିରି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ଗଜପତି, ଆଭ୍ୟନ୍ତରୀଣ ଗଞ୍ଜାମ, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କନ୍ଧମାଳରେ ବର୍ତ୍ତମାନ ବୁଣାବୁଣି କଲେ ଗଜା ମରୁଡ଼ିର ଆଶଙ୍କା କମ୍ ରହିବ। ବାକି ୮ ଟି ଜିଲ୍ଲାରେ ମାଟିର ଆର୍ଦ୍ରତା ଦେଖି ବୁଣାବୁଣି କରିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେଉଁଥିପାଇଁ ଆଗାମୀ ୪୮ ଘଣ୍ଟାରେ ଓଡ଼ିଶାରେ କେତେକ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହୋଇପାରେ ତେବେ ▶ପୃଷ୍ଠା-୯



**୨୬ରୁ ବଢ଼ିପାରେ ବର୍ଷା ପରିମାଣ**

# ୭ ବର୍ଷରେ ୧୮ ଲକ୍ଷ କ୍ଷୁଦ୍ର ଉଦ୍ୟୋଗରେ ତାଲା

■ **ନୂଆଦିଲ୍ଲୀ, ୨୪।୬(ଏଜେନ୍ସି):** ଦେଶରେ ମାନୁଫାକ୍ଚରିଂ ବା ବିନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଉଦ୍ୟୋଗଗୁଡ଼ିକର ସ୍ଥିତି ଅତ୍ୟନ୍ତ ସଙ୍ଗିନ୍। ୨୦୧୫ଜୁଲାଇରୁ ୨୦୧୬ ଜୁନ୍ ଏବଂ ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ ଦେଶରେ ପ୍ରାୟ ୧୮ ଲକ୍ଷ କ୍ଷୁଦ୍ର ଉଦ୍ୟୋଗ ବନ୍ଦ ହୋଇଛି। କେବଳ ସେତିକି ନୁହେଁ, ଏହି ଉଦ୍ୟୋଗଗୁଡ଼ିକ ବନ୍ଦ ହେବା ଯୋଗୁଁ ପ୍ରାୟ ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ୫୪ଲକ୍ଷ ଲୋକ ଚାକିରି ହରାଇଛନ୍ତି। ନିକଟରେ ପ୍ରକାଶିତ ଅଣସଂଗଠିତ କ୍ଷେତ୍ର ଉଦ୍ୟୋଗର ବାର୍ଷିକ ସର୍ଭେ ରିପୋର୍ଟ ଏବଂ ୨୦୧୫-୧୬ ଅକ୍ଟୋବରରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା କରାଯାଇଥିବା ଏକ ତୁଳନାତ୍ମକ ବିଶ୍ଳେଷଣରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ରିପୋର୍ଟ ଅନୁସାରେ, ଦେଶର ବିନିର୍ମାଣ କ୍ଷେତ୍ରରେ ଉଦ୍ୟୋଗ ସଂଖ୍ୟା ୨୦୧୫ ତୁଳନାରେ ପ୍ରାୟ ୧୦% ହ୍ରାସ ପାଇଛି। ୨୦୧୫ ଜୁଲାଇରୁ ୨୦୧୬ ଜୁନ୍ ମଧ୍ୟରେ ଦେଶରେ ୧୯୭ ଲକ୍ଷ ଅସଂଗଠିତ ୟୁନିଟ୍ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୭୮.୨ ଲକ୍ଷକୁ ହ୍ରାସ ପାଇଛି। ଅନୁରୂପ ଭାବରେ ଏହି ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଏହି ସମୟ ମଧ୍ୟରେ ପ୍ରାୟ ୧୫ ପ୍ରତିଶତ ହ୍ରାସ ପାଇଛି। ୨୦୧୫ରେ ଏହି ଉଦ୍ୟୋଗଗୁଡ଼ିକରେ ୩.୬୦୪ କୋଟି ଲୋକ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହା ୩.୦୬ କୋଟିକୁ ହ୍ରାସ ପାଇଛି। ଦେଶରେ ପରିଚାଳିତ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସାଧାରଣତଃ ଏକମାତ୍ର ମାଲିକାନା ଓ ସହଭାଗିତା ଭିତ୍ତିରେ ପରଚାଳିତ ହୋଇଥାଏ। ୨୦୨୧ ଏପ୍ରିଲରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ମହାମାରୀ ସମୟରେ ଏହି ଛୋଟ ଛୋଟ ଉଦ୍ୟୋଗଗୁଡ଼ିକରେ କର୍ମଚାରୀଙ୍କ ସଂଖ୍ୟା ସର୍ବନିମ୍ନ ସ୍ତରରେ ରହିଥିଲା। ତେବେ ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟ କ୍ଷେତ୍ରରେ ୧.୧୭ କୋଟି କର୍ମଚାରୀ ଯୋଡ଼ି ହୋଇଥିଲେ।

ଦେଶରେ ଏତେ ସଂଖ୍ୟାରେ ଉଦ୍ୟୋଗ ବନ୍ଦ ହେବା ପଛରେ କୋଭିଡ୍ ମହାମାରୀ ଓ ଜିଏସ୍‌ଟିକୁ ଦାୟୀ କରାଯାଇଛି। ଏହି ଉଦ୍ୟୋଗଗୁଡ଼ିକ ସାଧାରଣତଃ ପ୍ରାୟ ୨ରୁ ୩ଜଣ ଲୋକଙ୍କୁ ନେଇ ପରଚାଳିତ ହୋଇଥାଏ। ଏଥିରେ ଅଧିକାଂଶ ଲୋକଙ୍କ ନିଜସ୍ୱ ବ୍ୟବସାୟ ରହିଛି କିମ୍ବା ପରିବାର ସଦସ୍ୟମାନଙ୍କୁ ନେଇ ପରିଚାଳିତ ହୋଇଥାଏ। ଏହାର ଅର୍ଥ ହେଉଛି ଏପରି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକରେ ସେହି ପରିବାର ସଦସ୍ୟମାନେ କର୍ମଚାରୀ ଭାବେ କାମ କରିଥା'ନ୍ତି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ସାନ୍ତୋଷ ମେହେରୋତ୍ରା କହିଛନ୍ତି ଯେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ରେ ଏକ ବୃହତ୍ ଆକାରର ଅସଂଗଠିତ କ୍ଷେତ୍ର ରହିଛି। ଅଣ କୃଷି କ୍ଷେତ୍ର ପରେ ଏହା ହେଉଛି ସର୍ବବୃହତ୍ ନିଯୁକ୍ତିଦାତା। ସେ କହିଛନ୍ତି, ୨୦୧୬ ପରେ କ୍ରମାଗତ ଭାବେ ନୀତିଗତ ଧକ୍କା ହେତୁ ଏମଏସଏମ୍‌ଇ ଏବଂ ଅଣସଂଗଠିତ କ୍ଷେତ୍ରର ଏହି ୟୁନିଟ୍‌ଗୁଡ଼ିକରେ ଅଣକୃଷି କ୍ଷେତ୍ରର ନିଯୁକ୍ତି ସ୍ଥିତିରେ ହ୍ରାସ ଘଟିଛି।

**ଜିଏସ୍‌ଟି ଓ ମହାମାରୀ ମାଡ଼**

**ଚାକିରି ହରାଇଛନ୍ତି ୫୪ ଲକ୍ଷ**




## ଦୁର୍ଘଟଣାରେ ଦୁଇ ମୃତ; ୬ ଆହତ

■ **କୋରୁକୋଣ୍ଡା/ଖଇରପୁଟ, ୨୪।୬ (ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା-ଗୋବିନ୍ଦପାଲ୍ଲୀ ମୁଖ୍ୟ ରାସ୍ତାରେ ସୋମବାର ଏକ ସଡ଼କ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକ ହେଲେ, ଚିତ୍ରକୋଣ୍ଡା ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ଅଞ୍ଜନ କୁମାର ଚୌଧୁରୀ। ଅନ୍ୟଜଣଙ୍କ ନାମ ଜଣାପଡ଼ିନାହିଁ। ଏହି ଦୁର୍ଘଟଣାରେ ବ୍ଲକ୍ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀଙ୍କ ସମେତ ମୋଟ ୬ଜଣ ଗୁରୁତର ଆହତ ହୋଇଛନ୍ତି। ▶ପୃଷ୍ଠା-୯

### ଚିଲିକା ହେବ ପ୍ରଦୂଷଣମୁକ୍ତ

## ହଟିବ ପେଟ୍ରୋଲ-ଡିଜେଲ୍ ଚାଳିତ ବୋଟ୍

■ **ଭୁବନେଶ୍ୱର, ୨୪।୬ (ସମିସ):** ଚିଲିକାରେ ପ୍ରଦୂଷଣ କମାଇବା ଏବଂ କାର୍ବନ ନିର୍ଗମନ ମାତ୍ରାକୁ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଏଠାରେ ଚଳପ୍ରଚଳ କରୁଥିବା ପେଟ୍ରୋଲ ଓ ଡିଜେଲ୍ ଚାଳିତ ବୋଟ୍‌ଗୁଡ଼ିକ ଉପରେ କିପରି ରୋକ୍ ଲାଗିବ ଓ ଏହାର ବିକଳ୍ପ ପାଇଁ ନୂଆ ପନ୍ଥା ଆପଣାଯିବ, ତାହା ଉପରେ ଆରମ୍ଭ ହୋଇଛି ପ୍ରକ୍ରିୟା। ଏହି କ୍ରମରେ ଚିଲିକାରେ ସୌରଚାଳିତ ଇଲେକ୍ଟ୍ରିକ୍ ବୋଟ୍ ଚଳାଚଳ କରାଇବା ପାଇଁ ଓଡ଼ିଶା ▶ପୃଷ୍ଠା-୯

**ସୌରଚାଳିତ ବୋଟ୍ ଚଳାଚଳ ପାଇଁ ଆରମ୍ଭ ହେଲା ଟେଣ୍ଡର**

**ଉଭୟ ମାଛଧରା ଓ ଯାତ୍ରୀବାହୀ ବୋଟ୍‌ର ନବୀକରଣ ହେବ**



## ଲୋକକଥା



ନିର୍ବାଚନ ପରେ ଚାଲିଲା ସଂସଦ
ଅଷ୍ଟାଦଶ ଅଧିବେଶନ,
ଶାସକ ଦଳକୁ ମାତ୍ ଦେବା ଭଳି
ବିରୋଧୀଙ୍କ ସ୍ଥିତି ଏସନ।
କମ୍ପିବ ସଂସଦ ଭବନ,
ମାପିଚୁପି ପାଦ ନ ଥାପିଲେ ଆହା
କେବେ ହୋଇଯିବ ପତନ !!

### ରଥଯାତ୍ରାଠୁ ନୀଳାଦ୍ରି ବିଜେ ଯାଏ ନୀତି ନିର୍ଘଣ୍ଟ

# ୭ ତାରିଖ ଅପରାହ୍ଣ ୫ଟାରେ ରଥଟଣା

■ **ପୁରୀ, ୨୪।୬(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନବେଦୀରୁ ଜନ୍ମବେଦୀକୁ ଯାତ୍ରା କରିବେ ଚତୁର୍ଦ୍ଧାବିଗ୍ରହ। ଉକ୍ତ ଦିନ ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହେବ। ସୋମବାର ଅନୁଷ୍ଠିତ ନୀତି ସବ୍-କମିଟି ଏବଂ ଛତିଶା ନିଯୋଗର ଯୁଗ୍ମ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏହି ବୈଠକରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତି ନିର୍ଘଣ୍ଟ ହୋଇଥିବା ବେଳେ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଅନୁମୋଦନ କରାଯାଇଛି। ଏବର୍ଷ ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା। ତେଣୁ ଏ ଦୃଷ୍ଟିରୁ ଏବର୍ଷର ରଥଯାତ୍ରା ବିରଳ। ତେଣୁ ଠାକୁରଙ୍କ ନୀତିକାନ୍ତି କିପରି ସୁଚାରୁରୂପେ ସମ୍ପାଦନ କରାଯିବ, ସେନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି।



**୧୯୭୧ ନୀତି ଅନୁସାରେ ହେବ ଏବର୍ଷ ରଥଯାତ୍ରା ନୀତି**

**୭ ତାରିଖ ଅପରାହ୍ଣ ୧ଟା ୧୦ରେ ଆରମ୍ଭ ହେବ ପହଣ୍ଡି**

**ଏଥର ଗୋଟିଏ ଦିନରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ ଓ ରଥଯାତ୍ରା**

ନୀଳାଦ୍ରି ଭକ୍ତନିବାସଠାରେ ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରାଠୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତିକାନ୍ତିର ନୀତି ନିର୍ଘଣ୍ଟ କରାଯାଇଛି। ଯେହେତୁ ୧୯୭୧ ମସିହାରେ ଏହି ସମାନ ତିଥି ପଡ଼ିଥିଲା, ତେଣୁ ସେହିବର୍ଷ ଯେଉଁଭଳି ନୀତିକାନ୍ତି ହୋଇଥିବା ଏବର୍ଷ ମଧ୍ୟ ସମାନ ପ୍ରକାର ନୀତି ନିର୍ଘଣ୍ଟ କରାଯାଇଛି। ମଙ୍ଗଳବାର ଶ୍ରୀମନ୍ଦିର ▶ପୃଷ୍ଠା-୯

### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆଜି

## ବ୍ୟବସ୍ଥାବଳୀରେ ବାଜିବ ମୋହର

■ **ପୁରୀ, ୨୪।୬(ସମିସ):** ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ନୀଳାଦ୍ରି ଭକ୍ତନିବାସ ପରିସରରେ ପୂର୍ବାହ୍ନ ୧୧ଟାରେ ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାର ନୀତି ନିର୍ଘଣ୍ଟ ହେବ। ଏଥିସହ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ତାହାକୁ ଅନୁମୋଦନ କରାଯିବ। ସ୍ନାନ ପୂର୍ଣ୍ଣିମା ଶେଷ ହୋଇଛି। ତେଣୁ ବୈଠକରେ ରଥଯାତ୍ରା, ହେରାପଞ୍ଚମୀ, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ଏବର୍ଷ ଅଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ▶ପୃଷ୍ଠା-୯



**ନିର୍ଘଣ୍ଟ ହେବ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ନୀତି**

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

# ଏଆଇ ଚିଟିଂ



ସମ୍ପ୍ରତି ପ୍ରତ୍ୟେକ କ୍ଷେତ୍ରରେ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ଏହି କ୍ରମରେ ତୁର୍କୀର ଜଣେ ଛାତ୍ର କପି କରିବା ପାଇଁ ଏଆଇର ସାହାରା ନେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ସମ୍ପୃକ୍ତ ଛାତ୍ର ଜଣକ ପିନ୍ଧିଥିବା ଜୋତାର ତଳପାର୍ଶ୍ୱରେ ଏକ ରାଉଟର ଲଗାଇଥିଲେ। ଏହାକୁ ସେ ଇଣ୍ଟରନେଟ୍ ସହ ସଂଯୋଗ କରିଥିଲେ। କେବଳ ସେତିକି ନୁହେଁ, କ୍ରେଡିଟ୍ କାର୍ଡ ହୋଲଡର୍‌ରେ ସେ ଏକ ଛୋଟିଆ ସ୍ମାର୍ଟଫୋନ୍‌କୁ ଲୁଚାଇ ରଖିଥିଲେ। ଏହାବାଦ୍ ସେ ତାଙ୍କ ସାର୍ଟ ବଟନ୍‌ରେ ହାଇ-ଡେଫିନେସନ କ୍ୟାମେରା ଏବଂ କାନରେ ଛୋଟ ହେଡ୍‌ସେଟ୍ ଲଗାଇ ଥିଲେ। ସେହିପରି ସାର୍ଟ ବଟନ୍‌ରେ ଲାଗିଥିବା କ୍ୟାମେରାରେ ପ୍ରଶ୍ନପତ୍ରକୁ ସ୍କାନ୍ କରିଛନ୍ତି ଏବଂ ସ୍ମାର୍ଟଫୋନ୍‌ରୁ ଉତ୍ତର ଜାଣିବା ପାଇଁ ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗ କରିଛନ୍ତି। ଶେଷରେ ହେଡ୍‌ସେଟ୍ ମାଧ୍ୟମରେ ସେ ପ୍ରଶ୍ନଗୁଡ଼ିକର ଉତ୍ତର ଶୁଣିବାରେ ସଫଳ ହୋଇଛନ୍ତି। ଏହିପ୍ରକାରେ ସମସ୍ତ ଉପକରଣକୁ ଚତୁରତାର ସହ ବିଦ୍ୟାର୍ଥୀ ଜଣକ ଠିକ୍‌ଭାବେ ଉପଯୋଗ କରି ପରୀକ୍ଷାରେ ବେଶ୍ ସ୍ମାର୍ଟ ଉପାୟରେ କପି କରିବାକୁ ସକ୍ଷମ ହୋଇପାରିଛନ୍ତି। ଅନ୍ୟପକ୍ଷରେ ଅନୁମାନ କରାଯାଉଛି ଯେ, ସମ୍ପୃକ୍ତ ଛାତ୍ର ଜଣକ ଚାଟ୍‌ଜିପିଟିର ବ୍ୟବହାର ମଧ୍ୟ କରିଥିଲେ। ପରୀକ୍ଷାରେ ଛାତ୍ରଙ୍କ ଏଭଳି ଆଚରଣରେ ଶିକ୍ଷକଙ୍କୁ ସନ୍ଦେହ ହେବାରୁ କପି ପାଇଁ ଏଆଇର ଉପଯୋଗ କରିଥିବା ସାମ୍ନାକୁ ଆସିଛି। ଏହାବାଦ୍ ଏହି କାର୍ଯ୍ୟରେ ଅନ୍ୟ ଜଣେ ପିଲା ତାଙ୍କୁ ସାହାଯ୍ୟ ମଧ୍ୟ କରିଛି। ତେବେ ଏ ଦୁଇ ଛାତ୍ରଙ୍କୁ ପୁଲିସ୍ ଗିରଫ କରିଥିବା ଜଣାପଡ଼ିଛି।

# ସମ୍ପର୍କ ପାଇଁ ପାଣ୍ଠି ଯୋଜନା

କେତେବେଳେ ପ୍ରେମିକ-ପ୍ରେମିକାଙ୍କ ସମ୍ପର୍କ ଦୀର୍ଘ ଦିନ ଚାଲିଥାଏ ତ ପୁଣି କିଛି ଛୋଟମୋଟ ଭୁଲ୍ ଯୋଗୁଁ ସମ୍ପର୍କରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପଡ଼ିଥାଏ। ସେହିପରି ବିଭିନ୍ନ ସମୟରେ ସେମାନେ ସହମତିରେ ପରସ୍ପରଠାରୁ ଦୂରେଇ ଯାଆନ୍ତି। ଏହା ସହ ଆଉ କିଏ କାହାକୁ ଧୋକା ଦେଇ ସମ୍ପର୍କ ଛିନ୍ନ କରିଥାନ୍ତି। ତେବେ ଧୋକା ଦେଉଥିବା ପ୍ରେମିକଙ୍କ ପାଇଁ ଇନ୍‌ଷ୍ଟାଗ୍ରାମ୍ ୟୁଜର୍ ଶୀତଲ ଗୌତମ ଏକ ନିଆରା ଉପାୟ ବାହାର କରିଛନ୍ତି। ସେଥିପାଇଁ ସେ ରିଲେସନ୍‌ସିପ୍ ଫଣ୍ଡ ଆରମ୍ଭ କରିଛନ୍ତି। ଯାହାର ନାଁ ରଖିଛନ୍ତି 'ହାର୍ଟ ବ୍ରେକ୍ ଇନସ୍ୟୁରାନ୍ସ ଫଣ୍ଡ।' ସମ୍ପର୍କ ପାଇଁ ଶୀତଲ ଯେଉଁ ପାଣ୍ଠି ଯୋଜନା କରିଛନ୍ତି, ତାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏ ବାବଦରେ ଶୀତଲ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରି କହିଛନ୍ତି, ଯେଉଁ ପୁଅକୁ ସେ ଡେଟ୍ କରନ୍ତି, ପ୍ରଥମେ ସେ ତା' ସହିତ ଏକ ଜଏଣ୍ଟ ଆକାଉଣ୍ଟ ଖୋଲିଥାନ୍ତି। ଏହାପରେ ଦୁହେଁ ମିଶି ଏଥିରେ ପ୍ରତି ମାସରେ ୨ ହଜାର ଟଙ୍କା ଜମା କରନ୍ତି। ଏହା ମାଧ୍ୟମରେ ଯଦି ଜଣେ ଅନ୍ୟ ଜଣକୁ ଧୋକା ଦିଏ, ତେବେ ଏଥିରେ ଜମା ଥିବା ସମସ୍ତ ରାଶି ଅନ୍ୟ ଜଣଙ୍କର ହୋଇଥାଏ। ଧୋକା ଦେଉଥିବା ଲୋକର ଏ ଅର୍ଥରେ କୌଣସି ଭାଗୀଦାରିତା ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ତେବେ ଶୀତଲଙ୍କ ଏଭଳି ଏକ ଭିନ୍ନଧରଣର ପରିକଳ୍ପନାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।



# ଲକ୍ଷେ ଟଙ୍କିଆ ପୋଷାକ ପିନ୍ଧି ପ୍ରମୋସନ ଇଭେଣ୍ଟରେ ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ଏବେ ଗର୍ଭବତୀ ଅଛନ୍ତି। ଛଅମାସର ଗର୍ଭବତୀ ଥାଇ ମଧ୍ୟ ଦୀପିକା ନିକଟରେ 'କଲ୍‌କି ୨୮୯୮ ଏଡି'ର ପ୍ରମୋସନ ଇଭେଣ୍ଟରେ ପହଞ୍ଚିଥିଲେ। ଏହି ଇଭେଣ୍ଟରେ ଦୀପିକାଙ୍କ ସହ ପ୍ରଭାସ, ଅମିତାଭ ବଚ୍ଚନ ଓ କମଲ ହାସନ୍ ମଧ୍ୟ ସାମିଲ ହୋଇଥିଲେ। କିନ୍ତୁ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥିଲେ ଦୀପିକା। ଏଥିରେ ଦୀପିକା ତାଙ୍କର ଷ୍ଟାଇଲିସ୍ ଅନ୍ଦାଜ ଦ୍ୱାରା ଲୋକଙ୍କ ହୃଦୟ ଜିଣି ନେଇଥିଲେ। ଏହି ଇଭେଣ୍ଟକୁ ଦୀପିକା କଳାରଙ୍ଗର ଏକ ମ୍ୟାକ୍ସି ଡ୍ରେସ୍ ପିନ୍ଧି ଆସିଥିଲେ। ଯେଉଁଥିରେ ତାଙ୍କ ବେବି ବମ୍ପ ସ୍ପଷ୍ଟ ଦୃଶ୍ୟମାନ ହେଉଥିଲା। ଦୀପିକା ପିନ୍ଧିଥିବା ଏହି ପୋଷାକଟିର ଦାମ୍ ଲକ୍ଷେ ଟଙ୍କା ବୋଲି କୁହାଯାଉଛି। ଦୀପିକା ପିନ୍ଧିଥିବା ଗାଉନ୍‌ଟି ଲକ୍‌ଜୁରି ଫେସନ୍ ବ୍ରାଣ୍ଡ 'ଲୋବେ'ର। ଏହି ପୋଷାକର ନାମ 'ଏନାଗ୍ରାମ୍ ପେବଲ୍ ମ୍ୟାକ୍ସି ଡ୍ରେସ୍'। ପୋଷାକଟି ସୂତା କପଡାରେ ନିର୍ମିତ। ଦୀପିକା ଏହି ସମୟର କିଛି ଫଟୋ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହି ଫିଲ୍ମରେ ଦୀପିକାଙ୍କ ସହ ପ୍ରଭାସ ଓ ଅମିତାଭ ବଚ୍ଚନ ମଧ୍ୟ ଦେଖାଯିବେ। ଜୁନ୍ ୨୭ରେ ଏହା ରିଲିଜ୍ ହେବ।

# ସବୁଠୁ ଲମ୍ବା ମନିପ୍ଲାଣ୍ଟ

ସାଧାରଣତଃ ଲୋକେ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଇନ୍‌ଡୋର ପ୍ଲାଣ୍ଟ ଲଗାଇଥାନ୍ତି। ଅଧିକାଂଶ ଲୋକେ ଘର ଭିତରେ ମନିପ୍ଲାଣ୍ଟ ଲଗାଇଥାନ୍ତି। ହେଲେ ଲକ୍ଷ୍ନୌର ଜଣେ ମହିଳା ନିଜ ଘରେ ସବୁଠୁ ଲମ୍ବା ମନିପ୍ଲାଣ୍ଟ ଗଛ ଲଗାଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହା ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ସ୍ୱପ୍ନା ଗୁଡ଼ଗାଓଁରେ ରହୁଥିବା ସମୟରେ ୨୦୨୦ ମସିହାରେ ଏହି ମନିପ୍ଲାଣ୍ଟ ଗଛକୁ ଲଗାଇଥିଲେ। ପରେ ସେ ଲକ୍ଷ୍ନୌକୁ ସ୍ଥାନାନ୍ତର ହେବାପରେ ଏହି ଗଛଟିକୁ ନିଜ ସହ ନେଇ ଆସିଥିଲେ। ପରିବାରର ସଦସ୍ୟଙ୍କ ଭଳି ସ୍ୱପ୍ନା ନିଜ ସୁଖଦୁଃଖ ସବୁ ଏହି ଗଛଟି ସହ ବାଣ୍ଟିଥାନ୍ତି। ତେବେ ମନିପ୍ଲାଣ୍ଟ ଗଛଟି ଅପେକ୍ଷାକୃତ ଅଧିକ ବଢ଼ିବାର ଦେଖି ସେ ତାଙ୍କ ପୁଅର କହିବା ଅନୁସାରେ ଲିମ୍‌କା ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ। ଲିମ୍‌କା ବୁକ୍ ଅଫ୍ ରେକର୍ଡର ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ହେବା ପରେ ୩୮ ଫୁଟ ଲମ୍ବର ଗଛଟି ରେକର୍ଡରେ ସ୍ଥାନ ପାଇଥିଲା। ଏବେ ଏହି ମନିପ୍ଲାଣ୍ଟ ୪୫ ଫୁଟ ହୋଇଗଲାଣି। ଏକ ଫୁଲକୁଣ୍ଡରେ ଲାଗିଥିବା ଏହି ଗଛ ୧୨ ଫୁଟ ଛାତ ପର୍ଯ୍ୟନ୍ତ ଲମ୍ବି ଗୋଟିଏ କାନ୍ଥରୁ ଆଉ ଏକ କାନ୍ଥରେ ଲଟେଇ ହୋଇ ତିନିଟି କାନ୍ଥରେ ବିସ୍ତାରିତ ହୋଇଛି। ସ୍ୱପ୍ନାଙ୍କ କହିବାନୁଯାୟୀ, 'ଆଲମଣ୍ଡ ପାଣି, କଫି ପାଣି, ହଳଦି ପାଣି ସେ ନିୟମିତ ଏହି ଗଛ ମୂଳରେ ଦିଅନ୍ତି। ଯାହା ଗଛଟିକୁ ପୋଷଣ ଦେଇଥାଏ। ତେବେ ଘରେ କିମ୍ବା ଫ୍ଲାଟ୍‌ରେ ଥିବା ଅଳ୍ପ ସ୍ଥାନରେ ମଧ୍ୟ ମନିପ୍ଲାଣ୍ଟ ଗଛକୁ ଲଗାଯାଇ ପାରିବ। ଏହାକୁ ଜଣେ ଯେମିତି ଚାହିଁବେ, ସେହି ଅନୁସାରେ ଏହାର ଲତାର ଗତି ବଦଳାଇ ପାରିବେ।' ଆହୁରି ମଧ୍ୟ ସ୍ୱପ୍ନା କୁହନ୍ତି, 'ବର୍ତ୍ତମାନ ସମୟରେ ଯେଉଁଭଳି ତାପମାତ୍ରା ବୃଦ୍ଧି ପାଉଛି, ଲୋକେ ନିଜ ସୀମିତ ଜାଗାରେ ବି ଗଛ ଲଗାଇବା ଉଚିତ।' ନ୍ୟାସନାଲ ବଟାନିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ସ୍ୱପ୍ନାଙ୍କର ଏହି ପ୍ରୟାସକୁ ସ୍ୱାଗତ ଜଣାଇଛନ୍ତି। ଏଥି ସହିତ ଆଖପାଖ ଲୋକ ତାଙ୍କଠାରୁ ଗାର୍ଡେନିଂର ଟିପ୍ସ ମଧ୍ୟ ନେବାକୁ ଆସିଥାନ୍ତି। ତାଙ୍କର ମନିପ୍ଲାଣ୍ଟ ଗଛଟି ବଢ଼ି ୫୦ ଫୁଟ ହେବା ପାଇଁ ସ୍ୱପ୍ନା ଏବେ ଅପେକ୍ଷା କରିଛନ୍ତି।



## ଆଜିର ଇତିହାସ

- ୧୫୨୯-ମୋଗଲ ସମ୍ରାଟ ବାବର ବଙ୍ଗ ଉପରେ ବିଜୟ ପ୍ରାପ୍ତ କରି ରାଜଧାନୀ ଆଗ୍ରାକୁ ଫେରିଲେ।
- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଗଲା।
- ୨୦୦୯ - ପପ୍ ଗାୟକ ମାଇକେଲ୍ ଜ୍ୟାକସନ୍‌ଙ୍କ ଦେହାନ୍ତ।
- ୨୦୧୧- ପ୍ରଥମ ଥର ପାଇଁ ଅନ୍ତଃରାଷ୍ଟ୍ରୀୟ ନାବିକ ଦିବସ ପାଳନ କରାଗଲା।

# ଏସବୁ ସ୍ୱପ୍ନ ଶୁଭଦାୟକ

**ସ୍ୱପ୍ନର କାଳ୍ପନିକ ଦୁନିଆ ବାସ୍ତବତାଠାରୁ ପୂରାପୂରି ଅଲଗା ହୋଇଥାଏ। ସ୍ୱପ୍ନ ଶାସ୍ତ୍ର ଅନୁସାରେ, ସ୍ୱପ୍ନ ଭବିଷ୍ୟତର ସଙ୍କେତ ଦେଇଥାଏ। ଶୋଇବା ସମୟରେ ଆମ ମସ୍ତିଷ୍କ ଅବଚେତନ ଅବସ୍ଥାରେ ଥାଏ, ସେତେବେଳେ ବିଭିନ୍ନ ପ୍ରକାର କଥା ଚାଲୁଥାଏ ତାହାକୁ ସ୍ୱପ୍ନ କୁହାଯାଏ। କିଛି ସ୍ୱପ୍ନ ଆମ ପାଇଁ ଅତ୍ୟନ୍ତ ଶୁଭ ହୋଇଥିବା ବେଳେ କିଛି ଅଶୁଭ ହୋଇଥାଏ। ଭବିଷ୍ୟତରେ ଶୁଭ ସୂଚନା ପ୍ରଦାନ କରୁଥିବା କିଛି ସ୍ୱପ୍ନ ବିଷୟରେ ଆସନ୍ତୁ ଜାଣିବା...**

### ଘୋଡ଼ା ଚଢ଼ିବା

ଯଦି ଜଣେ ସ୍ୱପ୍ନରେ ଘୋଡ଼ା ଉପରେ ଚଢ଼ିବା ସ୍ୱପ୍ନ ଦେଖୁଛନ୍ତି, ଏହା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଅନେକ ଦିନରୁ ଅଟକିଥିବା କୌଣସି କାର୍ଯ୍ୟ ଶୀଘ୍ର ପୂର୍ଣ୍ଣ ହେବାକୁ ଯାଉଛି ବୋଲି ଏହା ସୂଚାଇଥାଏ। ଏହା ବ୍ୟବସାୟରେ ଉନ୍ନତି ଓ ଚାକିରି କ୍ଷେତ୍ରରେ ପଦୋନ୍ନତିର ସୂଚନା ବି ଦେଇଥାଏ।

### ଆଇନାରେ ମୁହଁ ଦେଖିବା

ଆଇନାରେ ମୁହଁ ଦେଖୁଥିବାର ସ୍ୱପ୍ନ ଦେଖିଲେ ଏହା ବହୁତ ଶୁଭଦାୟକ ହୋଇଥାଏ। ଏହା ଦାମ୍ପତ୍ୟ ଜୀବନରେ ସୁଖ ଆଣିଥାଏ। ସେହିଭଳି ଜୀବନସାଥୀଙ୍କ ସହ ସମ୍ପର୍କ ମଜଭୁତ ହୋଇଥାଏ।

### ନଖ ଓ କେଶ କାଟିବା

ଯଦି ଜଣେ କେଶ କିମ୍ବା ନଖ କଟାଯିବା ସ୍ୱପ୍ନ ଦେଖନ୍ତି, ଏହା ଅତ୍ୟନ୍ତ ଶୁଭଦାୟକ ହୋଇଥାଏ। ଯୋଜନା ମୁତାବିକ କାର୍ଯ୍ୟ ହେବ ବୋଲି ଏହା ସୂଚାଇଥାଏ। ନିଜେ କେଶ କାଟୁଥିବାର ସ୍ୱପ୍ନ ଅଶୁଭ ହୋଇଥାଏ।

### କଳାହାଣ୍ଡିଆ ମେଘ

ସ୍ୱପ୍ନ ଶାସ୍ତ୍ର ଅନୁସାରେ, କଳାବାଦଲ ସହ ବର୍ଷା ହେବାର ସ୍ୱପ୍ନକୁ ଶୁଭ ବୋଲି କୁହାଯାଏ। ପୁରୁଣା ନିବେଶରୁ ଲାଭ ମିଳିବ ବୋଲି ଏହା ସୂଚାଇଥାଏ। କେବଳ ସେତିକି ନୁହେଁ, ଏହା ଭଲ ଜୀବନସାଥୀ ମିଳିବା ସୂଚନା ପ୍ରଦାନ କରେ।

### ଚନ୍ଦ୍ର

ଯଦି ଜଣେ ସ୍ୱପ୍ନରେ ଜହ୍ନ ଦେଖୁଛନ୍ତି, ଏହା ପରିବାରର ମଙ୍ଗଳ ସୂଚାଇଥାଏ। ପରିବାରର କୌଣସି ସଦସ୍ୟଙ୍କୁ ପଦୋନ୍ନତି ମିଳିପାରେ ବୋଲି ସ୍ୱପ୍ନଶାସ୍ତ୍ର କହିଥାଏ।





## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଗଢ଼ା ଚାଲିଛି ତିନିରଥ...

# ଉଠିଲା ତୃତୀୟ ଭୂଇଁ



**ପୁରୀ, ୨୪।୬(ସମିସ):** ଆଉ ମାତ୍ର ୧୨ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଚତୁର୍ଦ୍ଧାବିଗ୍ରହଙ୍କ ଏହି ନବଦିନାତ୍ମକ ଯାତ୍ରା ଲାଗି ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରଥଖଳାରେ ରଥ କାମ ମଧ୍ୟ ସରିସରି ଆସୁଛି। ମହାରଣା, ଭୋଇ, ରୂପକାର, ଚିତ୍ରକର, କମାର ସେବକ ନିଜ ନିଜ କାମରେ ଲାଗି ପଡ଼ିଛନ୍ତି। ସୋମବାର ସୁଦ୍ଧା ପ୍ରତ୍ୟେକ ରଥରେ ଦୁଇଟି ଲେଖାଏଁ ଡମକ ଉଠି କଣ୍ଟା ବାଡ଼ାଯିବା ପରେ ତୃତୀୟ ଭୂଇଁ ସଂଯୋଗ କରାଯାଇଛି। ଏହାପରେ ପୋଟଳ ଖମ୍ବା, ପୋଟଳ ପାରେଣୀ ଓ ପୋଟଳ ଓରା ଖଞ୍ଜାଯାଇଛି। ସେହିପରି ତିନି ରଥର ୪ଟି ଲେଖାଏଁ କତରା ନିର୍ମାଣ ସରିଛି। ମହାରଣା ସେବକମାନେ ପ୍ରତ୍ୟେକ ରଥର ଗୋଟିଏ ଗୋଟିଏ ଧୂଳିଦଣ୍ଡା ଚଉପଟ କରି ରୂପକାର ସେବକଙ୍କୁ ଦେଇଥିଲେ। ରୂପକାର ସେବକ ସେଥିରେ ୫ଟି ଲେଖାଏଁ ପଦ୍ମ ଫୁଲ ଏବଂ ଦୁଇ ପାର୍ଶ୍ୱରେ ପଦ୍ମକଢ଼ି ଖୋଦେଇ ଆରମ୍ଭ କରିଛନ୍ତି। ଏତଦ୍‌ବ୍ୟତୀତ ରୂପକାର ସେବକମାନେ ନାଟ ଗୋଡ଼ରେ ରାହୁ ରୂପ ଖୋଦେଇ ସହ ଧୂଳି ଦଣ୍ଡାରେ ପଦ୍ମ ଫୁଲ, ପଦ୍ମ କାଢି ଖୋଦେଇ କରୁଛନ୍ତି। ଚିତ୍ରକାର ସେବକମାନେ ପାର୍ଶ୍ୱ ଦେବଦେବୀ, ସଖୀ, ଶିଖର ଡମ୍ବୁରୁ, ଓଲଟ ଶୁଆ, ଠେକେରା ବରଡ଼ ଇତ୍ୟାଦିରେ ରଙ୍ଗ ଦେବା ସହ ରଥରେ ପ୍ରାଇମର ଦେଉଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ କତରା କଣ୍ଟା, କବଜ୍ଞି କଣ୍ଟା ଏବଂ ପୋଟଳ ପାଇଁ ବାଗିଆ କଣ୍ଟା ତିଆରି କରୁଛନ୍ତି।

## 'ପ୍ରଲୋଭନ' ଟିପ୍ପଣୀକୁ ବିଜେଡିର ସମାଲୋଚନା

# ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ପ୍ରତାପ



- ସରକାରରେ ଥାଇ ବିରୋଧୀଙ୍କ ପରି ପ୍ରଳାପ ଅଶୋଭନୀୟ
- ନିଜ ପଦର ମର୍ଯ୍ୟାଦା ଓ ସମ୍ମାନ ରକ୍ଷା କରନ୍ତୁ ମୁଖ୍ୟମନ୍ତ୍ରୀ
- ଖଣି ସଂସ୍କାର ପାଇଁ ଓଡ଼ିଶାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୪।୬ (ସମିସ):** କେନ୍ଦୁଝରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ପ୍ରଲୋଭନ' ଟିପ୍ପଣୀର କଡ଼ା ସମାଲୋଚନା କରିଛି ବିଜେଡି। ଶାସକ ଦଳ ତାଙ୍କୁ ପ୍ରଲୋଭନ ଦେଖାଇଥିବା ଅଭିଯୋଗ ସହ କେନ୍ଦୁଝରରେ ଖଣି ଦୁର୍ନୀତି ପ୍ରସଙ୍ଗରେ ସାଧାରଣ ସଭାରେ ଦେଇଥିବା ଟିପ୍ପଣୀକୁ ବିଜେଡି ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିବା ସହ ମୁଖ୍ୟମନ୍ତ୍ରୀ ନିଜ ପଦର ମର୍ଯ୍ୟାଦା ଓ ସମ୍ମାନ ରକ୍ଷାକରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ ଦେବ।

ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦେବ କହିଛନ୍ତି ଯେ ଗତକାଲି କେନ୍ଦୁଝର ଗସ୍ତବେଳେ ଏକ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା 'ପ୍ରଲୋଭନ' ଟିପ୍ପଣୀ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟରେ ଖଣି ଦୁର୍ନୀତି ହୋଇଥିଲା ଏବଂ ଏଥିରେ କାହାକୁ ଛଡ଼ାଯିବ ନାହିଁ ବୋଲି ଉଲ୍ଲେଖ କରି ସେ ବିରୋଧୀ ଦଳରେ ଥିବାବେଳେ ତାଙ୍କୁ ତତ୍‌କାଳୀନ ସରକାରୀ ଦଳ ମନ୍ତ୍ରୀ ପଦ ସହ ଅନ୍ୟାନ୍ୟ ପ୍ରଲୋଭନ ଦେଇଥିଲେ ବୋଲି କହିଛନ୍ତି। ଏପରି ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ଆଉ ବିରୋଧୀ ଦଳରେ ନାହାନ୍ତି, ଏବେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ। ନିଜ ପଦ ମର୍ଯ୍ୟାଦାର ସମ୍ମାନ ରଖିବା ତାଙ୍କ କର୍ତ୍ତବ୍ୟ। ମାତ୍ର ଯେଉଁଭଳି ଭାବେ ସେ ଉକ୍ତି ରଖିଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ। ବିଜୁ ଜନତା ଦଳ ପ୍ରତିଟି ଅଭିଯୋଗ ଓ ପ୍ରତିଟି ପରିସ୍ଥିତିର ଉତ୍ତର ରଖିବା ପାଇଁ ପ୍ରସ୍ତୁତ ରହିଛି। ଯଦି ବିରୋଧୀ ଦଳରେ ଥିବାବେଳେ ତାଙ୍କୁ ପ୍ରଲୋଭନ ଦିଆ ଯାଇଥିଲା, ତାହେଲେ ସେତେବେଳେ ସେ କଣ ପାଇଁ ମୁହଁ ଖୋଲିନଥିଲେ ? ସେ ଚାହିଁଥିଲେ ଏନେଇ ଅଦାଲତରେ ମାମଲା ମଧ୍ୟ କରି ପାରିଥାନ୍ତେ। ଏବେ ମୁଖ୍ୟମନ୍ତ୍ରୀ ହେବା ପରେ ଏହାର ପ୍ରାସଙ୍ଗିକତା କେତେ ବୋଲି ସେ ପ୍ରଶ୍ନ କରିଛନ୍ତି।

ଶ୍ରୀ ଦେବ ଆହୁରି ମଧ୍ୟ କହିଛନ୍ତି ଯେ ଖଣି ଉପରେ କୌଣସି ବିବୃତ୍ତି ଦେବା ଆଗରୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଉକ୍ତିକୁ ଦେଖିବାର ଆବଶ୍ୟକତା ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ଖଣି ସଂସ୍କାର ପାଇଁ ଓଡ଼ିଶାକୁ ପ୍ରଶଂସା କରିଥିଲେ। ଯଦି ଖଣି ସଂସ୍କାରରେ କୌଣସି ରାଜ୍ୟ ଆଗୁଆ ଥାଏ, ତାହେଲେ ସେ ହେଉଛି ଓଡ଼ିଶା। ସେହିପରି ସଂଘୀୟ ବ୍ୟବସ୍ଥାରେ କିପରି କାମ କରାଯାଏ, ତାହା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଶିଖିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହାକୁ ବୋଧହୁଏ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭୁଲି ଯାଇଛନ୍ତି। କ୍ଷମତାକୁ ଥାଇ ବିରୋଧୀଙ୍କ ଭଳି ପ୍ରଳାପ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଶୋଭା ପାଉନାହିଁ। ଓଡ଼ିଶାବାସୀ ବିଜେପିକୁ ସରକାର କରିବା ପାଇଁ ଜନାଦେଶ ଦେଇଛନ୍ତି। ବିଜେପି ଶ୍ରୀ ମାଝୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ କରିଛି। ତେବେ ଜଣେ ମୁଖ୍ୟମନ୍ତ୍ରୀ ଏକ ସାଧାରଣ ସଭାରେ ଏଭଳି ମନ୍ତବ୍ୟ ଦେବା ଶୋଭନୀୟ ନୁହେଁ ବୋଲି ଶ୍ରୀ ଦେବ କହିଛନ୍ତି।

# ବନ୍ଦ ହେବନି ଗ୍ରାମାଞ୍ଚଳକୁ ବସ୍ ସେବା: ମନ୍ତ୍ରୀ

- ରଥଯାତ୍ରା ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକରୁ ପୁରୀ ବସ୍ ସେବା
- ମାଛକୁଣ୍ଡ-ଭୁବନେଶ୍ୱର, ଉମରକୋଟ-ବିଶାଖାପାଟଣା ଚାଲିବ ବସ୍

**ଭୁବନେଶ୍ୱର, ୨୪।୬ (ସମିସ):** ରାଜ୍ୟର ସବୁ ଅଞ୍ଚଳର ଲୋକଙ୍କୁ ବସ୍ ସେବା ମିଳିବ। ବିଶେଷକରି ବସ୍ ସେବା ନ ଥିବା ଅଞ୍ଚଳକୁ ଗୁରୁତ୍ୱ ଦିଆଯାଇ ବସ୍ ଚଳାଚଳ କରାଯିବ। ଯୋଜନା ଯାହା ବି ହେଉ ନା କାହିଁକି କାହାକୁ ବସ୍ ସେବାରୁ ବଞ୍ଚିତ କରାଯିବ ନାହିଁ। ଆଜି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ପରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏହା ସହ ରାଜ୍ୟବାସୀଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ଦେଶର ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳକୁ ସରକାରୀ ବସ୍ ଚଳାଚଳ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି। ତେବେ ପୁରୁଣା ସରକାରଙ୍କ ବସ୍ ସେବାକୁ ନୂଆ ସରକାର ବନ୍ଦ କରିଦେବେ ବୋଲି ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଛି ତାହା ଅମୂଳକ ବୋଲି ମନ୍ତ୍ରୀ କହିଛନ୍ତି। ଆଜି ଖାରବେଳ ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟର ସମସ୍ତ ବ୍ଲକରୁ ବସ୍ ସେବା ସୁନିଶ୍ଚିତ କରିବା ଏବଂ ଅଧିକ ସଂଖ୍ୟକ ବିଦ୍ୟୁତ ଚାଳିତ ବସ୍ ଚଳାଇବା ପାଇଁ ସରକାର ଯୋଜନା କରୁଥିବା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପ୍ରତି ବ୍ଲକରୁ ପୁରୀକୁ ବସ୍ ଚଳାଇବା ପାଇଁ ଲକ୍ଷ୍ୟ ରଖିଛି ବିଭାଗ। ବୈଠକ ପରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ମହାକାଳେଶ୍ୱର, ବାରାଣାସୀ, ବୃନ୍ଦାବନ, ଅଯୋଧ୍ୟା, ତିରୁପତିକୁ ବସ୍ ଚଳାଚଳ ଆରମ୍ଭ ପାଇଁ ଆଜି ଆଲୋଚନା ହୋଇଛି। ଫଳରେ ଜନସାଧାରଣ ସୁଲଭ ମୂଲ୍ୟରେ ଏବଂ ସୁବିଧାରେ ଦେଶର ପ୍ରମୁଖ ପର୍ଯ୍ୟଟନ ଏବଂ ଧାର୍ମିକସ୍ଥଳକୁ ଯାଇପାରିବେ। ସେହିପରି ପ୍ରମୁଖ ସ୍ଥାନରୁ ଭୁବନେଶ୍ୱରକୁ ବସ୍ ଚଳାଚଳ ଆରମ୍ଭ ହେବ। ମାଛକୁଣ୍ଡରୁ ଭୁବନେଶ୍ୱର, ଉମରକୋଟରୁ ବିଶାଖାପାଟଣା, ବାଲିଗୁଡାରୁ କଟକ ବସ୍ ଚଳାଚଳ ଆରମ୍ଭ ଏବଂ ପରିବେଶ ସୁରକ୍ଷା ଦୃଷ୍ଟିରୁ ଅଧିକ ସଂଖ୍ୟକ ବିଦ୍ୟୁତ ଚାଳିତ ବସ୍ ଚଳାଇବା ପାଇଁ ବିଭାଗୀୟ ସ୍ତରରେ ନିଷ୍ପତ୍ତି ହୋଇଛି। ପୂର୍ବ ସରକାରଙ୍କ ଲକ୍ଷ୍ମୀ ବସ୍ ସେବା ସମ୍ପର୍କରେ ମତ ରଖି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ଯୋଜନା କିମ୍ବା ନାମ ଯାହା ବି ହେଉ ଲୋକେ କିନ୍ତୁ ବସ୍ ସେବାରୁ ବଞ୍ଚିତ ହେବେ ନାହିଁ। ଯେଉଁଠି ବସ୍ ନାହିଁ ସେଠି ଅଗ୍ରାଧିକାର ଭିତ୍ତିରେ ବସ୍ ଯୋଗାଇ ଦିଆଯିବ। ଆଦିବାସୀ, ଗ୍ରାମାଞ୍ଚଳ ଏବଂ ବସ୍ ସେବା ନଥିବା ଅଞ୍ଚଳକୁ ଗୁରୁତ୍ୱ ଦିଆଯିବ। ଲକ୍ଷ୍ମୀ ବସ୍ ଯୋଜନା ସମ୍ପର୍କରେ ଆମେ ଏବେ ତର୍ଜମା ଚଳାଇଛୁ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି। ବୈଠକରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦରଦାମ୍ ବୃଦ୍ଧି ନେଇ ସମୀକ୍ଷା

# ସୀମାଠୁ ଅଧିକ ସାମଗ୍ରୀ ଗଚ୍ଛିତ ରଖିଲେ କାର୍ଯ୍ୟାନୁଷ୍ଠାନ

- ଜିଲ୍ଲା ସ୍ତରରେ ଯାଞ୍ଚ ହେବ ମୂଲ୍ୟ ଓ ଗଚ୍ଛିତ ପରିମାଣ
- ପରିବା ଦର ଉପରେ ଆମର ନିୟନ୍ତ୍ରଣ ନାହିଁ: ମନ୍ତ୍ରୀ
- ଆଗକୁ ପ୍ରତି ବ୍ଲକ୍‌ରେ ନିର୍ମାଣ ହେବ ଶୀତଳଭଣ୍ଡାର

**ଭୁବନେଶ୍ୱର, ୨୪।୬(ସମିସ):** ରାଜ୍ୟରେ କିଛି ଦିନ ହେବ ବଜାର ଦର ହୁ ହୁ ହୋଇ ବଢ଼ିଚାଲିଛି। ପନିପରିବାଠାରୁ ଆରମ୍ଭ କରି ତେଲ, ଡାଲି ପର୍ଯ୍ୟନ୍ତ ଅତ୍ୟ।।ଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବା ବେଳେ ଦରବୃଦ୍ଧି ଉପରେ ଲଗାମ ଲାଗି ପାରୁନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଯୋଗାଣ ଓ ମାର୍କେଟ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରାଯାଇ ସେଗୁଡ଼ିକର ବିଶ୍ଳେଷଣ କରାଯାଇଛି। ଏହାସହ ଦରଦାମ୍ ବୃଦ୍ଧିର କାରଣ ଓ ଏହାର ନିରାକରଣ ସମ୍ବନ୍ଧରେ ସମୀକ୍ଷା କରାଯାଇଛି। ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ତଥା ଜିଲ୍ଲା ସ୍ତରରେ ପ୍ରତ୍ୟେକ ଆବଶ୍ୟକ ସାମଗ୍ରୀର ମୂଲ୍ୟ ତଥା ଏହାର ଗଚ୍ଛିତ ପରିମାଣ ଯାଞ୍ଚ କରିବା ସଙ୍ଗେ ସଙ୍ଗେ ମୁନାଫାଖୋର୍ ଓ ଗଚ୍ଛିତ ସୀମାଠାରୁ ଅଧିକ ସାମଗ୍ରୀ ଗଚ୍ଛିତ କରି ରଖିଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକ ସେବା ଆଇନ(ଏସ୍‌ମା) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଦରବୃଦ୍ଧି ସମ୍ପର୍କରେ ଶ୍ରୀ ପାତ୍ର କହିଛନ୍ତି ଯେ ନାସିକ୍ ଓ ଆନ୍ଧ୍ର ପ୍ରଦେଶରୁ ଓଡ଼ିଶାକୁ ପିଆଜ ଆସୁଛି। ସମ୍ପ୍ରତି ପିଆଜ ଦର କ୍ୱିଣ୍ଟାଲ ପିଛା ୨୯୫୩ ଟଙ୍କା ରହିଛି। ଅର୍ଥାତ୍ କେଜି ପିଛା ୨୯ ଟଙ୍କା ୫୩ ପଇସା ଥିବାବେଳେ ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ବେପାରୀଙ୍କୁ କିଲୋ ପିଛା ୩୪ ଟଙ୍କା ପଡୁଛି। ଏଥିରେ ସେମାନେ କିଛି ଟଙ୍କା ଲାଭ ରଖି ଅତିବେଶିରେ ୪୦ ଟଙ୍କାରେ ବିକ୍ରି କରିବା କଥା। ଏହା ଉପରେ ନଜର ରଖାଯାଇଛି। ଯଦି କୌଣସି ବ୍ୟବସାୟୀ ଏହାଠାରୁ ଅଧିକ ଦରରେ ବିକ୍ରି କରୁଥିବା ଏବଂ ଗଚ୍ଛିତ ସୀମାଠାରୁ ଅଧିକ ସାମଗ୍ରୀ ରଖିଥିବେ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମାନ ଭାବେ ଆଳୁ ମଧ୍ୟ ଆସାମ ଓ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆସିଥାଏ। ସେଠାରେ ଆଳୁର ଦରବୃଦ୍ଧି ହୋଇଥିବାରୁ ଆମ ରାଜ୍ୟରେ ମଧ୍ୟ ଦର ବୃଦ୍ଧି ଘଟିଛି। ତେବେ କୌଣସି ବେପାରୀ ଯଦି ଉଦ୍ଦେଶ୍ୟମୂଳକ ଭାବେ ଦରବୃଦ୍ଧି କରୁଥାଆନ୍ତି, ତା'ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ପନିପରିବା ଦର ବୃଦ୍ଧି ଉପରେ ମନ୍ତବ୍ୟ ରଖି ମନ୍ତ୍ରୀ କହିଛନ୍ତି, ଏହା ଉପରେ ଆମର କୌଣସି ନିୟନ୍ତ୍ରଣ ନାହିଁ। ପନିପରିବା କ୍ଷେତ୍ରରେ କେତେବେଳେ କୃଷକମାନେ ଏବଂ କେତେବେଳେ ଖାଉଟିମାନେ ଲାଭାନ୍ୱିତ ହେଉଛନ୍ତି। ପୂର୍ବ ସରକାର ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କଥା କହିଥିଲେ; ମାତ୍ର ତାହା ହୋଇପାରି ନାହିଁ। ନିର୍ବାଚନ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଏ ସରକାର ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନେଉଛନ୍ତି। ତେବେ ଏଥିପାଇଁ ସମୟ ଲାଗିବ। ତେବେ ଖାଉଟିମାନେ ଯେପରି ଉଚିତ ମୂଲ୍ୟରେ ଖାଉଟି ସାମଗ୍ରୀ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଜରୁରୀକାଳିନ ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ନାଫେଡ୍ ଦ୍ୱାରା ରିହାତି ଦରରେ ଖାଉଟିମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଭି. ଭି. ଯାଦବ ଓ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନାବାଳିକାକୁ ଅସଦାଚରଣ ମାମଲା

# ନାବାଳକକୁ ୧୦ ବର୍ଷ ଜେଲ୍

**ବାରିପଦା, ୨୪।୬ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଦୌରାଜଜ୍ (୧) ତଥା ଶିଶୁ କୋର୍ଟର ପ୍ରିଜାଇଡିଂ ଅଫିସର ବିଚାରପତି ସତ୍ୟନାରାୟଣ ପାତ୍ର ସୋମବାର ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଘଟଣାର ଅଭିଯୁକ୍ତ ଜଣେ ନାବାଳକକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ମାସ କାରାଦଣ୍ଡ ଭୋଗିବା

### ୨୧ ବର୍ଷ ହେବା ପରେ ବାରିପଦା ମଣ୍ଡଳ କାରାଗାରରେ ରହିବ ଅଭିଯୁକ୍ତ

ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ନାବାଳକଜଣକ ହେଉଛି, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳର। ୧୪ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ନାବାଳକଜଣକୁ ୨୧ ବର୍ଷ ହେବା ପର୍ଯ୍ୟନ୍ତ ରାଉରକେଲାଠାରେ ଏକ ସୁରକ୍ଷିତ ସ୍ଥାନରେ ରଖାଯିବ। ୨୧ ବର୍ଷ ପରେ ନାବାଳକକୁ ବାରିପଦାସ୍ଥିତ ମଣ୍ଡଳ କାରାଗାରକୁ ଅଣାଯିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ଯେ, ନାବାଳକଜଣକ ଗତ ୨୦୨୨ ମସିହାରେ ଜଣେ ନାବାଳିକାକୁ ଅସଦାଚରଣ କରିଥିଲା। ନାବାଳିକାଜଣକ ରଜ ପୂର୍ଣ୍ଣିମାରେ ଘର ସମ୍ମୁଖରେ ଖେଳୁଥିବା ବେଳେ ତାକୁ ଟେକିନେଇ ନିକଟସ୍ଥ ଏକ ପଡ଼ିଆରେ ଏକ ପଡ଼ିଆରେ ଅସଦାଚରଣ କରିଥିଲା। ଏ ସଂପର୍କରେ ପରିବାରଲୋକେ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ନାବାଳକକୁ ସ୍ୱଧାର ଗୃହକୁ ପଠାଇ ଦେଇଥିଲେ। ଉକ୍ତ ମାମଲାକୁ ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

## ଡିପ୍‌ଥେରିଆ, ଜାପାନୀ ଜ୍ୱର ଓ ଜଣ୍ଡିସ ସ୍ଥିତିର ସମୀକ୍ଷା

# ବେଆଇନ ସଂଯୋଗରୁ ସମ୍ବଲପୁରରେ ଜଣ୍ଡିସ ସଂକ୍ରମଣ: ମନ୍ତ୍ରୀ




**ଭୁବନେଶ୍ୱର, ୨୪।୬(ସମିସ):** ରାଜ୍ୟରେ ଡିପଥେରିଆ ସଂକ୍ରମଣ ଏବେ ନିୟନ୍ତ୍ରଣରେ ଅଛି। ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡିର କିଛି ଗ୍ରାମରେ ସଂକ୍ରମଣ ଦେଖା ଦେଇଥିଲା। ସମ୍ପୂର୍ଣ୍ଣ ଅଞ୍ଚଳରେ ପିଲାଙ୍କ ଟିକାକରଣ କରାଯାଉଛି। ସେଠାରେ ମୃତ୍ୟୁ ବରଣ କରିଥିବା ଜଣେ ପିଲା ଟିକା ନେଇ ନ ଥିଲା ବୋଲି ଜିଲ୍ଲା ପ୍ରଶାସନ କହିଛି। ତଥାପି ତାହାର ବିଧିବଦ୍ଧ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଡିପଥେରିଆ, ଜଣ୍ଡିସ୍ ଏବଂ ଜାପାନୀ ଜ୍ୱର ସମ୍ପର୍କରେ ସମୀକ୍ଷା କରିବା ପରେ ଏହା କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି ଯେ ଆଜି ମୁଁ ତିନି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ପରିସ୍ଥିତିର ସମୀକ୍ଷା କରିଛି। ଗତ ୧୦ ଦିନ ହେଲା ଡିପଥେରିଆର ନୂଆ ମାମଲା ଆସି ନାହିଁ। ସେଠାରେ ପିଲାଙ୍କ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଗାଡି ଯାଇପାରିବା ଭଳି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ କୁହାଯାଇଛି। ସେହିପରି ସମ୍ବଲପୁରରେ ଜଣ୍ଡିସ୍ ମାମଲା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୮୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦୁଇ ଦିନ ହେଲା ନୂଆ ମାମଲା ସାମ୍ନାକୁ ଆସି ନାହିଁ। ସମ୍ବେଦନଶୀଳ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କୁହାଯାଇଛି ଏବଂ ପାଣି ପାଇପ୍, ଡ୍ରେନ୍ ମରାମତି ପାଇଁ ୱାଟକୋ କାମ ଆରମ୍ଭ କରିଛି। ଆବଶ୍ୟକ ହେଲେ ମୁଁ ନିଜେ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବି ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅନେକ ଘରକୁ ବେଆଇନ୍ ଭାବେ ଦିଆଯାଇଥିବା ପାଇପ୍ ସଂଯୋଗ ନାଳ ତଳେ ଯାଇଥିବାରୁ ସଂକ୍ରମଣ ବ୍ୟାପିଛି। ଆସନ୍ତା ୪ ଦିନ ଭିତରେ ସମସ୍ତ ବେଆଇନ୍ ପାଣି ସଂଯୋଗ କଟାଯିବ। ସେହିପରି ଅନୁଗୁଳରେ ଦୁଇ ପିଲା ଜାପାନୀ ଜ୍ୱରରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା ଏବଂ ସେମାନଙ୍କ ଭିତର ଜଣେ ପ୍ରାଣ ହରାଇଛନ୍ତି। ରୋଗ ସମ୍ପର୍କରେ ଯେଉଁମାନେ ଗୁଜବ ସୃଷ୍ଟି କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

**୪ ଦିନ ମଧ୍ୟରେ କଟାଯିବ ସମସ୍ତ ବେଆଇନ ସଂଯୋଗ**

## ଜନ୍ମମାଟିରେ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା

# ମା'ଙ୍କ ହାତରୁ ଖାଇଲେ ଶାଗ-ପଖାଳ

**କେନ୍ଦୁଝର/ଝୁମ୍ପୁରା/ବାଲିବନ୍ଧ/ଉଖୁଣ୍ଡା, ୨୪।୬ (ସମିସ):** ପଖାଳ ଭାତ, ଶାଗ ଭଜା, ବଡ଼ି ଚୂରା, ଆଳୁ ଭର୍ତ୍ତା, କୁନ୍ଦୁରି ଭଜା, କଲରା ଭଜା, ବାଇଗଣ ପୋଡ଼ା, ଆଳୁ ଭଜା ସାଙ୍ଗକୁ ଆହୁରି କେତେ କ'ଣ ଓଡ଼ିଆ ଖାଦ୍ୟ ପରସା ଯାଇଥିଲା। ମା' ଗୋଟିଏ ପରେ ଗୋଟିଏ ଖାଦ୍ୟ ପାଟିକୁ ବଢ଼ାଇ ଦେଉଥା'ନ୍ତି ଆଉ ଭୂଇଁ ଉପରେ ବସି ମୁଖ୍ୟମନ୍ତ୍ରୀ ମୋହନ ଚରଣ

> 'ଓଡ଼ିଶାର ବିକାଶ ପାଇଁ ଦିନକୁ ୧୮-୨୦ ଘଣ୍ଟା ପରିଶ୍ରମ କରିବି'



ମାଝୀ ବଡ଼ ଆନନ୍ଦରେ ଖାଉଥା'ନ୍ତି। କେନ୍ଦୁଝର ଜିଲ୍ଲା ରାଇକଳା ଗ୍ରାମରେ ଆଜି ଏମିତି ଏକ ଦୃଶ୍ୟ ସମସ୍ତଙ୍କୁ ଆନନ୍ଦିତ କରିଥିଲା। କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ନିଜ ଜନ୍ମମାଟି ରାଇକଳା ଗସ୍ତରେ ଯାଇଥିଲେ। ସେଠାରେ ପରିବାର ଲୋକ ଓ ଗ୍ରାମବାସୀ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ନିଜ ଗାଁର ପୁଅ ମୁଖ୍ୟମନ୍ତ୍ରୀ ହେବା ପରେ ସେମାନଙ୍କ ପାଖକୁ ଭେଟିବାକୁ ଆସିଥିବାରୁ ଗ୍ରାମବାସୀ ଖୁସିରେ ବିଭୋର୍ ହୋଇଯାଇଥିଲେ।

ରବିବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍କିଟ୍ ହାଉସରେ ରାତ୍ରିଯାପନ କରିଥିଲେ। ସୋମବାର ସକାଳେ ସେଠାରୁ ବାହାରି ନିଜ ଗାଁ ରାଇକଳାରେ ତିଆରି ଆସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ ଗ୍ରାମବାସୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେଠାରୁ ମୁଖ୍ୟମନ୍ତ୍ରୀ ବାହାରି ଶୋଭାଯାତ୍ରାରେ ଝୁମ୍ପୁରା ବଜାର ଦେଇ ଦୁର୍ଗାପଡ଼ିଆରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ସେଠାରେ ବିଭିନ୍ନ ବ୍ୟକ୍ତିବିଶେଷ, ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା।

ସେଠାରୁ ପୁଣି ରାଇକଳାକୁ କାର୍ ଯୋଗେ ଫେରି ନିଜ ଘରକୁ ଯାଇଥିଲେ। ସେଠାରେ ଅନ୍ୟମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ମା' ତାଙ୍କୁ ନିଜ ହାତରେ ଛୋଟ ଛୁଆ ଭଳି ଖୁଆଇ ଦେଇଥିଲେ। ମଧ୍ୟାହ୍ନଭୋଜନ ପରେ ସେଠାରେ ଅସ୍ଥାୟୀ କାର୍ଯ୍ୟାଳୟରେ ଲୋକଙ୍କର ସମସ୍ୟା ଶୁଣି ଲୋକଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗାଁର ପବିତ୍ର ମାଟି ବାରମ୍ବାର ମନେ ପଡ଼ିବାରୁ ଆସିଛି। ଏହି ଘରେ ମୁଁ ବଢ଼ିଛି, ଏଠାରେ କଟିଥିବା ସମୟ ମନେ ପଡୁଛି। ପାଠ ପଢ଼ିବା ବେଳେ ଦିନକୁ ତିନିଥର ପଖାଳଖିଆ କଥା ମନେ ପଡୁଛି। ମା' ହାତ ଧରି ଚାଲି ଶିଖିଛି। ରାଇକାଳ ଗାଁରୁ ଝୁମ୍ପୁରା ହାଟକୁ ଯିବା ମନେ ପଡୁଛି। ରାଇକଳା ମାଟି ପବିତ୍ର ମାଟି। ଓଡ଼ିଶାର ବିକାଶ ପାଇଁ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିଦିନ ୧୮-୨୦ ଘଣ୍ଟା ପରିଶ୍ରମ କରିବି ବୋଲି ସେ କହିଥିଲେ। ପରେ ସେଠାରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।



**ପ୍ରଥମ ଦିନରୁ ଶାସକ -ବିରୋଧୀଙ୍କ ବଳ କଷାକଷି ; ମୋଦୀଙ୍କୁ କଂଗ୍ରେସର ନିଶାଣ**

# ସମ୍ବିଧାନକୁ କ୍ଷୁଣ୍ଣ କରିବାକୁ ଦିଆଯିବନି

ନୂଆଦିଲ୍ଲୀ,୨୪।୬(ଏଜେନ୍ସି)



ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ପ୍ରାୟ ୧୦ ଦିନ ଧରି ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନରେ ନବ ନିର୍ବାଚିତ ସାଂସଦମାନେ ଶପଥ ଗ୍ରହଣ କରିଛନ୍ତି। କିନ୍ତୁ ଏହି ଅଧିବେଶନ କାଳରେ ବିରୋଧୀ ଦଳଙ୍କ ଆଭିମୁଖ୍ୟକୁ ନେଇ ରାଜନୀତିକ ମହଲରେ ଯାହା ଆକଳନ କରାଯାଇଥିଲା ଠିକ୍ ତାହା ହିଁ ଦେଖାଯାଇଛି। ଉଭୟ ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବିଶେଷକରି ୨୦୧୯ ତୁଳନାରେ ୨୦୨୪ରେ କଂଗ୍ରେସ ସାଂସଦଙ୍କ ସଂଖ୍ୟା ୯୯ ରହିଥିଲା ବେଳେ ବିରୋଧୀ ମେଣ୍ଟ ସ୍ଥିତି ପୂର୍ବ ତୁଳନାରେ ସଶକ୍ତ ରହିଛି। ଏଭଳି ସ୍ଥିତିରେ ବିରୋଧୀ ଶାସକ ଦଳକୁ ବିଭିନ୍ନ ପ୍ରସଙ୍ଗରେ ଘେରିବାକୁ ପ୍ରସ୍ତୁତି ନେଇଥିବାରୁ ଏହି ଅଧିବେଶନର ପ୍ରଥମ ଦିନରେ ତାହାର ଝଲକ ଦେଖିବାକୁ ମିଳିଛି। ତେବେ ଚଳିତ ଅଧିବେଶନରେ ହୋହଲ୍ଲା କିମ୍ବା ହଙ୍ଗାମା ନ କରି ଗୃହରେ ସକାରାତ୍ମକ ଆଲୋଚନା କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଅଧିବେଶନ ଆରମ୍ଭ ପୂର୍ବରୁ ସାମ୍ବାଦିକମାନଙ୍କୁ ସୂଚନା ଦେଇ ସେ କହିଛନ୍ତି ଯେ, ଜୁନ ୨୫ ହେଉଛି ଭାରତୀୟ ଗଣତନ୍ତ୍ର ପାଇଁ ଏକ କଳାଦାଗ। ଏହି ଦିନ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା ବେଳେ ଚଳିତ ବର୍ଷ ଏଭଳି ଏକ କଳାଦିନକୁ ୫୦ ବର୍ଷ ପୂରିବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ବିରୋଧୀ ଦଳ ସେମାନଙ୍କ ଦାୟିତ୍ୱ ନିର୍ବାହ କରିବା ଉଚିତ। ସଂସଦରେ ହଙ୍ଗାମା ନ କରି ଯେକୌଣସି ପ୍ରସଙ୍ଗରେ ସକାରାତ୍ମକ ଆଲୋଚନା ହେବା ଉଚିତ ଏବଂ ବିରୋଧୀ ଦଳଗୁଡିକ ହଙ୍ଗାମା କିମ୍ବା ହୋହାଲ୍ଲା ନ କରି ସେମାନଙ୍କ ଭୂମିକା ଠିକ୍ ଭାବେ ନିଭାଇବା ଉଚିତ। କିନ୍ତୁ ମୋଦୀଙ୍କ ଏଭଳି ମନ୍ତବ୍ୟକୁ ନେଇ ବିରୋଧୀ କଂଗ୍ରେସ ନିଶାଣ କରିବା ସହିତ ସମ୍ବିଧାନକୁ କ୍ଷତି ପହଞ୍ଚାଇବାକୁ ଦିଆଯିବ ନାହିଁ ବୋଲି କହିଛି। ଏହିକ୍ରମରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିକଟରେ ଆଉ କିଛି ନୂଆ କଥା ନାହିଁ। ଚଳିତ ନିର୍ବାଚନରେ ଦେଶବାସୀଙ୍କ ଦ୍ୱାରା ବିଜେପି ପ୍ରତ୍ୟାକ୍ଷିତ ହୋଇଥିବା ବେଳେ ମୋଦୀ ତାଙ୍କର ନୈତିକତା ହରାଇଛନ୍ତି। କେବଳ ଚିରାଚରିତ ଅଭ୍ୟାସକୁ ନେଇ ମୋଦୀ ୫୦ ବର୍ଷ ତଳର ଜରୁରୀକାଳୀନ ସ୍ଥିତି କଥା କହୁଛନ୍ତି।୫୦ ବର୍ଷ ତଳର ଜରୁରୀକାଳୀନ କାଳକୁ ନେଇ ମୋଦୀ ବିରୋଧୀଙ୍କୁ ଚେତାଇ ପାରୁଛନ୍ତି , କିନ୍ତୁ ତାଙ୍କ ଶାସନକାଳର ୧୦ ବର୍ଷର ଇତିହାସକୁ ଭୁଲିଯାଉଛନ୍ତି। ଏହି ଦଶନ୍ଧିରେ ମୋଦୀ ଦେଶରେ ଯେଭଳି ଅଘୋଷିତ ଜରୁରୀ ସ୍ଥିତି ଉତ୍ପନ୍ନ କରିଛନ୍ତି ସେ ସମ୍ପର୍କରେ କାହିଁକି ମୁହଁ ଖୋଲୁ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହିକ୍ରମରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ଗୃହରେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିବା ସହିତ କୌଣସି ଶକ୍ତିକୁ ସାମ୍ବିଧାନିକ ବ୍ୟବସ୍ଥାକୁ ହତ୍ୟା କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ସମେତ ମଲ୍ଲିକାର୍ଜୁନ ଖଡ଼ଗେ , ରାହୁଲ ଗାନ୍ଧୀ, ଟିଏମସି ନେତା ସୁଦୀପ ବନ୍ଦୋପାଧ୍ୟାୟ ଏବଂ ଡିଏମକେ ନେତା ଟି ଆର ବାଲୁ ପ୍ରମୁଖ ଗୃହରେ ହାତରେ ସମ୍ବିଧାନ ପୁସ୍ତକ ଧରି ଶାସକ ମେଣ୍ଟ ବିରୋଧରେ ନାରାବାଜି କରିଛନ୍ତି। ସେହିପରି ରାହୁଲ ଗାନ୍ଧୀ ମଧ ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ନିଶାଣ କରି କହିଛନ୍ତି ଯେ, ପୂର୍ବ ଭଳି ଏହି ଦୁଇ ଜଣଙ୍କୁ ସମ୍ବିଧାନ ଉପରେ ଆକ୍ରମଣ କରିବାକୁ ଦିଆଯିବ ନାହିଁ। ସମ୍ବିଧାନ ପ୍ରତି ଆମର ଯେଉଁ ଆଭିମୁଖ୍ୟ ରହିଛି ତାହା ଦେଶବାସୀ ବୁଝିସାରିଛନ୍ତି। ଆମେ ଏହାର ସୁରକ୍ଷା ପ୍ରତି ସଜାଗ ରହିଛୁ ଏବଂ କୌଣସି ସ୍ଥିତିରେ ସାମ୍ବିଧାନିକ ବ୍ୟବସ୍ଥା କ୍ଷୁଣ୍ଣ କରିବାକୁ ଦେବୁ ନାହିଁ ବୋଲି ରାହୁଲ କହିଛନ୍ତି।

### ୧୦ ପ୍ରସଙ୍ଗକୁ ନେଇ ରାହୁଲଙ୍କ ନିଶାଣ

ମୋଦୀ ସରକାର ୩.୦କୁ ଇତି ମଧ୍ୟରେ ୧୫ ଦିନ ବିତିଛି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ କେବଳ ନିଜ ସରକାରକୁ ବଞ୍ଚାଇବାକୁ ଲାଗିଛନ୍ତି ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ନିଟ୍ ଘୋଟାଲା ଠାରୁ ଆରମ୍ଭ କରି ୟୁଜିସି ନେଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍, ଜଳ ସମସ୍ୟା ଏବଂ କାଞ୍ଚନଜଙ୍ଘା ଟ୍ରେନ ଦୁର୍ଘଟଣା ଆଦି ପ୍ରସଙ୍ଗରେ ମୋଦୀ ସରକାର ମୁହଁ ଖୋଲୁ ନାହାନ୍ତି। ଏହିସବୁ ପ୍ରସଙ୍ଗ ବ୍ୟତୀତ ଜମ୍ମୁ କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ, ଦୁଗ୍ଧ ,ଡାଲି, ଗ୍ୟାସ୍ ଏବଂ ଟୋଲ ଟିକସ ବୃଦ୍ଧି, ଜଙ୍ଗଲ ନିଆଁ ଆଦି ବିଷୟ ଭଳି ୧୦ ପ୍ରସଙ୍ଗକୁ ନେଇ ରାହୁଲ ମୋଦୀ ସରକାରଙ୍କୁ ନିଶାଣ କରିଛନ୍ତି।

**● ରୁଷରେ ଆତଙ୍କବାଦୀ ଆକ୍ରମଣ**

## ୬ ଆତଙ୍କୀଙ୍କ ସମେତ ୨୩ ନିହତ



ମସ୍କୋ,୨୪।୬(ଏଜେନ୍ସି): ରୁଷର ଉତ୍ତର କକେସସ୍ ଦାଗେସ୍ତାନ ପ୍ରଜାତନ୍ତ୍ରରେ ଗତକାଲି ଏକ ବଡ଼ ଧରଣର ଆତଙ୍କବାଦୀ ଅକ୍ରମଣରେ ଅନ୍ୟୂନ ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆତଙ୍କବାଦୀଙ୍କୁ ମାରିଦିଆଯାଇଛି। ଦାଗେସ୍ତାନର ଦୁଇ ସହର ଡେର୍ବେଣ୍ଟ ଓ ମାଖାଚକାଲାରେ ଅର୍ଥୋଡକ୍ସ ଧର୍ମୀୟ ଉତ୍ସବ 'ପେଣ୍ଟିକଷ୍ଟ' ଚାଲିଥିବା ବେଳେ ଇସଲାମୀୟ ଆତଙ୍କବାଦୀମାନେ ଖ୍ରୀଷ୍ଟୀୟାନଙ୍କ ଚର୍ଚ୍ଚ ଓ ଇହୁଦୀଙ୍କ ସିନାଗଗରେ ଧସେଇ ପଶି ଅତର୍କିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୧୫ ପୁଲିସ୍ କର୍ମଚାରୀ, ଜଣେ ଖ୍ରୀଷ୍ଟୀୟ ଯାଜକ ଓ ଜଣେ ସିକ୍ୟୁରିଟି ଗାର୍ଡ ନିହତ ହେଇଛନ୍ତି। ଆତଙ୍କବାଦୀଙ୍କ ମଧ୍ୟରୁ ୬ଜଣ ମରିଥିବା ବେଳେ ଖସିଯାଇଥିବା ଅନ୍ୟ ଆତଙ୍କବାଦୀଙ୍କୁ ଖୋଜାଚାଲିଛି। ତେବେ କେଉଁ ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ କରିଛି ତାହା ଏଯାଏଁ ଜଣାପଡ଼ି ନାହିଁ। ଦାଗେସ୍ତାନରେ ଇସଲାମୀୟ ଆତଙ୍କବାଦୀମାନେ ସକ୍ରିୟ ଅଛନ୍ତି ଓ ବେଳେବେଳେ ଏପରି ବଡ଼ ଆତଙ୍କୀ କାଣ୍ଡ ଘଟାଉଛନ୍ତି। ରୁଷ ବୈଦେଶିକ ବିଭାଗ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି, ଏହି ବର୍ବର ଆତଙ୍କୀ ଆକ୍ରମଣକୁ ଅନ୍ତରାଷ୍ଟ୍ରୀୟ ସମୁଦାୟ ଏକମୁଖ ହୋଇ ନିନ୍ଦା କରିବା ଏକାନ୍ତ ଜରୁରୀ।ଚଳିତ ବର୍ଷ ମାର୍ଚ୍ଚ ୨୩ ତାରିଖରେ ମସ୍କୋର ଉତ୍ତର କ୍ରାସନୋଗୋରସ୍କ ଉପକଣ୍ଠ ଅଞ୍ଚଳସ୍ଥ କ୍ରୋକସ ସିଟି କନସର୍ଟ ହଲ ଉପରେ ଭୀଷଣ ଆତଙ୍କବାଦୀ ହମଲାରେ ୧୪୩ ଜଣ ନିହତ ଓ ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ। ସୁରକ୍ଷା କର୍ମୀଙ୍କ ୟୁନିଫର୍ମ ପିନ୍ଧି ସ୍ୱୟଂଚାଳିତ ବନ୍ଧୁକ ଧରିଥିବା ୪ଜଣ ଆତଙ୍କବାଦୀ ଲୋକଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ ଓ ଅନେକ ଗ୍ରେନେଡ୍ ଫୋପାଡ଼ିଥିଲେ। ଫଳରେ କନସର୍ଟ ହଲରେ ନିଆଁ ଲାଗିଯାଇଥିଲା। ପ୍ରାଣବିକଳରେ ଲୋକେ ଚିତ୍କାର କରି ଧାଁଦୌଡ଼ କରିଥିଲେ। ଧୂଆଁରେ ଶ୍ୱାଶରୁଦ୍ଧ ହୋଇ ଓ ଦଳାଚକଟାରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ଆତଙ୍କବାଦୀ ସଂଗଠନ ଆଇଏସ୍ଆଇଏସ୍ ରୁଷରେ ଏହି ଆକ୍ରମଣ ଘଟାଇଥିବା ଦାବି କରିଥିଲା।

## ବିରୋଧୀଙ୍କ 'ନିଟ୍ ଓ ଲଜ୍ଜା' ନାରା ମଧ୍ୟରେ ଶପଥ ନେଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ନିଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତାକୁ ନେଇ ଏବେ ସାରା ଦେଶରେ ଝଡ଼ ସୃଷ୍ଟି ହୋଇଥିଲା ବେଳେ ସବୁ ବିରୋଧୀ ଏହାକୁ ପ୍ରସଙ୍ଗ କରି କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି। ସେମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ତେବେ ଏଭଳି ସ୍ଥିତିରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ବିରୋଧୀଙ୍କ ନାରା ଭିତରେ ସାଂସଦ ଭାବେ ସୋମବାର ଶପଥ ଗ୍ରହଣ କରିଛନ୍ତି।ସେ ଶପଥ ପାଠ ପାଇଁ ପୋଡିୟମ ନିକଟକୁ ଯାଉଥିବା ବେଳେ ବିରୋଧୀ 'ନିଟ ଓ ଲଜ୍ଜା' ନାରା ଦେଇଥିଲେ। କିନ୍ତୁ ଧର୍ମେନ୍ଦ୍ର ଏହାକୁ କର୍ଣ୍ଣପାତ ନ କରି ପୋଡିୟମ ପାଖକୁ ଯାଇଥିଲେ ଏବଂ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ତାଙ୍କୁ ଶପଥ ପାଠ କରାଇଥିଲେ।



**ଅଧକ୍ଷ କମିଟିରୁ ଓହରିଲେ ବାଲୁ, ସୁଦୀପ ଓ ସୁରେଶ**

ନବନିର୍ବାଚିତ ଲୋକସଭା ସାଂସଦମାନଙ୍କୁ ଶପଥପାଠ କରାଇବାରେ ପ୍ରୋଟେମ୍ ବାଚସ୍ପତି ଭର୍ତ୍ତୃହରି ମହତାବଙ୍କୁ ସହାୟତା ଦେବାକୁ ଏକ ପାଞ୍ଚଜଣିଆ ଚେୟାରପର୍ସନ୍ସ ପ୍ୟାନେଲ୍‌ରେ ଥିବା ଡିଏମ୍‌କେ ସାଂସଦ ଟିଆର୍ ବାଲୁ, ଟିଏମ୍‌ସି ସାଂସଦ ସୁଦୀପ ବନ୍ଦ୍ୟୋପାଧ୍ୟାୟ, କଂଗ୍ରେସ ସାଂସଦ କେ ସୁରେଶ ସେମାନଙ୍କ ଦାୟିତ୍ୱରୁ ଓହରିଯାଇଛନ୍ତି। ପ୍ରୋଟେମ୍ ବାଚସ୍ପତି ଚୟନ ବେଳେ ସରକାର ଅନ୍ୟାୟ କରିଥିବାରୁ ଚେୟାରପର୍ସନ୍ସ ଦାୟିତ୍ୱ ତୁଲାଇପାରିବେ ନାହିଁ ବୋଲି ସେମାନେ କହିଛନ୍ତି। ତେବେ ଚେୟାରପର୍ସନ୍ସ ପ୍ୟାନେଲ୍‌ରେ ଥିବା ଦୁଇ ବିଜେପି ସାଂସଦ ରାଧା ମୋହନ ସିଂହ ଓ ଫଗନ ସିଂହ କୁଲାସ୍ତେ ଯଥାବିଧି ଦାୟିତ୍ୱ ବହନ କରିଛନ୍ତି।

**ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲା**

# ଏଯାଏଁ ୨୫ ଗିରଫ, ୧୧୦ ପରୀକ୍ଷାର୍ଥୀ ବିବର୍ଜିତ

ପାଟନା,୨୪।୬(ଏଜେନ୍ସି)

ବିହାର ପୁଲିସ୍‌ର ଇକୋନୋମିକ୍ ଅଫେନ୍ସେସ୍ ଓ୍ୱିଙ୍ଗ୍ ନିଟ୍-ୟୁଜି ପ୍ରଶ୍ନ ପତ୍ର ପ୍ରଘଟ ମାମଲାରେ ଗତକାଲି ପୁଣି ୫ଜଣଙ୍କୁ ଗିରଫ କରିବାରୁ ପ୍ରଶ୍ନ ପତ୍ର ପ୍ରଘଟରେ ସଂପୃକ୍ତି ଅଭିଯୋଗରେ ବିଭିନ୍ନ ରାଜ୍ୟରୁ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ଏହି ମାମଲାରେ ଏଯାଏଁ ବିହାରରୁ ୧୩, ଗୁଜରାଟରୁ ୫, ଝାଡ଼ଖଣ୍ଡରୁ ୫ ଓ ମହାରାଷ୍ଟ୍ରରୁ ୨ ଜଣ ଗିରଫ ହୋଇଛନ୍ତି। ଏଣେ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ନ୍ୟାସନାଲ୍

**■ ସିବିଆଇ ତଦନ୍ତ ଆବେଦନର ତ୍ୱରିତ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା**

ଟେଷ୍ଟିଂ ଏଜେନ୍ସି(ଏନଟିଏ) ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗରେ ଆଜି ୧୭ ଜଣ ପରୀକ୍ଷାର୍ଥୀଙ୍କୁ ପ୍ରତିବନ୍ଧିତ ବା ବିବର୍ଜିତ(ଡିବେର୍) କରିଛି। ଏହାକୁ ମିଶାଇ ଏଯାଏଁ ୧୧୦ ପରୀକ୍ଷାର୍ଥୀଙ୍କୁ ଡିବେର୍ କରାଗଲାଣି। ବିହାରର ୬୩ ପରୀକ୍ଷାର୍ଥୀ ଓ ଗୁଜରାଟର ୩୦ ପରୀକ୍ଷାର୍ଥୀ ଡିବେର୍ ହେଇଛନ୍ତି। ଆଜି ଡିବେର୍ ହୋଇଥିବା ସମସ୍ତ ୧୭ପରୀକ୍ଷାର୍ଥୀ ବିହାରର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଗତକାଲି ବିହାର ଓ ଗୁଜରାଟ ସରକାର ବିଜ୍ଞପ୍ତି ଜାରି କରିଛନ୍ତି ଯେ ଉଭୟ ରାଜ୍ୟର ପୁଲିସ୍ ପ୍ରଶ୍ନ ପତ୍ର ପ୍ରଘଟ ସମ୍ପର୍କିତ ଯେଉଁ ସବୁ କେସ୍ ପଞ୍ଜିକୃତ କରିଛନ୍ତି ସେଗୁଡ଼ିକୁ ସିବିଆଇକୁ ଟ୍ରାନ୍ସଫର୍ କରିବେ। ପ୍ରଶ୍ନ ପତ୍ର ପ୍ରଘଟରେ ସଂପୃକ୍ତ ଥିବା ଅଭିଯୋଗରେ ଝାଡ଼ଖଣ୍ଡର ଦେଓଘରରୁ ପାଟନା ପୁଲିସ୍ ଗତକାଲି ଗିରଫ କରିଥିବା ୫ ଜଣ ହେଉଛନ୍ତି ନାଳନ୍ଦାର ବାସିନ୍ଦା। ସେମାନେ ହେଲେ ବଳଦେବ କୁମାର, ମୁକେଶ କୁମାର, ପଙ୍କୁ କୁମାର, ରାଜୀବ କୁମାର ଓ ପରମଜିତ ସିଂହ। ଅନେକ ଆନ୍ତଃରାଜ୍ୟ ପେପର୍ ଲିକ୍ କରାଇଥିବା କୁଖ୍ୟାତ ସଞ୍ଜୀବ କୁମାର ଓରଫ ଲୁଟାନ ମୁଖିଆ ଗ୍ୟାଙ୍ଗ ସହ ବଳଦେବ କୁମାରଙ୍କ ସମ୍ପର୍କ ରହିଛି। ପରୀକ୍ଷାର ଦିନକ ପୂର୍ବରୁ ବଳଦେବଙ୍କ ଫୋନ୍‌କୁ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ରର ସଠିକ୍ ଉତ୍ତର ଲେଖାଯାଇଥିବା ଆନ୍ସର୍ ସିଟ୍ ପିଡିଏଫ୍ ଫର୍ମାଟ୍‌ରେ ଆସିଥିଲା। ପାଟନାର ରାମକ୍ରିଷ୍ଣା ନଗରରେ ଥିବା ଏକ ସେଫ୍ ହାଉସ୍‌ରେ ଏକାଠି ହୋଇଥିବା ପରୀକ୍ଷାର୍ଥୀଙ୍କୁ ବଳଦେବ ଓ ତାଙ୍କ ସହଯୋଗୀମାନେ ସେହି ଆନ୍ସର୍ ସିଟ୍ ମେ' ୪ରେ ବାଣ୍ଟିଥିଲେ। ମେ' ୫ରେ ପରୀକ୍ଷା ହୋଇଥିଲା। ପରୀକ୍ଷାର୍ଥୀମାନଙ୍କୁ ନୀତୀଶ କୁମାର ଓ ଅମିତ ଆନନ୍ଦ ନାମକ ଦୁଇ ଜଣ ବ୍ୟକ୍ତି ସେଫ୍ ହାଉସ୍‌କୁ ଆଣିଥିଲେ। ସେଫ୍ ହାଉସ୍‌ରୁ ଅଧାଜଳା ପ୍ରଶ୍ନପତ୍ର ମିଳିଛି। ଉଭୟ ନୀତୀଶ କୁମାର ଓ ଅମିତ ଆନନ୍ଦଙ୍କୁ ଗିରଫ କରାଯାଇଛି। ମୁଖିଆ ଗ୍ୟାଙ୍ଗ ହଜାରିବାଗର ଏକ ଘରୋଇ ସ୍କୁଲରୁ ନିଟ୍-ୟୁଜି ପ୍ରଶ୍ନପତ୍ର ସଂଗ୍ରହ କରିଥିବା ତଦନ୍ତରୁ ଜଣାପଡ଼ିଛି। ଗିରଫ ବ୍ୟକ୍ତିମାନଙ୍କୁ ସିବିଆଇ ଦିଲ୍ଲୀ ଆଣି ଜେରା(କଷ୍ଟୋଡିଆଲ୍ ଇଣ୍ଟୋରାଗେସନ୍) କରିବ। ଅନ୍ୟପକ୍ଷରେ ନିଟ୍ ଅନିୟମିତତାର ତୁରନ୍ତ ସିବିଆଇ ତଦନ୍ତ ଦାବି ନେଇ ହୋଇଥିବା ଆବେଦନର ତ୍ୱରିତ ଶୁଣାଣି ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି।




## ନଡ୍ଡା ବିଜେପି ରାଜ୍ୟସଭା ନେତା ନିର୍ବାଚିତ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଭାରତୀୟ ଜନତା ପାର୍ଟି(ବିଜେପି)ର ରାଜ୍ୟସଭାରେ ନେତା ଥିଲେ ପୀୟୂଷ ଗୋୟେଲ। ପୀୟୂଷ ଉତ୍ତର ମୁମ୍ବାଇ ସଂସଦୀୟ କ୍ଷେତ୍ରରୁ ଲୋକସଭାକୁ ନିର୍ବାଚିତ ହୋଇ ମନ୍ତ୍ରୀ ହେବା ପରେ ତାଙ୍କ ସ୍ଥାନରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ରାଜ୍ୟସଭାରେ ବିଜେପିର ନେତା ଭାବେ ଦାୟିତ୍ୱ ତୁଲାଇବାକୁ ଚୟନ କରାଯାଇଛି। ନଡ୍ଡା ଗତ ଫେବୃଆରୀରେ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି। ଗତ ଫେବୃଆରୀରେ ନଡ୍ଡାଙ୍କ ସମେତ ମୋଟ ୪୧ ଜଣ ରାଜ୍ୟସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି। ରାଜ୍ୟସଭା ନିର୍ବାଚନର ସବା ଶେଷ ପର୍ଯ୍ୟାୟରେ ବିଜେପି ନଡ୍ଡାଙ୍କୁ ଛାଡ଼ି ଅନ୍ୟ ମାତ୍ର ତିନି ଜଣ ସଦସ୍ୟଙ୍କୁ ଦ୍ୱିତୀୟ ଥର ରାଜ୍ୟସଭାକୁ ପଠାଇଛି। ସେମାନେ ହେଲେ ଅଶ୍ୱିନୀ ବୈଷ୍ଣବ, ଏଲ୍ ମୁରୁଗାନ ଓ ଦଳୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ। ଏବେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଅଛନ୍ତି ରାଜ୍ୟସଭାରେ ବିରୋଧୀ ଦଳ ନେତା।



## ନବନିର୍ମିତ ରାମ ମନ୍ଦିର ଗର୍ଭଗୃହ ଛାତରୁ ପାଣି ଗଳୁଛି

ଅଯୋଧ୍ୟା,୨୪।୬(ଏଜେନ୍ସି): ପ୍ରାୟ ଛଅ ମାସ ତଳେ ଅଯୋଧ୍ୟାରେ ଉଦଘାଟିତ ହୋଇଥିବା ରାମ ମନ୍ଦିରର ଗର୍ଭ ଗୃହ ଛାତରୁ ପାଣି ଲିକ୍ କରୁଥିବା ଖବର ସାମ୍ନାକୁ ଆସିଛି। ଶ୍ରୀରାମ ଜନ୍ମଭୂମି ମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ ଏଭଳି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ଷା ହେଲେ ରାମଲାଲାଙ୍କ ଗର୍ଭଗୃହ ଛାତରୁ ପାଣି ଗଳୁଛି । ଏବେ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଆଗକୁ ଏହା ବଡ଼ ସମସ୍ୟା ହୋଇପାରେ ବୋଲି ସେ କହିଛନ୍ତି। ଯେଉଁଠି ରାମଲାଲା ବିରାଜମାନ ହୋଇଛନ୍ତି ସେଠାରେ ପ୍ରଥମ ବର୍ଷାରେ ପାଣି ଗଳିବା ଘଟଣା ଏବ ବଡ଼ ସମସ୍ୟା। ଏହାର ତଦନ୍ତ ହେବା ଦରକାର। ନବ ନିର୍ମିତ ମନ୍ଦିରରୁ ପାଣି ବାହାର କରିବାର କୌଣସି ଉପାୟ ନାହିଁ । ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ ହେବା ଦରକାର ।

**କେଜ୍ରିୱାଲଙ୍କ ପିଟିସନ୍‌ର ଶୁଣାଣି କଲେନି ସୁପ୍ରିମ୍‌କୋର୍ଟ**

# ହାଇକୋର୍ଟଙ୍କ ରାୟକୁ ଅପେକ୍ଷା କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି)

ଦିଲ୍ଲୀ ହାଇକୋର୍ଟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଟ୍ରାଏଲ୍ କୋର୍ଟ ମଞ୍ଜୁର କରିଥିବା ଜାମିନ ଓ ଜାରି କରିଥିବା ରିଲିଜ୍ ଅର୍ଡର ତାଙ୍କ ରାୟ ପ୍ରକାଶ ଯାଏଁ କାର୍ଯ୍ୟକାରୀ ହେବନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ଯେଉଁ ଷ୍ଟେ' ଦେଇଛନ୍ତି ତାକୁ ସୁପ୍ରିମ୍‌କୋର୍ଟରେ



ଚ୍ୟାଲେଞ୍ଜ କରାଯାଇଛି। କେଜ୍ରିୱାଲଙ୍କ ପକ୍ଷରୁ ଗତକାଲି ତାଙ୍କ ଓକିଲ ସୁପ୍ରିମ୍‌କୋର୍ଟରେ ପିଟିସନ୍ ଫାଇଲ୍ କରି ତୁରନ୍ତ ଶୁଣାଣି ପାଇଁ ନିବେଦନ କରିଥିଲେ। ଆଜି ଜଷ୍ଟିସ୍ ମନୋଜ ମିଶ୍ରା ଓ ଜଷ୍ଟିସ୍ ଏସ୍‌ଭିଏନ୍ ଭାଟିଙ୍କୁ ନେଇ ଗଠିତ ସୁପ୍ରିମ୍‌କୋର୍ଟ ଅବକାଶକାଳୀନ ବେଞ୍ଚ୍ ସେ ପିଟିସନ୍‌ର ଶୁଣାଣି ନକରି କହିଛନ୍ତି ଯେ ହାଇକୋର୍ଟ ରାୟ ଦିନେ ଦୁଇଦିନ ଭିତରେ ମିଳିବାକୁ ଅଛି। ତେଣୁ ହାଇକୋର୍ଟଙ୍କ ରାୟ ମିଳୁ ତା'ପରେ ପିଟିସନ୍‌ର ଶୁଣାଣି ହେବ। କୌଣସି ଅଧସ୍ତନ ଅଦାଲତ ନୁହଁନ୍ତି , ହାଇକୋର୍ଟ ଲଗାଇଛନ୍ତି ଷ୍ଟେ। ହାଇକୋର୍ଟଙ୍କ ରାୟ ସଂରକ୍ଷିତ ଅଛି। ଏତିକିବେଳେ ହାଇକୋର୍ଟ ଲଗାଇଥିବା ଷ୍ଟେ'କୁ ଚ୍ୟାଲେଞ୍ଜ୍ କରି ଦାଖଲ କରାଯାଇଥିବା ପିଟିସନ୍‌ର ଶୁଣାଣି କଲେ ତାହା ପ୍ରି-ଜଜିଂ ହେବ। ତେଣୁ ହାଇକୋର୍ଟଙ୍କ ରାୟ ମିଳିବା ଯାଏଁ ପ୍ରତୀକ୍ଷା କରାଯାଉ। ଏହାର ପରବର୍ତ୍ତୀ ଶୁଣାଣି ଜୁନ୍ ୨୬ ତାରିଖରେ କରିବାକୁ ସୁପ୍ରିମକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଟ୍ରାଏଲ୍ କୋର୍ଟ କେଜ୍ରିୱାଲଙ୍କୁ ମଞ୍ଜୁର କରିଥିବା ଜାମିନକୁ ବାତିଲ କରିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦିଲ୍ଲୀ ହାଇକୋର୍ଟରେ ପିଟିସନ୍ ଦେଇଥିଲା। ଇଡିର ପିଟିସନ୍ ଉପରେ ହାଇକୋର୍ଟ ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ରାୟ ପ୍ରକାଶ ପାଇବା ଯାଏଁ କେଜ୍ରିୱାଲଙ୍କ ରିଲିଜ୍ ଅର୍ଡର କାର୍ଯ୍ୟକାରୀ ହେବନାହିଁ ବୋଲି ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କ ହାଇକୋର୍ଟ ଅବକାଶକାଳୀନ ବେଞ୍ଚ୍ ଆଦେଶ ଦେଇଛନ୍ତି। ରାୟ ପ୍ରକାଶିତ ହେବାକୁ ଦୁଇ ତିନି ଦିନ ଲାଗିପାରେ। ସୁପ୍ରିମକୋର୍ଟରେ ଆଜି ଇଡି ଓକିଲ ଆଡିସିନାଲ୍ ସଲିସିଟର୍ ଜେନେରାଲ୍ (ଏଏସ୍‌ଜି) ଏସ୍‌ଭି ରାଜୁ କହିଥିଲେ, ହାଇକୋର୍ଟଙ୍କ ରାୟ ଖୁବ୍ ଶୀଘ୍ର ମିଳିଯିବ। ତେଣୁ ସେ ଯାଏଁ ଅପେକ୍ଷା କରାଯାଉ। କେଜ୍ରିୱାଲଙ୍କ ଓକିଲ ଅଭିଶେକ ମନୁ ସିଂଘଭି କହିଥିଲେ, ହାଇକୋର୍ଟଙ୍କ ରାୟ ଆସିବା ଯାଏ କେଜ୍ରିୱାଲ କାହିଁକି ମୁକ୍ତ ନ ରହିପାରିବେ। କେଜ୍ରିୱାଲଙ୍କ ପାଖରେ ଜାମିନ ଅର୍ଡର ଅଛି। ସେ କୁଆଡ଼େ ଫେରାର ହୋଇଯିବେ ଏ ଆଶଙ୍କା ନାହିଁ। କିନ୍ତୁ ଏହି ପିଟିସନ୍ ଉପରେ ଯଦି କିଛି ଅର୍ଡର ଦିଆଯାଏ ତାହା ପ୍ରି-ଜଜିଂ ହେବ ଦର୍ଶାଇ ସୁପ୍ରିମ୍‌କୋର୍ଟ ଅବକାଶକାଳୀନ ବେଞ୍ଚ୍ ହାଇକୋର୍ଟଙ୍କ ରାୟକୁ ଅପେକ୍ଷା କରାଯିବା ପାଇଁ କହିଛନ୍ତି।

## ୱାଏନାଡ଼ ଭୋଟରଙ୍କୁ ରାହୁଲଙ୍କ ଚିଠି

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି):କେରଳର ୱାଏନାଡ଼ ଓ ଉତ୍ତର ପ୍ରଦେଶର ରାଏବରେଲୀ, ଉଭୟ ସଂସଦୀୟ କ୍ଷେତ୍ରରେ ଲୋକସଭା ନିର୍ବାଚନ ଲଢ଼ି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉଭୟ ଆସନରେ ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବା ପରେ ୱାଏନାଡ଼ ଆସନ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଆଜି ସେ ୱାଏନାଡ଼ର ଲୋକମାନଙ୍କୁ ଏକ ମର୍ମସ୍ପର୍ଶୀ ଚିଠି ଲେଖି ଭଉଣୀ ପ୍ରିୟଙ୍କାଙ୍କ ପାଇଁ ସସ୍ନେହ ସମର୍ଥନ ଭିକ୍ଷା କରିଛନ୍ତି। ରାହୁଲ ଛାଡ଼ିଥିବା ୱାଏନାଡ଼ ଆସନରେ ପ୍ରିୟଙ୍କା ଗାନ୍ଧୀ ହେବ କଂଗ୍ରେସ ପ୍ରାର୍ଥୀ। ୱାଏନାଡ଼ର ଲୋକମାନଙ୍କୁ ରାହୁଲ ଲେଖିଛନ୍ତି, ଦିନ ପରେ ଦିନ ଯେତେବେଳେ ତାଙ୍କୁ ଗାଳିମନ୍ଦ ଦିଆଯାଉଥିଲା, ଅପନିନ୍ଦିତ କରାଯାଉଥିଲା, ତାଙ୍କୁ ଅପାରଗ, ଅଯୋଗ୍ୟ କୁହାଯାଇ କୁତ୍ସାରଟନା କରାଯାଉଥିଲା ସେତେବେଳେ ୱାଏନାଡ଼ର ଲୋକେ ତାଙ୍କୁ ଅଯାଚିତ ସ୍ନେହ ଓ ସଦିଚ୍ଛା ଦେଇ ବିଶ୍ୱାସକୁ ନେଇଥିଲେ,ଅସଂଖ୍ୟ ପୁଷ୍ପଗୁଚ୍ଛ ଦେଇ ମାଳା ପିନ୍ଧାଇ ସ୍ୱାଗତ କରିଥିଲେ ଓ ବିପୁଳ ଭୋଟ ଦେଇ ବିଜୟୀ କରାଇଥିଲେ ଯାହା ସେ କଦାପି ଭୁଲିବେ ନାହିଁ।

# ଜଙ୍ଗଲରେ ୧୦ ଦିନ ଧରି କେବଳ ପାଣି ପିଇ ବଞ୍ଚିଥିଲେ ଲୁକାସ୍

କାଲିଫର୍ଣ୍ଣିଆ,୨୪।୬(ଏଜେନ୍ସି)

ଜଙ୍ଗଲ ବୁଲିବାକୁ ଯାଇ ବାଟ ଭୁଲି ଯିବାରୁ ୧୦ ଦିନ ଧରି କେବଳ ପାଣି ପିଇ ଜୀବନ ବଞ୍ଚାଇଥିବା ଲୁକାସ ମ୍ୟାକକ୍ଲେଶ ନାମକ ଜଣେ ଆମେରିକୀୟ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ଲୁକାସ୍ ଜୁନ ୧୧ରେ କାଲିଫର୍ଣ୍ଣିଆ ଜଙ୍ଗଲ ଏବଂ ସାନ୍ତାକ୍ରୁଜ ପାହାଡ ବୁଲିବାକୁ ଯାଇଥିଲେ । ପ୍ରାୟ ୩ ଘଣ୍ଟା ଧରି ସେ ଚାଲି ଚାଲି ଜଙ୍ଗଲ ଭିତରେ ବୁଲିବା ପରେ ଫେରିବା ବାଟ ଭୁଲି ଯାଇଥିଲେ। ୫ ଦିନ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକ ପୁଲିସକୁ ଜଣାଇଥିଲେ । ପ୍ରାୟ ୧୦ ଦିନ ପରେ ପୁଲିସ ଲୁକାସଙ୍କୁ ଉଦ୍ଧାର କରିଥିଲେ ହେଁ ତାଙ୍କର ଜଙ୍ଗଲ ମଧ୍ୟରେ ବଞ୍ଚି ରହିବାର ସଂଘର୍ଷ କାହାଣୀ ସାମ୍ନାକୁ ଆସିଛି। ଲୁକାସ ୧୦ ଦିନ ଧରି କେବଳ ପାଣି ପିଇ ବଞ୍ଚି ରହିଥିଲେ । ସେ ପିନ୍ଧିଥିବା



ଜୋତାରେ ପାଣି ସଂଗ୍ରହ କରି ତାକୁ ପିଉଥିଲେ । ଡ୍ରୋନ ମାଧ୍ୟମରେ ବହୁ କଷ୍ଟରେ ପୁଲିସ ତାଙ୍କୁ ଉଦ୍ଧାର କରିଛି। ପଙ୍କ , କାଦୁଅରେ ବୁଡି ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯିବା ପରେ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଜଙ୍ଗଲରେ କିଛି ଦିନ ତଳେ ନିଆଁ ଲାଗି ଯାଇଥିବାରୁ ପାରିପାର୍ଶ୍ୱିକ ପରିବର୍ତ୍ତନ ଯୋଗୁଁ ଲୁକାସ ବାଟ ଭୁଲି ଯାଇଥିଲେ ବୋଲି କହିଛନ୍ତି। ତାଙ୍କ ଦୁଇ ହାତ ଏବଂ କାନ୍ଧରେ ଆଘାତ ଲାଗିଛି । ୩୦୦ରୁ ଅଧିକ ପୁଲିସ କର୍ମଚାରୀ ଲୁକାସଙ୍କ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବା ସହିତ ୨୬୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଡ୍ରୋନ ମାଧ୍ୟମରେ ତନ୍ନ ତନ୍ନ କରି ଖୋଜିବା ପରେ ଲୁକାସଙ୍କୁ ଉଦ୍ଧାର କରାଯିବ ଘଟଣା ମଧ୍ୟ ଆମେରିକାରେ ଚର୍ଚ୍ଚାର ବିଷୟ ହୋଇଛି।

## ମା' ତାରିଣୀ ମହାବିଦ୍ୟାଳୟର +୩ ଫଳ ପ୍ରକାଶିତ

ପାଣିକୋଇଲି, ୨୪।୬(ସମିସ): ପାଣିକୋଇଲିସ୍ଥ ମା' ତାରିଣୀ ମହାବିଦ୍ୟାଳୟରେ +୩ ଫଳ ପ୍ରକାଶିତ ହୋଇଛି । ବିଜ୍ଞାନରେ ପ୍ରକୃତି ପ୍ରିୟଦର୍ଶିନୀ ବେହେରା, କଳାରେ ସ୍ୱାଗତିକା ଦାସ, ବାଣିଜ୍ୟରେ ରାଜେଶ୍ୱରୀ ସ୍ୱାଇଁ କଲେଜ ଟପ୍ପର ହୋଇଛନ୍ତି । ଓଡ଼ିଆ ସମ୍ମାନରେ ପୂର୍ଣ୍ଣିମା ପଣ୍ଡା, ଇଂରାଜୀରେ ଲିଜାରାଣୀ ପଣ୍ଡା, ଇତିହାସରେ ଇସରତ୍ ଫରିଦାସ, ରାଜନୀତି ବିଜ୍ଞାନରେ ଶ୍ୱେତାଞ୍ଜଳି ମିଶ୍ର, ସଂସ୍କୃତରେ ସ୍ୱାଗତିକା ଦାସ, ରସାୟନ ବିଜ୍ଞାନରେ ଭବାନୀ ଶଙ୍କର ସାହୁ, ଉଦ୍ଭିଦ ବିଜ୍ଞାନରେ ଧରିତ୍ରୀ ପ୍ରିୟଦର୍ଶିନୀ, ଗଣିତ ବିଭାଗରେ ପ୍ରୀତିମୟୀ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନରେ ପ୍ରକୃତି ପ୍ରିୟଦର୍ଶିନୀ ବେହେରା, ଜୀବ ବଜ୍ଞାନରେ ସସ୍ମିତା ରଣା ଟପ୍ପର ହୋଇଛନ୍ତି । କୃତି ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି ।

## ପାଣି ମଟର ଚୋରି କରି ଜଣେ ଗିରଫ



ପାଣିକୋଇଲି, ୨୪।୬(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋତି (ବାଟୁଳ) ଗ୍ରାମର ସୁକାନ୍ତ ମଲିକଙ୍କ ନଳକୂପରେ ଲାଗିଥିବା ମଟରକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା । ପୁଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିଲା । ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମର କାଉରା ମଲିକଙ୍କ ପୁଅ ମହେର ମଲିକ(୧୮)କୁ ମଟର ଚୋରି ପାଇଁ ଧରିବା ପରେ ସେ ମଟର ଚୋରି କରିଥିବା ସ୍ୱୀକାର କରିଥିଲା । ପରେ ପୁଲିସ ତାକୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି ।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ୍, ଆରୋହୀ ଗୁରୁତର

ପାଣିକୋଇଲି, ୨୪।୬(ସମିସ): ପାଣିକୋଇଲି ଟ୍ରାଫିକ ଗୋଲେଇ ତଥା ୨୦ ଓ ୧୬ ନମ୍ବର ଜାତୀୟ ରାଜପଥର ସଂଯୋଗସ୍ଥଳରେ ଆଜି ଏକ ବାଇକ୍‌କୁ ଟ୍ରକ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଟ୍ରାଫିକରେ ଏକ ବାଇକ୍ ଭୁବନେଶ୍ୱରରୁ ଆସୁଥିବାବେଳେ ଯାଜପୁରରୋଡ ପଟୁ ଆସୁଥିବା ୧୬ ଚକିଆ ଗାଡ଼ି ଧକ୍କା ଦେଇଥିଲା । ଫଳରେ ଟ୍ରକ୍ ଆଗରେ ପଡ଼ି ବାଇକ୍ ସହ ଚାଳକ ଲାଖି ରହିଥିଲେ । ସ୍ଥାନୀୟ ଲୋକ ଓ ପୁଲିସ ଘଟଣାସ୍ଥଳରୁ ଟ୍ରକ୍ ଭିତରୁ ବାଇକ ଆରୋହୀଙ୍କୁ ଉଦ୍ଧାର କରିଥିଲେ । ବାଇକ ଆରୋହୀଙ୍କ ଗୋଡ଼ ଭାଙ୍ଗିଯାଇଥିବାବେଳେ ତାଙ୍କୁ ପାଣିକୋଇଲି ପୁଲିସ ଗାଡ଼ିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ଟ୍ରକ୍‌କୁ ଜବତ କରିବା ସହ ଟ୍ରକ ଚାଳକକୁ ଅଟକ ରଖି ତଦନ୍ତ ଜାରି ରଖିଛି ।

## ରାସ୍ତା କାମ ଅଧା କରି ଠିକାଦାର ଛୁ'



ବଡ଼ଚଣା, ୨୪।୬(ସମିସ): ଖଇରାଠାରୁ ଖୋସାଲିପୁର ପର୍ଯ୍ୟନ୍ତ ହାଇଲେବୁଲ କେନାଲ ରାସ୍ତା କାମ ଅଧା କରି ଠିକାଦାର ପଳାଇ ଯାଇଥିବାରୁ ଯାତାୟାତରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୫ କିଲୋମିଟର ବ୍ୟାପି ରାସ୍ତା ଜଳସେଚନ ବିଭାଗ ପକ୍ଷରୁ ଆର୍ ଆଣ୍ଡ ବିକୁ ହସ୍ତାନ୍ତର କରିବା ପରେ ଏହି ରାସ୍ତା ଦୁଇ ଲାଇନ କରିବା ପାଇଁ ଟେଣ୍ଡର କରାଯାଇଥିଲା । ଠିକାଦାର କାର୍ଯ୍ୟକୁ ସମ୍ପୂର୍ଣ୍ଣ ନ କରି ହଦଶୋଠଠାରୁ ଖୋସଲିପୁର୍ ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର କାମ ନ କରି ପଳାଇଯାଇଛି । ରାସ୍ତା ଉପରେ ବାଲି, ଚିପସ୍ ପକାଇ ରାସ୍ତା ଅବରୋଧ କରିଛି । ଫଳରେ ଯାତାୟାତରେ ବହୁ ଅସୁବିଧା ହେଉଛି । ଯେଉଁ କାମ ହୋଇଛି, ତାହା ନିମ୍ନମାନର । ନିମ୍ନମାନର କାମ ଯୋଗୁଁ ପିଚୁ ଉଠିଯିବା ସହ ରାସ୍ତା ଫାଟିଗଲାଣି । ତୁରନ୍ତ ଠିକାଦାରଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ଜୟଚଣ୍ଡୀ ପୀଠରେ ବିଜେପିର ସମୀକ୍ଷା ବୈଠକ

କୟାଁଗୋଲା/ଦଶରଥପୁର, ୨୪।୬ (ସମିସ): ଦଶରଥପୁର ବ୍ଲକ ତଥା ବିଂଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୟାଁ ପଞ୍ଚାୟତସ୍ଥ ମା' ଜୟଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ବିଂଝାରପୁର ବିଜେପି ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାପତି ହରିଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ମଣ୍ଡଳ ସଭାପତି ଶଶଧର ବେହୁରିଆ, ସାଧାରଣ ସମ୍ପାଦକ ବାନମ୍ବର ମଲ୍ଲିକ, ନଟବର ବେହୁରିଆ, ସୂର୍ଯ୍ୟ ବିକାଶ ନାୟକ, ସୋମନାଥ ନାୟକ, ଅସିତ ସ୍ୱାଇଁ, ସୂର୍ଯ୍ୟକାନ୍ତ ବାରିକ, ଜ୍ଞାନରଞ୍ଜନ ନାୟକ, ଶରତ ଚନ୍ଦ୍ର ନାୟକ, ଧିରେନ୍ଦ୍ର ମଲ୍ଲିକ, ଚନ୍ଦନ ଦାସ, ସତୀଶ ଜେନା, ବାବାଜୀ ମଲ୍ଲିକ, ଶୁଭକାନ୍ତ ନାୟକ, ମହେନ୍ଦ୍ର ମଲ୍ଲିକ, ରାଜେଶ ନାୟକ, ଶ୍ରୀନିବାସ ପଣ୍ଡା ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ବିଜେପି ସଂଗଠନକୁ ଦୃଢ଼ିଭୂତ କରିବା ଦିଗରେ ଆଲୋଚନା କରିଥିଲେ ।



### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୧୪ଟି ଅଭିଯୋଗର ତତ୍କାଳ ସମାଧାନ

ଯାଜପୁର/ଦଶରଥପୁର, ୨୪।୬(ସମିସ): ପ୍ରଶାସନ ଜନସାଧାରଣଙ୍କ ନିକଟରେ ପହଞ୍ଚି ସେମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ସମାଧାନ କରିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ପ୍ରଧାନ ଲକ୍ଷ୍ୟ ଅଟେ । ଏଣୁ ଅଭିଯୋଗ ପ୍ରକୋଷ୍ଠରେ ଯୋଗ ଦେଉଥିବା ଜିଲ୍ଲାର ସମସ୍ତ ଅଧିକାରୀ ନିଷ୍ଠା ଓ ସହୃଦୟତାର ସହ କାର୍ଯ୍ୟ ସମ୍ପାଦନ କଲେ ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଜନସାଧାରଣ ଅଧିକରୁ ଅଧିକ ଅଭିଯୋଗ ପ୍ରକୋଷ୍ଠରୁ ଲାଭବାନ ହୋଇପାରିବେ ବୋଲି ଆଜି ପୂର୍ବାହ୍ନରେ ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଅଧ୍ୟକ୍ଷତା କରି ପ୍ରକାଶ କରିଛନ୍ତି । ଏହି ଶିବିରରେ ଜ ୭୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୧୪ଟିର ତତ୍କାଳ ସମାଧାନ ହୋଇଛି ।




ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସତ୍ୟବ୍ରତ ଲେଙ୍କା, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କିଶୋର ପରିଡ଼ା ଯୋଗ ଦେଇଥିବାବେଳେ ଜଳ ନିଷ୍କାସନ ଅଧୀକ୍ଷଣ ଯନ୍ତ୍ରୀ ଦିଲ୍ଲୀପ ନନ୍ଦନ ମହାପାତ୍ର, ଜଳସେଚନ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିକ୍ରମାଦିତ୍ୟ ପ୍ରଧାନ, ସହକାରୀ ଜିଲ୍ଲାପାଳ (ସାଧାରଣ ଓ ବିବିଧ) ଅଶୋକ କୁମାର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ନିବେଦିତା ପାଣି, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧାଶ୍ୟାମ ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସବିତା ଚ୍ୟାଉପଟ୍ଟନାୟକ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନା, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସଲ୍ଲାଉଦ୍ଦିନ ଖାଁ ପ୍ରମୁଖ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ ।

ଆଜିର ଅଭିଯୋଗ ପ୍ରକୋଷ୍ଠରେ ୭୨ଟି ଅଭିଯୋଗ ପଂଜିକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୯ଟି ସମୂହ ଅଭିଯୋଗ ଥିଲା । ସେହିପରି ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନଜନିତ ୭ଟି ଅଭିଯୋଗ ଥିଲା । ଶିବିର ପ୍ରକୋଷ୍ଠରେ ୧୪ଟି ଅଭିଯୋଗର ଜିଲ୍ଲାପାଳ ତ୍ୱରିତ ସମାଧାନ କରିଥିଲେ । ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ବରିଷ୍ଠ ଯନ୍ତ୍ରୀ ଯୋଗ ଦେଇଥିଲେ ।

## ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ

ପାଣିକୋଇଲି, ୨୪।୬(ସମିସ): ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଏହାର ପ୍ରମୁଖ କାରଣ ପାଇଁ କେହି ଗୁରୁତ୍ୱ ଦେଉ ନ ଥିଲେ । ଫଳରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନହାନୀ ହେଉଥିଲା । ଆଜି ପରିବହନ ବିଭାଗ, ରାଜସ୍ୱ ବିଭାଗ, ପୋଟ୍ରୋଲିଂ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ରାଜପଥ କଡ଼ରେ ଥିବା ଦେକାନୀଙ୍କୁ ତାଗିଦ କରାଯାଇଛି । ଏଥିସହ ସଂଯୋଗୀକରଣ ରାସ୍ତାରେ ଗାଡ଼ିଗୁଡ଼ିକ ବିଭିନ୍ନ ସମୟରେ ଦିନ ଦିନ ଧରି ରହୁଥିବାବେଳେ ସେମାନଙ୍କୁ ମଧ ତାଗିଦ ଓ ସଚେତନ କରାଯାଇଛି । ଅନେକ ସମୟରେ ବେଆଇନ ପାର୍କିଂ ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି । ରାଜପଥକୁ ଲାଗି ଜବରଦଖଲ କରି ଦେକାନ କରିବା ଓ ଏଥିପାଇଁ ଗାଡ଼ିଗୁଡ଼ିକ ରାଜପଥ ଉପରେ ଛିଡ଼ା ହୋଇ ରହିବା ମଧ ଏକ ପ୍ରମୁଖ କାରଣ ପାଲଟିଛି । ସଂଯୋଗୀକରଣ ରାସ୍ତା ଗ୍ୟାରେଜ ପାଲଟିଥିବାବେଳେ ରାସ୍ତା କଡ଼ରେ ଥିବା ବିଭିନ୍ନ ଛୋଟବଡ଼ ଶିଳ୍ପର ଗାଡ଼ି ସେମାନଙ୍କ ପରିସରରେ ନ ରହି ରାସ୍ତା ଉପରେ ରହିବା ଯୋଗୁଁ ଜବରଦଖଲ ବଢ଼ିବାରେ ଲାଗିଛି । ଏହା ଦ୍ୱାରା ବାରମ୍ବାର ଦୁର୍ଘଟଣାର ନଜିର ରହିଛି ।



ଏସବୁ ଦିଗକୁ ଆଖି ଆଗରେ ରଖି ଆଜି ଅପରାହ୍ନରେ ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ, ଏମଭିଆଇ ପ୍ରଦୀପ୍ତ ବେହେରା, ରଜତ ଶତପଥୀ, ରାଜେଶ ମଙ୍ଗରାଜ, ବିଜନ ସେଠୀ, କିଶୋର କୁମାର, ରାଜପଥ ପୋଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ପାଣିକୋଇଲି ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ଓ ପଥରପଦା ରାଜସ୍ୱ ନିରୀକ୍ଷକ ସରୋଜ ମଲିକ ପ୍ରମୁଖ ସଦଳବଳେ ପାଣିକୋଇଲିଠାରୁ ସାହାପୁର ପର୍ଯ୍ୟନ୍ତ ରାଜପଥ କଡ଼ରେ ସମସ୍ତ ସ୍ଥାନ ବୁଲି ଦେଖିବା ସହ ସେମାନଙ୍କୁ ତାଗିତ ଓ ସଚେତନ କରାଇଛନ୍ତି । ଏହାର ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି ।

## ଭାରୀଯାନ ଯୋଗୁଁ ବିଦ୍ୟାଳୟ ରାସ୍ତା ଅବରୋଧ



ବଡ଼ଚଣା, ୨୪।୬(ସମିସ): ବଡଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସରକାରୀ ଉଚ୍ଚବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ପ୍ରତ୍ୟେହ ଛୋଟ ବଡ଼ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି । ଧାନମଣ୍ଡଳ ରେଲୱେ ଷ୍ଟେସନରୁ ପ୍ରତିଦିନ ଶହଶହ ଟ୍ରକ୍, ଟ୍ରାକ୍ଟର ସିମେଣ୍ଟ, ସାର, ଲୁଣ, ଗହମ ବୋଝେଇ କରି ଧାନମଣ୍ଡଳ ଗୋଦାମକୁ ଆସିଥା'ନ୍ତି । ଗୋଦାମ ଗୃହରେ ମାଲ୍ ଖଲାସ କରିବାକୁ ବିଳମ୍ବ ହେଉଥିବାରୁ ଶହ ଶହ ଗାଡ଼ି ରାସ୍ତା ଉପରେ ଠିଆ ହୋଇ ରହୁଛି । ଫଳରେ ବଡ଼ଚଣା କଲେଜ, ଶିଶୁ ମନ୍ଦିର, ଧାନମଣ୍ଡଳ ଉଚ୍ଚ ବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବେଳେବେଳେ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଛାତ୍ରଛାତ୍ରୀ ଆହତ ହେଉଛନ୍ତି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ । ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

### ରେଙ୍ଗାଲି ଛାଡୁନି ପାଣି

## ଆଷାଢ଼ ମାସରେ ବ୍ରାହ୍ମଣୀ ଶୁଖିଲା



କବାଟବନ୍ଧ, ୨୪।୬ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା-କବାଟବନ୍ଧ-କଳାଣ୍ଡ ନଦୀବନ୍ଧ ରାସ୍ତାର ନଦୀକୂଳିଆ ଗାଁ ଓ ଚାଷୀଙ୍କ ଚିନ୍ତା ବଢ଼ାଇଛି ଜଳସେଚନ । ରେଙ୍ଗାଲି ପାଣି ଛାଡୁନି । ଫଳରେ ଆଷାଢ଼ ମାସରେ ବ୍ରାହ୍ମଣୀ ନଦୀ ଶୁଖିଲା ପଡ଼ିଛି । ଫଳରେ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ହେଉଛନ୍ତି । ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି ।

ପ୍ରତିକୂଳ ପରିବେଶ ପ୍ରଭାବରେ ସମସ୍ତେ କବଳିତ । ବର୍ଷାର ଅନିୟମିତତା କାରଣରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ । ବିଶେଷ ଭାବେ ପ୍ରଭାବିତ ହେଉଛି ଚାଷୀକୁଳ । ଖରାଦିନେ ବିଭିନ୍ନ ସ୍ଥାନରେ ଜଳସଙ୍କଟ ଦେଖାଦେଉଛି । ବିଭିନ୍ନ କାରଣରୁ ଜଳସ୍ତର ହ୍ରାସ ପାଉଛି । ବ୍ରାହ୍ମଣୀ ନଦୀକୂଳରେ କଳାଣ୍ଡ, ରେଖିଦେଇପୁର, ରାଇଛନ୍ଦା, ଜେନାପୁର, ବ୍ରହ୍ମପୁର, କୁସ୍ତିରା ଆଦି ଅଞ୍ଚଳର ଶହ ଶହ ଚାଷୀଙ୍କ ହଜାର ହଜାର ହେକ୍ଟର ଚାଷଜମି ଉଜୁଡ଼ି ଯିବାକୁ ବସିଲାଣି । ଖରାଦିନେ ଏ ଅଞ୍ଚଳରେ ଜଳସଙ୍କଟ ରହିଛି । ପାହାଡ଼, ଖାଦାନ ଓ କ୍ରସର ପାଇଁ ଏହାର ଜଳସ୍ତର କମୁଛି । କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଜେନାପୁର-ଜଗତପୁର ହାଇଲେବୁଲ କେନାଲର ପୁନରୁଦ୍ଧାର ହୋଇଛି । କିନ୍ତୁ କେନାଲରେ ପାଣି ରହୁନାହିଁ । ଅନ୍ୟପକ୍ଷରେ କଳକରଖାନା ଶୋଷୁଛି ବ୍ରାହ୍ମଣୀ ନଦୀ ପାଣି । କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ୧୫ରୁ ଅଧିକ କାରଖାନା ବ୍ରାହ୍ମଣୀ ବ୍ରିଜ, ଜୋକଡ଼ିଆ ଆଦି ସ୍ଥାନରେ ପମ୍ପ ହାଉସ ନିର୍ମାଣ କରି ନଦୀ ଜଳ ଶୋଷି ନେଉଥିବା ଏହାର ଆଉଏକ ପ୍ରମୁଖ କାରଣ । ନଦୀ ଉପରେ ଭରସା କରୁଥିବା କୃଷକ ଓ ମତ୍ସ୍ୟଜୀବୀଙ୍କ ପରିବାର ଏବେ ଅନ୍ଧାର ଭିତରେ । ବ୍ରାହ୍ମଣୀ ନଦୀକୁ ବର୍ଷ ସାରା ଜଳପୂର୍ଣ୍ଣ ତଥା ଚିରସ୍ରୋତା କରିବା ପାଇଁ ରେଙ୍ଗାଲିଠାରେ ଡ୍ୟାମ ପ୍ରତିଷ୍ଠା କରାଯାଇଛି । କିନ୍ତୁ ତାହା ପ୍ରକୃତରେ କୌଣସି କାମରେ ଆସୁନାହିଁ । କେବଳ ବର୍ଷାଦିନେ ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତାରୁ ଅଧିକ ଜଳ ରହିଲେ ସେହି ସମୟରେ ଡ୍ୟାମ ଖୋଲା ଯାଉଛି । ଯାହାକି ବର୍ଷା ଦିନ ପାଇଁ ଅନାବଶ୍ୟକ । ତେଣୁ ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନଦୀକୂଳିଆ ଅଞ୍ଚଳବାସୀ ଦାବି କରିଛନ୍ତି ।

### ବାଲିକୁଦିଆ ମେଗା ପାନୀୟଜଳ ପ୍ରକଳ୍ପ

# ସରୁନି କାମ; ବିଶୁଦ୍ଧ ପାଣି ଅପେକ୍ଷାରେ ଧର୍ମଶାଳାବାସୀ

କବାଟବନ୍ଧ, ୨୪।୬ (ସମିସ): ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟଜଳ ଅପେକ୍ଷାରେ ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତର ହଜାର ହଜାର ପରିବାର । ୪ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲେ ହେଁ ସମ୍ପୂର୍ଣ୍ଣ ହୋଇପାରିନି ପାନୀୟଜଳ ପ୍ରକଳ୍ପ । କଚ୍ଛପ ଗତିରେ ଚାଲିଛି ପ୍ରକଳ୍ପ କାମ । ହାତ ଗଣତି କେତେ ଜଣ ଶ୍ରମିକ ଓ ମେସିନ ସାହାଯ୍ୟରେ ଚାଲିଛି ପାନୀୟଜଳ ପ୍ରକଳ୍ପ । ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବାଲିକୁଦିଆଠାରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ କ୍ଷେତ୍ରରେ ଦେଖିବାକୁ ମିଳିଛି ।

ସୂଚନା ମୁତାବକ, ୨୦୨୦ରେ ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବାଲିକୁଦିଆରେ ମେଗା ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା । ଏଥିପାଇଁ ମେଗା ଇଞ୍ଜିନିୟରିଂ ଏଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ ନାମକ ଏକ ଘରୋଇ ଠିକା ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା । ବ୍ରାହ୍ମଣୀ ନଦୀର ଜଳ ବିଶୋଧନ କରାଯାଇ ପାଇପ ଯୋଗେ ସମସ୍ତ ଗ୍ରାମକୁ ଜଳ ଯୋଗାଣ କରାଯିବ ବୋଲି ଗାଁ ଗାଁରେ ପାଇପ ବିଛାଇ ଦିଆଗଲା । ପ୍ରକଳ୍ପ ଆରମ୍ଭର ୨ ବର୍ଷ ମଧ୍ୟରେ ଠିକା ସଂସ୍ଥା ପକ୍ଷରୁ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରିବା ପାଇଁ ଚୁକ୍ତି କରାଯାଇଥିଲା । କିନ୍ତୁ ଠିକା ସଂସ୍ଥାକୁ କିଛି ଅସାଧୁ





ଅଧିକାରୀଙ୍କ ଅନୁକମ୍ପା ପାଇଁ ତାହା ଆଜି ଅନିଶ୍ଚିତତା ଭିତରକୁ ଚାଲି ଯାଇଛି । ପ୍ରକଳ୍ପ ହେଉଥିବା ସ୍ଥାନଠାରୁ ଅଳ୍ପ ଦୂରରେ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ପାନୀୟ ଜଳ ସଙ୍କଟ ଦ୍ୱାରା ବିଭିନ୍ନ ଗ୍ରାମବାସୀ ପ୍ରଭାବିତ ହେଉଥିଲେ । ଦୁଇ ବର୍ଷରେ ପ୍ରକଳ୍ପ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପରିବର୍ତ୍ତେ ବିଭିନ୍ନ ଆଳଦେଖାଇ ଆଉଏକ ବର୍ଷ ସମୟ ନେଇଥିବା ଜଣାଯାଇଛି । ଏହା ପରେ ମେଗା ଇଞ୍ଜିନିୟରିଂ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରକଳ୍ପକୁ ଅଧାପନ୍ତରିଆ ଅବସ୍ଥାରେ ପକାଇ ରଖିଛି । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସ୍ୱପ୍ନ ଭଳି ଲାଗୁଛି ।

ଅପରପକ୍ଷେ ବିଭିନ୍ନ ଗାଁକୁ ଜଳ ଯୋଗାଣ ନିମନ୍ତେ ବିଛାଯାଇଥିବା ପାଇପ ମଧ୍ୟରୁ ଜାତୀୟ ରାଜପଥ କଡ଼ରେ ଥିବା ପାଇପ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବା ସହିତ ନଷ୍ଟ ହୋଇଯାଇଥିବା ଜାଣିବାକୁ ମିଳିଛି । ଲୁହାପଥର ପରିବହନ ପାଇଁ ବିଛାଯାଉଥିବା ପାଇପ ପାଇଁ କାମ ଚାଲୁଥିବାବେଳେ ଜଳ ଯୋଗାଣ ପାଇପ ପ୍ରତି ଯତ୍ନବାନ ନ ହେବାରୁ ଏହା ନଷ୍ଟ ହୋଇଥିବା ଜଣାପଡ଼ିଛି । ବିଭାଗ ପକ୍ଷରୁ ଏଥିପ୍ରତି କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ । ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ଏହା ଆହୁରି ବିଳମ୍ବ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହାର ପମ୍ପ ହାଉସ୍‌ରେ ନିର୍ମାଣଜନିତ ତ୍ରୁଟି ଥିବା ଶୁଣିବାକୁ ମିଳୁଛି । ଏ ସମ୍ବନ୍ଧରେ ସତ୍ୟାସତ୍ୟ ଜାଣିବା ପାଇଁ ବିଭାଗୀୟ ଅଧିକାରୀ ପ୍ରତ୍ୟୁଷ ରଞ୍ଜନ ପଣ୍ଡାଙ୍କୁ କିଛି ଦିନ ହେବ ନିୟମିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଏହାକୁ ଅଣଦେଖା କରୁଥିବା ମନେ ହେଉଛି । ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଶ୍ରୀବିରଜା ସେବା ସମିତିର ସ୍ୱତନ୍ତ୍ର ବୈଠକ

ଯାଜପୁର ଟାଉନ, ୨୪।୬ (ସମିସ): ଶ୍ରୀବିରଜା ସେବା ସମିତିର କାର୍ଯ୍ୟକାରିଣୀ ସଭ୍ୟଙ୍କ ଏକ ଜରୁରି ବୈଠକ ମା'ବିରଜାଙ୍କ ମନ୍ଦିର ପରିସରରେ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ମା'ଙ୍କ ସ୍ତୋତ୍ରପାଠ କରିବା ପରେ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ । ଉପ-ସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, କୋଷାଧ୍ୟକ୍ଷ ହରିହର ବେହେରା ଓ ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ ମିଳିତ ଭାବେ ଗତ ଆର୍ଥିକ ବର୍ଷର ଜମାଖର୍ଚ୍ଚ ଓ ବ୍ୟାଙ୍କରେ ଗଚ୍ଛିତ ଥିବା ସ୍ଥାୟୀ ଜମା ଉପରେ ଆଲୋଚନା କରିଥିଲେ । ଏହା ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା । ବାର୍ଷିକ ଅଧିବେଶନ ଚଳିତ ମାସ ୩୦ ତାରିଖ ଦିବା ୧୦ ଘଟିକା ସମୟରେ ମନ୍ଦିର ପରିସରରେ ଅନୁଷ୍ଠିତ ହେବ ଓ ଉପସ୍ଥିତ ସଭ୍ୟମାନେ ଅଭ୍ୟର୍ଥନା ଦେୟ ଦେବେ । ସଭ୍ୟ ବ୍ରଜକିଶୋର ମହାନ୍ତି, ଭରତ କୁମାର ସାହୁ, ଗଦାଧର ରାଉତ, ବସନ୍ତ କୁମାର ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ବୃନ୍ଦାବନ ମିଶ୍ର, ଦେବୀପ୍ରସାଦ ପାଣି, ବୀରେନ୍ଦ୍ର କୁମାର ମହାନ୍ତି, ସୁବାସ ଚନ୍ଦ୍ର ପାଣି, ବିରଜାପ୍ରସାଦ ପାଣି ପ୍ରମୁଖ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମିତିର ସମସ୍ତ ସଭ୍ୟ ଆସନ୍ତା ୩୦ ତାରିଖରେ ହେବାକୁ ଥିବା ବାର୍ଷିକ ଅଧିବେଶନରେ ଉପସ୍ଥିତ ହେବାକୁ ଅନୁରୋଧ କରାଯାଇଥିଲା । ଶେଷରେ ରବି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ପୁଣି ଚର୍ଚ୍ଚାରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର; ଶବଗୃହରୁ ଶବ ଗାଏବ

# ସିକ୍ୟୁରିଟି ଗାର୍ଡ ଓ ମେଡିକାଲ ଅଫିସରଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ

**ବ୍ୟାସନଗର, ୨୪।୬(ସମିସ)**

ଯେତେ ଲୁଚାଇଲେ ବି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଘଟୁଥିବା ଘଟଣା ଲୁଚିବାର ନାଁ ନେଉନି। ବରଂ ଏହା ଅଧିକରୁ ଅଧିକ ଲୋକଲୋଚନକୁ ଆସିବାରେ ଲାଗିଛି। ନିକଟରେ ଦାନ୍ତ ଡାକ୍ତର ଓ ଫାର୍ମାସିଷ୍ଟ ବିବାଦ ଯୋଗୁଁ ଅପବାଦ ମୁଣ୍ଡରୁ ନ ଲିଭୁଣୁ ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବ ଗୃହରୁ ଜଣେ ମୃତ ବ୍ୟକ୍ତିଙ୍କ ଶବ ଗାଏବ ହୋଇଯିବା ଘଟଣା ବ୍ୟାସନଗର ସମେତ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ମେଡିକାଲ ପରିସରରେ ସୁରକ୍ଷା କର୍ମୀ ଓ ଯାଜପୁରରୋଡ୍ ପୁଲିସ ପକ୍ଷରୁ ଏକ ପୁଲିସ ଆଉଟପୋଷ୍ଟ ଥାଇ ମଧ୍ୟ କିପରି ମେଡିକାଲ ଶବ ଗୃହରୁ ଶବ ଗାଏବ ହେଲା ଓ କିଏ ଏପରି କାର୍ଯ୍ୟ କରିବାକୁ କାହାଠୁ ସାହସ ପାଇଲା, ତାକୁ ନେଇ ବଡ଼ ପ୍ରଶ୍ନ ଛିଡ଼ା ହୋଇଛି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ସୂଚନା ମୁତାବକ, କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ କଡମା ଗ୍ରାମର ବିଷ୍ଣୁ ଚରଣ ପେରେଇଙ୍କ ପୁତ୍ର ଦିଲ୍ଲୀପ (୪୦) ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୋର ପ୍ରାୟ ୫ଟା ସମୟରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ମନୀଷ ସେନାପତି ତାଙ୍କୁ ମୃତ ଘୋଷଣା କରିବା ସହିତ ଏ ନେଇ ଯାଜପୁରରୋଡ ଥାନାରେ ଏକ ରିପୋର୍ଟ ଦେବା ସହିତ ମୃତଦେହକୁ ମେଡିକାଲ ପରିସରରେ ରହିଥିବା ଶବଗୃହରେ ରଖାଯାଇଥିଲା। ଥାନାକୁ ଖବର ଦେବା ପରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି କହିଥିଲେ। ଶବ ବ୍ୟବଚ୍ଛେଦ କଥା ଶୁଣିବା ପରେ ମୃତକଙ୍କ ସହିତ ଆସିଥିବା ବ୍ୟକ୍ତି ଶବଗୃହରୁ ଶବକୁ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଶବ ଗୃହରେ ଶବ ରହିବା ପରେ ତାଲା ପକାଇବାକୁ ନିୟମ ରହିଛି। ସୋମବାର ଦିଲ୍ଲୀପଙ୍କ ଶବ ରହିବା ପରେ ଶବଗୃହ ତାଲା ପଡ଼ିଥିଲା କି ନାହିଁ? ଯଦି ପଡ଼ିଥିଲା ଶବ ସେଠାରୁ ଗାଏବ କିଏ କଲା? ଯଦି ତାଲା ପଡ଼ି ନ ଥିଲା ତାହା ହେଲେ ଶବ ଗାଏବ ପାଇଁ ଏପରି କରାଯାଇଥିଲା କି? ଏଭଳି କିଛି ଚର୍ଚ୍ଚା ଦିନ ତମାମ ଲାଗି ରହିଥିଲା।

ଶବ ଗୃହର ଚାବି ମେଡିକାଲର ସିକ୍ୟୁରିଟି ହେଡ୍ ଓ ସୁଇପର ସୁପରଭାଇଜରଙ୍କ ପାଖରେ ରହୁଥିବାର ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ କିଏ ଚାବି ପକାଇଥିଲା ଓ କିଏ ଚାବି ଖୋଲିଲା, ତାହା ତଦନ୍ତ ସାପେକ୍ଷ। ଡାକ୍ତରଙ୍କ ନିକଟରୁ ଖବର ପାଇ କିଛି ସମୟ ପରେ ଯାଜପୁରରୋଡ୍ ଥାନା କର୍ମଚାରୀ ଅଭିଯୋଗ ଆଧାରରେ ଆସି ଦେଖନ୍ତି ତ ଶବଗୃହରେ ଶବ ନାହିଁ। ସେ ତୁରନ୍ତ ଖୋଳତାଡ କରିବା ପରେ ମୃତକଙ୍କ ଶବ କାଳେ ତାଙ୍କ ଘରେ ପହଞ୍ଚି ସାରିଥିଲା। ଯାଜପୁରରୋଡ୍ ପୁଲିସର ଏ




ନେଇ ତନାଘନା ଦେଖି ଶବକୁ ତୁରନ୍ତ ଯାଜପୁରରୋଡ ମେଡିକାଲକୁ ଫେରାଇ ଅଣାଯିବା ସମୟରେ କୋରେଇ ଥାନାଧିକାରିଣୀଙ୍କ ନିର୍ଦ୍ଦେଶରେ ଏହାକୁ କୋରେଇ ପୁଲିସ ଥାନାକୁ ନିଆଯିବା ପରେ ପୁଲିସ କର୍ମଚାରୀଙ୍କ ଉପସ୍ଥିତରେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରିଣୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି। ଏହା ହୃଦଘାତଜନିତ ମୃତ୍ୟୁ ଓ ଏ ନେଇ କୋରେଇ ଥାନାରେ ୧୨।୨୪ରେ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ କରାଯାଇଥିବା ଥାନାଧିକାରିଣୀ କହିଛନ୍ତି। ଏଠାରେ ବଡ଼ ପ୍ରଶ୍ନ କାର୍ଯ୍ୟରତ ଡାକ୍ତର ମୃତ୍ୟୁଜନିତ କାରଣ କହି ନ ଥିବାବେଳେ ଥାନାଧିକାରିଣୀ ଯେ ଏହା ଏକ ହୃଦଘାତଜନିତ ମୃତ୍ୟୁ ବୋଲି କିଭଳି ଜାଣିପାରିଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଯାଜପୁରରୋଡ ଥାନା ପୁଲିସ ଏହି ଘଟଣାର ତଦନ୍ତ କରିବାକୁ ଆସିବା ପୂର୍ବରୁ ଶବ ଗାଏବ ହେବା, ଉକ୍ତ ଶବକୁ ଜବତ କରି କୋରେଇ ପୁଲିସ ନିଜ ଆଡୁ ତଦନ୍ତ କରିବାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ଏଭଳି ତରବରିଆ ପଛରେ କିଛି ରହସ୍ୟ ନାହିଁ ତ? ଯଦି ଏହା ସ୍ୱାଭାବିକ ମୃତ୍ୟୁ, ତାହାହେଲେ ପରିବାର ଲୋକେ ସ୍ଥାନୀୟ ପୁଲିସ ସହାୟତାରେ ଶବ ବ୍ୟବଚ୍ଛେଦ କରିବାକୁ ଦେଇପାରିଥାନ୍ତେ। ଶବ ଏଠାରୁ କାହିଁକି ଓ କିପରି ନିଆଗଲା ତାହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଡାକ୍ତରଖାନାରେ ନିୟୋଜିତ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡଙ୍କ ଦାୟିତ୍ୱହିନତା ନା ଏଭଳି ଶବ ଗାଏବ ପଛରେ ସେମାନଙ୍କ ଷଡ଼ଯନ୍ତ୍ର ରହିଛି, ତା'ର ତଦନ୍ତ ନିହାତି ହେବା ଆବଶ୍ୟକ।

ଡାକ୍ତରଖାନାରେ ଏଭଳି ସ୍ପର୍ଶକାତର ଘଟଣା ହୋଇଥିଲେ ମଧ୍ୟ ଏ ସମ୍ପର୍କରେ ମେଡିକାଲ ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟିଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନ ଥିବା କହିଥିଲେ। ମେଡିକାଲ ଅଧିକାରୀଙ୍କ ଏଭଳି ହାଲୁକା ମନ୍ତବ୍ୟ ଡାକ୍ତରଖାନାରେ ଚାଲିଥିବା ହୁଗୁଳା ପ୍ରଶାସନିକ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଆଜି ହୋଇଥିବା ଏଭଳି ଶବ ଗାଏବ ଘଟଣା ପ୍ରଥମ ନାଁ ପୂର୍ବରୁ ଏଭଳି ନିୟମିତ ହେଉଛି, ତା'ର ତଦନ୍ତ ହେବା ଆବଶ୍ୟକ। ଯଦି ଏହା ହତ୍ୟାକାଣ୍ଡ ଘଟଣା ହୋଇଥା'ନ୍ତା ଓ ଏଠାରୁ ଶବ ଗାଏବ ପରେ ଶବକୁ ପୋଡ଼ି ଦିଆଯାଇଥା'ନ୍ତା, ତେବେ ପୁଲିସ ପାଖରେ ତଦନ୍ତ କରିବାକୁ କ'ଣ ପ୍ରମାଣ ଥା'ନ୍ତା ବୋଲି ପ୍ରଶ୍ନ ଉଠୁଛି। ମେଡିକାଲର ସୁରକ୍ଷା ନିମନ୍ତେ ମାଳ ମାଳ ସୁରକ୍ଷାକର୍ମୀ ନିଯୁକ୍ତ ହୋଇଛନ୍ତି। ମାସକୁ ମେଡିକାଲ କୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏତେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କିପରି ଜଣେ ଅପରାଧୀ ମେଡିକାଲ ଶବଗୃହରୁ ବିନା ମେଡିକାଲ କର୍ତ୍ତୃପକ୍ଷ ଓ ପୁଲିସ ପରାମର୍ଶରେ ମୃତବ୍ୟକ୍ତିର ଶବ ନେବାକୁ ସାହାସ କରିପାରିଲା। କେଉଁଠି ନାଁ କେଉଁଠି ମେଡିକାଲ ଅଧିକାରୀ ଓ ସୁରକ୍ଷା କର୍ମୀ ଏପରି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା କଥା ସାଧାରଣରେ ଆଲୋଚନା ହେଉଛି।

ଡାକ୍ତରଖାନା ପରିସରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କଲେ କିଭଳି ଏଠାରୁ ଶବ ଗଲା ଓ କେଉଁମାନେ ଏହି ଶବ ଗାଏବରେ ସାମିଲ ଅଛନ୍ତି ତାହା ଜଣାପଡ଼ନ୍ତା। ମୃତକ ଜଣଙ୍କ କୋରେଇ ଥାନା ଅଞ୍ଚଳର ହୋଇଥିବାବେଳେ ତାଙ୍କର ମୃତ୍ୟୁ ଯେହେତୁ ଯାଜପୁରରୋଡ ଥାନା ଅଧୀନରେ ଥିବା ମେଡିକାଲରେ ହୋଇଛି, ତେଣୁ ଯାଜପୁରରୋଡ୍ ପୁଲିସ ଶବ ଜବତ କରି କୋରେଇ ପୁଲିସକୁ ଏନେଇ ଅବଗତ କରି ଶବ ହସ୍ତାନ୍ତର କରିବା ନେଇ ନିୟମ ରହିଛି। ତେବେ ସୋମବାର ଘଟଣା ଓଡ଼ିଶା ଇତିହାସରେ ବିରଳ ହୋଇଛି। ଏହି ଘଟଣାରେ ଯାଜପୁର ରୋଡ ମେଡିକାଲରେ ରହିଥିବା ସିକ୍ୟୁରିଟି ହେଡ୍ ଓ ମେଡିକାଲ ଅଧିକାରୀଙ୍କ କାର୍ଯ୍ୟକଳାପ ପ୍ରତି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୃତକଙ୍କ ପିତା ଜଣେ ଚଉକିଆ ହୋଇଥିବାରୁ ପୁଲିସ ଏଠାରେ ନିଜ ବିଭାଗୀୟ କର୍ମଚାରୀଙ୍କ ପାଇଁ ସବୁ ନିୟମକୁ ଜଳାଞ୍ଜଳି ଦେଇଛନ୍ତି। ସାଧାରଣ ବ୍ୟକ୍ତି ପାଇଁ ଏଭଳି ସ୍ଥିତରେ କଠୋର ମନୋଭାବ ପୋଷଣ କରୁଥିବା ପୁଲିସ ନିଜ ବିଭାଗୀୟ କର୍ମଚାରୀଙ୍କ ପାଇଁ କୋହଳ ମନୋଭାବ କାହିଁକି ପୋଷଣ କଲା, ତାକୁ ନେଇ ଆଲୋଚନା ଜୋର ଧରିଛି। ମେଡିକାଲ ପରିସରରେ ଏଭଳି ସ୍ପର୍ଶକାତର ଘଟଣା ଦିନକୁ ଦିନ ବଢ଼ି ଚାଲିବା ସହିତ ମେଡିକାଲର ଗାରିମା ନଷ୍ଟ ହେବାରେ ଲାଗିଛି। ଏଭଳି ସ୍ଥିତିରେ ମେଡିକାଲର ଭଲମନ୍ଦ ଦାୟିତ୍ୱ ବୁଝିବାକୁ ରହିଥିବା ରୋଗୀ କଲ୍ୟାଣ ସମିତି ସଦସ୍ୟଙ୍କୁ ଏନେଇ ପଚାରିବାରୁ ସେମାନଙ୍କୁ ୨-୩ ବର୍ଷ ହେବ କେହି ପଚାରୁ ନ ଥିବା, ସେମାନେ ନାମକୁ ମାତ୍ର ସଦସ୍ୟ ଥିବା କହିବା ସହିତ ଅନ୍ୟ କିଛି ସଦସ୍ୟ ଏନେଇ କୌଣସି ମତ ଦେବାକୁ ଉଚିତ ମଣି ନ ଥିଲେ।

## ଯଯାତି କେଶରୀ ମେଡିକାଲ କଲେଜର ଭିତ୍ତିଭୂମି ଅନୁଧ୍ୟାନ



**ଯାଜପୁର, ୨୪।୬(ସମିସ):** ଯାଜପୁରର ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମି ଅନୁଧ୍ୟାନ କରିବା ପାଇଁ ନ୍ୟାସନାଲ ମେଡିକାଲ କାଉନସିଲର ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ଫେରିଯାଇଛନ୍ତି। ନୂଆଦିଲ୍ଲୀରୁ ଆସିଥିବା ଏହି ୩ଜଣିଆ ଟିମ ମେଡିକାଲ କଲେଜ ଓ ଜିଲ୍ଲା ମେଡିକାଲର ଭିତ୍ତିଭୂମି ସମ୍ପର୍କରେ ଅନୁଧ୍ୟାନ ଓ ଯାଞ୍ଚ କରିଥିଲେ। ଚଳିତ ଶିକ୍ଷାବର୍ଷରୁ ଯଯାତି କେଶରୀ ମେଡିକାଲ କଲେଜରେ ନାମ ଲେଖା ଆରମ୍ଭ ହେବ ଓ ଏହା ପୂର୍ବରୁ ମେଡିକାଲ କଲେଜ ପାଇଁ ଆବଶ୍ୟକ ଭିତ୍ତିଭୂମି ଠିକ୍ ଅଛି କି ନାହିଁ, ସେ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା। ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ପଦବୀଠାରୁ ଆରମ୍ଭ କରି ବେଡ୍ ସଂଖ୍ୟା ସମସ୍ତ ପ୍ରକାର ଭିତ୍ତିଭୂମିର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ମେଡିକାଲ କଲେଜ ଅଧକ୍ଷ ଓ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳ ବୁଲାଇ ଦେଖାଇଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ଯଖପୁରା, ୨୪।୬(ସମିସ):** ଦାନଗଦି ବ୍ଲକ ଟମକା ଥାନା ଅନ୍ତର୍ଗତ ପାଟବାଲି ଗ୍ରାମର ଯୁବ ସାମ୍ବାଦିକ ଅଜୟ ଦେହୁରୀଙ୍କ ପିତା ମଙ୍ଗୁଳି (୫୮)ଙ୍କର ପରଲୋକ ହୋଇଯାଇଛି। ତାଙ୍କର କିଛି ଦିନ ପୂର୍ବେ ବ୍ରେନ ଷ୍ଟ୍ରୋକ ହୋଇଥିଲା। ସେ କଟକସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ରାତିରେ ନିଜ ଗାଁ ପାଟବାଲିକୁ ଆସିଥିଲେ। ଆଜି ସକାଳ ୯ଟା ସମୟରେ ହଠାତ୍ ଘରେ ଥିବା ସମୟରେ ଅସୁସ୍ଥ ଅନୁଭବ କଲେ ଓ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସେ ଜଣେ ମେଳାପୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁର ଖବର ପରେ ଟମକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ, ତିନିପୁଅ, ବନ୍ଧୁ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶୋକାକୁଳ



ପରିବେଶରେ ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ। ମଝିଆଁ ପୁଅ ଅଜୟ କଳିଙ୍ଗନଗର ପ୍ରେସ ଫୋରମର ଜଣେ ସଦସ୍ୟ ଥିବାବେଳେ ତାଙ୍କ ପିତାଙ୍କ ପରଲୋକରେ କଳିଙ୍ଗନଗର ପ୍ରେସ ଫୋରମ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଗଭୀର ଶୋକ ପ୍ରକାଶ କରାଯାଇ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦିଆଯାଇଛି।

# ଦାନଗଦି ବ୍ଲକ୍‌ରେ ସମବାୟ ମନ୍ତ୍ରୀଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଦାନଗଦି, ୨୪।୬(ସମିସ):** ରାଜ୍ୟ ସରକାରଙ୍କ ସମବାୟ, ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ଡକ୍ଟର ପ୍ରଦୀପ କୁମାର ବଳସାମନ୍ତ ଆଜି ଦାନଗଦି ବ୍ଲକରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମନ୍ତ୍ରୀଙ୍କ ପ୍ରଥମ ଦାନଗଦି ବ୍ଲକ ଗସ୍ତ ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ସଭାପତିତ୍ୱ କରିଥିବାବେଳେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ, ଦାନଗଦି ପଞ୍ଚାୟତ ସମିତି ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲ୍ଲା ପରିଷଦ ସଭ୍ୟା ଟିନା ହାଇବ୍ରୁ, ସ୍ମୃତିରାଣୀ ରାଉତ, ତହସିଲଦାର ଅଶୋକ କୁମାର ତ୍ରିପାଠୀ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




ମନ୍ତ୍ରୀ ଶ୍ରୀ ବଳସାମନ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ପରିଚିତ ହେବା ସହ ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସେବା, କୃଷକ କଲ୍ୟାଣ, ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ନିରାପତ୍ତା ଯୋଜନା, ମହିଳା ଓ ଶିଶୁ ବିକାଶ ଯୋଜନା ସହିତ ଗ୍ରାମାଞ୍ଚଳ ବିକାଶ ପାଇଁ ହେଉଥିବା ବିଭିନ୍ନ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ସମୀକ୍ଷା କରିଥିଲେ। ଏ ଅବସରରେ ଉନ୍ନୟନମୂଳକ କାର୍ଯ୍ୟରେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ସାମିଲ କରାଯାଉ ନ ଥିବା ସରପଞ୍ଚ ଓ ସମିତି ସଭ୍ୟ ଅଭିଯୋଗ କରିଥିଲେ। ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟରେ ସରପଞ୍ଚଙ୍କୁ ସାମିଲ କରିବା ପାଇଁ ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ଓ ପଙ୍କପାଳ ସରପଞ୍ଚ ସ୍ମୃତିରଞ୍ଜନ ଜେନା ପ୍ରମୁଖ ଦାବି କରିଥିଲେ। ସରକାରଙ୍କ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ବଳସାମନ୍ତ ପରାମର୍ଶ ଦେଇଥିଲେ।

ଉକ୍ତ ବୈଠକରେ ଗ୍ରାମ୍ୟ ଜଳଯୋଗାଣ, ବିଦ୍ୟୁତ୍ ସେବା ଓ ବନ ବିଭାଗର ପାର୍କ ନିର୍ମାଣ କାର୍ଯ୍ୟଧାରା ଉପରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ୬ ମାସ ମଧ୍ୟରେ ବ୍ଲକର ସମସ୍ତ ଜନସାଧାରଣଙ୍କ ଘରକୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏ ଅବସରରେ ବ୍ଲକରେ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଦାନଗଦି ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀ ବହୁ ଅସୁବିଧାରେ ପଡ଼ିଥିବା ଅଭିଯୋଗ କରାଯାଇଥିଲା। ବିଦ୍ୟୁତ୍ ସେବା ଠିକ୍ ଭାବେ ଲୋକେ ପାଇପାରୁ ନ ଥିବା ନିର୍ବାଚିତ ପ୍ରତିନିଧି ଅଭିଯୋଗ କରିଥିଲେ। ତେବେ ତୁରନ୍ତ ଏସବୁ ସମସ୍ୟା ଉପରେ ଆଉ ଥରେ ବୈଠକ ଡକାଯିବ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ।

# ଧର୍ମଶାଳା ବ୍ଲକ୍‌ରେ ବିଧାୟକଙ୍କ ସମୀକ୍ଷା ବୈଠକ

**ଯାଜପୁର, ୨୪।୬ (ସମିସ):** ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ଆଜି ନବନିର୍ବାଚିତ ବିଧାୟକଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁ ବ୍ଲକରେ ପହଞ୍ଚିବା ପରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ସହିତ ବ୍ଲକର ସମସ୍ତ ଅଧିକାରୀ ତାଙ୍କୁ ପୁଷ୍ପଗଛ ଦେଇ ସ୍ୱାଗତ କରିଥିଲେ। ବିଧାୟକ ଶ୍ରୀ ସାହୁ ବ୍ଲକ ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ଥିବା ମିଶନ ଶକ୍ତି ସଭା ଗୃହରେ ମିଶନ ଶକ୍ତିରେ କାର୍ଯ୍ୟରତ ଏମବିକେ, ସିଆର୍‌ପି, ବ୍ୟାଙ୍କମିତ୍ର, ଜୀବିକା ମିଶନ ଆଦି ବିଭାଗର କର୍ମୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ବିଧାୟକ ଶ୍ରୀ ସାହୁ ବିଗତ ସରକାର ସମୟରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପ୍ରଶ୍ନ କରିଥିଲେ। ବ୍ଲକ ଅଧିନରେ ଥିବା ଜାରକା ଷ୍ଟାଡିୟମ, ଧର୍ମଶାଳା କ୍ଲବ, ସିଭିକ ସେଣ୍ଟର, ଧର୍ମଶାଳା ଭବନ, ବିଜୁ ଗ୍ରାମୀଣ ବଜାର ଦୋକାନ ଗୃହ କେଉଁ ଆଧାରରେ ନିଲାମ ଦିଆଯାଇଛି, ତାହା ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ବିଭିନ୍ନ ରାସ୍ତା ଓ ଗୃହ ନିର୍ମାଣରେ ନିୟମ ଅନୁଯାୟୀ ଜମି ଅଧିଗ୍ରହଣ କରା ନ ଯାଇ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବିଧାୟକ ପ୍ରଶ୍ନ କରିଥିଲେ। ସ୍ୱତନ୍ତ୍ର ଭାବେ ସମସ୍ତ ବିଭାଗ କାର୍ଯ୍ୟର ସମୀକ୍ଷା କରାଯିବ, ଦୁର୍ନୀତିରେ ସମ୍ପୃକ୍ତ ଥିବା ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ଏହି ସମୀକ୍ଷା ବୈଠକରେ ବ୍ଲକର ସମସ୍ତ ଅଧିକାରୀଙ୍କ ସମେତ ବିଡିଓ ଶ୍ରୀ ବଳ, ଏବିଡିଓ ଅସିତ କୁମାର ପାତ୍ର, ବିଜେପି ନେତା ସର୍ବେଶ୍ୱର ବେହୁରା, ଶ୍ରୀକାନ୍ତ ସାହୁ,



## ଡାକ୍ତରଖାନାରେ ରୋଗୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ

**ଯାଜପୁର, ୨୪।୬(ସମିସ):** ଗତକାଲି ଯାଜପୁର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ହେବାକୁ ଆସି ଡାକ୍ତରଙ୍କୁ ଦେଖାଇ ନ ପାରି ରୋଗୀଙ୍କ ମୃତ୍ୟୁ ହେବା ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସୂଚନା ମୁତାବକ, ଦଶରଥପୁର ବ୍ଲକ ଚିତାଳୋ ପଞ୍ଚାୟତ ବରପଦା ଗ୍ରାମର ଶିବ ପ୍ରସାଦ ଖୁଣ୍ଟିଆ (୫୩) ହଠାତ୍ ଅସୁସ୍ଥ ହୋଇ ଚିକିତ୍ସିତ ହେବାକୁ ଡାକ୍ତରଖାନା ଆସିଥିବାବେଳେ ଡାକ୍ତରଙ୍କୁ ଅପେକ୍ଷା କରି କରି ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ସମ୍ପର୍କରେ ଆଜି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ରିପୋର୍ଟ ଆସିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା ସୂଚନା ଦେଇଛନ୍ତି।

# ଖରିଆ ସମବାୟରେ ଚାଷୀ ସମାବେଶ



**ବିଞ୍ଝାରପୁର, ୨୪।୬ (ସମିସ):** ବିଞ୍ଝାରପୁରର ଖରିଆ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ସୋମବାର ପୂର୍ବାହ୍ନରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସମବାୟ ସମିତିର ସମ୍ପାଦକ ସମୀର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଚାଷୀ ଏକତ୍ରିତ ହୋଇଥିଲେ। ଏହି ସମାବେଶରେ ମୁଖ୍ୟଅତିଥି ରୂପେ ସମବାୟ ଅଧିକାରୀ ନିରଞ୍ଜନ ମାଝି ଯୋଗଦେଇ ସମବାୟର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ ରାଉଳ, ରଞ୍ଜନ ଜେନା, ଆନନ୍ଦ ଦାସ, ସଞ୍ଜୟ ଦାସ, ଅକ୍ଷୟ ବିଶ୍ୱାଳ, ଶ୍ରୀଧର ଦାସ, ଦେବୀଦତ୍ତ ସେଠୀ, ଉମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିବାବେଳେ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

## ରାସ୍ତା କଡ଼ରେ ବେଆଇନ ପାର୍କିଂ

# ଅସୁରକ୍ଷିତ ବିଜୁ ପଟ୍ଟନାୟକ ମାର୍ଗ; ଘଟୁଛି ଦୁର୍ଘଟଣା

**ଯଖପୁରା, ୨୪।୬(ସମିସ)**

ସରକାର ଗଗନାଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ଗାଁଠୁ ସହର ସମସ୍ତ ରାସ୍ତାର ଉନ୍ନତିକରଣ କରାଯାଉଛି। କଳିଙ୍ଗନଗର ଏସିଆ ମହାଦେଶର ହବ କୁହାଯାଉଥିବାବେଳେ ଏଠାରେ ଯାତାୟାତ ନିମନ୍ତେ ସଡ଼କ ପରିବହନ ପାଇଁ ବ୍ୟବସ୍ଥା ହୋଇଛି। ତେବେ ଯେତେ ସଂଖ୍ୟକ ଭାରିଯାନ ଚଳପ୍ରଚଳ କରୁଛି, ସେ ଅନୁଯାୟୀ ପ୍ରଶସ୍ତ ରାସ୍ତା ନିର୍ମାଣ ହୋଇନି। ଯାହା ଦୁର୍ଘଟଣାର କାରଣ ହେଉଛି। ଅନ୍ୟପକ୍ଷରେ ରାସ୍ତା କଡ଼ରେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣାର ଅନ୍ୟଏକ କାରଣ ହୋଇଛି। ଏହା ଦେଖିବାକୁ ମିଳୁଛି ବିଜୁ ପଟ୍ଟନାୟକ ମାର୍ଗରେ। ଯାହାକି ଏ ଅଞ୍ଚଳର ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ପଙ୍କପାଳ ବଙ୍ଗଳାଠାରୁ ଦାନଗଦି ମିଲିଟାରି ଛକ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ମାର୍ଗ ନିର୍ମାଣ କରାଯାଇଛି। ଏହି ସଡ଼କ ଦେଇ କଳିଙ୍ଗନଗରର ସମସ୍ତ କାରଖାନାକୁ ଯିବାଆସିବା ପାଇଁ ମୁଖ୍ୟ ସଡ଼କ ପଥ। ଏହି ସଡ଼କରେ



ହଜାର ହଜାର ଭାରିଯାନ ଯାତାୟାତ କରୁଥିଲେ ମଧ୍ୟ ସମ୍ପ୍ରସାରଣ କରାଯାଉନାହିଁ। ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଅନ୍ୟ ରାଜ୍ୟରୁ ବହୁ ସଂଖ୍ୟକ ଭାରିଯାନ ଯିବା ଆସିବା କରୁଥିବାରୁ ଏଥିନିମନ୍ତେ ବିଜୁ ପଟ୍ଟନାୟକ ମାର୍ଗରେ ହୋଟେଲ ଓ ଢାବା ଗଢିଉଠିଛି। ରାସ୍ତାର ଦୁଇପାର୍ଶ୍ୱରେ ବହୁ ସଂଖ୍ୟାରେ ହୋଟେଲ ଓ ଢାବା କରି ମାଲିକମାନେ ଲାଭବାନ ହେଉଛନ୍ତି। କୌଣସି ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇନାହିଁ। ସେଥିପାଇଁ ରାସ୍ତା କଡ଼ରେ ଭାରିଯାନ ପାର୍କିଂ କରୁଛନ୍ତି। ଦିନର ଦୁଇଟି ସମୟରେ ଏହି ବେଆଇନ ପାର୍କିଂ ହେଉଛି। ଗୋଟିଏ ସମୟ ଦିନ ୧୨ରୁ ୩ଟା ଓ ଅନ୍ୟ ସମୟଟି ରାତି ୮ରୁ ୧୦ଟା। କାରଣ ଡ୍ରାଇଭରମାନେ ଏହି ସମୟରେ ରାସ୍ତା କଡ଼ରେ ଗାଡ଼ିରଖି ଖାଇବାକୁ ଯାଇଥା'ନ୍ତି। ବିଜୁ ପଟ୍ଟନାୟକ ମାର୍ଗ ଅବସ୍ଥା ଅତି ଖରାପ ଥିବାବେଳେ ବେଆଇନ ଭାବେ ରାସ୍ତା କଡ଼ରେ ଗାଡ଼ି ପାର୍କିଂ କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ଏବେ ସାଧାରଣ ଲୋକ ଏହି ରାସ୍ତା ଦେଇ ଯିବାଆସିବା କରିବାକୁ ଭୟ କରୁଛନ୍ତି। ପଙ୍କପାଳ ପଞ୍ଚାୟତର ମନୋହରପୁର ଛକରେ ଅଧିକ ସଂଖ୍ୟକ ଭାରିଯାନ ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି। ଯଦି ପ୍ରଶାସନ ଉଚିତ ପଦକ୍ଷେପ ନେଇ ବେଆଇନ ପାର୍କିଂ ହଟାଇବା ସହ ସମସ୍ତ ହୋଟେଲ ଓ ଢାବା ମାଲିକଙ୍କୁ ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତେ, ତେବେ ଦୁର୍ଘଟଣା ହ୍ରାସ ପାଆନ୍ତା। ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସମୟ ପୂର୍ବରୁ ଖଲାସ ଅପରାଧୀଙ୍କୁ ପୁନଃ କାରାବାସ ପାଇଁ ଅଦାଳତ ଆଦେଶ ଦେଇପାରିବେ ନାହିଁ

**କଟକ,୨୪।୬(ସମିସ):** ଦଣ୍ଡାଦେଶ ଅବଧି ଶେଷ ପୂର୍ବରୁ ଖଲାସ ହେଉଥିବା ଅପରାଧୀଙ୍କୁ ପୁନଃ କାରାବାସ ପାଇଁ ଅଦାଳତ ଆଦେଶ ପ୍ରଦାନ କରିପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଯଦି ସମୟ ପୂର୍ବରୁ ଅପରାଧୀଙ୍କ ମୁକ୍ତିକୁ ଚାଲେଞ୍ଜ କରାଯାଇନଥାଏ, ତାହେଲେ ଆବେଦନର ପୁନର୍ବିଚାର କରୁଥିବା ଅଦାଳତ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୁଣି କାରବାସ ପାଇଁ ଆଦେଶ ଦେଇପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବା ଲାଜାରା ଛତ୍ରିଆ ନାମକ ଜଣେ ହତ୍ୟା ଅପରାଧୀଙ୍କ ପକ୍ଷରୁ ରୁଜୁ ଅପିଲର ଶୁଣାଣି କରି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଓ ଜଷ୍ଟିସ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳଙ୍କ ଆଦେଶ ଦ୍ୱାରା ଆବେଦନକାରୀଙ୍କୁ କ୍ଷମା ମିଳିବା ସହ ସମୟ ପୂର୍ବରୁ ଖଲାସ ପାଇଁ ନିର୍ଦ୍ଦେଶ ଥିଲା। ଏହାକୁ ମଧ୍ୟ ଅଦାଳତରେ ଚାଲେଞ୍ଜ କରାଯାଇ ନଥିଲା। ଏଣୁ ଏହାକୁ ସମ୍ମାନ ଜଣାଇ ଖଣ୍ଡପୀଠ ତାଙ୍କର ୨୦୨୩ ନଭେମ୍ବର ୧୫ ଆଦେଶରେ ପରିବର୍ତ୍ତନ କରିଛନ୍ତି।



## କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଆଦେଶ ମଧ୍ୟରେ ଦ୍ୱନ୍ଦ ଦୂର ପାଇଁ ନିର୍ଦ୍ଦେଶାବଳୀ ଜାରି

ଅନ୍ୟପଟରେ ଏହିଭଳି ମାମଲାର ସ୍ଥିରତା ଓ ସ୍ୱଚ୍ଛତା ପାଇଁ ତଥା କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ଆଦେଶ ମଧ୍ୟରେ ଦ୍ୱନ୍ଦ ଏଡ଼ାଇବାକୁ ହାଇକୋର୍ଟ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁସାରେ, ନିମ୍ନ ଅଦାଳତ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଏଭଳି ସମୟପୂର୍ବ ଖଲାସ ଆଦେଶ ସମ୍ପର୍କରେ ଅପିଲ କୋର୍ଟଙ୍କୁ ଅବଗତ କରାଯିବା ସହ କେସ୍ ବିବରଣୀରେ ଉଲ୍ଲେଖ ରହିବ। ବିଚାର ବିଭାଗ ଆଦେଶ ପରବର୍ତ୍ତନ ନହେବା ପର୍ଯ୍ୟନ୍ତ ଅଦାଳତଙ୍କ ଦଣ୍ଡାଦେଶ ପ୍ରଭାବୀ ରହିବ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅପରାଧୀଙ୍କୁ ସମୟ ପୂର୍ବରୁ ଖଲାସ କ୍ଷେତ୍ରରେ ରହିଥିବା ସର୍ତ୍ତକୁ ଅଭିଯୁକ୍ତ ପୂରଣ କରିଛନ୍ତି କି ନାହିଁ; ତାହା ଅଦାଳତ ସୁନିଶ୍ଚିତ କରାଇବେ। ସମୟ ପୂର୍ବ ଖଲାସ ମାମଲାଗୁଡ଼ିକର ତ୍ୱରିତ ତାଲିକାଭୁକ୍ତ ପାଇଁ ଅଦାଳତ ରେଜିଷ୍ଟ୍ରି ପଦକ୍ଷେପ ନେବେ। ଏହିଭଳି ମାମଲା ମନିଟର ପାଇଁ ସ୍ୱତନ୍ତ୍ର ପ୍ରଣାଳୀ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବା ବେଳେ ୨୦୧୪ରୁ ସେ ଜାମିନରେ ଥିଲେ। ହାଇକୋର୍ଟ ତାଙ୍କ ଅପିଲର ଶୁଣାଣି କରି ବାକି ସମୟ ଜେଲଦଣ୍ଡ ଭୋଗ କରିବା ନିମନ୍ତେ ଅଦାଳତରେ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆତ୍ମସମର୍ପଣ ନକଲେ ନିମ୍ନ ଅଦାଳତ ତାଙ୍କ ଗିରଫଦାରୀ ପାଇଁ ପଦକ୍ଷେପ ନେବେ ବୋଲି ହାଇକୋର୍ଟ କହିଥିଲେ। ତେବେ ସମ୍ପୃକ୍ତ ହାଇକୋର୍ଟରେ ଅପିଲ ବିଚାରାଧୀନ ଥିବା ବେଳେ ସମ୍ପୃକ୍ତ ଆବେଦନକାରୀ ଅଭିଯୁକ୍ତର ଦଣ୍ଡକୁ ରାଜ୍ୟପାଳ କ୍ଷମା କରିଛନ୍ତି ଓ ଖଲାସ ପାଇଁ ନିର୍ଦ୍ଦେଶ ଦେଇଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରିଥିଲେ ବଲାଙ୍ଗୀର ଅତିରିକ୍ତ ଦୌରାଜଜ୍। ଏଣୁ ହାଇକୋର୍ଟ ତାଙ୍କ ଆଦେଶକୁ ପ୍ରତ୍ୟାହାର କରିବା ସହ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

### ରୁଙ୍ଗଟା ଷ୍ଟିଲ୍ କାରଖାନାରେ ଅଘଟଣ

# ୩୦ ଫୁଟ ଉପରୁ ଖସି ୨ ଶ୍ରମିକ ମୃତ





**ଢେଙ୍କାନାଳ/ହିନ୍ଦୋଳ/ଓଡ଼ାପଡ଼ା, ୨୪।୬ (ସମିସ):** ଢେଙ୍କାନାଳ ଜିଲ୍ଲା ବାଲିମି ଥାନା ଅନ୍ତର୍ଗତ ଝାଡ଼ବନ୍ଧ ଗ୍ରାମସ୍ଥିତ ରୁଙ୍ଗଟା ଷ୍ଟିଲ କାରଖାନାରେ ଏକ ଅଘଟଣ ୨ଜଣଙ୍କ ଜୀବନ ନେଇଛି। କାରଖାନା ପରିସରରେ ଏକ ମେକାନିକାଲ ଷ୍ଟ୍ରକ୍ଚର୍ ଭାଙ୍ଗି ଖସି ପଡ଼ିବାରୁ ଏହା ତଳେ ଚାପି ହୋଇ ଶ୍ରମିକଦ୍ୱୟଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପଶ୍ଚିମବଙ୍ଗ ମେଦିନୀପୁର ଜିଲ୍ଲା ଚନସାରପୁରର ବିବେକାନନ୍ଦ ସାହୁ (୪୨) ଓ ହାୱଡ଼ା ଜିଲ୍ଲାର ବାଗନାନ ଅଞ୍ଚଳର ବିଷ୍ଣୁ ମାଝି (୩୨)। ସେହିପରି ଏହି ଅଘଟଣରେ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ୧୨ରୁ ୧୫ଜଣ ଶ୍ରମିକ ଏହି ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି।

ଅପରପକ୍ଷେ ଏହି ଘଟଣାକୁ ନେଇ କାରଖାନା ପରିସରରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଶ୍ରମିକମାନେ କାରଖାନାର ମୁଖ୍ୟ ଫାଟକ ବନ୍ଦ କରି କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ମୃତ ଶ୍ରମିକଦ୍ୱୟଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ କ୍ଷତିପୂରଣ ପ୍ରଦାନ ଓ ଗୁରୁତର ଶ୍ରମିକମାନଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ କମ୍ପାନି ବହନ କରିବା ସହ ସେ ସମୟ ପର୍ଯ୍ୟନ୍ତ ମାସିକ ଦରମା ତାଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

- ୨ ଗୁରୁତରଙ୍କୁ କଟକ ସ୍ଥାନାନ୍ତର
- ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ

ସୂଚନାନୁସାରେ, ସୋମବାର ସକାଳ ପ୍ରାୟ ୮ଟାରେ ରୁଙ୍ଗଟା ଷ୍ଟିଲ୍ କାରଖାନାର ଡିଆରଆଇ ପରିସରରେ ଏମଏସ୍ ୟୁନିଟେକ ରିଫ୍ରାକ୍ଟରୀ ସର୍ଭିସେସ ଅଧୀନରେ ୮୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ମେକାନିକାଲ ଷ୍ଟ୍ରକଚରରେ ସଂଯୋଗ କରାଯାଇଥିବା ଏକ ୧୦ ମିଟରର ଲୁହା ପ୍ଲେଟ୍ ଅଧିକ ଓଜନ ସମ୍ଭାଳି ନପାରି ଖସି ପଡ଼ିଥିଲା। ଫଳରେ ୮ରୁ ୯ଜଣ ଶ୍ରମିକ ପାଖାପାଖି ୩୦ ଫୁଟ୍ ତଳକୁ ଖସି ପଡ଼ିବା ସହ ଉକ୍ତ ଷ୍ଟ୍ରକଚର୍ ତଳେ ଚାପି ହୋଇଯାଇଥିଲେ। ଏଥିରେ ୨ ଶ୍ରମିକଙ୍କ ପ୍ରାଣହାନି ଘଟିଥିଲା। ସେହିପରି ଅନ୍ୟ ୨ଜଣ ଶ୍ରମିକ ଏଥିରେ ଗୁରୁତର ଆହତ ହୋଇଥିଲେ।

ଖବର ପାଇ ଆଞ୍ଚଳିକ ଶ୍ରମିକ ୟୁନିଅନ୍ ହିନ୍ଦୋଳ ତହସିଲଦାର ଦିଲୀପ ସେଠୀ, ହିନ୍ଦୋଳ ଉପଖଣ୍ଡ ଅଧିକାରୀ ଦୀପକ ଜେନା, ବାଲିମି ଥାନା ଭାରପ୍ରାପ୍ତ ଅଧିକାରୀ ଅମିତ ବିଶ୍ୱାଳ, ହିନ୍ଦୋଳ ଥାନା ଭାରପ୍ରାପ୍ତ ଅଧିକାରୀ ଚାରୁଲତା ବେହେରା, ରାସୋଳ ଥାନା ଭାରପ୍ରାପ୍ତ ଅଧିକାରୀ ବିଦ୍ୟୁତ ମିଶ୍ର, ମୋଟଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଜିତେନ୍ଦ୍ର ମଲ୍ଲିକଙ୍କ ସମେତ ଢେଙ୍କାନାଳ ଜିଲ୍ଲା ଶ୍ରମ ଅଧିକାରିଣୀ କାରଖାନା ପରିସରରେ ପହଞ୍ଚି ଦୁର୍ଘଟଣାର ତଦନ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ ନର୍ମଦା ସେଠୀ ମଧ୍ୟ ଉପସ୍ଥିତ ଥିଲେ। କାରଖାନା ମଧ୍ୟରେ ଶ୍ରମିକମାନଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦିଆ ଯାଇ ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଜିଲ୍ଲା ଶ୍ରମ ଅଧିକାରିଣୀଙ୍କ ପକ୍ଷରୁ ସୂଚନା ମିଳିଛି।

### ବାଲେଶ୍ୱର ଗୋଷ୍ଠୀ ସଂଘର୍ଷ: ଆଜି ମଧ୍ୟରାତ୍ର ଯାଏ କର୍ଫ୍ୟୁ

# ସ୍ୱାଭାବିକ ହେଲା ମୋବାଇଲ୍ ଇଣ୍ଟରନେଟ୍

**ବାଲେଶ୍ୱର, ୨୪।୬(ସମିସ):** ଗୋଷ୍ଠୀ ସଂଘର୍ଷକୁ ନେଇ ବାଲେଶ୍ୱର ସହରରେ ଲାଗି ରହିଥିବା କର୍ଫ୍ୟୁକୁ ୨୫ ତାରିଖ (ମଙ୍ଗଳବାର) ମଧ୍ୟରାତ୍ର ଯାଏ ବୃଦ୍ଧି କରାଯାଇଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉକ୍ତ ନିର୍ଦ୍ଦେଶନାମା ଅନୁସାରେ, ଟାଉନ ଥାନା ଅଧୀନରେ କର୍ଫ୍ୟୁ କୋହଳ ସମୟ ବୃଦ୍ଧି ପାଇଛି। ଟାଉନ ଥାନା ଅଞ୍ଚଳରେ ଭୋର୍ ୫ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏବଂ ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଅଞ୍ଚଳରେ ପୂର୍ବପରି ଭୋର୍ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯିବ। ଏହି ସମସ୍ତ ଅଞ୍ଚଳର ଶିକ୍ଷାନୁଷ୍ଠାନ ପୂର୍ବପରି ଖୋଲିପାରିବ। ଏହାସହ ସହରରେ ଆଜିଠାରୁ ମୋବାଇଲ୍ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି।

- ଟାଉନ ଥାନା ଅଞ୍ଚଳରେ କର୍ଫ୍ୟୁ କୋହଳ ଅବଧି ବୃଦ୍ଧି
- ଶାନ୍ତି ଫେରାଇ ଆଣିବା ପାଇଁ ଲୋକଙ୍କ ସହଯୋଗ ଲୋଡ଼ିଲେ ଏସ୍‌ପି
- କାର୍ଯ୍ୟକାରୀ ହେଲା ସାଇବର୍ ହେଲ୍‌ପ ଡେସ୍କ ଓ ହେଲ୍ପ-ଲାଇନ୍ ନମ୍ବର

ଆଜି ଗଣମାଧ୍ୟମକୁ ଏସ୍‌ପି ସାଗରିକା ନାଥ କହିଛନ୍ତି ଯେ ବାଲେଶ୍ୱରରେ ଶାନ୍ତି ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରହିଛି। ଏଥିପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ସେ ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଭୁଲ୍ ସୂଚନା ବାଣ୍ଟିବା ଏକ ଅପରାଧ। ଯଦି କେହି ମିଛ ବା ଗୁଜବ ଖବର, ଉଦ୍ଦେଶ୍ୟମୂଳକ ବାର୍ତ୍ତା, କୌଣସି ସମ୍ପ୍ରଦାୟ କିମ୍ବା ବ୍ୟକ୍ତି ବିଶେଷଙ୍କୁ ଆଘାତ କରୁଥିବା ଭଳି ସନ୍ଦେଶ ଜାରି କରନ୍ତି, ପୁଲିସ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏ ଦିଗରେ ଜନସାଧାରଣ ପୁଲିସକୁ ସହାୟତା କରିବାକୁ ସେ ନିବେଦନ କରିଛନ୍ତି। ସେଥିପାଇଁ ସ୍ୱତନ୍ତ୍ର ଭାବେ




ବାଲେଶ୍ୱର ସାଇବର୍ ହେଲପ୍ ଡେସ୍କ ତଥା ଏକ ହେଲ୍ପ-ଲାଇନ୍ ଜାରି ହୋଇଛି। ଗୁଜବକାରୀଙ୍କ ସଂପର୍କରେ ଅଭିଯୋଗ କରିବା ପାଇଁ ଡାଏଲ୍ ୧୦୦ ଏବଂ ୧୧୨ କିମ୍ବା ହ୍ୱାଟସ୍‌ଆପ୍ ନମ୍ବର ୭୮୫୫୮୭୭୯୧୧ରେ ସୂଚନା ଦେବା ପାଇଁ ସେ କହିଛନ୍ତି।

ଅପରପକ୍ଷେ, ଏହି ଗୋଷ୍ଠୀ ସଂଘର୍ଷ ଘଟଣାରେ ଆଜି କାହାକୁ ଗିରଫ କରାଯାଇନାହିଁ। ଗତକାଲି ସୁଦ୍ଧା ମୋଟ ୨୧ଟି ମାମଲା ରୁଜୁ ହୋଇଥିବା ବେଳେ ୮୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ଅଳଙ୍କାର ଦୋକାନୀଙ୍କଠାରୁ ଲୁଟ୍

## ଡିକି ଭାଙ୍ଗି ନେଇଗଲେ ସୁନା ଅଳଙ୍କାର ସହ ୬୦ ହଜାର ଟଙ୍କା

**ହାଟଡ଼ିହୀ, ୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ଅନ୍ତର୍ଗତ ଛେନାପଦିରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଏକ ବାଇକ୍ ଡିକି ଭାଙ୍ଗି ସେଥିରୁ ୪ ଭରି ଓଜନର ସୁନା ଅଳଙ୍କାର ଓ ନଗଦ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତିଜଣଙ୍କ ହେଲେ, ଛେନାପଦି ଛକରେ ଥିବା ଜୟନ୍ତ ଜୁଏଲାରୀର ମାଲିକ କୋଦଣ୍ଡଧର ସାହୁ। ଖବର ପାଇ ନନ୍ଦିପଦା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଖପାଖ ସିସିଟିଭି ଯାଞ୍ଚ କରି ଲୁଟେରାମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ସୂଚନାନୁଯାୟୀ, ସବୁଦିନ ଭଳି ଆଜି ସକାଳ ପ୍ରାୟ ୯ଟାରେ ଶ୍ରୀ ସାହୁ ଦୋକାନ ଖୋଲିବାକୁ ଆସିଥିଲେ। ଦୋକାନ ସମ୍ମୁଖରେ ଅଳିଆ ଆବର୍ଜନା ପଡ଼ିଥିବାରୁ ତାହାକୁ ସଫା କରିବା ପାଇଁ ଦୋକାନ ପଛ ପାଖକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ବାଇକ୍ ଡିକି ଭାଙ୍ଗି ୪ ଭରି ଓଜନର ସୁନା ଅଳଙ୍କାର ସହ ଅନେକ ରୁପା ଅଳଙ୍କାର ଓ ନଗଦ ୬୦ ହଜାର ଟଙ୍କା ଥିବା ବ୍ୟାଗ୍‌ଟିକୁ ନେଇ ଚମ୍ପଟ ମାରିଥିଲେ। ପରେ ଏ ସଂପର୍କରେ ଶ୍ରୀ ସାହୁ ପୁଲିସ୍‌କୁ ଖବର ଦେଇଥିଲେ।

■ ଭିନ୍ନ ମୋଡ଼ ନେଲା ବାଳିକା ବଧୂର ସନ୍ଦେହଜନକ ମୃତ୍ୟୁ ମାମଲା

# ଶ୍ମଶାନରୁ ହାଡ଼-ପାଉଁଶ ଜବତ

**ଦିଗପହଣ୍ଡି, ୨୪।୬ (ସମିସ):** ଦିଗପହଣ୍ଡି ଥାନା ଅନ୍ତର୍ଗତ ଭୀଷ୍ମଗିରି ଗ୍ରାମ ମହାମାୟୀ ନଗର ପ୍ରଥମ ଲେନ୍‌ର ମହିଳା ନନ୍ଦିନୀ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଭିନ୍ନ ମୋଡ଼ ନେଇଛି। ନନ୍ଦିନୀଙ୍କୁ ତାଙ୍କ ଶଶୁର ଘରଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ନେଇ ବାପା ଶିବରାମ ସାହୁ ରବିବାର ସଂଧ୍ୟାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଜି ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ନନ୍ଦିନୀଙ୍କ ଶେଷକୃତ୍ୟ ହୋଇଥିବା ଶ୍ମଶାନରୁ ହାଡ଼ ଓ ପାଉଁଶ ଜବତ କରି ପରୀକ୍ଷା ପାଇଁ ପଠାଇଛି। ଏହାସହ ଏହି ଘଟଣାରେ ପୁଲିସ୍ ନନ୍ଦିନୀଙ୍କ ସ୍ୱାମୀ ଜିତେନ୍ଦ୍ର ଓ ଶଶୁରଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ କହିଛନ୍ତି। ନନ୍ଦିନୀଙ୍କ ମୃତ୍ୟୁର ୨ ଦିନ ପରେ ଘଟଣା ଭିନ୍ନ ମୋଡ଼ ନେବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

- ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକ
- ସ୍ୱାମୀ ଓ ଶଶୁର ଅଟକ

ସୂଚନାନୁଯାୟୀ, ନନ୍ଦିନୀ ଜଣେ ନାବାଳିକା। ଭୀଷ୍ମଗିରି ଗ୍ରାମର ରମେଶ ବିଷୋୟୀଙ୍କ ପୁଅ ଜିତେନ୍ଦ୍ର ବିଷୋୟୀ କିଛି ମାସ ତଳେ ତାଙ୍କୁ ନେଇ ଫେରାର୍ ହୋଇଯାଇଥିଲା। କିଛି ଦିନ ପରେ ସେମାନେ ପୁଣି ଗ୍ରାମକୁ ଫେରି ନିକଟସ୍ଥ ବଡ଼ପଦା ଉଦୟନାଥେଶ୍ୱର ମନ୍ଦିରରେ ବିବାହ କରିଥିଲେ। ନବବଧୂ ବେଶରେ ନାବାଳିକାଜଣକ ଶ୍ୱଶୁର ଘରକୁ ଯାଇଥିଲେ। ସବୁ କିଛି ଠିକ୍‌ଠାକ୍ ଚାଲିଥିଲା। ଜିତେନ୍ଦ୍ର ନାବାଳିକାଙ୍କୁ ସ୍ତ୍ରୀର ମର୍ଯ୍ୟାଦା ଦେଇ ନିଜ ଘରେ ମଧ୍ୟ ରଖିଥିଲେ। ତେବେ ଶନିବାର ଦିନ ପ୍ରାୟ ୨ଟାରେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଜିତେନ୍ଦ୍ରଙ୍କ ପରିବାରଲୋକେ ତରବରିଆ ଭାବେ ସମ୍ପର୍କୀୟଙ୍କ ସହାୟତାରେ ଗ୍ରାମ ଶ୍ମଶାନରେ ବୋହୂଙ୍କୁ ପୋଡ଼ି ଦେଇଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା। ଘଟଣା ଦିନ ଥାନାରେ କୌଣସି ଏତଲା ହୋଇନଥିଲା। ତେବେ ରବିବାର ସଂଧ୍ୟାରେ ନନ୍ଦିନୀଙ୍କ ବାପା ଶିବରାମ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ ଯେ ଯୌତୁକ ପାଇଁ ତାଙ୍କ ଝିଅକୁ ଶଶୁର ଘରଲୋକେ ମାରି ଦେଇଛନ୍ତି। ଏନେଇ ପୁଲିସ୍ ନଂ ୨୫୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



### ଏଏଆଇ ଓ ପାଣିପାଗ ବିଜ୍ଞାନ କେନ୍ଦ୍ର ମଧ୍ୟରେ ନାହିଁ ତାଲମେଳ

# ୭ ମାସ ପରେ ବି ସ୍ଥାପନ ନୋହିଲା ପାଣିପାଗ ନିରୀକ୍ଷଣ ଯନ୍ତ୍ର

**ଭୁବନେଶ୍ୱର,୨୪।୬ (ସମିସ):** ମାସକ ତଳେ ପାଗ ଖରାପ ଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହେଲିକପ୍ଟର ଭୁବନେଶ୍ୱରରେ ଅବତରଣ କରି ନପାରି ଝାରସୁଗୁଡ଼ା ଯାଇଥିଲା। ସପ୍ତାହେ ତଳେ ଦିଲ୍ଲୀରୁ ଆସୁଥିବା ଏକ ବିମାନ ଭୁବନେଶ୍ୱର ବଦଳରେ କୋଲକାତା ବିମାନବନ୍ଦରରେ ଅବତରଣ କରିଥିଲା। ଏପରି ଘଟଣା ଅନେକବାର ଦେଖିବାକୁ ମିଳୁଥିବା ବେଳେ ଯାତ୍ରୀ, କର୍ତ୍ତୃପକ୍ଷ ଏବଂ ଏୟାରଲାଇନ୍ସ ବେଶ୍ ଦହଗଞ୍ଜ ହେଉଛନ୍ତି। ଏହି ସମସ୍ୟା ଦୂର କରିବା ପାଇଁ ବିମାନବନ୍ଦରରେ ପାଣିପାଗ ନିରୀକ୍ଷଣ (ୱେଦର ଅଭଜରଭେଟୋରୀ) ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସବୁ ପ୍ରସ୍ତୁତି ସତ୍ତ୍ୱେ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ଏବଂ ଆଞ୍ଚଳିକ ପାଣିପାଗ ବିଭାଗ ମଧ୍ୟରେ ତାଲମେଳ ଅଭାବରୁ ତିନି ମାସ ହେଲା କେବଳ ଫାଇଲ୍ ବୁଲୁଛି। ନୂଆ ଟାୱାର୍‌ରେ ଅଭଜରଭେଟୋରୀ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇ ରହିଥିଲେ ସୁଦ୍ଧା ନା ମେସିନ୍ ଲାଗିପାରୁଛି ନା ବିମାନ ପରିଚାଳନା ସୁଗମ ହୋଇପାରୁଛି। ଇତିମଧ୍ୟରେ ବିମାନବନ୍ଦରରେ ନୂଆ ଏଟିସି ଟାୱାର୍ ସାତ ମାସ ହେଲା କାର୍ଯ୍ୟକ୍ଷମ ହେଲାଣି। କିନ୍ତୁ ୱେଦର ଅଭଜରଭେଟୋରୀ ସ୍ଥାପନ ହୋଇପାରୁନାହିଁ।

ୱେଦର-ଅଭଜରଭେଟୋରୀ ସ୍ଥାପନ ହେଲେ ବିମାନ, ହେଲିକପ୍ଟର ଆଦି ଅବତରଣ ପାଇଁ ଆସିବା ପୂର୍ବରୁ ଏଠାକାର ପାଣିପାଗ ସମ୍ପର୍କରେ ସଠିକ୍ ଆଗୁଆ ସୂଚନା ମିଳିବ ଏବଂ ସେହି ଅନୁସାରେ ବିମାନ ପରିଚାଳନା କରାଯାଇ ପାରିବ। ଅଯଥାରେ ବିମାନକୁ ଡାଇଭର୍ଟ କରିବାର ଆବଶ୍ୟକତା ରହିବ ନାହିଁ। ଯୋଜନା ଅନୁସାରେ, ଏବେ ଏହି ଅଭଜରଭେଟୋରୀ କାର୍ଯ୍ୟକ୍ଷମ ହୋଇଯିବା କଥା। କିନ୍ତୁ ତାଲମେଳ ଅଭାବରୁ ତାହା ହୋଇପାରିନାହିଁ।

- ଏବେ ବି ଅଧଘଣ୍ଟିଆ ପାଣିପାଗ ରିପୋର୍ଟକୁ ଭରସା
- ଅଯଥାରେ ବିମାନର ଗତିପଥକୁ ପରିବର୍ତ୍ତନ କରାଯାଉଛି
- ସାତ ମାସ ହେଲା କାର୍ଯ୍ୟକ୍ଷମ ହେଲାଣି ନୂଆ ଏଟିସି ଟାୱାର୍

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଥିବା ପୁରୁଣା ଏଟିସିରେ ଏକ ୱେଦର ଅଭଜରଭେଟୋରୀ ରହିଛି। ତେବେ ନୂଆ କରି ନିର୍ମାଣ ହୋଇଥିବା ଏଟିସି ଟାୱାରରେ ଅତ୍ୟାଧୁନିକ ସରଞ୍ଜାମ ସବୁ ଲାଗିବାର ଥିଲା। ଯୋଜନା ଅନୁସାରେ, ଚଳିତବର୍ଷ ଜାନୁଆରୀ କିମ୍ବା ଫେବୃଆରୀ ମାସ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇଥା'ନ୍ତା। କିନ୍ତୁ ଏପର୍ଯ୍ୟନ୍ତ ପୁରୁଣା ଏଟିସିରୁ ନୂଆ ଏଟିସିକୁ ସରଞ୍ଜାମ ସ୍ଥାନାନ୍ତର ହୋଇପାରୁନାହିଁ। ଫଳରେ ପାଣିପାଗ ବିଜ୍ଞାନ କେନ୍ଦ୍ର କର୍ତ୍ତୃପକ୍ଷ ପ୍ରତି ଅଧଘଣ୍ଟାରେ ଥରେ ପାଣିପାଗ ରିପୋର୍ଟ ଏଟିସି ଟାୱାରକୁ ପଠାଉଛନ୍ତି। କିନ୍ତୁ ଏହି ଅଧଘଣ୍ଟା ଭିତରେ ଯଦି ପାଣିପାଗ ପରିବର୍ତ୍ତନ ହୋଇଥାଏ ଏବଂ ସେହି ସମୟରେ କୌଣସି ବିମାନ ଅବତରଣ କରିବାର ଥାଏ, ତା ହେଲେ ଉପଯୁକ୍ତ ପାଣିପାଗ ରିପୋର୍ଟ ଅଭାବରେ ବିମାନ ପ୍ରତି ବିପଦ ଦେଖା ଦେବାର ଆଶଙ୍କା ରହିଛି। ବିମାନ ଅବରଣ କରିବାର କିଛି ମିନିଟ୍ ମଧ୍ୟରେ ପାଗ ଖରାପ ହୋଇଯିବାର ସମ୍ଭାବନା ରହିଥାଏ। କିନ୍ତୁ ବର୍ତ୍ତମାନ ଅଧଘଣ୍ଟା ପରେ ରିପୋର୍ଟ ଆସିବା ବେଳକୁ ଅନେକ ବିମାନକୁ ଅନ୍ୟତ୍ର ଡାଇଭର୍ଟ କରିବାକୁ ପଡୁଛି। ଯଦି ରିପୋର୍ଟ ହସ୍ତଗତ ହୋଇପାରନ୍ତା ତା ହେଲେ ଏପରି ପରିସ୍ଥିତିକୁ ଏଡାଇ ଦେଇ ହୁଅନ୍ତା।



ସୂଚନା ଅନୁସାରେ ସିଡବ୍ଲୁଆଇଏସ୍‌ରେ ପାଣିପାଗ ସମ୍ପର୍କିତ ସୂଚନା ମିଳୁଥିବା ବେଳେ ଏହା ସହ ସଂଯୋଗ ହେବାକୁ ଥିବା ରନ୍‌ୱେ ଭିଜୁଆଲ ରେଞ୍ଜ (ଆରଭିଆର) ଦ୍ୱାରା ଖରାପ ଦୃଶ୍ୟମାନ ସ୍ଥିତିରେ ବିମାନର ସୁରକ୍ଷିତ ଅବତରଣ କରାଯାଇପାରିବ। ଦୁଇ ଜ୍ଞାନକୌଶଳର ଉପଯୋଗ ଫଳରେ ସବୁପ୍ରକାର ପ୍ରତିକୂଳ ପରିସ୍ଥିତିର ଆଗୁଆ ସୂଚନା ହସ୍ତଗତ ହୋଇପାରନ୍ତା। ସେହି ଅନୁସାରେ ଏଟିସିରେ ଥିବା କର୍ମଚାରୀ ଏବଂ ବିମାନର ପାଇଲଟ୍ ପରସ୍ପର ମଧ୍ୟରେ ସୂଚନା ଆଦାନ ପ୍ରଦାନ ଜରିଆରେ ବିମାନ ଚାଳନାକୁ ସୁଗମ କରିପାରିବେ। ବିମାନ ଅବତରଣ ପାଇଁ ରନୱେ ସୁରକ୍ଷିତ କି ନୁହେଁ, ତାହାର ସଠିକ୍ ଆକଳନ କରାଯାଇପାରିବ। ଅନେକ ପ୍ରମୁଖ ବିମାନବନ୍ଦରରେ ଏହି କୌଶଳ ବେଶ୍ ଉପାଦେୟ ହୋଇପାରୁଛି। ନୂଆ ଏଟିସି ଟାୱାରର ଶୀର୍ଷ ଭାଗରେ ଏହା ଅବସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା।

ବିମାନବନ୍ଦର କର୍ତ୍ତୃପକ୍ଷଙ୍କ କହିବା କଥା ହେଲା, ୱେଦର ଅଭଜରଭେଟୋରୀ ସ୍ଥାପନ ପାଇଁ ଏଏଆଇ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ପ୍ରସ୍ତୁତ ଅଛି। କିନ୍ତୁ ତାହା କାର୍ଯ୍ୟକ୍ଷମ ହେବା ପରେ ଏଟିସି ଟାୱାରରେ ପାଣିପାଗ କେନ୍ଦ୍ରର ଦୁଇ ଜଣ ବିଶେଷଜ୍ଞ ଉପସ୍ଥିତ ରହିବା ଜରୁରୀ। ଯାହା ଦ୍ୱାରା ଆମକୁ ପ୍ରତି ମିନିଟ୍‌ର ପାଣିପାଗ ସୂଚନା ମିଳିବ ଏବଂ ଯୋଗାଯୋଗ ବ୍ୟବସ୍ଥା ଅଧିକ ଦକ୍ଷ ହୋଇପାରିବ। କିନ୍ତୁ ଇତିମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ସହମତି ହୋଇପାରୁନାହିଁ। ଏ ସମ୍ପର୍କରେ ଏଏଆଇ ଏବଂ ପାଣିପାଗ ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କ ମଧ୍ୟରେ ଏକାଧିକଥର ଆଲୋଚନା ହେଲାଣି। କିନ୍ତୁ ଅଭଜରଭେଟୋରୀ ସ୍ଥାପନ ହୋଇପାରୁନାହିଁ। ଏହା କିପରି ଯଥାଶୀଘ୍ର କାର୍ଯ୍ୟକ୍ଷମ ହେବ, ତାହା ଉପରେ ଆମେ ଗୁରୁତ୍ୱ ଦେଉଛୁ ବୋଲି କହିଛନ୍ତି। ଅପରପକ୍ଷେ, ଏନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମତାମତ ହସ୍ତଗତ ହୋଇପାରିନାହିଁ।

# ନାଗ ଚୋଟରେ ଗଲା ସାପ ଧରାଳିର ଜୀବନ

**ସୋନପୁର, ୨୪।୬ (ସମିସ):** ମହଙ୍ଗା ପଡ଼ିଲା ବିଷଧର ନାଗ ସାପ ସହ ଖେଳ। ନାଗ ଚୋଟରେ ଗଲା ଧରାଳିଙ୍କ ଜୀବନ। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ପରିସରରେ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ସାପ ଧରାଳିଜଣଙ୍କ ହେଲେ, ମେଣ୍ଢାମାଳ ଗାଁର ଗୌର କୁମ୍ଭାର। ସୂଚନା ଅନୁସାରେ, ଚମ୍ପାମାଳ ଗାଁର ଜଣଙ୍କ ଘରୁ ଏକ ନାଗ ସାପ ବାହାରିଥିଲା। ଉକ୍ତ ସାପକୁ ଧରିବା ପାଇଁ ଗୌର କୁମ୍ଭାରକୁ ସେ ଖବର ଦେଇଥିଲେ। ଗୌର ସେଠାକୁ ଯାଇ ସାପକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ୍ ଡବାରେ ଧରି କୌଣସି କାମରେ ଥାନାକୁ ଆସିଥିଲେ। ତେବେ ଥାନାରେ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସାମ୍ନାରେ ସାପକୁ ଡବାରୁ ବାହାର କରି ଦେଖାଇଥିଲେ। ସାପ ଦେଖାଇ ସାରି ପୁଣି ଡବା ଭିତରେ ଭରିବା ସମୟରେ ଗୌରଙ୍କ ହାତକୁ ସାପଟି ଚୋଟ ମାରିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପୁଲିସ ସଙ୍ଗେ ସଙ୍ଗେ ଗୌରଙ୍କୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପରିତାପର ବିଷୟ, ପୁଲିସ୍ ବାବୁମାନେ ସାପ ଖେଳର ମଜା ନେଇ ମୋବାଇଲରେ ଭିଡିଓ କରୁଥିଲେ ମଧ୍ୟ ଗୌରକୁ ବାରଣ କରି ନଥିଲେ।



ଆମେ କେତେ ଅର୍ଥ ଉପାର୍ଜନ କରିଛେ, ତାହା ଆମ ସଫଳତାର ମାପକାଠି ନୁହେଁ; ବରଂ ଆମେ ଜୀବନରେ କେତେ କମ୍ ଅର୍ଥ ଆବଶ୍ୟକ କରୁ, ତାହାର ଉପଲବ୍ଧି ହିଁ ବାସ୍ତବ ସଫଳତା।
-ଶିବ ନାଦାର



ସକାଳ
THE SAKALA

# ଭିତରକନିକା ଜୈବମଣ୍ଡଳ ପ୍ରତି ବିପଦ

ଦେଶର ବଡ଼ ବଡ଼ ନଦୀରେ ଜଳଭଣ୍ଡାରମାନ ନିର୍ମିତ ହେବା ଦିନଠାରୁ ଏହାର ନିମ୍ନ ଅବବାହିକା, ବିଶେଷକରି ତ୍ରିକୋଣ ଭୂମି ଅଞ୍ଚଳ ପରିବେଶଜନିତ କାରଣରୁ ପ୍ରଭାବିତ ହେବାକୁ ଆରମ୍ଭ କରିଥିଲା। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ସେହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି ଏବଂ ସବୁଠୁ ଅଧିକ ବିପଦ ଦେଖାଦେଇଛି ନଦୀ ମୁହାଁଣ ସଂଲଗ୍ନ ଲୁଣାବନ ବା ମ୍ୟାନ୍‌ଗ୍ରୋଭ ଫରେଷ୍ଟ ଉପରେ। ଉପର ମୁଣ୍ଡରୁ ମଧୁର ଜଳର ପ୍ରବାହ କମିବା ଫଳରେ ଲୁଣାବନ ଜୈବମଣ୍ଡଳ ଦିନକୁ ଦିନ ପ୍ରଭାବିତ ହେଉଛି। ସୁନ୍ଦରବନ, ଭିତରକନିକା ସହିତ ମହାନଦୀ, ଗୋଦାବରୀ, କାବେରୀ, ନର୍ମଦା ଆଦି ମୁହାଁଣରେ ଥିବା ଲୁଣାବନ ଓ ଜୈବମଣ୍ଡଳ ଉପରେ ଏହି ପ୍ରକ୍ରିୟାର ପ୍ରଭାବ ସ୍ପଷ୍ଟ।

ଖବର ପ୍ରକାଶ ପାଇଛି ଯେ ଆଗାମୀ ୨୫ ବର୍ଷ ଭିତରେ ଭିତରକନିକା ଲୁଣା ଜଙ୍ଗଲର ସ୍ଥିତି ଗୁରୁତର ଭାବେ ବିପନ୍ନ ହେବ। ଏହା ଆର୍ମଚେୟାର ପରିବେଶବିତ୍‌ଙ୍କ ମନଗଢ଼ା କାହାଣୀ ବା ଅତିରଞ୍ଜିତ କଥା ନୁହେଁ। ଏଥିରେ ଯେ ବାସ୍ତବତା ରହିଛି, ତାହା ଏହି ଅଭୟାରଣ୍ୟ ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ସ୍ୱୀକାର କରୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଭିତରକନିକା ଓ ତାହାକୁ ଲାଗି ରହିଥିବା ଲୁଣାଜଙ୍ଗଲ ଓ ଅଭୟାରଣ୍ୟ ଅଞ୍ଚଳ ପଶ୍ଚିମବଙ୍ଗର ସୁନ୍ଦରବନ ପରେ ଭାରତର ଦ୍ୱିତୀୟ ସର୍ବବୃହତ୍ ମୁହାଁଣ ଜଙ୍ଗଲ ପରିତନ୍ତ୍ର ବା ମ୍ୟାନ୍‌ଗ୍ରୋଭ ଇକୋସିଷ୍ଟମ। ବ୍ରାହ୍ମଣୀର ମୁହାଁଣ ଅଞ୍ଚଳରେ ସୃଷ୍ଟି ହୋଇଥିବା ଏହି ପ୍ରାକୃତିକ ଲୁଣା ଜଙ୍ଗଲାଞ୍ଚଳ ସହିତ ବୈତରଣୀ, ସାଳନ୍ଦୀ ଓ ମହାନଦୀର ମଧୁର ଜଳ (ବିରୁପା ପ୍ରଣାଳୀ ଦେଇ) ସମୁଦ୍ରକୁ ପ୍ରବାହିତ ହୋଇଥାଏ। ସମୁଦ୍ର ମୁହାଁଣ ଲୁଣାଜଙ୍ଗଲ ପାଇଁ ସାମୁଦ୍ରିକ ଆବହାୱା ସହିତ ପ୍ରଚୁର ପରିମାଣର ମଧୁରଜଳ ଭଟ୍ଟା ସମୟରେ ପ୍ରବାହିତ ହେବା ସମ୍ପୃକ୍ତ ବନାଞ୍ଚଳର ଜୀବଜଗତ ଓ ପରିବେଶ ପାଇଁ ନିହାତି ଆବଶ୍ୟକ। ପରିତାପର ବିଷୟ ହୀରାକୁଦ ଡ୍ୟାମ୍ ନିର୍ମାଣ ପରେ ବିରୁପା ଦେଇ ମହାନଦୀରୁ ଆଉ ପୂର୍ବଭଳି ମିଠା ପାଣି ବ୍ରାହ୍ମଣୀକୁ ଯାଉ ନାହିଁ। ସେହିଭଳି ରେଙ୍ଗାଲି ଡ୍ୟାମ୍ ୧୯୭୫ରେ ନିର୍ମିତ ହେବା ପରେ ବ୍ରାହ୍ମଣୀର ନିମ୍ନ ଅବବାହିକା ଏକପ୍ରକାର ଶୁଖିଲା। ଏଥିସହିତ ହଦ୍‌ଗଡ଼ ଡ୍ୟାମ୍ ଓ ଏବେ କାନୁପୁରୁ ଡ୍ୟାମ୍ ନିର୍ମାଣ ପରେ ଉଭୟ ସାଳନ୍ଦୀ ଓ ବୈତରଣୀର ମିଠାପାଣି ବ୍ରାହ୍ମଣୀ ବ୍ୟବସ୍ଥାରେ ନାମକୁମାତ୍ର ମିଶୁଛି। ଯାଜପୁରର ଜେନାପୁରଠାରୁ ଧାମରା ଯାଏଁ ବ୍ରାହ୍ମଣୀର ଜଳପ୍ରବାହ ଯଥେଷ୍ଟ କମିଛି ଏବଂ ମଧୁର ପାଣିର ଗୁରୁତର ଅଭାବ ଦେଖାଦେଇଛି। କେବଳ ଜୁଆର ସମୟରେ ଭିତରକନିକା ଅଭୟାରଣ୍ୟରେ ଯାହା ଅଧିକ ଲୁଣାପାଣି ପ୍ରବେଶ କରି ଭଟ୍ଟା ସମୟରେ ଶୁଖିଯାଉଛି।

ଭିତରକନିକା ଲୁଣାପାଣି ବା ବଉଳା କୁମ୍ଭୀର ପାଇଁ ପ୍ରସିଦ୍ଧ। ଉପରମୁଣ୍ଡରୁ ଆସୁଥିବା ମିଠାପାଣି ଓ ସମୁଦ୍ରର ଲୁଣାପାଣି ମିଶିବା ଫଳରେ ଏହି ଜାତୀୟ ଉଦ୍ୟାନରେ ଜଳର ଲବଣାକ୍ତ ସ୍ତର କମ୍ ରହେ ଏବଂ ଏହା କୁମ୍ଭୀର ସହିତ ବିଭିନ୍ନ ପ୍ରକାର ଜଳଚର ପ୍ରାଣୀ, ସରୀସୃପ, ହରିଣ, ପକ୍ଷୀଙ୍କୁ ପ୍ରଚୁର ଖାଦ୍ୟ ଯୋଗାଇ ସେମାନଙ୍କର ଏକ ଅଭୟସ୍ଥଳ ପାଲଟିଛି। ଆହୁରି ମଧ୍ୟ ସମାନୁପାତିକ ମଧୁର ଓ ଲୁଣାଜଳ ପ୍ରବାହ ଦ୍ୱାରା ମୁହାଁଣର ଉଦ୍ଭିଦମଣ୍ଡଳ ବିଶେଷତଃ ବୃକ୍ଷରାଜି ଭଲ ବଢ଼ିବା ସହିତ ବାତ୍ୟା ନିରୋଧ ଏବଂ ମୃତ୍ତିକା ସଂରକ୍ଷଣରେ ବଡ଼ ଭୂମିକା ନିର୍ବାହ କରିଥାଏ। ଆଗରୁ ବ୍ରାହ୍ମଣୀ ଓ ତାହାର ଉପନଦୀଗୁଡ଼ିକରେ ପ୍ରଚୁର ପରିମାଣର ମଧୁରଜଳ ମାଛ, ଘଡ଼ିଆଳ, ସାଙ୍କୁଚ, ଶିଶୁମାର, ମଗର, କଇଁଛ ଦେଖାଯାଉଥିଲେ। ତେବେ ୧୯୭୫ରୁ ଭିତରକନିକାରେ ବଉଳା କୁମ୍ଭୀର ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ ହେବା ପରେ ଏହି ଲୁଣାପାଣି ହିଂସ୍ର କୁମ୍ଭୀରଙ୍କ ସଂଖ୍ୟା ବଢ଼ି ଏବେ ପ୍ରାୟ ୨୦୦୦ରେ ପହଞ୍ଚିଛି। ଅପରପକ୍ଷରେ ଅନ୍ୟ ପ୍ରଜାତିର କୁମ୍ଭୀର ଓ ଅନ୍ୟାନ୍ୟ ଜଳଜୀବଙ୍କ ସଂଖ୍ୟା ଅବିଶ୍ୱସନୀୟ ଭାବେ ହ୍ରାସ ପାଇଛି। ମଧୁରଜଳ ପ୍ରବାହ କମିବାରୁ ଇଲିସି ଜାତୀୟ ଲୁଣିପାଣି ମାଛଙ୍କ ଆଉ ବ୍ରାହ୍ମଣୀ ଓ ତାହାର ଉପନଦୀରେ ପ୍ରାୟ ଦେଖାଯାଉନାହାନ୍ତି। ଲୁଣି ପ୍ରଜାତିର ମାଛ ମଧୁରଜଳ ସନ୍ଧାନରେ ନଦୀର ଉପର ଅବବାହିକାକୁ ପ୍ରାକୃତିକ ନିୟମରେ ଗତି କରିଥା'ନ୍ତି।

ଓଡ଼ିଶା ସମେତ ସବୁ ରାଜ୍ୟ ବିକାଶ ଓ ପରିବେଶଗତ ଦ୍ୱନ୍ଦ୍ୱ ମଧ୍ୟରେ ରହିଛନ୍ତି। କୃଷି, ଶିଳ୍ପ ଓ ପାନୀୟଜଳ ଆବଶ୍ୟକତା ପାଇଁ ଆମେ ପ୍ରଚୁର ମିଠା ପାଣି ଦରକାର କରୁଛୁ ଏବଂ ସେଥିପାଇଁ ବ୍ରାହ୍ମଣୀ ନଦୀ ପ୍ରଣାଳୀରେ ଏକାଧିକ ବନ୍ଧ ଓ ବ୍ୟାରେଜ୍ ନିର୍ମିତ ହୋଇଛି। ଉପରୁ ପାଣି ଆସିବା ବିପଜ୍ଜନକ ଭାବେ କମିଥିବା ବେଳେ ତଳପଟୁ ସାମୁଦ୍ରିକ ଜୁଆରରେ ଲୁଣାପାଣି ଉପରକୁ ଆସି ବ୍ୟାପକ ଅଞ୍ଚଳରେ ଲବଣତ୍ୱ ବଢ଼ାଉଛି, ଯାହା ପରିବେଶ ପାଇଁ ହାନିକାରକ। ବର୍ଷା ଓ ବନ୍ୟାର ପରିମାଣ ହ୍ରାସ ପରିସ୍ଥିତିକୁ ଅଧିକ ବିଗାଡୁଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏ କ୍ଷେତ୍ରରେ କେବଳ ପରିସଂଖ୍ୟାନ ରଖୁନାହିଁ, ସ୍ଥିତିର ଗୁରୁତ୍ୱକୁ ମଧ୍ୟ ଦେଖୁଛି। ଦଶ ପ୍ରତିଶତ ବର୍ଷା କମିଲେ ନଦୀରେ ଜଳପ୍ରବାହ ଛ'ଶତାଂଶ ହ୍ରାସ ପାଏ। ତାହା ପୁଣି ଜଳଭଣ୍ଡାରକୁ ଡେଇଁ ସମୁଦ୍ରରେ ସହଜରେ ପହଞ୍ଚେ ନାହିଁ। ଦ୍ୱିତୀୟତଃ, ମନ୍ତ୍ରଣାଳୟର ଆକଳନ ଅନୁସାରେ ଆସନ୍ତା ୨୫ ବର୍ଷରେ ଜଳବାୟୁ ପରିବର୍ତ୍ତନ ଫଳରେ ଭାରତ ଓ ଓଡ଼ିଶାରେ ନିଜ ନଦୀରେ ମଧୁର ଜଳପ୍ରବାହ ୫୦ ଶତାଂଶ କମିବ। ଏଥିସହିତ କୃଷି, ଖାଦ୍ୟ ଓ ପାନୀୟଜଳ ଆବଶ୍ୟକତା ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଅନେକ ପରିମାଣରେ ବଢ଼ିଯିବ। ସେଭଳି ଅବସ୍ଥାରେ ବ୍ରାହ୍ମଣୀର ନିମ୍ନ ଅବବାହିକା ପରିଶେଷରେ ବାଲିକୁଦ ଓ ପଠାରେ ପରିଣତ ହେବା ନିଶ୍ଚିତ। ତେଣୁ ନଦୀ ତଳମୁଣ୍ଡକୁ ଆବଶ୍ୟକ ମଧୁରଜଳ ଛଡ଼ାଯିବା ଉଚିତ।

କିଛିଦିନ ତଳେ 'ବ୍ରାହ୍ମଣୀ ବଞ୍ଚାଅ' ଅଭିଯାନ ଆରମ୍ଭ ହୋଇଥିଲା। ତାହାକୁ ଆହୁରି ଜୋରଦାର କରିବାକୁ ପଡ଼ିବ। ପରିବେଶ ଓ ପ୍ରଗତି ମଧ୍ୟରେ ଭାରସାମ୍ୟ ନ ରହିଲେ ସଭ୍ୟତାର ବିନାଶ ଘଟିବ। ବ୍ରାହ୍ମଣୀ ଏବେ ପ୍ରଚଣ୍ଡ ଚାପଗ୍ରସ୍ତ। ନଦୀଟିଏ ମରିଗଲେ ବା ତାହାର ପ୍ରାକୃତିକ ପଥକୁ ଅବରୁଦ୍ଧ କରି ଦିଆଗଲେ ଏହାର ଦୁଇପାର୍ଶ୍ୱରେ ଗଢ଼ି ଉଠିଥିବା ସଭ୍ୟତା ଓ ଜୀବଜଗତ ବିପନ୍ନ ହୋଇଥାଏ। ଏହାର ପ୍ରଭାବ କେବଳ ଭିତରକନିକା ଉଦ୍ଭିଦ ଓ ଜୈବମଣ୍ଡଳ ଉପରେ ପଡ଼ିନାହିଁ, ଏହାର ତଟବର୍ତ୍ତୀ ଅଞ୍ଚଳରେ ମଧୁରଜଳର ପ୍ରଚଣ୍ଡ ଅଭାବ ଅନୁଭୂତ ହେଉଛି ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାର ତଟବର୍ତ୍ତୀ ଅଞ୍ଚଳରେ ଭୂତଳ ଜଳସ୍ତର ଲବଣାକ୍ତ ପାଲଟିଛି। ପ୍ରକୃତି ଯଥେଷ୍ଟ ଆଗରୁ ବିପଦର ସୂଚନା ଦିଏ। ଏହାପ୍ରତି ଧ୍ୟାନ ଦେଇ ତୁରନ୍ତ ବିହିତ ପ୍ରତିକାର କରିବା ଆମର କର୍ତ୍ତବ୍ୟ।

# ଶ୍ରୀମନ୍ଦିର ଅଣସର ନୀତି



ଶ୍ରୀ ବ୍ରଜକିଶୋର ଦାଶ
ପୁରୀ, ମୋ: ୯୪୩୭ ୭୩୩୯୨୨

ନୀଳାଦ୍ରିମହୋଦୟଃ, ବାମଦେବସଂହିତା ତଥା ଅନ୍ୟାନ୍ୟ ପ୍ରାଚୀନ ଗ୍ରନ୍ଥ ଅନୁଯାୟୀ ଶ୍ରୀମନ୍ଦିରରେ ପରମ୍ପରାକ୍ରମେ ଦୈନନ୍ଦିନ ନୀତି ପରିଚାଳିତ ହୋଇଆସୁଛି। ଶ୍ରୀମନ୍ଦିରରେ ପ୍ରଚଳିତ ନୀତି ସବୁ ବହୁ ପୁରାତନ। ଏତେ ବ୍ୟାପକ ନୀତି ଓ ଏତେ ସଂଖ୍ୟକ ସେବକ କୌଣସି ଦେବତାଙ୍କ ପାଖରେ ପରିଲକ୍ଷିତ ହୁଏ ନାହିଁ। ଶ୍ରୀମନ୍ଦିରରେ ଅଧିଷ୍ଠିତ ଚତୁର୍ଦ୍ଧାମୂର୍ତ୍ତି ଯେମିତି ରହସ୍ୟମୟ ତାଙ୍କର ଲୀଳା ଖେଳା, ନୀତିକାନ୍ତି ମଧ୍ୟ ସେତିକି ରହସ୍ୟମୟ ଓ ଗୋପନୀୟ। ପ୍ରଭୁ ମାନବୀୟ ଲୀଳା କରୁଥିବାରୁ ମାନବ ଜୀବନର ଦୈନନ୍ଦିନ ଜୀବନଚର୍ଯ୍ୟା ପ୍ରଭୁଙ୍କର ଦୈନନ୍ଦିନ ଓ ବାର୍ଷିକ ନୀତିକାନ୍ତିରେ ପ୍ରତିଫଳିତ ହୁଏ। ସେଥିମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ। ଜ୍ୟେଷ୍ଠ ପୂର୍ଣ୍ଣିମା ମହାପ୍ରଭୁଙ୍କର ଜନ୍ମ ଦିନ ହୋଇଥିବାରୁ ଏହି ଦିନ ଅନୁଷ୍ଠିତ ହେଉଥିବା ଦ୍ୱାଦଶ ଯାତ୍ରାରୁ ଅନ୍ୟତମ ସ୍ନାନ ଯାତ୍ରା ତତ୍ତ୍ୱ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହାପରେ ପରେ ଅନୁଷ୍ଠିତ ହୁଏ ଅଣସର ବା ଅଣବସର ନୀତି। ସ୍ନାନଯାତ୍ରା ଓ ଗୁଣ୍ଡିଚା ଯାତ୍ରା ମଝିରେ ଅନୁଷ୍ଠିତ ଏହା ମହାପ୍ରଭୁଙ୍କର ଏକ ଗୋପନୀୟ ନୀତି।

ସ୍ନାନପୂର୍ଣ୍ଣମୀ ଦିନ ସ୍ନାନବେଦୀରୁ ଠାକୁରମାନେ ବାହୁଡ଼ିବାଠାରୁ ଆଷାଢ଼ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ଅନବସର ବା ଅଣସର କୁହାଯାଏ। ଏହି ପନ୍ଦରଦିନ ଶ୍ରୀବିଗ୍ରହମାନଙ୍କର ଦର୍ଶନ ନିଷେଧ। ଠାକୁରମାନେ ସ୍ନାନବେଦୀରେ ବିଜେ କଲା ପରେ ରାଘବଦାସ ମଠ ଅଣସର ପିଣ୍ଡିରେ ଗୋଟିଏ କାଠର କନକ ମୁଣ୍ଡି ଓ ପ୍ରଭା ପ୍ରସ୍ତୁତ କରିଥା'ନ୍ତି। ସ୍ନାନମଣ୍ଡପରୁ ବାହୁଡ଼ି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ସୁଭଦ୍ରା ଏଠାରେ ବିଜେ ହୁଅନ୍ତି। ଏହି ସମୟରେ ମହାପ୍ରଭୁ ଅବସ୍ଥାନ କରୁଥିବା ସ୍ଥଳକୁ 'ଅନବସର ଗୃହ (ଅଣସର ଗୃହ)' ଓ ସେହି ସମୟକୁ ବା କାଳକୁ 'ଅନବସର କାଳ' ବୋଲି କୁହାଯାଏ। ଏହାପରେ ଦଇତାପତିମାନେ ତିନିବାଡ଼ରେ ଲାଗି ହୋଇଥିବା ରାହୁରେଖା, ଶ୍ରୀଜଗନ୍ନାଥଙ୍କ ହୀରା ଚିତା, ଶ୍ରୀବଳଭଦ୍ରଙ୍କର ନୀଳା ଚିତା ଓ ଶ୍ରୀସୁଭଦ୍ରାଙ୍କର ମାଣିକ୍ୟ ଚିତା ବାହାର କରି ଦେଇଥା'ନ୍ତି। ଚାଙ୍ଗଡ଼ା ମେକାପ ଦେଇଥିବା ଶ୍ରୀକାପାଡ଼ାରେ ତାକୁ ଭଲଭାବରେ ବାନ୍ଧି ମଦନମୋହନ ମୁଦରେ ମୁଦଦେଇ ଭଣ୍ଡାର ମେକାପକୁ ଦେଲେ ସେ ଭଣ୍ଡାର ଘରେ ନେଇ ରଖିଥା'ନ୍ତି।

କୋଠସୁଆଁସିଆମାନେ ଅଣସରପିଣ୍ଡି ଚାରିପାଖେ ବାଉଁଶ ତାଟି ବେଢ଼ାଇ ଭିତର ପଟି ତିଆରି କରି ଧୁକୁଡ଼ି ଦ୍ୱାର ପାଖରେ ସେବକମାନଙ୍କ ଯିବା ଆସିବା ପାଇଁ ଗୋଟିଏ ଚୋରାବାଟ ରଖନ୍ତି। ଜଗମୋହନରେ ଥିବା ବଡ଼ ଖଟ ସୁଆଁସିଆମାନେ ତାଟି ବାହାର ପଟକୁ ପକାନ୍ତି ଓ ଖଟର ଚାରିପାଖରେ ମାଟିର ବନ୍ଧ ଦିଆଯାଏ। ଏଥିପୂର୍ବରୁ ଘଣ୍ଟ, ଛତା ଓ କାହାଳୀ ସହ ତିନିବାଡ଼ର ପଟିଠାକୁର, ବଡ଼ଠାକୁରଙ୍କ ବାଡ଼ର ବାସୁଦେବ, ମଝିବାଡ଼ର ଭୁବନେଶ୍ୱରୀ, ଜଗନ୍ନାଥଙ୍କ ବାଡ଼ର ନାରାୟଣ ପଟି ଆଣି ଜୟବିଜୟ ଦ୍ୱାର ପାଖରେ ରଖାଯାଇଥାଏ। ମହାଜନ ସେବକ ଦକ୍ଷିଣୀ ଘରୁ ସାତମୂର୍ତ୍ତି, ଯଥା ବଡ଼ବାଡ଼ର ଦୋଳଗୋବିନ୍ଦ, ରାମ ଓ ନୃସିଂହ, ମଝିବାଡ଼ର ଲକ୍ଷ୍ମୀ ଓ ସରସ୍ୱତୀ ଏବଂ ଜଗନ୍ନାଥଙ୍କ ବାଡ଼ର ମଦନମୋହନ ଓ କୃଷ୍ଣ ପ୍ରତିମାଙ୍କୁ ଆଣି ଖଟ ଉପରେ ବିଜେ କରାଇଲା ପରେ ତିନୋଟି ପଟିଦିଅଁ ବା ଚିତ୍ର ପ୍ରତିମା ତାଟି ଦେହରେ ରୁନ୍ଧା ହୁଅନ୍ତି। ଖଟ ଉପରେ ବିଜେ ଥିବା ସାତମୂର୍ତ୍ତି ଦେବପ୍ରତିମା ଏବଂ ତାଟିରେ ରୁନ୍ଧା ଥିବା ତିନିମୂର୍ତ୍ତି ପଟିଦିଅଁଙ୍କୁ ଦଶାବତାର ଠାକୁର କୁହାଯାଏ। ସମସ୍ତେ ବିଜେ ହେବା ପରେ ପୂଜାପଣ୍ଡା ପଞ୍ଚାମୃତରେ ସ୍ନାନ କରାନ୍ତି। ବଲ୍ଲଭ ସର୍ପମଣୋହି ହୋଇ ଦଶାବତାର ଠାକୁରଙ୍କ ଆଗରେ ସମସ୍ତ ଦୈନିକ ନୀତି ଓ ଭୋଗ ହୋଇଥାଏ।

ଏହି ସମୟରେ ସୁବାସିତ ଶୁକ୍ଳ ପୁଷ୍ପ ବ୍ୟତୀତ ଅନ୍ୟକିଛି ଫୁଲ ଲାଗି ହୁଅନ୍ତି ନାହିଁ। ସାଧାରଣ ଦିନମାନଙ୍କ ପରି ଏହି ଦିନମାନଙ୍କରେ ଠାକୁରଙ୍କୁ ଭୋଗ ପରେ ମଇଲମ ହୁଏ ନାହିଁ। ସକାଳେ ଥରେ ଓ ରାତ୍ରରେ ଥରେ ମଇଲମ ହୋଇଥାଏ। ମେକାପ ପ୍ରସ୍ତୁତ କରିଥିବା ଦୁଧସର, କର୍ପୂର, ଚନ୍ଦନ, ଜାଇଫଳ ଓ ନବାତ ମିଶା ୧୪ ବଡ଼ ଓଳି ଓ ୧୪ ଛୋଟ ଓଳି ପ୍ରତ୍ୟହ ଦୁଇଥର ଭୋଗ ହୁଏ। ଅଣସର ଭିତରେ ହୋଇଥିବା ଭୋଗ ଓ ଲାଗି ହୋଇଥିବା ଫୁଲ କିମ୍ବା ଅନ୍ୟକିଛି ତାଟି ଫିଟିଲା ପର୍ଯ୍ୟନ୍ତ ବାହାରକୁ ଆସେ ନାହିଁ। ଦଶାବତାର ଠାକୁରଙ୍କର ରାତ୍ରସିଂହାର ପରେ ଓ ପହୁଡ଼ ପୂର୍ବରୁ ଠାକୁରମାନଙ୍କୁ ଦଇତାପତି ନିଯୋଗ ଯୋଗାଇଥିବା ଚକଟା ଭୋଗ ଲାଗି ହୁଏ। ଏହି ଚକଟା ଭୋଗ ଆସି ମୁକ୍ତିମଣ୍ଡପ ନିକଟରେ ଥିବା ନୃସିଂହ ମନ୍ଦିରରେ ରଖାଯାଇଥାଏ। ରାଘବଦାସ ମଠରୁ ଧୂଆମୁଗ ଓ ପଣସ ଠାକୁରଙ୍କୁ ଲାଗି ହୁଏ। ଦଇତାପତିମାନେ ପାନୀୟ ଓ ଭୋଗ ପ୍ରସ୍ତୁତ କରି ପତି ମହାପାତ୍ରଙ୍କୁ ପୂଜା ପାଇଁ ଡାକନ୍ତି। ପତି ମହାପାତ୍ର ପୂଜା କରିବା ସମୟରେ ଦଇତାମାନେ ଭିତରେ ରହନ୍ତି ନାହିଁ। ପୂଜା ପରେ ନୈବେଦ୍ୟକୁ ଦଇତାପତି ଓ ପତି ମହାପାତ୍ରମାନେ ସେବନ କରିଥା'ନ୍ତି। ଭିତର ସର୍ବଦା ଅନ୍ଧକାର ରଖାଯାଏ। ମଇଲମ ଓ ଅନ୍ୟାନ୍ୟ ନୀତି ସମୟରେ ସମ୍ପୃକ୍ତ ସେବକ ବଇଠା ଦଳାଇ ଆଲୋକିତ କଲେ ସେଥିରେ ନୀତି ଚାଲେ।

ଶ୍ରୀମନ୍ଦିରରେ ପଞ୍ଚମୀଠାରୁ ସପ୍ତମୀ ପର୍ଯ୍ୟନ୍ତ ଫୁଲୁରି ଲାଗି, ଅଷ୍ଟମୀରେ ଚକାବିଜେ, ଏକାଦଶୀରେ ଚନ୍ଦନଲାଗି, ଦ୍ୱାଦଶୀରେ ଘଣାପାଟ, ତ୍ରୟୋଦଶୀରେ ଖଡ଼ିଲାଗି, ଚତୁର୍ଦ୍ଦଶୀରେ ଚକାଅପସର ଇତ୍ୟାଦି ଅଣସର ନୀତି ଅନୁଷ୍ଠିତ ହୋଇଥାଏ। ଆଷାଢ଼ ଶୁକ୍ଳ ପଞ୍ଚମୀ ଦିନ ଦଇତାପତିମାନେ ପିଙ୍ଗଣ ଓ ପରଖରେ ରାଶିତେଲ, ଚୁଆ ଓ କର୍ପୂର ବିଜେ କରାଇ ଅନବସର ଠାକୁରମାନଙ୍କୁ ଲାଗି କରାନ୍ତି, ଯାହାକୁ ଫୁଲୁରୀ ଲାଗି କୁହାଯାଏ। ଏ ତେଲ ପରଶ ଓ ଜଙ୍ଗଣ ମିଶା ତେଲ। ଏହାକୁ ବଡ଼ଓଡ଼ିଆ ମଠ ତରଫରୁ ଯୋଗାଇ ଦିଆଯାଇଥାଏ। ଅଷ୍ଟମୀ ଦିନ ଠାକୁରଙ୍କୁ ପଟ୍ଟବସ୍ତ୍ର ପିନ୍ଧାଯାଏ। ଏହାକୁ 'ଶ୍ରୀକପଡ଼ା ଲାଗି' କୁହାଯାଏ। ନବମୀ ଦିନ ରାଶି ତେଲ ଓ ଝୁଣା ଲେପନ କରାଯାଏ। ଏହାକୁ 'ମସୃଣ ଲେପନ' କୁହାଯାଏ। ଦଶମୀ ଦିନ ଦଇତାପତିମାନେ ଧୁକୁଡ଼ି ଦ୍ୱାର ପାଖରେ ଥିବା ତିନିଗୋଟି ଚକାକୁ ଗଡ଼ାଇ କରି ନେଇ ଅଣସର ପିଣ୍ଡିରେ ପକାଇ ତିନିଠାକୁରଙ୍କୁ ସେଥିରେ ବିଜେ କରାନ୍ତି। ଏହାକୁ 'ଚକା ବିଜେ' କୁହାଯାଏ। ଏକାଦଶୀ ଦିନ ଅଣବସର ଗୃହରେ ୧୫ ସେର ଚନ୍ଦନକାଠରୁ ପ୍ରସ୍ତୁତ ଘୋରା ଚନ୍ଦନ, କର୍ପୂର ଓ କେଶର ମିଶ୍ରିତ ହୋଇ ଦଇତାପତି ଓ ପତି ମହାପାତ୍ରଙ୍କ ଦ୍ୱାରା ଅଣସର ଠାକୁରଙ୍କୁ ଲାଗି କରାଯାଏ। ଏହି ଚନ୍ଦନକାଠ ଶ୍ରୀମନ୍ଦିର ପ୍ରଶାସନ ଓ ରାଘବଦାସ ମଠ ତରଫରୁ ଯୋଗାଇ ଦିଆଯାଇଥାଏ। ଏହା ଚାରିଦିନ ଆଗରୁ ଘୋରା ଚାଲିଥାଏ। ଭଣ୍ଡାର ଘରୁ ଶିଳ ଆଣି ଦକ୍ଷିଣୀ ଘରେ କର୍ପୂର କେଶର ବଟା ଯାଇ ଏସବୁ ତଡ଼ଉକରଣ ଓ ଦେଉଳ କରଣଙ୍କ ଉପସ୍ଥିତିରେ ମିଶାଯାଇ ଦଶାବତାର ଠାକୁରଙ୍କୁ ଲାଗି ହୁଏ। ଚନ୍ଦନ ଲାଗି ସମୟରେ ଘଣ୍ଟ, କାହାଳୀ ଓ ବାଜା ବାଜିଥାଏ।

ଆଷାଢ଼କୃଷ୍ଣ ଦ୍ୱାଦଶୀ ଦିନ ଭୋଗମଣ୍ଡପ ସରିଲେ ରାଜପରିବାରର ଯେତେ ସଦସ୍ୟ ଥିବେ ଭଣ୍ଡାର ଘରୁ ସେତେଟା ରୁପା ଥାଳି ଅଣାଯାଇ ଦକ୍ଷିଣ ଦ୍ୱାର ଲଣ୍ଡାବର୍ତ୍ତିଠାରେ ପାହାଡ଼ା ଉପରେ ଗଣ୍ଡିଲୁଗା ରଖାଯାଏ। ଚାଙ୍ଗଡ଼ାମେକାପ ପ୍ରତି ଥାଳିରେ ଖଣ୍ଡିଏ ଲେଖାଏଁ ପାଟକନା ରଖି ଅଣସର ପିଣ୍ଡିକୁ ସେ ଥାଳିସବୁ ନିଅନ୍ତି। ସେଥିରେ ରାଜପ୍ରସାଦ (ଶ୍ରୀଅଙ୍ଗ ଚନ୍ଦନ ଓ କରାଳ ଚନ୍ଦନ) ରଖି ପାହାଡ଼ା ଉପରକୁ ଆଣନ୍ତି। ତିନୋଟି ପିତଳ ବଟାରେ ତିନିଦ୍ୱାର ମହାବୀରଙ୍କ ପାଇଁ ଭଣ୍ଡାରମେକାପ ମାରଫତ୍‌ରେ ରଖାଯାଏ। ଭିତର ଦ୍ୱାର ବନ୍ଦ ହୁଏ। ତଳିଛ ମହାପାତ୍ର ଏବଂ ପ୍ରଧାନୀ ହାତପୈଠ ହୋଇ ଘଣ୍ଟା ଛତା କାହାଳୀ ସହ ଦଇତାପତି ଓ ପତି ମହାପାତ୍ରମାନେ ସିଂହଦ୍ୱାର ବଡ଼ଦାଣ୍ଡ ଦେଇ ଶ୍ରୀନଅରକୁ ଯାଆନ୍ତି। ସେଠାରେ ପାହାଡ଼ା ଉପରେ ରାଜପ୍ରସାଦ ବାଡ଼ ବାଡ଼ କରି ବିଜେ କରାଯାଏ ଓ ରାଜାଙ୍କ ଛୁଆଁ ଶାଢ଼ିମାନ ସେବାୟତଙ୍କୁ ମିଳିଥାଏ।

ତ୍ରୟୋଦଶୀ ଦିନ ଘଣାଲାଗି ଓ ଶ୍ରୀପୟର ପୂଜା ହୁଏ। ଅର୍ଥାତ୍, ଅଣସର ଠାକୁରମାନେ ପାଟଡୋର, ଖଳିପ୍ରସାଦ ଓ ଖଡ଼ିପ୍ରସାଦ ଲାଗି ହୁଅନ୍ତି। ଏହିଲାଗି ସୁଭଦ୍ରାଙ୍କର ପ୍ରତ୍ୟେକ ବର୍ଷ ହେଉଥିଲେ ହେଁ ବଡ଼ଠାକୁରଙ୍କର ବର୍ଷେ ହେଲେ ଜଗନ୍ନାଥଙ୍କର ଅନ୍ୟ ବର୍ଷ ହୋଇଥାଏ। ଘଣାଲାଗି ପରେ ଖଳି ଲାଗି ହେଲେ ଖଡ଼ିଲାଗି ହୋଇଥାଏ। ଭୋଗମଣ୍ଡପ ପରେ ନିର୍ଦ୍ଦିଷ୍ଟ ସେବକମାନେ ଭିତରୁ ଖଡ଼ିମହାପ୍ରସାଦ ଓ ମାଳାଫୁଲ ଧରି ଶ୍ରୀନଅରକୁ ଯାଆନ୍ତି ଏବଂ ସେଠାରୁ ଶାଢ଼ି ପାଆନ୍ତି। ଏଦିନ ଶ୍ରୀମୁଖ ଓଲାଗି ହୁଏ ଓ ପାହାନ୍ତିଆରୁ ଅଣସର ପିଣ୍ଡିରେ ଅଳିଆସବୁ ସଫା କରାଯାଏ। ଏହି ଖଳିମହାପ୍ରସାଦ ଲାଗି ନିମନ୍ତେ ଦୁଇ ମହଣ ଗହମ ଚୁରା ହୋଇ ଚଲା ଯାଇ କନାରେ ଛଣା ଯିବା ପରେ ଖଳିଲାଗି ପ୍ରସ୍ତୁତ ହୋଇଥାଏ।

ଚତୁର୍ଦ୍ଦଶୀଦିନ ବଡ଼ସିଂହାର ଭୋଗ ପରେ ଓ ଭିତରପଣା ଚକଟା ଭୋଗ ପରେ ବନକଲାଗି କରାଯାଏ। ନୀତି ବଢ଼ିଲେ ଚକା ଅପସର ଲାଗି ହୁଏ। ନୂଆ କନାପଡ଼ି ଏଗୁଡ଼ିକ ତୟାର ହୋଇଥାଏ। ପରେ ପରେ ଦଶାବତାର ମଙ୍ଗଳଆଳତି ଓ ଅବକାଶ ନୀତି ବଢ଼ିବା ପରେ ମହାଜନ ସେବକ ଖଟଶେଯ ଉପରେ ବିଜେ କରିଥିବା ସାତମୂର୍ତ୍ତି ପ୍ରତିମା ମଧ୍ୟରୁ ଲକ୍ଷ୍ମୀ, ସରସ୍ୱତୀଙ୍କୁ ଖଟଶେଯ ଘରକୁ ଓ ଅନ୍ୟ ପାଞ୍ଚମୂର୍ତ୍ତିଙ୍କୁ ଦକ୍ଷିଣୀ ଘରକୁ ନେଇଥା'ନ୍ତି। ପରେ ତାଟି ଫିଟେ। କୋଠସୁଆଁସିଆମାନେ ତାଟି ଖଟସବୁ ବାହାରକୁ ବାହାର କରିଦିଅନ୍ତି। ସେତେବେଳକୁ ପ୍ରାୟତଃ ଅମାବାସ୍ୟାର ପ୍ରାତଃକାଳ ହୋଇଥାଏ। ଭିତର ପାଣି ପଡ଼ିଲେ ଅଣସର ନୀତି ସମାପ୍ତ ହୁଏ। ପରେ ସେବକମାନେ ଓ ସର୍ବସାଧାରଣ ଦର୍ଶନ କରିଥା'ନ୍ତି। ଏହାକୁ ନବଯୌବନ ଦର୍ଶନ କହନ୍ତି।

ଏହାପରେ ପରେ ଅନୁଷ୍ଠିତ ହୁଏ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବା ଗୁଣ୍ଡିଚା ଯାତ୍ରା ବା ଘୋଷ ଯାତ୍ରା। ମହାପ୍ରଭୁଙ୍କର ଲୀଳା ଅପାର। ତତ୍ତ୍ୱଦର୍ଶୀମାନଙ୍କ ପାଇଁ ଏହା ଯେତିକି ଜଟିଳ, ଅଜ୍ଞାନୀ ସମର୍ପିତ ଭକ୍ତଟିଏ ପାଇଁ ତାହା ସେତିକି ସରଳ। ଭାବ ବିନୋଦିଆ ଠାକୁର ସବୁବେଳେ ଭାବକୁ ନିକଟ। ତେଣୁ ତାଙ୍କୁ ଯିଏ ଯେତିକି ଭାବପୂର୍ଣ୍ଣ ନିବେଦନ କରେ ସିଏ ସେତିକି ତାଙ୍କର ଲୀଳା ଖେଳାର ଦିବ୍ୟ ଅନୁଭବ ଲାଭ କରିପାରେ।

# ଅଳପ ହସରେ ଅନେକ ଇଶାରା



ଛନ୍ଦା ମିଶ୍ର
ଭୁବନେଶ୍ୱର, ମୋ: ୯୪୩୭୪ ୫୩୭୧୦

'ମାଣିକ... ଆଲୋ ଆଲୋ ମାଣିକ, ହସି ଦେ ଅଳପ ଯାଉ ଲୋ ଦୁଃଖ...।' 'ଶେଷଶ୍ରାବଣ' ସିନେମାର ଏଇ ଗୀତଟି ମନେ ଅଛି ନା! ତେବେ ସତରେ କ'ଣ ହସି ଦେଲେ ଦୁଃଖ ଲାଘବ ହୁଏ? ତା'ହେଲେ ଦୁଃଖ ସମୟରେ ମଣିଷ ନ ହସି କାନ୍ଦେ କାହିଁକି ଯେ? ଯେତେ ବେଶି ଦୁଃଖ ସେତେ ଜୋର୍‌ରେ ହସି ଦେଲେ ତ ହୁଅନ୍ତା! କିନ୍ତୁ ଏପରି ହୁଏନା। ପୁଣି ନ ହସିଲେ ଲୋକେ କୁହନ୍ତି ଗର୍ବୀଟା। ବେଶି ହସିଲେ କୁହନ୍ତି ଏମିତି ଘୋଡ଼ିଟା ପରି କାଇଁ ସବୁବେଳେ ହିଁ ହିଁ ହଉଛୁ! ତେବେ କେତେ ହସିବା ଦରକାର? ଅଳ୍ପ ନା ବେଶି! ଜୋର୍‌ରେ ନା ଧୀରେ! ଉପରେ ନା ଭିତରେ!

ଗୀତ ବୋଲା ହୋଇଛି, 'ଅଳପ ହସରେ ଅନେକ ଆଶାର ଇଶାରା ପାଇଲି ବନ୍ଧୁ...।' ହଁ ଆଜ୍ଞା, ଅଳପ ହସ ହିଁ ଅଧିକ କଥା କହେ। ଆପଣ ପଚାରିବେ କେମିତି? ଚାଲନ୍ତୁ ଫେରିଯିବା ଆପଣଙ୍କ କିଶୋର ଅବସ୍ଥାକୁ। ଦେହରୁ ଶୈଶବ ବିଦାୟ ନେଇଥିବ, କିନ୍ତୁ ଯୌବନ ସମ୍ପୂର୍ଣ୍ଣ ରୂପେ ଆସି ନଥିବ। ଆପଣ ନୂଆ ନୂଆ ପ୍ରେମରେ ପଡୁଥିବେ। ନିଜ ଈପ୍‌ସିତ ବା ଈପ୍‌ସିତାକୁ ଦେଖି, କହିବାକୁ ହଜାରେ କଥା ଭାବିଥିବେ, କିନ୍ତୁ ସବୁକଥା ତଣ୍ଟି ପାଖକୁ ଆସି ପୁଣି ଲେଉଟି ଯାଉଥିବ ପେଟକୁ। ସେତେବେଳେ ସହାୟକ ହେବ ଏଇ ଛୋଟ ହସଟି। ସାମାନ୍ୟଟିକେ ମୁରୁକି ହସି ଆପଣ ଲାଜେଇ ଯାଇଥିବେ। ଦୁନିଆକୁ ନ ଜଣାଇ ନିଜ ପ୍ରେମକୁ ବ୍ୟକ୍ତ କରିବା ପାଇଁ ଯା'ଠାରୁ ଭଲ ଉପାୟ ଆଉ ନାହିଁ। ଅପରଜଣକ ଅଳପ ହସି ଦେଲା ଯଦି, ତେବେ ଆପଣଙ୍କ ମନରେ ଫୁଟି ଉଠିବ ଅଗଣିତ ଆଶା। ସେଇଥିପାଇଁ ତ କୁହାଯାଇଛି 'ହସି ତୋ ଫସି'। କିନ୍ତୁ ସବୁବେଳେ ହସିବା ଅର୍ଥ ଫସିବା ବୋଲି କେବେ ଭାବିବେ ନାହିଁ, ନହେଲେ ଗୋଟିଏ ବି ମାଡ଼ ତଳେ ପଡ଼ିବ ନାହିଁ। ତେବେ ସେଇ ପ୍ରେମର ଅଭିବ୍ୟକ୍ତି କରିବା ସମୟରେ କ'ଣ ଆପଣ ଚାହିଁଲେ ବି ହୋ ହୋ ହୋଇ ଠୋ ଠୋ କରି ହସି ଦେଇ ପାରିବେ! ନା ତା' ଅସମ୍ଭବ। ତା' ତ କେବଳ ସମ୍ଭବ ହୁଏ, ସାଙ୍ଗ ସାଥୀଙ୍କ ମେଳରେ। ଯେତେବେଳେ ଛୋଟରୁ ଛୋଟ ନିରର୍ଥକ କଥାରେ ବି ଆମେ ମନ ଖୋଲା ହସ ହସି ତଳେ ଗଡ଼ିଯାଉ। ପୁଣି ଦୋକାନୀଟିଏ ଯେତେବେଳେ ହସି ଦେଇ ଆପଣଟ ସହିତ କଥା ହୁଏ, ଦୁଇଟଙ୍କା ଅଧିକ ହେଲେ ବି ଆପଣ ସେଇ ଦୋକାନରୁ ସଉଦା କରିବା ପାଇଁ ଆଗ୍ରହୀ ହୁଅନ୍ତି। ଠିକ୍ ସେମିତି ଭାବନ୍ତୁ, କୌଣସି ଅଫିସର୍‌ଙ୍କ ପାଖରେ ଆପଣଟଙ୍କ କାମଟିଏ ଅଛି। ଅଫିସର ଯଦି ଆପଣଟୁ ଚିଡ଼ି ଯାଇ କଥା କହନ୍ତି, ତେବେ ଆପଣ ଯେତେ ଶାନ୍ତ ସ୍ୱଭାବର ହୋଇଥିଲେ ବି ଆପଣଙ୍କ ମନରେ କ୍ରୋଧ ଜାତ ହୁଏ। ମାତ୍ର ସେହି ଅଫିସର ଯଦି ହସି ହସି କହନ୍ତି ଯେ ଆର ଥରକୁ ଆସନ୍ତୁ ଦେଖିବା, ତେବେ ଆପଣଙ୍କ ମନରେ କାର୍ଯ୍ୟହାସଲ ହେବାର ଆଶାଟିଏ ଜାଗ୍ରତ ହୁଏ।

କୁହାଯାଏ, ହସ ହେଉଛି ମହୌଷଧୀ। ମାନସିକ ହେଉ ଅବା ଶାରୀରିକ, ସକଳ ପ୍ରକାର ରୋଗର ଗୋଟିଏ ପ୍ରଧାନ ଔଷଧ ହେଉଛି ହସ। କାରଣ ହସି ଦେଲେ ଶରୀରରୁ ଯେଉଁ ହରମୋନ ବା ରସଗୁଡ଼ିକର କ୍ଷରଣ ହୁଏ, ତାହା ଜୀବନରକ୍ଷାକାରୀ ଅଟନ୍ତି। ସେଥିପାଇଁ କୁହାଯାଇଛି ଯେ, ଜୀବନ ଯଦି ଆପଣଙ୍କୁ ଶହେଟି କାରଣ କାନ୍ଦିବା ପାଇଁ ଦିଏ, ତେବେ ଆପଣ ତାକୁ ଶହେଏକଟି କାରଣ ହସିବା ପାଇଁ ଦିଅନ୍ତୁ। ତେଣୁ ଯୋଗ କରି ରୋଗ ଦୂର କରିବାକୁ ଆହ୍ୱାନ ଦେଉଥିବା ଯୋଗଗୁରୁ ମାନେ 'ହସ ଯୋଗ'କୁ ନିଜ ତାଲିକା ମଧ୍ୟରେ ଦେଇଛନ୍ତି ପ୍ରାଥମିକତା। କୁହାଯାଏ ଯେ, ଆପଣ ହସିଲେ ଆପଣଙ୍କ ସହିତ ସମଗ୍ର ଦୁନିଆ ହସେ, ମାତ୍ର କାନ୍ଦିଲେ ଆପଣ ଏକୁଟିଆ ହିଁ କାନ୍ଦନ୍ତି। କିଏ କାଇଁ ଏକୁଟିଆ କାନ୍ଦିବାକୁ ଭଲ ପାଇବ ଯେ। ହସିବା ପାଇଁ ସମସ୍ତଙ୍କର ଇଚ୍ଛା। ତେଣୁ ଏବେ ହସାଉଥିବା ଲୋକଙ୍କର ଭାଉ କାହିଁରେ କେତେ! ଆହୁରି ହସ ପରି ସଂକ୍ରାମକ ରୋଗ ଆଉ କିଛି ଅଛିକି! ଆପଣ ଅନ୍ୟ ଜଣକୁ ନ ଚିହ୍ନି, ସଂସ୍ପର୍ଶରେ ନ ଆସି ମଧ୍ୟ ନିଜ ହସଟିକୁ ଅନ୍ୟ ମୁହଁକୁ ବଢ଼େଇ ଦେଇ ପାରିବେ।

ଅତଏବ ଆମେ ଜାଣିଲେ ଯେ ହସିବା ଜରୁରୀ, ମାତ୍ର ତାହା ଯେତିକି ନିର୍ମଳ ହେବ ଯେତିକି ଆବିଳତା ହୀନ ହେବ ତାହା ଆମ ପାଇଁ ତଥା ସମାଜ ପାଇଁ ସେତିକି ମଙ୍ଗଳକାରୀ ହେବ। ଆପଣଟ ମନରେ ସ୍ୱତଃ ପ୍ରଶ୍ନ ଆସିବ, ଆଜି ଯେତେବେଳେ ମୁହଁମାନଙ୍କ ଉପରେ କୁଟିଳ ହସମାନଙ୍କ ରାଜୁତି ଚାଲିଛି, ସେଠି ନିର୍ମଳ ହସ ଟିକିଏ ଆମେ ପାଇବା କାହୁଁ? ଆଜି ଯେତେବେଳେ ସମଗ୍ର ବିଶ୍ୱ ବିଷ ବଳୟରେ, ସେତେବେଳେ ଅମୃତ ପରି ନିର୍ଭେଜାଲ ହସ ଗୋଟେ ଅସମ୍ଭବ ବ୍ୟାପାର, କିନ୍ତୁ ନିର୍ମଳ ହସ ଅଛି ବନ୍ଧୁ ଅଛି। ନଥିଲେ ଏ ପୃଥିବୀ ଏତେ ସୁନ୍ଦର ହୋଇଥା'ନ୍ତା କିପରି ଯେ! ସେଇ ନିର୍ମଳତା ଟିକକ ନଥିଲେ ଈଶ୍ୱର ତାଙ୍କ କରୁଣାମୟ, ଅଭୟ ପ୍ରଦାନକାରୀ ହାତଟିକୁ ପୃଥିବୀ ଉପରୁ ଉଠାଇ ନେଇ ନଥା'ନ୍ତେ କି!

ହଁ ଏହିପରି ଏକ ନିର୍ମଳ, ସ୍ୱର୍ଗୀୟ ହସ ଧାରେ ଦେଖିବାର ସୁଯୋଗ ପ୍ରାପ୍ତ ହୋଇଥିଲା, ସୋସିଆଲ ମିଡିଆର ସୌଜନ୍ୟରୁ। ମହିଳାଟିଏ ରେଳରେ ଯାତ୍ରା କରୁଥିଲେ ନିଜ ପୋଷା ଛେଳି ଓ ସାଥୀଙ୍କ ସହିତ। ଟିକେଟ ଯାଞ୍ଚ କରିବାକୁ ଆସି ରେଳ ଅଧିକାରୀ ଜଣକ ଯେତେବେଳେ ତାଙ୍କ ଟିକେଟ ଦେଖିଲେ ସେ ଆଶ୍ଚର୍ଯ୍ୟ ହେବା ସହିତ ମହିଳାଙ୍କ ପ୍ରତି ସମ୍ମାନବୋଧରେ ମୁଣ୍ଡ ତାଙ୍କର ନଇଁ ଗଲା। ଆଜି ଯେତେବେଳେ ରେଳବାଇ ବିନା ଟିକେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଯୋଗୁଁ କ୍ଷତିରେ ପଡୁଚି, ସେଇଠି ମହିଳାଜଣକ ନିଜ ପାଇଁ ତଥା ନିଜ ପୋଷା ଛେଳିଟି ପାଇଁ ମଧ୍ୟ ଟିକେଟ କାଟିଛନ୍ତି। ଅଧିକାରୀଜଣକ ଆମୋଦିତ ହୋଇ ଯେତେବେଳେ 'ଛେଳିଟି ପାଇଁ ବି ଟିକେଟ କାଟିଛ?' ବୋଲି ପଚାରିଛନ୍ତି, ସେତେବେଳେ ମହିଳାଙ୍କ ମୁହଁରେ ଯେଉଁ ମଲ୍ଲିଫୁଲିଆ ହସଟିକକ ଫୁଟି ଉଠିଲା, ତାହା ଯେ ଲକ୍ଷେଟଙ୍କିଆ, ଏହାକୁ ଦେଖିଥିବା ଲୋକେ ଏଥିରେ ନିଶ୍ଚୟ ସହମତ ହେବେ।

ହଁ, ଏପରି ନିର୍ମଳ ହସ ଧାରେ, କେବଳ ନିର୍ମଳ ମନଟିଏ ରଖିଥିବା ମଣିଷଟିଏ ଓଠରେ ହିଁ ଫୁଟିପାରେ। ଯାହାର ନିଜ ହାତଗୋଡ଼ ଉପରେ ଭରସା, ଯାହାର ଭାବ ସେହି ଭାବ ବିନୋଦିଆଠାରେ, ଯାହାର ଦୃଢ଼ ବିଶ୍ୱାସ ଯେ, ଈଶ୍ୱର ପେଟଟିଏ ଦେଇଚି ଯଦି ତା' ପାଇଁ ଖାଦ୍ୟର ଯୋଗାଡ଼ ବି ସେହିଁ ରଖିଛି। ତା'ର ଆଉ ଚିନ୍ତା ଦକ କେଉଁ କଥାକୁ?

ତେବେ ସବୁବେଳେ ହସୁଥିବା ଲୋକଟିଏକୁ କ'ଣ ଆମେ ସୁଖୀ ମଣିଷଟିଏର ଆଖ୍ୟା ଦେଇ ପାରିବା? ନା ଆଜ୍ଞା ନା! ଅନେକ୍ ସମୟରେ ଦେଖାଯାଇଛି ଯେ ଜୀବନଠାରୁ ନିର୍ଯାତନା ପାଇ ପାଇ, ଜୀବନ ଏତେ ବୀତସ୍ପୃହ ହୋଇ ଯାଏ ଯେ ସେ ନିର୍ଯାତନାକୁ ନିର୍ଯାତନା କହି ଖାତିର୍ କରିବାକୁ ବି ଇଚ୍ଛା କରେନା। ବରଂ ସେହି ନିର୍ଯାତନାକୁ ହିଁ ଜୀବନ କହି ଗ୍ରହଣ କରିନିଏ। ସେତେବେଳେ ସେ ନିର୍ଯାତନାକୁ ବେଖାତିର କରି ଖୁବ୍ ଜୋର୍‌ରେ ହସେ। ଆଉ କ୍ୱଚିତ ଲୋକ ସେ ହସ ତଳେ ଥିବା ଯନ୍ତ୍ରଣାକୁ ପଢ଼ି ପାରନ୍ତି। ହଁ, ଯନ୍ତ୍ରଣା ସବୁବେଳେ ଲୁହରେ ନଥାଏ। ବେଳେବେଳେ ହସରେ ବି ଖୁବ୍ ଯନ୍ତ୍ରଣା ଥାଏ। ସେଇଥିପାଇଁ ତ କୁହାଯାଇଛି, 'ତୁମେ କାହିଁକି ଏତେ ହସୁଛ? ଏମିତି କେଉଁ ଦୁଃଖ ଅଛି ଯାହାକୁ ଲୁଚେଇବାକୁ ଚାହୁଁଛ?'

ତେବେ ଆସନ୍ତୁ, ପୁଣି ଫେରେଇ ନେବି ଆଲେଖ୍ୟ ଆରମ୍ଭରେ ପଚାରିଥିବା ପ୍ରଶ୍ନ ନିକଟକୁ। ଆମେ କେତେ ହସିବା? କମ୍ ନା ବେଶି, ଧୀରେ ନା ଜୋର୍‌ରେ? ଶ୍ରୀରାମଙ୍କ ପରି ମୃଦୁ ମୃଦୁ ମଧୁର ହସ ନା ରାବଣଙ୍କ ପରି କରିବା ଜୋର୍‌ରେ ଅଟ୍ଟହାସ୍ୟ? ସଦ୍ୟ ଗୋଟିଏ ଘଟଣା ପ୍ରମାଣିତ କରିଛି ଯେ ମାତ୍ରାଧିକ ହସର ପରିଣାମ ହୋଇପାରେ ଭୟଙ୍କର। ହାଇଦ୍ରାବାଦର ୫୩ ବର୍ଷ ବୟସ୍କ ବ୍ୟକ୍ତି ଜଣେ ଗୋଟିଏ ଲୋକପ୍ରିୟ କମେଡି ସିରିଏଲ ଦେଖୁଥିଲେ। ତାଙ୍କୁ ଏତେ ମଜା ଲାଗିଲା ଯେ ସେ ଆଉ ନିଜ ହସକୁ ନିୟନ୍ତ୍ରଣ କରିପାରିଲେ ନାହିଁ। ଲଗାତାର କିଛିମିନିଟ ଧରି ସେ ହସି ଚାଲିଲେ। ସବୁକିଛି ଠିକଠାକ ଚାଲିଥିଲା। କିନ୍ତୁ ଏତିକିବେଳେ ଘଟିଲା ଅଘଟଣଟି। ବ୍ୟକ୍ତି ଧରିଥିବା ଚା' କପ୍‌ଟି ଉପରୁ ନିୟନ୍ତ୍ରଣ ହରାଇ ଦେଲେ। କପ୍‌ଟି ତାଙ୍କ ହାତରୁ ଖସି ପଡ଼ିଥିଲା। ଏହାର ଠିକ୍ ପରେ ପରେ ତାଙ୍କ ଶରୀର ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଲା। ତାଙ୍କର ଏପରି ଅବସ୍ଥା ଦେଖି ପରିବାର ଲୋକେ ଭୟଭୀତ ହୋଇ ତୁରନ୍ତ ତାଙ୍କୁ ନେଇଗଲେ ହାସପାତାଳକୁ। କିଛିସମୟ ପରେ ତାଙ୍କର ଚେତା ଫେରିଲା। ସେ ହାତ ଗୋଡ଼ ହଲାଇଲେ, କଥା ବାର୍ତ୍ତା କଲେ, ସମସ୍ତଙ୍କୁ ଚିହ୍ନି ପାରିଲେ, କିନ୍ତୁ କିଛିସମୟ ପୂର୍ବରୁ ତାଙ୍କ ସହିତ ଯାହା ସବୁ ଘଟି ଗଲା, ସେସବୁ କିଛି ଆଉ ତାଙ୍କର ମନେ ନଥିଲା। ତାଙ୍କୁ ପରୀକ୍ଷା କରୁଥିବା ସ୍ନାୟୁ ବିଶେଷଜ୍ଞ ଡାକ୍ତର ସୁଧୀର କୁମାର କହିଲେ ଯେ, ବ୍ୟକ୍ତିଟି ଲାଫ୍ଟର ଇନଡ୍ୟୁସଡ ସିନକୋପରେ ପୀଡ଼ିତ। ଏଥିପାଇଁ ତାଙ୍କୁ ଅତ୍ୟଧିକ ହସିବା, ଅଧିକ ସମୟ ଠିଆ ହୋଇରହିବା, ଅତ୍ୟଧିକ ଶାରୀରିକ ପରିଶ୍ରମ କରିବାଠାରୁ ଦୂରରେ ରହିବା ପାଇଁ ଦେଇଛନ୍ତି ପରାମର୍ଶ। ପ୍ରଚୁର ପାଣି ପିଇବା ସହିତ ତାଙ୍କୁ ଅଧିକ ସମୟ ଶୋଇ ରହିବାକୁ ଡାକ୍ତର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ରୋଗ ବିଷୟରେ ସୁଧୀର କୁମାର କହନ୍ତି ଯେ, ଏହା ଏକ ବିରଳ ରୋଗ। ଯେତେବେଳେ ମାତ୍ରାଧିକ ହସ ଛାତିରେ ଚାପ ବଢ଼ାଏ, ହୃତପିଣ୍ଡରୁ ରକ୍ତ ପ୍ରବାହ ନିରନ୍ତର ପ୍ରଭାବିତ ହୋଇ ଏପରି ସ୍ଥିତି ଉପୁଜେ। ଫଳରେ ହୃତ୍‌ସ୍ପନ୍ଦନ ହାର କମିଯିବା ସହିତ ରକ୍ତବାହିକା ଫୁଲିବାକୁ ଲାଗେ, ରକ୍ତଚାପ ହ୍ରାସ ପାଏ ଓ ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ବ୍ୟକ୍ତି ଚେତାଶୂନ୍ୟ ହୋଇପଡ଼େ।

ଏହି ଅଘଟଣଟି ବିଷୟରେ ଜାଣିଲା ପରେ, ମନେ ପଡ଼ିଥିଲା ହିନ୍ଦୀ ଚଳଚ୍ଚିତ୍ରର ଗୀତଟିଏ - 'ହସ୍‌ତେ ହସ୍‌ତେ କଟଯାଏ ରାସ୍‌ତେ...।' ହସି ହସି ରାସ୍ତା କାଟିଦେବା ଭଲ - ଏକଥା ଆମେ ବି ଜାଣିଛୁ, କିନ୍ତୁ ହସ ଯୋଗୁଁ ରାସ୍ତା କଟିଯିବା ଯେ ଆଦୌ ଭଲ ନୁହେଁ, ଏଥିରେ କୌଣସି ସନ୍ଦେହ ନାହିଁ। ତେଣୁ ଆସନ୍ତୁ ସେତିକି ଓ ସେତେବେଳେ ହସିବା ଯେତିକି ଓ ଯେତେବେଳେ ଆବଶ୍ୟକ। ହସର ମିଛ ମୁଖା ମଡ଼େଇ ଅଭିନୟ କରି, ହସିବାର ଆବଶ୍ୟକତା କାହିଁ ଯେ, ସେଥିପାଇଁ ଯାତ୍ରା ପାର୍ଟିରେ କଳାକାର ପରା ଯାହାକୁ ଯେତେ!

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ବାହାରିଲା କଂଗ୍ରେସର ପୁରୁଣା ରୋଗ

# ନିର୍ବାଚନ ପରେ ତେଜିଲା ଗୋଷ୍ଠୀ ବିବାଦ

**ଭୁବନେଶ୍ୱର, ୨୪।୬(ସମିସ):** ନିର୍ବାଚନ ସରୁସରୁ କଂଗ୍ରେସର ବାହାରିଲାଣି ପୁରୁଣା ରୋଗ। ଯେଉଁ ଗୋଷ୍ଠୀ ବିବାଦ ଯୋଗୁଁ ଦଳର ସ୍ଥିତି ରାଜ୍ୟରେ ଦିନକୁ ଦିନ ଖରାପ ହେବାରେ ଲାଗିଛି, ଭୋଟ ହାର କମୁଛି; ତାହାର ପରିସମାପ୍ତି ପରିବର୍ତ୍ତେ ଦଳର ନେତାମାନେ ଅଣ୍ଟାଭିଡ଼ି ପୁଣି ଲଢ଼େଇ କରିବାକୁ ବାହାରି ପଡ଼ିଛନ୍ତି। ଏପଟେ ରାଜଧାନୀ ଭୁବନେଶ୍ୱରରେ ପିସିସି ସଭାପତିଙ୍କ ଉପରକୁ କାଳି ମାଡ଼, ସେପଟେ ଦିଲ୍ଲୀରେ ବିଧାୟକ ଦଳ ନେତା ପାଇଁ ପାଇଁ ଗୋଟିଏ ଗୋଷ୍ଠୀ ଲବି କରିବା ଦଳର ଅନ୍ତଃ କନ୍ଦଳକୁ ପଦାରେ ପକାଇଛି।

- ରାଜଧାନୀ କଂଗ୍ରେସ ଭବନ ଫାଟକରେ ତାଲା
- ବିଧାୟକ ଦଳ ନେତାଙ୍କୁ ନେଇ ଗୋଷ୍ଠୀ ମୁହାଁମୁହିଁ

ଏହାର ସୁଯୋଗ ନେଇ ଆଉ ଗୋଟିଏ ଗୋଷ୍ଠୀ କଂଗ୍ରେସ ଭବନ ଫାଟକରେ ତାଲା ପକାଇ ଦେବା ଘଟଣାକୁ ଆହୁରି ଜଟିଳ କରିଛି।

ଗତ ନିର୍ବାଚନ ତୁଳନାରେ ଚଳିତ ଥର ଦଳର ୫ ଜଣ ଅଧିକ ବିଧାୟକ ନିର୍ବାଚନ ଜିତି ଆସିଛନ୍ତି। ଦଳର ଗୋଟିଏ ଲୋକସଭା ଆସନ ମଧ୍ୟ ବଜାୟ ରହିଛି। ତେବେ ଏସବୁ ମଧ୍ୟରେ ନିର୍ବାଚନ ପରେ ଦଳରେ ଦେଖା ଦେଇଥିବା ବିଶୃଙ୍ଖଳା ଦଳୀୟ କର୍ମୀଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଦଳରେ ୪ଟି ବଡ଼ ଧରଣର ଘଟଣାକ୍ରମ ସାମନାକୁ ଆସିଛି। ପ୍ରଥମେ ଦଳର ଟାଣୁଆ ନେତା ମାନସ ଚୌଧୁରୀଙ୍କୁ ବହିଷ୍କାର, ପରବର୍ତ୍ତୀ ସମୟରେ ପିସିସି ସଭାପତିଙ୍କ ଉପରେ କାଳିମାଡ଼, ଏହି ଘଟଣାରେ ୫ ଜଣ କଂଗ୍ରେସ ପଦାଧିକାରୀଙ୍କୁ ବହିଷ୍କାର ପରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହାନିପତି ଓ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ମଧ୍ୟରେ କ୍ଷମତା ଲଢ଼େଇ ଦଳର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିଛି। ଏହି ସ୍ଥିତିରେ ସୋମବାର କଂଗ୍ରେସ ଭବନ ଗେଟ୍‌ରେ କିଛି ଗୋଷ୍ଠୀ ତାଲା ପକାଇ ଦେଇଛନ୍ତି।

ସୂଚନା ଅନୁଯାୟୀ ଗତ ୨୧ରେ ପିସିସି ସଭାପତିଙ୍କ ଉପରକୁ କାଳିମାଡ଼ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି



ଘଟଣାକୁ ନେଇ କଂଗ୍ରେସର ଗୋଷ୍ଠୀ ବିବାଦ ଉଗ୍ର ହେବା ସହ ୫ ଜଣଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଛି। ଯାହା ବିରୋଧରେ ଅସନ୍ତୁଷ୍ଟ ଗୋଷ୍ଠୀ ଏକାଠି ହେବା ସହ କିଛି ନେତା କଂଗ୍ରେସ ଭବନରେ ଆଗରେ ଅନଶନ କରିବା ସହ କଂଗ୍ରେସ ଭବନରେ ତାଲା ପକାଇଛନ୍ତି। ଯାହାକୁ ନେଇ କଂଗ୍ରେସ ରାଜନୀତି ଉଷ୍ମ ହୋଇଛି। ଏହି ଘଟଣାରେ ପିସିସି ସଭାପତିଙ୍କୁ ସଦ୍ୟ ଦଳରୁ ବହିଷ୍କୃତ ହୋଇଥିବା ଶ୍ରୀୟାସ୍ମିତା ପଣ୍ଡା ଟାର୍ଗେଟ କରିଛନ୍ତି। ଦଳ ବିରୋଧୀ କାମ ନ କରି କାହିଁକି ପିସିସି ପକ୍ଷରୁ ତାଙ୍କୁ ବହିଷ୍କାର କରାଗଲା ସେ ପ୍ରଶ୍ନ ଉଠାଇବା ସହ କଂଗ୍ରେସ ଭବନ କାହାର ସମ୍ପତ୍ତି ନୁହେଁ ବୋଲି କହି ଧାରଣା ଦେଇଛନ୍ତି। ଅନ୍ୟପଟେ ଯିଏ ବି ଦଳ ବିରୋଧୀ କାମ କରିବେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶୃଙ୍ଖଳା କମିଟି ଅଧକ୍ଷ ସନ୍ତୋଷ ସିଂହ ସାଲୁଜା କହିଛନ୍ତି।

ଏହି ଘଟଣା ସହିତ ବର୍ତ୍ତମାନ ଜୟପୁର ବିଧାୟକ ତାରା ପ୍ରସାଦ ବାହାନିପତି ଓ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ମଧ୍ୟରେ ପୂର୍ବରୁ ରହିଥିବା ବିବାଦ ପୁଣି ଥରେ ତୀବ୍ର ହୋଇଛି। ସପ୍ତଗିରି କଂଗ୍ରେସର କିଛି ବିଧାୟକଙ୍କୁ ଧରି ଏଆଇସିସି ଅଧକ୍ଷଙ୍କୁ ଭେଟିବା ସହ ରାମଚନ୍ଦ୍ର କାଡାମଙ୍କୁ ବିଧାୟକ ଦଳ ନେତା ମନୋନୀତ କରିବା ପାଇଁ ଲବି କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ରାମଚନ୍ଦ୍ର କାଡାମଙ୍କ ତୁଳନାରେ ତାରାପ୍ରସାଦ ବାହିନୀପତି ଅଭିଜ୍ଞ ହୋଇଥିବା ସତ୍ତ୍ୱେ ଜନଜାତି ବର୍ଗର ରାମଚନ୍ଦ୍ରଙ୍କ ସପକ୍ଷରେ ସପ୍ତଗିରିଙ୍କ ଗୋଷ୍ଠୀ ଲବି କରୁଛନ୍ତି। ଗତ ନିର୍ବାଚନ ସମୟରେ ତାରା ଓ ସପ୍ତଗିରିଙ୍କ ମଧ୍ୟରେ ଜାରି ରହିଥିବା ବିବାଦରେ ଆପୋଷ ସମାଧାନ ହୋଇଥିବା ବେଳେ ଦକ୍ଷିଣ ଓଡ଼ିଶାରେ ଦଳ କିପରି ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ଉଭୟ ନେତା ଗୁରୁତ୍ୱ ଦେଇଥିଲେ। ହେଲେ ନିର୍ବାଚନ ପରେ ଏହି ବିବାଦ ପୁଣି ଥରେ ଉଗ୍ର ହେବା ପରେ ଦଳୀୟ କର୍ମୀଙ୍କୁ ନିରାଶ କରିଛି।

## ଯାଜପୁର ବିଜେପିରେ ଗୋଷ୍ଠୀକନ୍ଦଳ ଉଗ୍ର

# ସଂଗ୍ରାମଙ୍କୁ ଆକ୍ରମଣ ଘଟଣାରେ ଗୌତମଙ୍କ ୩ ସମର୍ଥକ ଗିରଫ

**ଯାଜପୁର, ୨୪।୬(ସମିସ):** ବିଜେପି ଯୁବନେତା ସଂଗ୍ରାମ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଯାଜପୁର ସଦର ପୁଲିସ୍ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଭୁବନେଶ୍ୱରପୁର ପଞ୍ଚାୟତ ବିଜେପି ପ୍ରମୁଖ ଅନୀଲ କୁମାର ମହାପାତ୍ର, ଉପେନ୍ଦ୍ର ବିହାରୀ, ବନମାଳୀ ସାମଲ ଅଛନ୍ତି। ତେବେ ଏହି ମାମଲାରେ ୩୫ରୁ

- ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାନଗଲେ ଆନ୍ଦୋଳନ ଚେତାବନୀ
- ସାମ୍ବାଦିକ ସମ୍ମିଳନୀରେ ବିଷ ଉଗାରିଲେ ସଂଗ୍ରାମ
- 'ଗୌତମଙ୍କ ଅନୁପସ୍ଥିତିରେ ମୁଁ ଲୋକଙ୍କ ସହିତ ଥିଲି ଓ ଆଗକୁ ରହିବି'

ଊର୍ଦ୍ଧ୍ୱ ଅଭିଯୁକ୍ତ ସାମିଲ ଥିବା ବେଳେ ମାତ୍ର ୩ଜଣଙ୍କୁ ଗିରଫ କରାଯିବା ଘଟଣାକୁ ସଂଗ୍ରାମ ନାପସନ୍ଦ କରିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ୨ ଦିନ ଭିତରେ ଗିରଫ କରାନଗଲେ, ଏହାର ପ୍ରତିବାଦରେ ଆନ୍ଦୋଳନ କରାଯିବ ବୋଲି ସଂଗ୍ରାମ ଆଜି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ତେବେ ବିଜେପିର ଦୁଇ ନେତାଙ୍କ ମଧ୍ୟରେ ଏଭଳି ମାରପିଟ୍ ଘଟଣା, ଦଳ ଭିତରର ଗୋଷ୍ଠୀକନ୍ଦଳକୁ ପଦାରେ ପକାଇଥିବା କୁହାଯାଉଛି। ଚଳିତ ନିର୍ବାଚନରେ ଗୌତମ ବିଜେଡି ପ୍ରାର୍ଥୀଙ୍କଠାରୁ ପରାସ୍ତ ହେବା ପରେ ସଂଗ୍ରାମ ପାତ୍ରଙ୍କୁ ଗୌତମଙ୍କ ସମର୍ଥକ ଟାର୍ଗେଟ କରୁଥିବା ଲକ୍ଷ୍ୟ କରାଯାଉଛି।

ଅଭିଯୋଗ ମୁତାବକ, ଗତକାଲି ରାତି ପ୍ରାୟ ସାଢ଼େ ୮ଟାରେ ସଂଗ୍ରାମ ଭୁବନେଶ୍ୱରପୁର ପଞ୍ଚାୟତରୁ ଏକ କାର୍ଯ୍ୟକ୍ରମ ସାରି ଫେରୁଥିବା ସମୟରେ ଯମୁନା ପୋଲ ନିକଟରେ ତାଙ୍କୁ ବିଜେପି ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା ସଭାପତି ଗୌତମ ରାୟଙ୍କ କେତେକ ସମର୍ଥକ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଗୌତମଙ୍କ ନିର୍ଦ୍ଦେଶରେ ସୂରଜଲାଲ ସାମଲ, ରାଜେନ୍ଦ୍ର ରାୟ, ଅନୀଲ ମହାପାତ୍ର, ରମା ସାହୁ, ସରୋଜ ଘଡ଼ାଇ, ଉପେନ୍ଦ୍ର ବିହାରୀ, ବୃନ୍ଦାବନ ଜେନାଙ୍କ ସମେତ ୩୫ରୁ ଊର୍ଦ୍ଧ୍ୱ ଆକ୍ରମଣକାରୀ ବିଭିନ୍ନ ମାରଣାସ୍ତ୍ର ଧରି ଗାଳିଗୁଲଜ କରିବା ସହିତ ଗାଡ଼ି ଉପରେ ଆକ୍ରମଣ କରିଥିଲେ। କିଛି ସମୟ ପରେ ଗୌତମଙ୍କ ସମେତ ଶତାଧିକ ସମର୍ଥକ ସେଠାରେ ପହଞ୍ଚି ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଖବର ପାଇ ଯାଜପୁର ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଂଗ୍ରାମଙ୍କୁ ସେଠାରୁ ଉଦ୍ଧାର କରିବା ପରେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

ସଂଗ୍ରାମ କହିଛନ୍ତି ଯେ ଗତ ନିର୍ବାଚନରେ ଗୌତମ ମୋ'ଠାରୁ କୌଣସି ସହଯୋଗ ଲୋଡ଼ି ନ ଥିଲେ କିମ୍ବା ମୁଁ ନିର୍ବାଚନ ସମୟରେ ଯାଜପୁରରେ ନ ଥିଲି। ତଥାପି ଗୌତମ ଯାଜପୁର ନିର୍ବାଚନ ମଣ୍ଡଳୀବାସୀଙ୍କୁ ଧନ୍ୟବାଦ ଦେବା କଥା। କାରଣ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟରେ ଅଞ୍ଚଳରେ ନ ରହି ମଧ୍ୟ ଲୋକେ ଦଳକୁ ଏତେ ମାତ୍ରାରେ ଭୋଟ ଦେଇଛନ୍ତି। ଗୌତମଙ୍କ ଅନୁପସ୍ଥିତିରେ ମୁଁ ଲୋକଙ୍କ ସହିତ ଥିଲି ଓ ଆଗକୁ ରହିବି ବୋଲି ସଂଗ୍ରାମ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ମୁଁ ଛାତ୍ର ରାଜନୀତିରୁ ଆସିଛି। ମୋ ଉପରେ ଆକ୍ରମଣ କରି ମୋତେ କେହି ଡରାଇପାରିବେ ନାହିଁ। ମୁଁ ଗୌତମଙ୍କ ସମର୍ଥକଙ୍କ ବିଷୟରେ ରାଜ୍ୟ ନେତୃବର୍ଗଙ୍କ ଦୃଷ୍ଟି ଆକର୍ଷଣ କରିଛି। ଆକ୍ରମଣ ସମୟର ସମସ୍ତ ଭିଡିଓ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ସେଥିରୁ ରାଜ୍ୟ ନେତୃବର୍ଗ ଓ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନିପାରିବେ। ତେଣୁ ଆମେ ଦୁଇଦିନ ପୁଲିସକୁ ସମୟ ଦେଉଛୁ। ଏହି ସମୟ ମଧ୍ୟରେ ପ୍ରକୃତ ଆକ୍ରମଣକାରୀଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ● ପ୍ରସୂତିଙ୍କୁ ଭୁଲ୍ ଅସ୍ତ୍ରୋପଚାର ଘଟଣାରେ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ

# ପୀଡ଼ିତାଙ୍କୁ ୪ଲକ୍ଷର କ୍ଷତିପୂରଣ ଦିଅ

**ଭୁବନେଶ୍ୱର, ୨୪।୬ (ସମିସ):** କେନ୍ଦୁଝର ଜିଲ୍ଲା ସଦର ବ୍ଲକ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଜଣେ ପ୍ରସୂତିଙ୍କୁ ଭୁଲ୍ ଅସ୍ତ୍ରୋପଚାର କରିବା ଘଟଣାରେ ଜାତୀୟ ମାନବାଧିକାର କମିସନ୍(ଏନ୍‌ଏଚ୍‌ଆରସି) କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏହି ଘଟଣାରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଏନ୍‌ଏଚ୍‌ଆରସି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେଇ ଆୟୋଗଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି। ପୂର୍ବରୁ ଆୟୋଗ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ୪ ସପ୍ତାହ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ସବିଶେଷ ରିପୋର୍ଟ ମାଗିଥିଲେ। ଏହି ରିପୋର୍ଟ ଦେବା ପରେ ଏହି କ୍ଷତିପୂରଣ ବାବଦକୁ ୪ଲକ୍ଷ ଟଙ୍କା ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏହି ଅବ୍ୟବସ୍ଥା ନେଇ ଡାକ୍ତର ଅଶୋକକୁମାରସାହୁଙ୍କ ବିରୁଦ୍ଧରେ ଏନ୍‌ଏଚ୍‌ଆର୍‌ସିର ଦ୍ୱାରସ୍ଥ ହୋଇଥିଲେ। ଡାକ୍ତରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ କରିବା ପାଇଁ କମିସନଙ୍କ ନିକଟରେ ଏକ ମାମଲା ରୁଜୁ କରିଥିଲେ।

# ହତ୍ୟାକାରୀକୁ ୭ ବର୍ଷ ଜେଲ୍

**ବ୍ରହ୍ମପୁର, ୨୪।୬ (ସମିସ):** ୨୦୧୮ରେ ଧବଳେଶ୍ୱର ମନ୍ଦିର ନିକଟରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଗଞ୍ଜାମ ଜିଲା ଅତିରିକ୍ତ ଜିଲ୍ଲା ଜଜ୍-୩ ରାଜ କୁମାର ଦାଶ ସୋମବାର ଅଭିଯୁକ୍ତ ଜାଉଳି ଆପେୟା(୩୪)କୁ ଦୋଷୀ ସାବ୍ୟସ୍ତ କରିବା ସହ ୭ବର୍ଷ ଜେଲ ଓ ୫ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ଦେଢ଼ବର୍ଷ ଅଧିକ ଜେଲ ଦଣ୍ଡ ଭୋଗିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଜାଉଳିର ଘର ଗୋପାଳପୁର ଥାନା ଅନ୍ତର୍ଗତ ନୂଆ ଗୋଳବନ୍ଧରେ। ମାମଲାର ବିବରଣୀରୁ ପ୍ରକାଶଯେ, ନୟାଗଡ଼ର କୈଳାସ ପ୍ରଧାନ ଓ ତାଙ୍କ ପତ୍ନୀ ଶାନ୍ତି ପ୍ରଧାନ ପ୍ରତିବର୍ଷ ୧୫ଦିନ ପାଇଁ ଧବଳେଶ୍ୱର ମନ୍ଦିରକୁ ଆସି ଭିକ୍ଷାବୃତ୍ତି କରନ୍ତି। ୨୦୧୮ ଜୁଲାଇ ୭ ତାରିଖରେ କୈଳାସ ଏବଂ ଅଭିଯୁକ୍ତ ଆପେୟା ମଦ ପିଇ କୈଳାସ ରହୁଥିବା ସ୍ଥାନକୁ ଆସିଥିଲେ। ମଦ ନିଶାରେ ଆପେୟା କୈଳାସଙ୍କ ପତ୍ନୀଙ୍କୁ ଟଣାଓଟରା କରିଥିଲେ। କୈଳାସ ଏହାର ପ୍ରତିବାଦ କରିବାରୁ ଅପେୟା ତାଙ୍କୁ ଟାଣି ଟାଣି ବାହାରକୁ ନେଇଯାଇଥିଲେ। ପରଦିନ ସକାଳୁ ସେହି ଅଞ୍ଚଳଠାରୁ କିଛି ଦୂରରେ କୈଳାସଙ୍କ ମୃତଦେହ ଠାବ ହୋଇଥିଲା। ଏହି ଘଟଣାରେ କୈଳାସଙ୍କ ପତ୍ନୀ ଶାନ୍ତିଙ୍କ ଅଭିଯୋଗ ଆଧାରରେ ଗୋପାଳପୁର ପୁଲିସ ଆପେୟାଙ୍କୁ କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡ ମକଦ୍ଦମା ପରିଚାଳନା କରୁଥିଲେ।

## ଅବଶିଷ୍ଟାଂଶ...

### ପ୍ରଧାନମନ୍ତ୍ରୀଙ୍କ ସମେତ...

ବାଚସ୍ପତି ଚୟନ କରାଯିବାର ସଂସଦୀୟ ପରମ୍ପରା ରହିଛି। କିନ୍ତୁ ବିଜେପି ଏହାକୁ ଉଲ୍ଲଙ୍ଘନ କରିଛି। କେ ସୁରେଶ ଜଣେ ଦଳିତ ହୋଇଥିବାରୁ ତାଙ୍କୁ ଏହି ସୁଯୋଗରୁ ବଞ୍ଚିତ କରାଯାଇଛି। ଜଣେ ଦଳିତ ୫୪୩ ଜଣ ସାଂସଦଙ୍କୁ ଶପଥପାଠ କରାଇବେ ଏହା ବିଜେପିର ତୁଙ୍ଗ ନେତୃତ୍ୱ ଚାହିଁନାହାନ୍ତି। ବିଜେପି ଓ ତା'ର ପୃଷ୍ଠପୋଷକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସ୍‌ଏସ୍) ଉଚ୍ଚ ଜାତି ରାଜନୀତି କରନ୍ତି। ତେଣୁ ସଂରକ୍ଷିତ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ଜଣେ ଦଳିତ ସାଂସଦ ସବୁଠାରୁ ବରିଷ୍ଠ ହୋଇଥିଲେ ବି ତାଙ୍କୁ କାମଚଳା ବାଚସ୍ପତି ଭାବେ ଚୟନ କରାଯାଇ ନାହିଁ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

### ସଶକ୍ତ ବିରୋଧୀ...

ଓଡ଼ିଶାବାସୀ ଗତ ୧୦ ବର୍ଷ ହେଲା ଉପକୂଳ ରାଜପଥକୁ ଚାହିଁ ବସିଛନ୍ତି। ଯଦି ଏହି ପ୍ରକଳ୍ପ ହୋଇଥାନ୍ତା ତା ହେଲେ ଓଡ଼ିଶାର ଆର୍ଥିକ ସ୍ଥିତି ଆହୁରି ସମୃଦ୍ଧ ହୋଇପାରିଥାନ୍ତା। ଦୀର୍ଘ ବର୍ଷ ପରେ ବି ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରେ କ୍ୟାପିଟାଲ ରିଂ ରୋଡ ହୋଇ ପାରିଲା ନାହିଁ। ଏସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲାଗି ବିଜେଡି ସାଂସଦମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବେ।

ନବୀନ ପୁଣି କହିଛନ୍ତି ଯେ ଓଡ଼ିଶାର ଯୋଗ୍ୟ ହିତାଧିକାରୀମାନେ ଆଜି ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଅଛନ୍ତି। ଗତ ୧୦ ବର୍ଷରେ କେନ୍ଦ୍ର ସରକାର ୧୫ ଲକ୍ଷରୁ ଅଧିକ ଘର କାଟି ଦେଇଛନ୍ତି। ଓଡ଼ିଶାକୁ ଅତି କମ୍‌ରେ ୨୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା ପାଇଁ ଦାବି ହେଉଛି। ଓଡ଼ିଶାର ପ୍ରତ୍ୟେକ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା, ଅନୁସୂଚିତ ଅଞ୍ଚଳ ତଥା ଆଦିବାସୀ ଅଧ୍ୟୁଷିତ ଓଡ଼ିଶାର ପ୍ରତ୍ୟେକ ବ୍ଲକରେ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଜେଡି ଦାବି ଜଣାଇବ। ଓଡ଼ିଶାର ଉତ୍ତର, ପଶ୍ଚିମ ଓ ଦକ୍ଷିଣାଞ୍ଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସମ୍ବଲପୁର, କୋରାପୁଟ ଓ ବାଲେଶ୍ୱର (ଅଣ ସାଟେଲାଇଟ୍ ୟୁନିଟ୍)ରେ ପୂର୍ଣ୍ଣାଙ୍ଗ ଏମ୍‌ସ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦାବି ଦୋହରାଇବ ବିଜେଡି।

ରାଜ୍ୟର ଯୁବକଯୁବତୀଙ୍କୁ ରୋଜଗାର ପ୍ରଦାନ ପାଇଁ ଆଇଟି ପାର୍କ, ସେମିକଣ୍ଡକ୍ଟର ପାର୍କ, ଏମ୍‌ଏସ୍‌ଏମ୍‌ଇ ପାର୍କ, ଟେକ୍ସଟାଇଲ୍ ପାର୍କ ଓ ଇଣ୍ଡଷ୍ଟ୍ରିଆଲ କରିଡର ପ୍ରତିଷ୍ଠା ପାଇଁ ଦାବି କରାଯିବ। ଆଦିବାସୀ ବିକାଶ ପାଇଁ କେନ୍ଦ୍ରର ବିଚାରାଧୀନ ଓଡ଼ିଶାର ଏସ୍‌ଟି ତାଲିକାରେ ୧୬୨ ସମ୍ପ୍ରଦାୟକୁ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହେବ। ବିଜେଡି ଦୀର୍ଘ ବର୍ଷ ହେଲା ଦାବି କରି ଆସୁଥିଲେ ସୁଦ୍ଧା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ହୋ, ମୁଣ୍ଡାରୀ, ଭୂମିଜ, କୁଇ ଓ ସାଓରା ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦରେ ସାମିଲ କରିବାରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଚଳାଇଛନ୍ତି। କେନ୍ଦୁ ପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ପାଇଁ ମଧ୍ୟ କେନ୍ଦ୍ର ସରକାର ପଦକ୍ଷେପ ନେଉ ନାହାନ୍ତି। ଆଗାମୀ ଅଧିବେଶନରେ ଏହି ପ୍ରସଙ୍ଗରେ ବିଜେଡି କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ପ୍ରସ୍ତୁତ ହୋଇଛି।

ଏଥର ଚାଷୀଙ୍କୁ ଅବହେଳା ପ୍ରସଙ୍ଗରେ ମଧ୍ୟ କେନ୍ଦ୍ର ସରକାରଙ୍କ ଠାରୁ ଜବାବ୍ ମାଗିବ ବିଜେଡି। କେନ୍ଦ୍ରର ଅବହେଳା ଓ ବୀମା କମ୍ପାନୀଗୁଡ଼ିକର ଲାଭଖୋର ନୀତି ପାଇଁ ଓଡ଼ିଶାର ଚାଷୀଙ୍କୁ ଫସଲବୀମା ପ୍ରଦାନରେ ବିଳମ୍ବ ହେଉଛି। ଚାଷୀମାନେ ବେଶ୍ ଦୁର୍ଦ୍ଦଶା ଭୋଗୁଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ନୀତି ଭାଙ୍ଗୁ ନାହିଁ। ତେଣୁ ଫସଲ ବୀମା ଅର୍ଥ ଯେପରି ଠିକ୍ ସମୟରେ ଚାଷୀଙ୍କୁ ମିଳିବ ତାହା ସୁନିଶ୍ଚିତ କରିବା ଲାଗି ବିଜେଡି ଚାପ ପକାଇବ। ସେହିପରି ସ୍ୱାମୀନାଥନ୍ କମିଟିର ସୁପାରିସ ଅନୁସାରେ ଏକ କ୍ୱିଣ୍ଟାଲ ଧାନର ଏମ୍‌ଏସ୍‌ପି ନିର୍ଦ୍ଧାରଣ କରିବାକୁ ଦାବି ହେବ। ଯଦିଓ ବିଜେପି ସରକାର ୩୧୦୦ ଟଙ୍କା ଏମ୍‌ଏସ୍‌ପି ପାଇଁ ପ୍ରତିଶ୍ରୁତି ଦେଇଛି; ତଥାପି ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛି। ଚାଷୀଙ୍କ ପାଇଁ ସାର ଉପଲବ୍ଧ କରାଇବା ପାଇଁ ମଧ୍ୟ ବିଜେଡି ଦାବି ଜଣାଇବ।

ରାଜ୍ୟରେ ଆଜି ପର୍ଯ୍ୟନ୍ତ ସବୁ ଜିଲ୍ଲାରେ ଟ୍ରେନ୍ ଗଡ଼ି ପାରିଲା ନାହିଁ। ଏଥିସହ ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କର ନିଜସ୍ୱ ଶାଖା ଖୋଲିବା ଜରୁରୀ। ସବୁ ପଞ୍ଚାୟତରେ ମୋବାଇଲ୍ ଏବଂ ଡିଜିଟାଲ ସଂଯୋଗ ସୁନିଶ୍ଚିତ କରିବା ଜରୁରୀ। ଓଡ଼ିଶା ପାଇଁ କୋଇଲା ରାଜଭାଗ ବଢ଼ାଇବା ପାଇଁ ୧୦ ବର୍ଷର ଦାବି କେନ୍ଦ୍ର ସରକାର ଶୁଣୁ ନାହାନ୍ତି। ଓଡ଼ିଶାରୁ କୋଇଲା ଯାଉଥିଲେ ସୁଦ୍ଧା ଏହାର ସୁଫଳ ଲୋକଙ୍କ ଉନ୍ନତିରେ ଲାଗିପାରୁ ନାହିଁ। ଓଡ଼ିଶା ଭିତରେ ମହାନଦୀ ପ୍ରକଳ୍ପ ସମେତ ସମସ୍ତ ଅଟକି ରହିଥିବା ଜଳସେଚନ ପ୍ରକଳ୍ପ ଅନୁମୋଦନ ପାଇଁ ବିଜେଡି ଦାବି କରିବ। ସେହିପରି ମୁଖ୍ୟମନ୍ତ୍ରୀ ଥିବା ସମୟରେ ନବୀନ ପଟ୍ଟନାୟକଙ୍କ ପ୍ରସ୍ତାବ ଅନୁସାରେ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତି କ୍ରମେ ପାରିତ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ଦାବି ହେବ। ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷିତ କରିବା ଦାବିକୁ ମଧ୍ୟ ବିଜେଡି ଦୋହରାଇବାକୁ ନବୀନ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସାଂସଦମାନେ ଦଳର ସଭାପତିଙ୍କ ବଳିଷ୍ଠ ନେତୃତ୍ୱ, ଦୂରଦୃଷ୍ଟି ଓ ଦିଗ୍‌ଦର୍ଶନ ପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସଂସଦରେ ଓଡ଼ିଶା ତଥା ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ସ୍ୱର ଉତ୍ତୋଳନ ପାଇଁ ସେମାନଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ ଦୃଢ଼ ପ୍ରୟାସକୁ ଦୋହରାଇଛନ୍ତି।

### ପାଞ୍ଚ ଜିଲ୍ଲାରେ...

୨୬ ତାରିଖ ବେଳକୁ ବର୍ଷାର ପରିମାଣ ବଢ଼ିବା ସହ ୨୭ ଓ ୨୮ ତାରିଖରେ ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି।

### ଦୁର୍ଘଟଣାରେ ଦୁଇ...

ସେମାନଙ୍କୁ ବାଲିମେଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଚିତ୍ରକୋଣ୍ଡା ବ୍ଲକ୍ କୁଡୁମୁଲୁଗୁମ୍ମାସ୍ଥିତ ପୁରୁଣା କାର୍ଯ୍ୟାଳୟରେ କାମ ସାରି ଅଞ୍ଜନ ଓ ଗାୟତ୍ରୀ ଅପରାହ୍ଣ ପ୍ରାୟ ୫ଟାରେ ଏକ ବାଇକ୍‌ରେ ମାଲକାନଗିରି ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବାଲିମେଳା-ଗୋବିନ୍ଦପାଲ୍ଲୀ ମୁଖ୍ୟ ରାସ୍ତାର ହାତୀଆମ୍ବ ଗ୍ରାମ ନିକଟ ଏକ ବୁଲାଣି ନିକଟରେ ହଠାତ୍ ଏକ ବାଇକ୍ ଆଗକୁ ଆସିଯିବାରୁ ଶ୍ରୀ ଚୌଧୁରୀ ନିଜ ବାଇକକୁ ଅଟକାଇ ଦେଇଥିଲେ। ଏହି ସମୟରେ ଦ୍ରୁତଗତିରେ ପଛପଟୁ ଆସୁଥିବା ଅନ୍ୟ ତିନିଟି ବାଇକ୍ ଶ୍ରୀ ଚୌଧୁରୀଙ୍କ ବାଇକକୁ ଧକ୍କା ଦେଇଥିଲେ। ଏଥିରେ ଶ୍ରୀ ଚୌଧୁରୀ ଓ ଗାୟତ୍ରୀ ଦେବୀଙ୍କ ସମେତ ମୋଟ ୭ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଗୁମ୍ମା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଶ୍ରୀ ଚୌଧୁରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଆହତମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ବେଳକୁ ତାଙ୍କ ପରିଚୟ ମିଳିପାରିନଥିଲା। ଗୁମ୍ମା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ହଟିବ ପେଟ୍ରୋଲ...

ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା(ଓରେଡା) ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ୧୦୦ଟି ମାଛଧରା ବୋଟ୍ ଓ ୨୮ ଟି ଯାତ୍ରୀବାହୀ ବୋଟ୍‌କୁ ସୋଲାର୍ କିମ୍ବା ବୈଦ୍ୟୁତିକ ବୋଟ୍ ଭାବେ ନବୀକରଣ କରାଯିବାକୁ ଟେଣ୍ଡରରେ ଦର୍ଶାଯାଇଛି।

ଓରେଡା ପକ୍ଷରୁ ଆହ୍ୱାନ କରାଯାଇଥିବା ଏହି ଟେଣ୍ଡର ଜୁଲାଇ ୧୮ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କାରଯିବ। ଏହାପରେ ମାନଦଣ୍ଡ ପୂରଣ କରୁଥିବା ସଂସ୍ଥାକୁ ଏହି ଟେଣ୍ଡର ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ପ୍ରାଥମିକ ସ୍ତରରେ ପାଇଲଟ୍ ପ୍ରକଳ୍ପ ଭାବେ ଏହା ଚିଲିକାରେ କାର୍ଯ୍ୟକାରୀ ହେବ। ଏହି ପ୍ରକଳ୍ପ ଯଦି ସଫଳ ହୁଏ, ତାହେଲେ ରାଜ୍ୟର ଅନ୍ୟସ୍ଥାନରେ ମଧ୍ୟ ଏହି ବ୍ୟବସ୍ଥା କାର୍ଯ୍ୟାନ୍ୱୟନ ହେବ।

ଉଲ୍ଲେଖଯୋଗ୍ୟ ଯେ ଚିଲିକା ହେଉଛି ଏସିଆର ସବୁଠାରୁ ବଡ଼ କ୍ଷାରଜଳଯୁକ୍ତ ହ୍ରଦ। ଏଠାରେ ଅନେକ ପ୍ରଜାତିର ସ୍ଥାନୀୟ ଏବଂ ପ୍ରବାସୀ ପକ୍ଷୀଙ୍କର ଏକ ବାସସ୍ଥଳୀ ହେତୁ ଏହା 'ରାମସାର ସମ୍ମିଳନୀ ଅଧୀନରେ ଅନ୍ତର୍ଜାତୀୟ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି'(ରାମସାର ୱେଟ୍ ଲ୍ୟାଣ୍ଡ ଅଫ୍ ଇଣ୍ଟରନ୍ୟାସନାଲ ଇମ୍ପୋର୍ଟାନ୍ସ) ରେ ସ୍ଥାନିତ ହୋଇଛି। ହଜାର ହଜାର ପ୍ରବାସୀ ପକ୍ଷୀଙ୍କ ଦୀର୍ଘଯାତ୍ରାରେ ଚିଲିକା ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ଥାୟୀ ରହଣି (ଷ୍ଟପ୍ ଓଭର୍ ପଏଣ୍ଟ) ଭାବରେ କାର୍ଯ୍ୟ କରେ। ଚିଲିକା ବିଭିନ୍ନ ପ୍ରଜାତିର ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ଜଳଜୀବଙ୍କ ସହ ବିରଳ ଇରାୱାଡି ଡଲଫିନ୍ ମାଛଙ୍କ ଘର ଭାବେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ଚିଲିକାରେ ଡିଜେଲ ଓ ପେଟ୍ରୋଲ୍ ଚାଳିତ ମୋଟର ବୋଟ୍ ବ୍ୟବହାର ଦ୍ୱାରା ଏହା ବିଭିନ୍ନ ପ୍ରକାର ପ୍ରଦୂଷଣର କାରଣ ହେଉଛି। ଏହା ପ୍ରଭାବରେ ବିଦେଶାଗତ ପକ୍ଷୀମାନଙ୍କ ସଂଖ୍ୟା କମିବା ସହ ଡଲଫିନ୍ ମାଛଙ୍କର ଗତି ପଥ ମଧ୍ୟ ହ୍ରଦରୁ ଦୂରେଇ ଯାଉଥିବା ଆଶଂକା ରହୁଛି।

ଏହାକୁ ଦୃଷ୍ଟିରେ ରଖି ଚିଲିକାରେ ସୌରଚାଳିତ ବା ବୈଦ୍ୟୁତିକ ଚାଳିତ ବୋଟ ଚାଲିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଗତ ଅକ୍ଟୋବର ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ଚିଲିକାରେ ସୌର ବୋଟ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଓରେଡା ପକ୍ଷରୁ ଏ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରାଯାଇଥିବା ବେଳେ ଏନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ତ୍ତମାନ ଯେଉଁ ବୋଟ୍‌ଗୁଡ଼ିକ ଏଠାରେ ଚାଲିଛି, ତାହାକୁ ନବୀକରଣ କରାଯିବାର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୋଲାର ବୋଟ୍‌ଗୁଡ଼ିକୁ କୌଣସି ବାହ୍ୟ ସହାୟତା ଆବଶ୍ୟକ ନଥିବା ବେଳେ ବୈଦ୍ୟୁତିକ ବୋଟ୍ ପାଇଁ ଚିଲିକା ହ୍ରଦ ନିକଟରେ ଚାର୍ଜିଂ ଷ୍ଟେସନ୍ ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ଟେଣ୍ଡର୍‌ରେ ଦର୍ଶାଯାଇଛି।

### ୭ ତାରିଖ...

ପରିଚାଳନା କମିଟି ବୈଠକ ବସିବା ସହ ନିର୍ଘଣ୍ଟ ନୀତି ଉପରେ ମୋହର ବାଜିବ ବୋଲି ଜଣାଯାଇଛି।

ଏ ବର୍ଷ ଅଣସର ୧୩ ଦିନିଆ ପକ୍ଷ ପଡ଼ିଛି। ତେଣୁ ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ଜୁଲାଇ ୬ ତାରିଖରେ ପଟିଦିଅଁଙ୍କଠାରୁ ରଥଖଳାକୁ ଆଜ୍ଞାମାଳ ବିଜେ ହେବ। ସେହିଦିନ ରଥଖଳାରୁ ତିନିରଥକୁ ସିଂହଦ୍ୱାର ସମ୍ମୁଖକୁ ନିଆଯିବ। ୬ ତାରିଖ ରାତି ୨ଟାରେ ଦ୍ୱାରଫିଟି ନେତ୍ରୋତ୍ସବ ନୀତି ହେବ। ରାତି ୨ଟାରେ ହେବ ମଙ୍ଗଳ ଆଳତି। ଏହାପରେ ମଇଲମ, ଅବକାଶ, ଦଶାବତାର ଠାକୁର ବାହୁଡା ବିଜେ ଆଦି ନୀତିକାନ୍ତି କରାଯାଇ ୭ ତାରିଖ ସକାଳ ୬ରୁ ୭ଟା ମଧ୍ୟରେ ଗୋପାଳବଲ୍ଲଭ ଓ ଘଣ୍ଟଛତା ସକାଳ ଧୂପ (ଖେଚୁଡି ଭୋଗ) ସରିବ। ସକାଳ ସାଢ଼େ ୭ରୁ ମଧ୍ୟାହ୍ନ ସାଢ଼େ ୧୨ଟା ମଧ୍ୟରେ ଶ୍ରୀଅଙ୍ଗରେ ସେନାପଟା ଲାଗି ହେବ। ପୂର୍ବାହ୍ନ ୧୧ଟାରେ ରଥ ପ୍ରତିଷ୍ଠା, ଅପରାହ୍ଣ ୧ଟାରେ ମଙ୍ଗଳାର୍ପଣ ହୋଇ ୧ଟା ୧୦ରେ ଆରମ୍ଭ ହେବ ପହଣ୍ଡି। ୧ଘଣ୍ଟା ୨୦ ମିନିଟ୍ ମଧ୍ୟରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଶେଷ କରାଯିବାକୁ ସମୟ ନିର୍ଘଣ୍ଟ ହୋଇଛି। ଅର୍ଥାତ୍ ସାଢ଼େ ୨ଟା ସୁଦ୍ଧା ପହଣ୍ଡି ସରିବ। ୩ଟା ମଧ୍ୟରେ ମଦନମୋହନ, ରାମ ଓ କୃଷ୍ଣଙ୍କୁ ରଥରେ ବିଜେ କରାଯିବ। ଅପରାହ୍ଣ ୩ଟାରୁ ୪ଟା ମଧ୍ୟରେ ଛେରାପହଁରା ଶେଷ ହେବା ପରେ ସାଢ଼େ ୪ଟା ସୁଦ୍ଧା ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥି ଲାଗିବେ। ଏହାପରେ ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି।

ସେହିପରି ବୈଠକରେ ଜୁଲାଇ ୧୫ ତାରିଖ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟାରୁ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୨ଟାରେ ପହଣ୍ଡି ଶେଷ ହେବ। ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ଶେଷ ହୋଇ ଅପରାହ୍ଣ ୪ଟାରେ ରଥଟଣା ଯିବ। ୧୭ ତାରିଖ ଅପରାହ୍ଣ ୫ଟାରୁ ସନ୍ଧ୍ୟା ସାଢେ ୬ଟା ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ରାତି ୧୦ରୁ ୧୧ଟା ମଧ୍ୟରେ ବେଶ ମଇଲମ କରାଯିବ। ୧୮ ତାରିଖ ରାତି ୮ଟାରେ ଅଧରପଣା ନୀତି ସମ୍ପନ୍ନ ହେବ। ଜୁଲାଇ ୧୯ ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ଅର୍ଥାତ୍ ରତ୍ନସିଂହାସନକୁ ବିଜେ କରିବେ ବୋଲି ନୀତି ଚୂଡ଼ାନ୍ତ ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ନୀତି ସବ୍ କମିଟି ସଦସ୍ୟ ଏବଂ ଛତିଶା ନିଯୋଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

### ବ୍ୟବସ୍ଥାବଳୀରେ...

ନୀତିକାନ୍ତି କିପରି ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେବ, ତାହା ଉପରେ ଆଲୋଚନା ହେବ। ସେହିପରି ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀକୁ ମଧ୍ୟ ଅନୁମୋଦନ ଦିଆଯିବ। ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀମନ୍ଦିର ସେବାୟତ ଏବଂ କର୍ମଚାରୀମାନେ କାମ କରିବେ। ଏଥିରେ ଯାହା ଉଲ୍ଲେଖ ରହିବ, ତାହାକୁ ଯେପରି କୌଣସି ସେବାୟତ କିମ୍ବା କର୍ମଚାରୀ ଉଲ୍ଲଂଘନ ନ କରିବେ, ତା' ଉପରେ ଗୁରୁତ୍ୱ ଦିଆଯିବ।

## ● ହାଡ଼ଫୁଟିକୁ ନେଇ ଗ୍ରାମବାସୀ ଭୟଭୀତ

# ପଞ୍ଚଡ଼ାପଦରରେ ପହଞ୍ଚିଲେ ଡାକ୍ତରୀ ଦଳ

**କୋରାପୁଟ/ପୋଡ଼ାଗଡ଼,୨୪।୬(ସମିସ):** ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ଅଧୀନସ୍ଥ ପଞ୍ଚଡ଼ାପଦର ଗାଁରେ ହାଡ଼ଫୁଟି ରୋଗ ବ୍ୟାପିଥିବା ବେଳେ ଏହାକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଗାଁର ସାନ ପିଲାଠାରୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ସଂକ୍ରମଣ



ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ ମମତା ସାଉନ୍ତା, ମିକି ସାଉନ୍ତା, ଜାମ୍ବିଲି ସାଉନ୍ତା, ଲିପସା ସାଉନ୍ତା, ସୁନ୍ଦରି ସାଉନ୍ତା, ଝାଡୁ ସାଉନ୍ତା, ଜୟନ୍ତୀ ସାଉନ୍ତା, ଆରତୀ ସାଉନ୍ତା, ରୁନି ସାଉନ୍ତା, ଅଭୟ ସାଉନ୍ତା, ଶାନ୍ତି ସାଉନ୍ତା ଭଳି ଆଉ କେତେକ ଲୋକ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡ. ସୁଧାଂଶୁ କୁମାର ଗିରିଙ୍କ ନିର୍ଦ୍ଦେଶରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଡାକ୍ତରୀ ଦଳ ପଞ୍ଚଡ଼ାପଦର ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିବା ସହ ଲୋକଙ୍କୁ ସଚେତନ କରାଇଛନ୍ତି। ଲୋକେ ଭୟଭୀତ ହେବାର ଆବଶ୍ୟକ ନାହିଁ, ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି। ଏହା କୌଣସି ଅଜଣା ରୋଗ ନୁହଁ, ଲୋକେ ବିଭ୍ରାନ୍ତି ହେବାର କାରଣ ନାହିଁ। ଏହା ହାଡ଼ଫୁଟି ଓ ଚିକିତ୍ସାରେ ସୁସ୍ଥ ହେବା ସମ୍ଭବ। ଲୋକେ ଏଭଳି ଅନୁଭବ କଲେ ଡାକ୍ତରଖାନା ଯାଇ ଆବଶ୍ୟକ ଚିକିତ୍ସା ହେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଲୋକ ସମ୍ପର୍କ ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ଖଟୁଆ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact-Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I Dipti Ranjita Prusty D/O Late. Raghunath Prusty, resident of Village Sinduria P.O./PS/Dist. Nayagarh Odisha Pin.752069 married to Ushman Alii khan S/O Umar Alii khan resident of Village Sinduria. PO/PS/Dist. Nayagarh Pin-752069 do hereby declare by this affidavit No.CFNo2/2 Date.21.1.2023 that now onwards I shall be known as Ayesha Bibi for all purposes.

**AFFIDAVIT**
I, Subhashis Dash, S/o-Kailash Chandra Dash, resident of At/Ps/Ps- Buguda, Main Road, Dist- Ganjam, Pin- 761118, Odisha declare by this affidavit No.2789, Dated - 24/06/2024, that now onwards I shall be known as **SUBHASISH DASH** for all future purposes.

GOVERNMENT OF ODISHA DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER UPPER INDRAVATI RIGHT CANAL DIVN.NO.I
AT/PO: MUKHIGUDA, DIST: KALAHANDI ODISHA, PIN: 766026
e-mail address: eeuircd1@gmail.com

1. Type of Work : Canal works
2. Total No. of Works :15nos.
3. Estimated Cost ; Rs.17.30 lakh to Rs.8.24 lakh (excluding GST)
4. Period of Completion : 05 (Five) calendar months
5. Class of contractor : 'D', 'C & Class

| Procurement Officer | e-Procurement No. | Bid Amount | Availability & Submission of Bids on line. |
| --- | --- | --- | --- |
| SUPERINTENDING ENGINEER UPPER INDRAVATI RIGHT CANAL DIVISION NO. I AT/PO: MUKHIGUDA, DIST. KALAHANDI ODISHA, PIN: 766026 | SE, RCD-I-02(01-15)/ 24-25 Dt.21.06.2024 | Rs.17.30 lakh to Rs.8.24 lakh (excluding GST) | From 28.06.2024,10AM to 08.07.2024, 05.00 P.M. |

Date of opening of bid: Dt-09.07.2024 at 10.00 AM in the O/O the Superintending Engineer, UI Right Canal Division No-I, Mukhiguda, Kalahandi, Odisha, PIN-766026.
Further details can be seen from the Govt. Website www.tendersorissa.gov.in

Sd/- Superintending Engineer
UI Right Canal Divn.No.I, Mukhiguda, Kalahandi
A-66 OIPR - 32193/11/0002/2425

# ଡାଲି ଜାତୀୟ ଫସଲ ଉପରେ ତାଲିମ



**ତେଲକୋଇ,୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ କୃଷି ବିଭାଗ ପକ୍ଷରୁ ଖୁଣ୍ଟାପଡା ବ୍ରହ୍ମେଶ୍ୱର ମନ୍ଦିର ପରିସରରେ ସୋମବାର ଚାଷୀମାନଙ୍କୁ କ୍ଷେତ୍ର ଦିବସ ଅବସରରେ ଡାଲିଜାତୀୟ ଫସଲ ଉପରେ ତାଲିମ ପ୍ରଦାନ କରାଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା, ବ୍ଲକ କୃଷି ଅଧିକାରୀ ଦାୟିତ୍ୱରେ ଥିବା ଲକ୍ଷ୍ମୀ ଦେବୀ ଶର୍ମା, କୃଷି ଅଧିଦର୍ଶକ ଚନ୍ଦ୍ରିକା ଦେହୁରୀ, ଅଧିଦର୍ଶକ ଗୋଲଖ ସାହୁ, ଶଙ୍କରଷଣ ନାଏକ ଓ ମନୋଜ ଦାସ ପ୍ରମୁଖ ସାମିଲ ରହିଥିଲେ। ତେବେ ଚାଷୀଙ୍କୁ ପଡ଼ିଆ ପାଖ ଡାଲି ଜାତୀୟ ଫସଲ ଓ ଡାଲି ଜାତୀୟ ଫସଲର ଉତ୍ପାଦନ କ୍ଷମତା ଓ ଚାଷର ପ୍ରଣାଳୀକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ମାଟିର ଉର୍ବରତାକୁ ଏହି ତାଲିମରେ ଚାଷୀମାନଙ୍କୁ ବ୍ଲକ କୃଷି ଅଧିକାରୀ ଅବଗତ କରିଥିଲେ। ସେହିପରି କ୍ଷେତ୍ର ଦିବସରେ ରାଜ୍ୟ ଯୋଜନା ରହିଥିବା ବେଳେ ଖୁଣ୍ଟାପଡ଼ା ପଞ୍ଚାୟତର ଖୁଣ୍ଟାପଡ଼ା ଗ୍ରାମର ଶତାଧିକ ଚାଷୀ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥଲେ।

# ଚମକପୁର ପଞ୍ଚାୟତରେ ୨ମାସର ପିଡିଏସ୍ ମିଳିନି

**ଯୋଡ଼ା,୨୪।୬(ସମିସ)**

ନିର୍ବାଚନ ପୂର୍ବରୁ ମେ' ଓ ଜୁନ୍ ମାସରର ପିଡିଏସ୍ ଚାଉଳ ଏକକାଳୀନ ଦେବା ପାଇଁ ପ୍ରାବଧାନ ଥିଲେ ମଧ୍ୟ ଯୋଡ଼ା ବ୍ଲକ ଅନ୍ତର୍ଗତ ଚମକପୁର ପଞ୍ଚାୟତରେ ୨ମାସର ପିଡିଏସ୍ ଚାଉଳ ମିଳିନଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତକୁ ମାସିକ ୨୪୫ କ୍ୱିଣ୍ଟାଲ ଚାଉଳ ହିତାଧିକାରୀମାନଙ୍କ ନିମନ୍ତେ ଆସୁଥିବା ବେଳେ ୨ମାସର ଚାଉଳ ହେରଫେର ହୋଇଥିବା ଯୋଗୁଁ ହିତାଧିକାରୀମାନେ ଏହି ଚାଉଳରୁ ବଞ୍ଚିତ ହୋଇଛନ୍ତି। ଏହି ଚାଉଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ ବଣ୍ଟନ କରାଯାଇଥାଏ। ତେବେ ଗୋଦାମରେ ୨ଶହ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ବସ୍ତା ଚାଉଳ କମ ଗଚ୍ଛିତ ଥିବା ଯୋଗୁଁ ଏହାକୁ ସମତୁଲ କରିବା ପାଇଁ କିଛି ହିତାଧିକାରୀଙ୍କ ନାମରେ ସେମାନଙ୍କ ପ୍ରାପ୍ୟ ଚାଉଳ ନଦେଇ ସେମାନଙ୍କ ନାମରେ ରସିଦ କାଟିଦିଆଯାଉଥିବା ଅଭିଯୋଗ ହୋଇଛି। କାଁ ଭାଁ ହିତାଧିକାରୀ ଏହି ଚାଉଳ ପାଇଥିବା ବେଳେ ଅଧିକାଂଶ ହିତାଧିକାରୀ ୨ମାସର ଚାଉଳ ପାଇନାହାନ୍ତି। ଏହି ଚାଉଳ କମ୍ ଥିବା ପ୍ରକ୍ରିୟା ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ୍ୱର ପ୍ରଧାନ ଓ ତାଙ୍କ ପରେ ବିଦ୍ୟାଧର ପାତ୍ର ସମୟରୁ ଗଡି ଆସୁଥିବା ବେଳେ ଏବେ ପୁରୁଷୋତ୍ତମ ସାହୁଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତେବେ ଦୀର୍ଘ ମାସ ଧରି ଚାଉଳ ନପାଇ ସ୍ଥାନୀୟ ବାସିନ୍ଦାମାନେ ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣିମା ସାହୁଙ୍କୁ ମେ' ୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ସେମାନେ ଦର୍ଶାଇଥିଲେ ଯେ, ଏହି ଚାଉଳ ବଣ୍ଟନ ନିମନ୍ତେ ଏପ୍ରିଲ ୧୮, ୨୨, ୨୪ରେ ତିନି ଥର ସରପଞ୍ଚଙ୍କ ମାଧ୍ୟମରେ ବିଜ୍ଞପ୍ତି ଜାରି କରାଯାଇଥିଲେ ମଧ୍ୟ ଖାଉଟିମାନେ ଏହି ଚାଉଳ ପାଇପାରିନାହାନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରି ଫେରିଛନ୍ତି। ୨୮ ନଂ.ଜୋନ ଜିଲା ପରିଷଦ ଡମ୍ବରୁଧର କୁଦାଃଦା ଜୁନ୍ ୧୮ ତାରିଖରେ ଏ ସଂକ୍ରାନ୍ତରେ ସାଂସଦ ଅନନ୍ତ ନାଏକଙ୍କୁ ଭେଟି ଅଭିଯୋଗ କରିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଏବଂ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ୧୫ଦିନ ଭିତରେ ଏହି ସମସ୍ୟାକୁ ସମାଧାନ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଉଥିବା ବେଳେ ଗୋଦାମରୁ ଏହି ଚାଉଳ କିଭଳି ନିଅଣ୍ଟ ହେଲା ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ୧୫ଦିନ ମଧ୍ୟରେ ଏହାକୁ ସମାଧାନ କରାନଗଲେ ଏହା ଏକ ଆନ୍ଦୋଳନର ରୂପ ନେବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି।

● ମଦ୍ୟପ ଯୁବକଙ୍କ ଉନ୍ମତକାଣ୍ଡ

# ନିଲାମ ଚାଲିଥିବା ବେଳେ ସରପଞ୍ଚଙ୍କୁ ଆକ୍ରମଣ

**ତୁରୁମୁଙ୍ଗା,୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖୀରେଇଟାଙ୍ଗିରୀ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତର ହାଟ, ପୋଖରୀ ଆଦି ସ୍ଥାବର, ଅସ୍ଥାବର ସମ୍ପତି ନିଲାମ ଚାଲିଥିବା ସମୟରେ ସେହି ପଞ୍ଚାୟତ ନୂଆଗାଁ ଗ୍ରାମର ଗୋପବନ୍ଧୁ ନାଏକଙ୍କ ପୁଅ ହିମାଂଶୁ ନାଏକ ମଦନିଶାରେ ପଞ୍ଚାୟତ କାର୍ଯ୍ୟାଳୟରେ ପଶି ଅସଭ୍ୟ ଭାଷାରେ ଗାଳିଗୁଳଜ କରିଥିଲେ। ସରପଞ୍ଚ ସଞ୍ଜୁଲତା ନାଏକଙ୍କୁ ଖରାପ ଭାଷାରେ ଗାଳି ଗୁଳଜ କରିବା ସହ ଠେଲାପେଲା କରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚିରି ଦେଇଛନ୍ତି। ଏପରିକି ୧୨ ହଜାର ଟଙ୍କା ନେଇ ପଳାଇଥିବା ନେଇ ସରପଞ୍ଚ ସଞ୍ଜୁଲତା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ୍ ୨୦୮/୨୪ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ଏସ୍ଆଇ ରଶାନନ୍ଦ ନାଏକ ତଦନ୍ତ ଜାରି ରଖିଛି।

# ରାସ୍ତାକଡ଼ ଗଛକୁ ଧକ୍କା ଦେଇ ବାଇକ୍ ଚାଳକ ଗୁରୁତର

**ତୁରୁମୁଙ୍ଗା,୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି-ଉଖୁଣ୍ଡା ରାସ୍ତାର ବାଉଁଶୁଳି ନିକଟରେ ବାଉଁଶୁଳି ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଶାଳଗଛକୁ ଧକ୍କାଦେବା ଫଳରେ ଗୁରୁତର ହୋଇଛନ୍ତି।ସ୍ଥାନୀୟଲୋକେତାଙ୍କୁଉଦ୍ଧାରକରି୧୦୮ ସହାୟତାରେଜିଲ୍ଲାମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ବାଇକ ଆରୋହିଙ୍କ ପରିଚୟ ମିଳିପାରିନାହିଁ ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତକରି ତଦନ୍ତକରୁଛି।

# ରାଜପଥ ପାର୍ ହେଉଥିବା ବେଳେ ଟ୍ରକ୍ ଧକ୍କାରେ ମହିଳା ମୃତ

**ତେଲକୋଇ,୨୪।୬(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥ ବିଞ୍ଜ ବାହାଳ ଛକରେ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ବାସନ୍ତୀ ସାହୁ(୫୫)। ତାଙ୍କ ସମ୍ପର୍କୀୟଙ୍କୁ ବସ୍ଷ୍ଟାଣ୍ଡକୁ ଆଣି ଛାଡୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିବା ବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଲୋକଙ୍କୁ ବୁଝାସୁଝା କରି ମୃତଦେହକୁ ଉଦ୍ଧାର କରିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ (ଓଡି୦୯ଜି ୪୨୭୭)କୁ ସ୍ଥାନୀୟ ଲୋକେ କାବୁ କରିଥିବା ବେଳେ ଚାଳକକୁ ପୁଲିସ ଅଟକ ରଖିଛି। ରାସ୍ତା ଉପରେ ମୃତଦେହ ରଖି ଆବଶ୍ୟକ କ୍ଷତି ପୂରଣ ସମେତ ରାସ୍ତା ଉପରେ ହମ୍ପସ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ପୁଲିସ ଲୋକଙ୍କୁ ବୁଝାସୁଝା କରିଛି।ଏହି ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁ ୨୦୫/୨୪ରେ ଏକ ମାମଲା ରୁଜୁ ହୋଇଥିବା ଜଣା ପଡ଼ିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଜେପି କର୍ମୀ ସମ୍ମିଳନୀ



**ରାମଚନ୍ଦ୍ରପୁର,୨୪।୬(ସମିସ):** ଘସିପୁରା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ନଣ୍ଡାବର ବୁଥ ନମ୍ବର ୨୯୭ ଅଧୀନରେ ଥିବା ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ନେଇ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ଅଞ୍ଜନ ବେହେରା ଏବଂ କାହ୍ନୁଚରଣ ଜେନାଙ୍କ ସଂଯୋଜନାରେ ଶହେରୁ ଊର୍ଦ୍ଧ୍ୱର୍ ବିଜେପି କର୍ମୀ ଏକତ୍ରିତ ହୋଇ କେନ୍ଦୁଝର ମାଟିର ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। ପରେ ୨୯୭ ନମ୍ବର ବୁଥ ଅଧୀନରେ ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାକୁ ଶପଥ ନେଇଥିଲେ।

# ମହିୟସୀ ମହିଳାଙ୍କ ପରଲୋକ



**ଆନନ୍ଦପୁର, ୨୪।୬(ସମିସ):** ଆନନ୍ଦପୁର ପୌରାଞ୍ଚଳ ୧୫ନଂ ୱାର୍ଡନିବାସୀ ଗୋପୀନାଥ ପଟ୍ଟନାୟକଙ୍କ ଧର୍ମପତ୍ନୀ ବାଳାମଣୀ ପଟ୍ଟନାୟକ(୮୬)ଙ୍କର ପରଲୋକ ହୋଇଯାଇଛି। ସେ ସବୁଦିନ ପରି ଆଜି ସକାଳୁ ନିତ୍ୟକର୍ମ ସାରି ପଥ୍ୟ ଖାଉଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କ୍ରୀଡାବିତ୍, ଜନସାଧାରଣ, ଗଣମାଧ୍ୟମର ପ୍ରତିନିଧି ତାଙ୍କ ମୁରାବାଲିସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶେଷଦର୍ଶନ କରିଥିଲେ। ଖବର ପାଇ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପୂର୍ବତନ ସରପଞ୍ଚ ପରେଶ କୁଅଁର, ଅନ୍ତର୍ଯ୍ୟାମୀ ଭଞ୍ଜ, ସୁଶାନ୍ତ କୁମାର ନାଥ, ଶୁଭାଶିଷ ଜେନା, ଦେବାଶିଷ ପାଗଳ ପ୍ରମୁଖ ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁତ୍ର ନୀଳମଣୀ ପଟ୍ଟନାୟକ, ବୁଲୁ ପଟ୍ଟନାୟକ, ଝିଅ ଅନ୍ନପୂର୍ଣ୍ଣା ପଟ୍ଟନାୟକ, ନାତି ଆଶିଷ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ରାକେଶ କୁମାର ଦାସ, ମହେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ, ତାଙ୍କ ସାନପୁଅ ବୁଲୁ ପଟ୍ଟନାୟକ ଜଣେ କ୍ରୀଡ଼ାବିତ୍ ଓ ରେଡିଓ ଶ୍ରୋତା ଭାବେ ସାରା ରାଜ୍ୟରେ ପରିଚିତ।

# ଆକାଶଛୁଆଁ ପନିପରିବା ଦର, ଖାଉଟି କଲବଲ

**ହାଟଡ଼ିହୀ,୨୪।୬(ସମିସ):** ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି କାରଣରୁ ପରିବା ଚାଷ ଫିକା ପଡ଼ିଯାଇଛି। ଅତ୍ୟଧିକ ଉତ୍ତାପ ଯୋଗୁଁ



ଅନେକ ପରିବା ଚାଷୀ ପନିପରିବା ଅମଳ କରିବାରେ ସକ୍ଷମ ହେଉନଥିବା ବେଳେ ଅଧିକାଂଶ ସ୍ଥାନରେ ଜଳାଭାବ ଚାଷୀଙ୍କୁ ଆହୁରି ଯନ୍ତ୍ରଣା ଦେଉଛି। ଚାଷୀ ବହୁ କଷ୍ଟରେ କିଛି କିଛି ପନିପରିବା ଅମଳ କରି ହାଟ ବଜାରରେ ମାନଙ୍କରେ ବିକ୍ରି କରୁଥିଲା ବେଳେ ଏବେ ପନିପରିବା ଦର ନକହିବା ଭଲ। ହାଟଡ଼ିହୀ ଅଞ୍ଚଳର ସର୍ବବୃହତ ତାଜା ପନିପରିବା ନିୟମିତ ବଜାର କହିଲେ ଛେନାପଦୀ ଛକକୁ ବୁଝାଏ। ଏବେ ଛେନାପଦୀ ଛକରେ ପନିପରିବା ଦର ଆକାଶ ଛୁଆଁ ହୋଇଥିଲା ବେଳେ ବିଲାତି ୧ଶହ, ଜହ୍ନି କିଲୋ ୬୦ଟଙ୍କା, କୁନ୍ଦୁରୀ କିଲୋ ୪୦, ବାଇଗଣ କିଲୋ ୮୦, ପୋଟଳ କିଲୋ ୮୦, କାକୁଡ଼ି କିଲୋ ୪୦, ଭେଣ୍ଡି କିଲୋ ୪୦, ଅମୃତଭଣ୍ଡା କିଲୋ ୪୦, ବୋଇତାଳୁ କିଲୋ ୨୦, ଲଙ୍କା କିଲୋ ୧ଶହ, କାଙ୍କଡ଼ କିଲୋ ୮୦, ବିମ କିଲୋ ଦେଢ଼ଶହ ଟଙ୍କା, ସଜନାଛୁଇଁ କିଲୋ ୧ଶହ, ଝୁଡ଼ଙ୍ଗ କିଲୋ ୮୦, ଫୁଲକୋବି କିଲୋ ୮୦, ବନ୍ଧାକୋବି କିଲୋ ୪୦, କଲରା କିଲୋ ୧ଶହ, ଗାଜର କିଲୋ ୪୦, କଞ୍ଚା କଦଳୀ ଡଜନ ୬୦ଟଙ୍କା ରହିଥିବାରୁ ଜଣେ ମଧ୍ୟବିତ୍ତ ପରିବାରର ଲୋକ ୫ଶହ ଟଙ୍କା ଧରି ପରିବା କିଣିବାକୁ ଗଲେ ସୁଦ୍ଧା ବ୍ୟାଗ ପୁରୁନାହିଁ। ସାଧାରଣ, ଗରିବ, ଖଟିଖିଆ, ମୁଲିଆ ଓ ମଧ୍ୟବିତ୍ତ ଶ୍ରେଣୀର ପରିବାର ଲୋକେ ପନିପରିବା ଦର ଶୁଣି ପରିବା ବଜାରରୁ ମୁହଁ ଫେରାଉଛନ୍ତି। ମାର୍କେଟ ଇଣ୍ଟେଲିଜେନ୍ସି ଏଭଳି ଆକାଶ ଛୁଆଁ ଦରଦାମ ଉପରେ ଦୃଷ୍ଟିଦେଇ ଦରଦାମ ନିୟନ୍ତ୍ରଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।

# ସାନିଧାପାର ଶାସ୍ତ୍ରୀୟ ସଙ୍ଗୀତ କାର୍ଯ୍ୟକ୍ରମ



**ଆନନ୍ଦପୁର,୨୪।୬(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପତିତପାବନ ମହାବିଦ୍ୟାଳୟ ଠାରେ ସାନିଧାପା ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରିୟ ଶାସ୍ତ୍ରୀୟ ସଙ୍ଗିତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ହିନ୍ଦୁସ୍ଥାନୀ, ଓଡ଼ିଶୀ ଭୋକାଲ, ତବଲା ପ୍ରତିଯୋଗିତା, ଶାସ୍ତ୍ରୀୟ ସଙ୍ଗୀତର ପ୍ରତିଯୋଗୀ ନିଜର କଳା ପ୍ରଦର୍ଶନରେ ଉପସ୍ଥିତ ଥିବା ସମସ୍ତ ବିଚାରକ ମଣ୍ଡଳୀ ତଥା ଶ୍ରୋତାଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା କଳାକାରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାନିଧାପା ଅନୁଷ୍ଠାନର ସଭାପତି ଦେବେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ସଙ୍ଗୀତଜ୍ଞ ପିତାମ୍ବର ଜେନା, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଜିତୁ ଦାଶ, ପତିତପାବନ ମହାବିଦ୍ୟାଳୟର ଅଧକ୍ଷ ଅମୂଲ୍ୟ ବିଶ୍ୱାଳ, ଡିଗ୍ରୀ କଲେଜ୍ ଅଧକ୍ଷ ଅମୂଲ୍ୟ ଜେନା ଯୋଗଦାନ କରି ସାନିଧାପା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସିତ କରିଥିଲେ। ସାନିଧାପା ସମ୍ପାଦକ ଶୁଭାଶିଷ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ସାହୁ, ହରିହର ଜେନା, ବିଜୟ ତ୍ରିପାଠୀ, ସନ୍ତୋଷ ପରିଡ଼ା, ହରିହର ମିଶ୍ର, କୁନାଲ ସାହୁ, ଅମିୟ ନାଥଙ୍କ ସହ ସାନିଧାପା ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଟୋଲଙ୍କପଡ଼ା ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ



**ବେଲବାହାଲି,୨୪।୬(ସମିସ):** ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ହେତୁ ରାଜ୍ୟ ସରକାର ବିଦ୍ୟାଳୟ ଗୁଡ଼ିକୁ ସକାଳିଆ ପଢେଇବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ବର୍ତ୍ତମାନ ବିଦ୍ୟାଳୟ ଗୁଡ଼ିକୁ ପୂର୍ବାନୁମାନ ସମୟ ଜାରି ରଖିଥିବା ବେଳେ ବିଦ୍ୟୁତ୍ ସଂଯୋଗ ନଦେବା ହେତୁ ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳୁଛି ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡା ବିଦ୍ୟାଳୟରେ କୋଭିଡ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷ ବିଦ୍ୟୁତ ସଂଯୋଗ ନେଇ କୋଭିଡ୍ କ୍ୟାମ୍ପ କରିଥିଲେ।କିନ୍ତୁ ପରେ ଖୋଲିଥିଲେ। ଏହାକୁ ବିଦ୍ୟାଳୟ ଦୋଷ କହି ଟାଟା ପାୱାର କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କାର ଫାଇନ କରିଥଲେ ବିଦ୍ୟାଳୟ ଉପରେ। ବିଦ୍ୟାଳୟ ତରଫରୁ ବିଦ୍ୟୁତ୍ ସଂଯୋଗ ପାଇଁ ଆବଶ୍ୟକ ଅର୍ଥ ଜମା ସତ୍ତ୍ୱେ ଫାଇନ ନଦେଲ ବିଦ୍ୟୁତ ସଂଯୋଗ ଦେବେ ନାହିଁ ବୋଲି ଅଡି ବସିଛନ୍ତି ଆନନ୍ଦପୁର ବିଦ୍ୟୁତ ବିଭାଗ। ଅଂଶୁଘାତ ପାଇଁ ବିଦ୍ୟାଳୟ ଶିକ୍ଷାଦାନରେ ବିଦ୍ୟୁତ ସଂଯୋଗ ନଥିବା ବାଧକ ସାଜୁଛି। ୧୦୦ରୁ ଊର୍ଦ୍ଧ୍ୱର୍ ପିଲା ପଢୁଥିବା ଏ ବିଦ୍ୟାଳୟ ଜୁନ ମାସରେ ବିନା ପଙ୍ଖାରେ ଓ ବିଦ୍ୟୁତ ବିନା ଡିଜିଟାଲ ସ୍ମାର୍ଟ ବୋଡ ଓ କମ୍ପ୍ୟୁଟର ଖରାପ ହେବାରେ ଲାଗିଛି। ସବୁଠୁ ପିଲା ଓ ଶିକ୍ଷକଙ୍କ ଜୀବନ ବାଜି ଲାଗୁଛି ୪୦ ଡିଗ୍ରୀ ଉତ୍ତାପରେ। ଏଣୁ ଏହାର ସମାଧାନ ନ ହେଲେ ଅଭିଭାବକ ଓ ଛାତ୍ର ମଧ୍ୟରେ ଆନ୍ଦୋଳନ ଦେଖା ଯାଇପାରେ।

# ଅସହାୟ ବର୍ଷା ଓ ବାଦଲକୁ ସହାୟତା ଦାବି

## ଆଖି ବୁଜି ଦେଇଛନ୍ତି ମାଲମାଲ ସ୍ୱେଚ୍ଛାସେବୀ ସଂସ୍ଥା



**ତେଲକୋଇ,୨୪।୬ (ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଶିବ ନାରାୟଣପୁର ଗୋଡ଼ା ପଞ୍ଚାୟତ ବଡ଼ କୁମୁଣ୍ଡ ଗ୍ରାମରେ ଦୁଇ ଅନାଥ ଶିଶୁ ଅସହାୟ ଅବସ୍ଥାରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ପାଠ ପଢ଼ା ଛାଡ଼ି ନିଜ ପେଟ ପାଇଁ ଆହାର ଯୋଗାଡ଼ିବାରେ ଲାଗିପଡିଛନ୍ତି। ଖେଳକୁଦ କରି କାନ୍ଧରେ ବସ୍ତାନି ଧରିବା ବୟସରେ ଘରର ଜଞ୍ଜାଳ ମୁଣ୍ଡ ଉପରେ ରହିଛି। ଏଭଳି ଦୟନୀୟ ପରିସ୍ଥିତିରେ କାଳ କାଟୁଛନ୍ତି ସ୍ୱର୍ଗତ ପୁନିଆ ଜୁଆଙ୍ଗ ଓ କମଳା ଜୁଆଙ୍ଗଙ୍କ ଦୁଇ ଶିଶୁ ବର୍ଷା ଜୁଆଙ୍ଗ (୧୨) ଓ ବାଦଲ ଜୁଆଙ୍ଗ (୧୦)। ପାଞ୍ଚ ବର୍ଷ ପୂର୍ବେ ମା' କମଳାର ମୃତ୍ୟୁ ହୋଇଥିବା ବେଳେ ଗତ କିଛି ମାସ ତଳେ ବାପା ପୁନିଆଙ୍କର ମୃତ୍ୟୁ ହୋଇଥିଲା। ମାର ମୃତ୍ୟୁ ପରେ ବର୍ଷା ଓ ବାଦଲ ବାପା ପାଖରେ ରହି ନିକଟସ୍ଥ ବିଦ୍ୟାଳୟରେ ପାଠ ପଢୁଥିଲେ। ହେଲେ ପୁନିଆଙ୍କ ମୃତ୍ୟୁ ପରେ ଉଭୟ ବେସାହାରା ହୋଇପଡିଛନ୍ତି। ଉଭୟଙ୍କର ବସ୍ତାନିରେ ମଧ୍ୟ ଡୋରି ବନ୍ଧା ହୋଇ ଯାଇଛି। କେବଳ ରାସନ୍‌କାର୍ଡରେ ଚାଉଳ ଗଣ୍ଡିଏ ମିଳୁଥିବା ବେଳେ ଆଉ କୌଣସି ସରକାରୀ ସହାୟତା ମିଳୁ ନଥିବା ଅସହାୟ ବର୍ଷା କୋହଭରା କଣ୍ଠରେ ପ୍ରକାଶ କରିଛି। ବାପା ମା'ଙ୍କୁ ସରକାରୀ ସ୍ତରରୁ ଘର ଖଣ୍ଡିଏ ମଧ୍ୟ ମିଳି ନଥିବାରୁ ଉଭୟ ଭାଇଭଉଣୀ ଏକ ଭଙ୍ଗା ଦଦରା ଘରେ ଦୟନୀୟ ସ୍ଥିତିରେ କାଳ କାଟୁଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଶିକ୍ଷା ବିଭାଗ, ଶିଶୁ ପ୍ରକଳ୍ପ, ଶିଶୁ ମଙ୍ଗଳ ବିଭାଗ ପକ୍ଷରୁ ଉକ୍ତ ଶିଶୁମାନଙ୍କ ପ୍ରତି ଦୃଷ୍ଟି ପଡୁ ନଥିବା ଯୋଗୁଁ ଦୁଇ ଶିଶୁ ଦୀର୍ଘଦିନ ହେବ ଅସହାୟ ଅବସ୍ଥାରେ ଜୀବନ ବିତାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସରକାରୀ ସହାୟତା ଯୋଗାଇବା ସହିତ ଶିଶୁମାନଙ୍କୁ ଥଇଥାନ କରାଗଲେ ପିଲାମାନେ ସାହାରା ପାଇଯାଆନ୍ତେ ବୋଲି ୱାର୍ଡ ସଭ୍ୟ ସୁବୁଦ୍ଧି ଜୁଆଙ୍ଗ ପ୍ରକାଶ କରିଛନ୍ତି। ଅନ୍ୟପଟେ ତେଲକୋଇ ବ୍ଲକରେ ଅନେକ ସ୍ୱେଚ୍ଛାସେବୀ ସଂସ୍ଥା ସରକାରଙ୍କ ଅନୁବନ୍ଧିତରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଦୁଇ ଅସହାୟ ଶିଶୁ ଦୁର୍ଦ୍ଦିନରେ କାଳ କାଟୁଥିବା ଅଭିଯୋଗ ହୋଇଛି।

# ଆନନ୍ଦପୁର ମହାବିଦ୍ୟାଳୟ ହୀରକଜୟନ୍ତୀ ପ୍ରସ୍ତୁତି

**ଆନନ୍ଦପୁର,୨୪।୬(ସମିସ):** ଆନନ୍ଦପୁର ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ ନେଇ ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହେବା ସହ ନୂତନ କମିଟି ଗଠନ କରାଯାଇଥିବା ଜଣାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ହୀରକଜୟନ୍ତୀ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ରଛାତ୍ରୀଙ୍କ ସହ ପୂର୍ବତନ ଅଧକ୍ଷ, ଅଧ୍ୟାପକ, କର୍ମଚାରୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ରଘୁଦିପ୍ତି ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆସନ୍ତା ଡିସେମ୍ବର ଶେଷ ସପ୍ତାହ କିମ୍ବା ୨୦୨୫ ଜାନୁଆରୀ ପ୍ରଥମ ସପ୍ତାହ ମଧ୍ୟରେ ହୀରକ ଜୟନ୍ତୀ ପାଳନ ନେଇ ସର୍ବସମ୍ମତି କ୍ରମେ ବୈଠକରେ ନିଷ୍ପତି ନିଆଯାଇଥିଲା। ହୀରକ ଜୟନ୍ତୀ ଉତ୍ସବ ତିନି ଦିନ ଧରି ପାଳିତ ହେବାକୁ ସ୍ଥିର ହୋଇଥିବା ବେଳେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ଓ କେନ୍ଦ୍ରମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଛି। ଏହି ଅବସରରେ ପୁରାତନ ଛାତ୍ରସଂଘ ପକ୍ଷରୁ ହୀରକ ଜୟନ୍ତୀ ଉପଲକ୍ଷେ ଏକ କମିଟି ଗଠନ କରାଇଥିବା ବେଳେ ସଭାପତି ଭାବେ ମହେଶ୍ୱର ସାହୁ, ଉପସଭାପତି ରାମଚନ୍ଦ୍ର ସୁର, ଦୁର୍ଗା ଚରଣ ଦଳେଇ, ସଂଯୋଜକ ଦେବରଞ୍ଜନ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ରଣା, ସନତ କୁମାର କର, ଦୀପକ ଜେନା, ମମତାରାଣୀ ଜେନା, କୋଷାଧକ୍ଷ ଅଶୋକ କୁମାର ସାହୁ, କାର୍ଯ୍ୟକାରୀ ସଦସ୍ୟ ରାମଚନ୍ଦ୍ର ସାହୁ, ଟୁକୁନା ମହାନ୍ତ, ସତ୍ୟବ୍ରତ ରାମ, ଶତ୍ରୁଘ୍ନ ସାହୁ, ସନ୍ତୋଷ ରାଉତ, ହରେକୃଷ୍ଣ ପାତ୍ର, ଲଲାଟେନ୍ଦୁ ଧୀର, ଶୁଭାଶିଷ ପାଢୀ, ଜ୍ୟୋତିରଞ୍ଜନ ଜେନା, ରାଜାପ୍ରଭୁ ଦାସ, ଅକ୍ଷୟ ସାମଲ ଓ ପ୍ରମୋଦ ସିଂ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଥିବା ଜଣାଯାଇଛି।



# ଦୁଇ ମାସରେ ପିଚୁ ଫାଟି ଆଁ; ଉଠିଗଲା ଫେବର୍ ବ୍ଲକ

**ତେଲକୋଇ,୨୪।୬(ସମିସ)**

କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଜେନାଦର ଠାରୁ ଆକୁଳକୁ ସଂଯୋଗ କରୁଥିବା କାଦପଡ଼ା, ଭିମକାଣ୍ଡ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣକୁ ଦୁଇ ମାସ ପୂରି ନଥିବା ବେଳେ ପିଚୁ ଫାଟି ଆଁ କରିଛି। କେତେକ ସ୍ଥାନରେ ଫେବର୍ ବ୍ଲକ ବିଛା ଯାଇଥିବା ବେଳେ ତାହା ସବୁ ଉଠି ଯାଇ ରାସ୍ତା ମଝିରେ ଏଣେ ତେଣେ ପଡ଼ି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଆଉ କେତେକ ସ୍ଥାନରେ କଲଭର୍ଟ ନିର୍ମାଣ ହୋଇଥିବା ବେଳେ ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଆହୁରି ଆବଶ୍ୟକ ସ୍ଥାନରେ କଲଭର୍ଟ ନିର୍ମାଣ ହେବାକୁ ଥିବା ବେଳେ ଆଜି ଯାଏଁ ତାହା ନିର୍ମାଣ ହୋଇ ନଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବେ ବୋଲି ଆଶଙ୍କା ଦେଖା ଦେଇଛି। ଉକ୍ତ ତିନି କିମି ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋଟିଏ ୭୦ ଲକ୍ଷରୁ ଉର୍ଦ୍ଧ୍ୱରୁ ଟଙ୍କା ବ୍ୟୟ ବରାଦ ହୋଇଛି। ଏହାକୁ ନିର୍ମାଣ ପାଇଁ ଅରୂପା ନନ୍ଦ ଧଳ ନାମକ ଠିକାଦାର ୨୦୨୨ ମସିହା ସୁଦ୍ଧା କାର୍ଯ୍ୟ ସାରିବାକୁ ବିଭାଗ ପାଖରେ ଚୁକ୍ତିନାମା ସ୍ୱାକ୍ଷର କରିଥିବା ସୂଚନା ରହିଛି। ୨୦୨୨ରୁ ୨୦୨୭ ପର୍ଯ୍ୟନ୍ତ ୫ ବର୍ଷ ରକ୍ଷଣା ବେକ୍ଷଣର ଅବଦ୍ଧି ରହିଛି। ହେଲେ ଠିକା ସଂସ୍ଥା ୨୦୨୪ରେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନଥିବା ବେଳେ ରକ୍ଷଣା ବେକ୍ଷଣ କେବେ କରିବେ ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରିଛି।





ଅନ୍ୟପଟେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟ କରି ବ୍ୟୟ ବରାଦ ଅର୍ଥକୁ ଅତ୍ମସାତ କରୁଥିବା ଅଭିଯୋଗ ହୋଇଛି। ଯେତେ ଅଭିଯୋଗ କଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଏହି ନିର୍ମାଣାଧୀନ ରାସ୍ତାର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳ ବାସି ଦାବୀ କରିଛନ୍ତି।

# ଲେଖାପଢ଼ା ଜାଣିନଥିବାରୁ ପଦ ହରାଇଲେ ସରପଞ୍ଚ

**ଧାମନଗର,୨୪।୬(ସମିସ):** ଧାମନଗର ବ୍ଲକ ଅଞ୍ଚଳର ଜଣେ ମହିଳା ସରପଞ୍ଚ ଲେଖାପଢ଼ା ଜାଣିନଥିବାରୁ ପଦ ହରାଇଛନ୍ତି। ନୂତନ ଭାବେ ନାଏବ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଭଳି ଘଟଣା ଘଟିଛି ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତରେ। ପଞ୍ଚାୟତର ସରପଞ୍ଚ କୁନ୍ତଳା ମଳିକ ଗତ ପଞ୍ଚାୟତ ନିର୍ବାଚନରେ ତାଙ୍କ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ଭାରତୀ ବେହେରାଙ୍କୁ ହରାଇ ସରପଞ୍ଚ ହୋଇଥିଲେ। ଜଣେ ସରପଞ୍ଚଙ୍କ ଯୋଗ୍ୟତା ହିସାବରେ ସେ ଓଡ଼ିଆ ପଢ଼ି ଲେଖିପାରୁଥିବା ଦରକାର। ହେଲେ କୁନ୍ତଳା ଓଡ଼ିଆ ପଢ଼ି ଲେଖି ପାରୁ ନଥିବା ନେଇ ଧାମନଗର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ଭାରତୀ ବେହେରା।

## ● ନାଏବ ସରପଞ୍ଚଙ୍କୁ ପଞ୍ଚାୟତ ଦାୟିତ୍ୱ

ତେବେ କୁନ୍ତଳା କୋର୍ଟ ନିଜକୁ ପାଠ ପଢୁଆ ନେଇ ସାବ୍ୟସ୍ତ କରିପାରିନଥିଲେ। ତେବେ କୋର୍ଟ ତାଙ୍କ ସରପଞ୍ଚ ପଦ ରଦ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କୁନ୍ତଳା ହାଇକୋର୍ଟରେ ପହଞ୍ଚିଥିଲେ ବି ନିଜକୁ ପାଠ ପଢୁଆ ସାବ୍ୟସ୍ତ କରିପାରିନଥିଲା। ଶେଷରେ ନିଜ ସରପଞ୍ଚ ପଦ ହରାଇଛନ୍ତି କୁନ୍ତଳା। ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କ ଚିଠି ଅନୁସାରେ ଆଜି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ଜେନାଙ୍କ ଉପସ୍ଥିତିରେ ନାଏବ ସରପଞ୍ଚ ପ୍ରଦୀପ କୁମାର ବାରିକଙ୍କୁ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କୁ ଶପଥ



ପାଠ କାରାଇଥିଲେ। ଉକ୍ତ ଗ୍ରାମପଞ୍ଚାୟତ ମୋଟ ୧୫ଟି ୱାର୍ଡକୁ ନେଇ ଏହି ପଞ୍ଚାୟତ ଗଠିତ ହୋଇଥିବା ବେଳେ ଏଥିପାଇଁ ୧୦ଟି ୱାର୍ଡମେମ୍ବର ସମର୍ଥନ କରିଥିଲେ। ସେପଟେ ବାରମ୍ବାର ନୋଟିସ ସତ୍ତ୍ୱେ ସରପଞ୍ଚ କୁନ୍ତଳା ମଳିକ ନିଜର ପଦ ଛାଡ଼ୁନଥିଲେ। ଶେଷରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ବିଡିଓ ବନବିହାରି ଦିନ୍ଦା ସରପଞ୍ଚ କୁନ୍ତଳାଙ୍କ ପଦ ରଦ୍ଦ ନେଇ ତାଙ୍କ ବାସଭବନ ଆଗରେ ନୋଟିସ୍ ଲଗାଇଥିଲେ। ପରବର୍ତ୍ତୀ ସମୟରେ ପଞ୍ଚାୟତରେ ଉପନିର୍ବାଚନ ପାଇଁ ବିଜ୍ଞାପିତ କରିବା ନେଇ ଚିଠିରେ ଦର୍ଶାଯାଇଛି।

# ଦୁଷ୍କର୍ମକାରୀ କୋର୍ଟଚାଲାଣ

**ବାରିକପୁର,୨୪।୬(ସମିସ):** ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ ପାଟୁଳି ପଞ୍ଚାୟତ ଅଞ୍ଚଳର ଜନୈକ ଯୁବକ ନାବାଳିକାକୁ ଅପହରଣ କରିଥିଲା। ଅପହରଣର ଗୋଟେ ଦିନ ପରେ ଝିଅକୁ ଛାଡି ଦେଇଥିଲା। ନାବାଳିକାଙ୍କ ପରିବାର ପକ୍ଷରୁ ପୁଲିସ ନିକଟରେ ଅପହରଣ ଓ ଦୁଷ୍କର୍ମ ନେଇ ଅଭିଯୋଗ ହୋଇଥିଲା। ତଦନୁଯାୟୀ ଥାନା ପକ୍ଷରୁ ଯୁବକ ଜଣକ ଗିରଫ ହେବାପରେ ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ପୁଲିସ ୨୭୦/୨୪ରେ ମାମଲା ରୁଜୁ କରିଛି।

# କର୍କଟ ପୀଡ଼ିତ ଯୁବକଙ୍କ ମୃତ୍ୟୁ

**ଅସୁରାଳି,୨୪।୬(ସମିସ):** ଧାମନଗର ବ୍ଲକ କଟସାହି ପଞ୍ଚାୟତ ପଥରଡିହ ଗ୍ରାମର ବଳରାମ ସାହୁଙ୍କ ଏକମାତ୍ର ପୁତ୍ର ତପନ କୁମାର ସାହୁଙ୍କ ମୃତ୍ୟୁ ହୋଇଯାଇଛି। ତପନ ବହୁ ଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ତପନ ଜଣେ ମେଳାପି, ପରୋପକାରୀ ଓ ମିଷ୍ଟଭାଷୀ ଥିଲେ। ତାଙ୍କ ମୃତ୍ୟୁରେ ମା' ମୁକ୍ତିଦାତ୍ରୀ ଯୁବକ ସଂଘ, ପଥରଡିହ ଆନୁକୂଲ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକ ସଭାରେ ସଂଘର କର୍ମକର୍ତ୍ତା ନାରାୟଣ ପଣ୍ଡୁ, ଆଇନଜୀବୀ ସ୍ନେହାଶିଷ ପଣ୍ଡା, ରଞ୍ଜିତ ଲେଙ୍କା, ପ୍ରଶାନ୍ତ ଦଣ୍ଡପଟ, ସୁଦର୍ଶନ ମିଶ୍ର, ମହେନ୍ଦ୍ର ମହାଳିକ, ସୁବୋଧ ସାହୁ, ଧୀରେନ୍ଦ୍ର ଯେନା, ପ୍ରଶାନ୍ତ ଯେନା, କୁମର ଦାସ, ଲକ୍ଷ୍ମୀଧର ମହାଳିକ, ନରେନ୍ଦ୍ର ସାହୁ, ସୂର୍ଯ୍ୟ ପଣ୍ଡୁ, ବିଜୟ ସାହୁ, ବାବୁନି ପାତ୍ର, ପ୍ରମୁଖ ଉପସ୍ଥିତ ହୋଇ ପ୍ରାରମ୍ଭରେ ୨ମିନିଟ ନିରବ ପ୍ରାର୍ଥନା କରିବା ସହ ଅମର ଆତ୍ମା ର ସଦଗତି କାମନା କରିଥିଲେ।

# କୋଇଲା ଟ୍ରକ୍ ଜବତ; ଚାଳକ ଗିରଫ




**ବାରିକପୁର,୨୪।୬(ସମିସ):** ଭଣ୍ଡାରିପୋଖରୀ ପୁଲିସ ପକ୍ଷରୁ ଏକ ବେଆଇନ କୋଇଲା ଟ୍ରକ୍ ଜବତ ହୋଇଥିବା ବେଳେ ଚାଳକକୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ଗତ ରବିବାର ବିଳମ୍ବିତ ରାତିରେ ଓଡି ୦୪ଏନ ୫୮୩୮ ଟ୍ରକଟି ଭଦ୍ରକ ପଟୁ କୋଇଲା ବୋଝେଇ କରି ଯାଜପୁର ଅଭିମୁଖେ ଆସୁଥିଲା। ପାଟ୍ରୋଲିଂ ଚାଲିଥିବା ବେଳେ ଛତାବର ଟୋଲଗେଟର ଅନତିଦୂରରେ ପୁଲିସ କୋଇଲା ଗାଡିଟିକୁ ଅଟକାଇଥିଲା। କାଗଜପତ୍ର ଯାଞ୍ଚରୁ ବେଆଇନ କୋଇଲା ପରିବହନ ହେଉଥିବା ଜଣାପଡିବା ପରେ ପୁଲିସ ଗାଡିକୁ ଜବତ କରିବା ସହ ଡ୍ରାଇଭର ୱାସିବ ଅଲ୍ଲୀକୁ ଗିରଫ କରିଥିଲା। ଏନେଇ ୨୭୧/୨୩ରେ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି।

# ପ୍ରାଥମିକ ସ୍କୁଲରେ ଶିକ୍ଷକ ନାହାନ୍ତି




**ଦୋବଲ,୨୪।୬(ସମିସ):** ବ୍ଲକରେ ୨୦୧୪ ମସିହାରୁ ଧାମନଗର ବିଇଓ ଅଫିସ ସ୍ଥାପିତ ହୋଇଥିବା ବେଳେ ନିଜସ୍ୱ ଅଫିସ ନଥିବା ବେଳେ ପୂର୍ବରୁ ଥିବା ବିଆର୍‌ସିସି ଅଫିସରେ ଚାଲିଛି। ବିଇଓ ଗଦାଧର ଜେନା ଅବସର ନେବା ପରେ ସ୍ଥାୟୀ ବିଇଓ ନାହାନ୍ତି। ସେହି ପରି ବ୍ଲକରେ ୨୪୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ହାଇସ୍କୁଲ ରହିଛି। ହେଲେ ଅଧିକାଂଶ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ/ଶିକ୍ଷକ ପଦବି ଖାଲିପଡିଥିବା ଜଣାଯାଇଛି। ପ୍ରାଥମିକ ବିଦ୍ୟାଳୟର ମଧ୍ୟରୁ "ଲେବୁଲୁ ୩ ପ୍ରଧାନଶିକ୍ଷକ' ମୂଳପଦବୀ ୮ ଥିବା ବେଳେ ୩ଟି ଖାଲି ପଡିଛି। ସେହିପରି ଲେବୁଲ ୩ ଉପର ପ୍ରାଇମେରୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମୂଳ ପଦବୀ ୭୨ ଥିବା ବେଳେ ୩୭ ପଦବୀ ଖାଲିପଡ଼ିଛି। ଲେବୁଲ ୪ ପ୍ରଧାନଶିକ୍ଷକ ମୂଳପଦବୀ ୮୦ ଥିବା ବେଳେ ୪୩ ପଦବୀ ଖାଲିପଡିଛି।। ସେହିପରି ୪ କଳା ଶିକ୍ଷକ ମୂଳ ପଦବୀ ୮୦ ଥିବା ବେଳେ ୫୯ ପଦବୀ ଖାଲି ପଡିଛି। ଲେବୁଲ ୪ ବିଜ୍ଞାନ ଶିକ୍ଷକ ମୂଳ ପଦବୀ ୮୦ ଥିବା ବେଳେ ୭୩ ପଦବୀ ଖାଲିରହିଛି। ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୪୮୯ ଶିକ୍ଷକ ପଦବୀ ମଧ୍ୟରୁ ୧୪୯ ଶିକ୍ଷକ ପଦବି ଖାଲିପଡିଛି। ଫଳରେ ବିଦ୍ୟାଳୟମାନଙ୍କର ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ ବିଦ୍ୟାଳୟର ବ୍ୟବସ୍ଥା ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ବିଦ୍ୟାଳୟରେ ସର୍ବନିମ୍ନ ୫ଜଣ ଶିକ୍ଷକ ରହିବା କଥା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ସର୍ବନିମ୍ନ ୨ ଜଣ ଶିକ୍ଷକ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ସର୍ବନିମ୍ନ ୩ ଜଣ ଶିକ୍ଷକ ଶିକ୍ଷାଦାନ ପାଇଁ ନିୟୋଜିତ ରହିବା କଥା। ପରନ୍ତୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ଅନେକ ବିଦ୍ୟାଳୟ ୨ରୁ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଚାଲୁଥିବା ଜଣାଯାଇଛି।

■ ଜମିବାଡ଼ି ଗଣ୍ଡଗୋଳକୁ ନେଇ ଗୋଷ୍ଠୀ ସଂଘର୍ଷ

# ୬ ଗୁରୁତର; ଜଣେ ଥାନାରେ ଅଟକ



**ଧାମନଗର,୨୪।୬(ସମିସ):** ଧାମନଗର ଥାନା ଅଧୀନସ୍ଥ ଜଳମଣ୍ଡୁଆ ପଞ୍ଚାୟତର ପଦୀ ନାରାୟଣପୁର ଗାଁରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ। ଉଭୟ ପକ୍ଷରୁ ୬ଜଣ ଗୁରୁତର। ଧାମନଗର ଡାକ୍ତରଖାନାରେ ଭର୍ତ୍ତି। ଗ୍ରାମବାସୀଙ୍କ ଦ୍ୱାରା ବାହାର ଗାଁର ଆକ୍ରମଣ କାରି ଜଣେ ଥାନାରେ ଅଟକ ରଖିଥିବା ବେଳେ ଗ୍ରାମରେ ଉତ୍ତେଜନା ଲାଗିରହିଥିବା ଜଣାପଡିଛି। ଅଭିଯୋଗ ପାଇବା ପରେ ଘଟଣା ସ୍ଥଳରେ ଧାମନଗର ପୁଲିସ ପହଞ୍ଚି ଗ୍ରାମବାସୀଙ୍କ ଦ୍ୱାରା ଅଟକ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରା ଉଚରା ଜାରି ରଖିଛନ୍ତି। ଏହି ଗାଁର ବିକାଶ ଭୂୟାଁ ଓ ସୁଧାଂଶୁ ଖୁଣ୍ଟିଆଙ୍କ ପରିବାର ମଧ୍ୟରେ ଜମି ବାଡ଼ି ବିବାଦ ଲାଗିଥିଲା। ତେବେ ଆଜି ବାଡ଼ ଉପୁଡ଼ାକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ କିଛି ବାହାର ଗାଁ ଗୁଣ୍ଡା ଶ୍ରେଣୀର ଲୋକ ଖୁଣ୍ଟିଆ ଘର ଲୋକଙ୍କ ଉପରେ ଆସି ଅତର୍କିତ ଆକ୍ରମଣ କରିଥିଲେ। ଏପରି ଗାଁ ଭିତରେ ଖଣ୍ଡ ଭୁଜାଲି ବୁଲାଇ ଲୋକଙ୍କୁ ପ୍ରଥମେ ଭୟଭୀତ କରି ଖୁଣ୍ଟିଆ ଘର ଲୋକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ୪ଜଣ ମହିଳା ଗୁରୁତର ଆହତ ହୋଇଥିଲା ବେଳେ ଭୂୟାଁ ଘର ୨ଜଣ ଲୋକ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଏପରିକି ଗୁଣ୍ଡାମାନଙ୍କ ପ୍ରାଦୁର୍ଭାବ ଦେଖି ଗ୍ରାମବାସୀ ଜଣେ ଅସାମାଜିକ ବ୍ୟକ୍ତଙ୍କୁ କାବୁ କରି ଗୋଟିଏ ଘରେ ଆବଦ୍ଧ କରି ରଖିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ଏହି ଘଟଣାରେ ଉଭୟଙ୍କ ମଧ୍ୟରୁ ଅଭିଯୋଗ ହୋଇଥିବା ବେଳେ ଧାମନଗର ପୋଲିସ ଜଣକୁ ଅଟକ ରଖିଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଫନୀନ୍ଦ୍ର ଭୂଷଣ ନାୟକ ସୂଚନା ଦେଇଛନ୍ତି। ତେବେ ଖବର ଲେଖିଲାବେଳେ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିଲା।

# କ୍ୟାନସର ରୋଗୀଙ୍କ ପାଇଁ କେଶ ଦାନ କଲେ ଅଙ୍କିତା



**ଧାମନଗର,୨୪।୬(ସମିସ):** ନିଜର ୧୨ ଇଞ୍ଚ୍ କେଶକୁ କ୍ୟାନସର ରୋଗୀଙ୍କୁ ଦାନ କରିଛନ୍ତି ୧୬ ବର୍ଷୀୟ ସୁଶ୍ରୀ ଅଙ୍କିତା ସାହୁ। ତାଙ୍କ ଘର ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଅସୁରାଳୀ ଗାଁରେ। ଏଭଳି ମହାନ୍ କାର୍ଯ୍ୟ ପାଇଁ ସେ ଏବେ ଚର୍ଚ୍ଚାରେ ରହିଛନ୍ତି। ଅସୁରାଳୀ ଗ୍ରାମର ଅକ୍ଷୟ କୁମାର ସାହୁଙ୍କ ଝିଅ ଅଙ୍କିତା। ସେ ଚଳିତ ବର୍ଷ ନିଜ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖି ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରେ ସେ +୨ ବିଜ୍ଞାନ ଛାତ୍ରୀ ପାଇଁ ମଧ୍ୟ ଆଗ୍ରହୀ। ଅଧ୍ୟୟନ କରୁଥିବା ବୟସରୁ ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହ ଯୋଡ଼ି ହୋଇ ସମାଜ ସେବା କରି ଆସୁଛନ୍ତି। ନିଜ କେଶ ଦାନ ସମ୍ପର୍କରେ ଅଙ୍କିତା କହିଛନ୍ତି, ଓଡ଼ିଶାରେ ୫୦ ହଜାରରୁ ଅଧିକ କ୍ୟାନସର ପୀଡ଼ିତ ରହିଛନ୍ତି। ସେଥି ମଧ୍ୟରୁ ୨୬ ପ୍ରତିଶତ ମହିଳା ସ୍ତନ କର୍କଟରେ ପୀଡିତ। କ୍ୟାନସର ରୋଗୀଙ୍କୁ କେଶ ଦାନ କରିବା ଉଦ୍ଦେଶ୍ୟରେ ଗତ ତିନି ବର୍ଷ ହେଲା ସେ ନିଜ କେଶକୁ ଅତି ଯତ୍ନରେ ବଢାଇଥିବା ବେଳେ ସୋମବାର ତ୍ରୁଟି କାଟିଥିଲେ। ଉକ୍ତ କେଶକୁ ସେ ଭୁବନେଶ୍ୱରର ଶୋଭା ଟ୍ରଷ୍ଟକୁ ପଠାଇଛନ୍ତି। ଯାହା ମଦର ଚାରିଟେବୁଲ ଟ୍ରଷ୍ଟ ହାଇଦରାବାଦକୁ ଦିଆଯିବ। ସେ କହିଛନ୍ତି, ସେ ନିଜ ଅଞ୍ଚଳ ଧୂଷୁରୀରେ ୩ୟ କେଶଦାତ୍ରୀ। ଆଉ ତାଙ୍କ କେଶ ରୋପଣ ଦ୍ୱାରା ଜଣେ କ୍ୟାନସର ରୋଗୀଙ୍କ ମୁହଁରେ ହସ ଫୁଟି ପାରିବ।

# ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ସାମ୍ବାଦିକ ସଂଘ



**ଅସୁରାଳି,୨୪।୬(ସମିସ):** ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ଧୂଷୁରୀ ପ୍ରେସ୍ ୟୁନିୟନ ପକ୍ଷରୁ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଭାଷାସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ନାଗରିକ ସମାଜ ପକ୍ଷରୁ ଅନୁଷ୍ଠିତ ନାଗରିକ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୁଷଣ କରଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା। ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବିନାରାୟଣ ଖିଲାର, ସଂଘ ଆବାହକ ତଥା ଧୂଷୁରୀ ପ୍ରେସ ୟୁନିୟନ ସଭାପତି ସନ୍ତୋଷ ଦାସ, ସଂଘ ଉପସଭାପତି ଦୀପ୍ତିରଞ୍ଜନ ନାୟକ, ୟୁନିୟନ ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ସଭ୍ୟ ପ୍ରସନ୍ନ କୁମାର ଦାସ, ଉପଦେଷ୍ଟା ସନ୍ତୋଷ ଅଧିକାରୀ, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ।

# ବୃକ୍ଷରୋପଣ ସଚେତନତା କାର୍ଯ୍ୟକ୍ରମ



**ଭଦ୍ରକ,୨୪।୬(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଭଦ୍ରକ ଶାଖା ଆନୁକୂଲ୍ୟରେ ନୂତନ ନିର୍ମିତ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳୟର ବରିଷ୍ଠ ଚିକିତ୍ସକ ସୁଧିର ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଲୋକ ସଂସଦର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାପରେ ଚିକିତ୍ସାଳୟ ସଭା ଗୃହରେ ସଂସଦର ସଭାପତି ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ସଭାପତିତ୍ୱରେ 'ଅନୁକୂଳ ପରିବେଶ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ମୁଖ୍ୟଅତିଥି ଭାରତୀୟ ଚିକିତ୍ସକ ସଂଘର ପୂର୍ବତନ ସଂପାଦକ ଡା. ହରେକୃଷ୍ଣ ନାୟକ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଡା. ସୁଧର ରଞ୍ଜନ ନାୟକ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡା. ସୌଦାମିନୀ ଧଳ ବୃକ୍ଷରୋପଣ ଦ୍ୱାରା ଏକ ସନ୍ତୁଳିତ ପର୍ଯ୍ୟାବରଣ ସୃଷ୍ଟି କରାଯାଇପାରିବ ବୋଲି ମତ ରଖିଥିଲେ। ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରି ପ୍ରାକ୍ତନ ଅଧ୍ୟକ୍ଷ ସୌରେଶ ଚନ୍ଦ୍ର ମହାନ୍ତି, ରୋଟାରିଆନ୍ ଅଭିଜିତ୍ ନାୟକ, ପ୍ରକୃତି ବନ୍ଧୁ ସରୋଜ ଓଝା, ଅବସରପ୍ରାପ୍ତ ପ୍ରାଧାପକ ଡ. ରମାକାନ୍ତ ନାୟକ, ସୁରୁଚି ପ୍ରଭା ଦାଶ (ଅତିରିକ୍ତ ଶିକ୍ଷା ବ୍ଲକ ଅଧିକାରିଣୀ), ଶିକ୍ଷକ ପର୍ଶୁରାମ ନାୟକ, ଶିକ୍ଷକ ଗୟାଧର ଦାଶ, ଅଧ୍ୟାପକ ଅନନ୍ତ ଚନ୍ଦ୍ର ସାହୁ, ଶିକ୍ଷକ ତପନ କୁମାର ସାହୁ, ଶିକ୍ଷକ ପବନ କୁମାର ନାୟକ, ଶିକ୍ଷକ ପର୍ଶୁରାମ ନାୟକ ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ନିଜର ପାରିପାଶ୍ୱର୍ିକ କ୍ଷେତ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ସଂସଦର ଭଦ୍ରକ ଜିଲ୍ଲା ଉପସଭାପତି ଚିନ୍ତାମଣି ମହାକୁଡ଼ ଏବଂ ସଂପାଦକ ରାମଚନ୍ଦ୍ର ବାରିକ ସଂଚାଳନ କରିବା ସହ ସାମଗ୍ରିକ ଭାବରେ ପରିଚାଳନା କରିଥିଲେ। ଜିଲ୍ଲା ଚିକିତ୍ସାଳୟର କର୍ମଚାରୀ ଅମିତାଞ୍ଜଳି ସ୍ୱାଇଁ, ମିନତି ମହାନ୍ତି, ସସ୍ମିତା ଦୀଦୀ, ଚିନ୍ମୟୀ ସ୍ୱାଇଁ, ରେବତୀ ଷଡ଼ଙ୍ଗୀ ଓ ନିରୁପମା ଦାଶ ପୂର୍ଣ୍ଣ ସହଯୋଗ ପ୍ରଦାନକରି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ବନମାଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ସୁଶାନ୍ତ କୁମାର ପଣ୍ଡା ଶାନ୍ତିପାଠ କରିଥିଲେ।

## ଝୁଲି ରହିଛି ଅବସର ବୟସ ସୀମା ବୃଦ୍ଧି ନିଷ୍ପତି

# ଅବସର ପରେ ବି ଶିକ୍ଷାଦାନ କରୁଛନ୍ତି ଶିକ୍ଷୟିତ୍ରୀ

**ବାରିକପୁର,୨୪।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ କଣ୍ଟି ସରକାରୀ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମୀନା କୁମାରୀ ରାଉତଙ୍କ ଅବସର ବୟସ ସୀମା ବୃଦ୍ଧି ନିଷ୍ପତ୍ତି ଶିକ୍ଷା ବିଭାଗ ନିକଟରେ ଝୁଲି ରହିଛି। ଫଳରେ ଦୀର୍ଘ ୮ମାସ ହେବ ନିୟମିତ ବିଦ୍ୟାଳୟକୁ ଯାଇ କାର୍ଯ୍ୟ କରୁଥିଲେ ସୁଦ୍ଧା ନା' ପାଉଛନ୍ତି ଦରମା ନା' ବୃଦ୍ଧି ହେଉଛି ଅବସର ବୟସ ସୀମା। ସୂଚନା ମୁତାବକ ଶ୍ରୀମତୀ ରାଉତ ୨୦୦୩ ମସିହାରେ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ପରେ ୨୦୦୯ ମସିହା ଠାରୁ ନିୟମିତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ମାଟ୍ରିକ ସିଟି ସାର୍ଟିଫିକେଟ ଅନୁଯାୟୀ ନିଜର ସମସ୍ତ ଯୋଗ୍ୟତା ସମ୍ପର୍କରେ ସେ ପ୍ରଶାସନକୁ କାଗଜପତ୍ର ଦେଇଥିଲେ ସୁଦ୍ଧା ଚାକିରି ବହିରେ କିନ୍ତୁ ଅମଲାତନ୍ତ୍ରୀ ମାନେ ଭୁଲ ଜନ୍ମ ତାରିଖ ଲେଖିଥିବା ସେ ଅଭିଯୋଗ କରିଛନ୍ତି। ପ୍ରକୃତପକ୍ଷେ ମାଟ୍ରିକ ସାର୍ଟିଫିକେଟ ଅନୁଯାୟୀ ଶିକ୍ଷୟିତ୍ରୀ ଜଣଙ୍କର ଜନ୍ମ ତାରିଖ ୧୦-୧୦-୧୯୬୫ରେ ହୋଇଥିବା ବେଳେ ସର୍ଭିସ ବୁକରେ କିନ୍ତୁ ୧୦-୧୦-୧୯୬୩ ବୋଲି ଉଲ୍ଲେଖଥିଲା। ତେଣୁ ନିୟମ ଅନୁଯାୟୀ ଏହାକୁ ସଂଶୋଧନ କରିବା ପାଇଁ ସେତେବେଳେ ବିଡିଓଙ୍କ ନିକଟରେ ଆବେଦନ କରିଥିଲେ। ପୂର୍ବରୁ ବ୍ଲକ ଅଧୀନରେ ଶିକ୍ଷା ବିଭାଗ କାର୍ଯ୍ୟ କରୁଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଆବେଦବ କରି ମଧ୍ୟ ଜନ୍ମ ତାରିଖ ସଂଶୋଧନ ହୋଇ ପାରିନଥିଲା। ପରବର୍ତ୍ତୀ ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାପନ ହେବାପରେ ସେଠି ମଧ୍ୟ ଶିକ୍ଷୟିତ୍ରୀ ଜଣକ ଜନ୍ମ ତାରିଖ ସଂଶୋଧନ ପାଇଁ ଆବେଦନ କରିଥିଲେ। ୨୦୧୪ ମସିହାରୁ ସେ ୪ଥର ବିଇଓଙ୍କ ନିକଟରେ ଆବେଦନ କରି ସୁଦ୍ଧା ବିଫଳ ହୋଇଛନ୍ତି। ପରବର୍ତ୍ତୀ ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବଦଳି ପରେ କାର୍ଯ୍ୟାଭାର ଗ୍ରହଣ କରିଥିବା ନୂତନ ବିଇଓ ଶିକ୍ଷୟିତ୍ରୀ ଜଣଙ୍କର ମାଟ୍ରିକ ସାର୍ଟିଫିକେଟର ସତ୍ୟାସତ୍ୟ ଜାଣିବା ପାଇଁ ବୋର୍ଡକୁ ତଥ୍ୟ ମାଗିଥିଲେ। ଜନ୍ମ ତାରିଖ ୧୯୬୫ ମସିହା ବୋଲି ବୋର୍ଡ ସ୍ପଷ୍ଟୀକରଣ ଦେଇଥିଲେ ସୁଦ୍ଧା ସର୍ଭିସ ବୁକରେ କିନ୍ତୁ ପୂର୍ବବତ ଜନ୍ମ ତାରିଖ ଅପରିବର୍ତ୍ତିତ ରହିଥିଲା। ଯେଉଁଥି ପାଇଁ ୨୦୨୫ ପରିବର୍ତ୍ତେ ୨୦୨୩ ମସିହାରେ ଶ୍ରୀମତୀ ରାଉତ ଚାକିରିରୁ ଅବସର ଗ୍ରହଣ କରିଥିଲେ। ସେ ଅବସରକାଳୀନ କୌଣସି କାଗଜପତ୍ର ଗ୍ରହଣ ନକରି ନିୟମିତ ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଉଥିବା ବେଳେ ତତ୍କାଳୀନ ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗର ଖାମଖିଆଲି ନୀତିକୁ ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ୧୮-୧୦-୨୦୨୩ ମସିହାରେ ସର୍ଭିସ ବୁକରେ କ'ଣ ତ୍ରୁଟି ଅଛି; ତାହାକୁ ଶୀଘ୍ର ବୁଝିବା ପାଇଁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ଗୋଷ୍ଠୀ ଶିକ୍ଷାଧିକାରୀ ଅଦ୍ୟାବଧି ଏହାକୁ ସମାଧାନ ଦିଗରେ ତତ୍ପରତା ପ୍ରକାଶ କରି ନାହାନ୍ତି। ଘଟଣା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ହେଲେ ପ୍ରଶାସନିକ ଅପାରଗତାକୁ ସୁଧାରିବା ପାଇଁ କେହି ଚେଷ୍ଟା କରୁନାହାନ୍ତି। ଏପଟେ ଶିକ୍ଷୟିତ୍ରୀ ଜଣକ ଅନେକ ପଶ୍ଚାତାପ ଭିତରେ ବିଦ୍ୟାଳୟକୁ ନିୟମିତ ଯାଉଥିବା ବେଳେ ଅବସର ବୟସସୀମା ବୃଦ୍ଧି ନିଷ୍ପତ୍ତିକୁ ଅନାଇ ବସିଛନ୍ତି। ଏନେଇ ବିଇଓ ଅଧୀର କୁମାର ତରାଇଙ୍କ ମତାମତ ନେବାରୁ ଶିକ୍ଷୟିତ୍ରୀ ଜଣକ ସଠିକ ସମୟରେ ଅବସର ଗ୍ରହଣ କରିଥିବା କହିଥିବା ବେଳେ ଅବସର ବୟସସୀମା ବୃଦ୍ଧି ପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଭାଗ ପକ୍ଷରୁ କୋର୍ଟକୁ ସମସ୍ତ କାଗଜପତ୍ର ପ୍ରଦାନ କରାଯାଇଛି। ତେଣୁ କୋର୍ଟଙ୍କ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ଆସିଲେ ଯାହା କିଛି ନିଷ୍ପତ୍ତି ହେବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ମତ ଦେଇଛନ୍ତି।

# ଆଦାନୀ ଦିବସରେ ୧୦ ହଜାର ଚାରାରୋପଣ



**ଭଦ୍ରକ,୨୪।୬(ସମିସ):** ଆଦାନୀ ଦିବସ ଅବସରରେ ଧାମରା ବନ୍ଦର ପରିସରରେ ୧୦ ହଜାର ଚାରା ରୋପଣ କରାଯାଇ ପରିବେଶରେ ଜୈବ ବିବିଧତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ପୋର୍ଟର ଏହି କାର୍ଯ୍ୟକ୍ରମରେ କର୍ମଚାରୀ, ଶ୍ରମିକ, ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସମେତ ୭୦୦ରୁ ଊର୍ଦ୍ଧ୍ୱ ଆଦାନୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ଜନ୍ମଦିବସକୁ ଆଦାନୀ ଦିବସ ଭାବେ ପାଳନ କରାଯାଉଛି। ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ଚାରାରୋପଣ କରାଯିବାର ଲକ୍ଷ୍ୟ ରହିଛି। ଏହି ଅବସରରେ ଧାମରା ପୋର୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଦେବେନ୍ଦ୍ର ଠକ୍କର ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ସଞ୍ଜୀବ ଗୁପ୍ତା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଧାମରା ପୋର୍ଟର ଏହି ପ୍ରୟାସ କେବଳ ଏହି ପାରିପାଶ୍ୱର୍ରେ ସୀମିତ ନ ରହି ଏହାର ସନ୍ନିକଟ ଗ୍ରାମପଞ୍ଚାୟତ, ରେଳ କରିଡର ଗ୍ରାମ, ବିଦ୍ୟାଳୟ, କଲେଜ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ମଧ୍ୟ ବ୍ୟାପକ ହୋଇପାରିଛି। ପୋର୍ଟର ଏହି ବିସ୍ତୃତ ଆଭିମୁଖ୍ୟ ପରିବେଶରେ ସ୍ଥିରତା ଆଣିବା ସହ ବିଭିନ୍ନ ସମ୍ପ୍ରଦାୟକୁ ଏକ ଦୃଢ ଯୋଗସୂତ୍ର ରକ୍ଷା କରିଥାଏ।

## ପିଡିଏସ୍ ଚାଉଳ ଚୋରା ଚାଲାଣ ଧରିଲେ ସ୍ଥାନୀୟ ଯୁବକ



**ଖଇରା,୨୪।୬(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଗୋବିନ୍ଦପୁର ପଞ୍ଚାୟତ ଜୟପୁରରେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ଥାନୀୟ ସରକାରୀ କଣ୍ଟ୍ରୋଲ ଡିଲର୍ ମନୋରଂଜନ ପଣ୍ଡା ଦୁଇ ମାସ ଧରି ନିର୍ବାଚନ ଆଳ ଦେଖାଇ ହିତାଧିକାରୀମାନଙ୍କୁ ଦେଉନଥିଲେ ରାସନ ଚାଉଳ। ଗତକାଲି ରାତିରେ ଚାଉଳ ବାଣ୍ଟୁଥିବା ସମୟରେ କିଛି ସ୍ଥାନୀୟ ଯୁବକ କାହିଁକି ଅସମୟରେ ଚାଉଳ ଦେଉଛ ବୋଲି ପ୍ରଶ୍ନ କରି ଅଟକ ରଖିଥିଲେ। ବିଳମ୍ବିତ ରାତିରେ ଦୁଇଟି ଟ୍ରାକ୍ଟରରେ ଚାଉଳ ଗୋଟିଏ ଔପଦା ଆଡ଼କୁ ଯାଉଥିବା ବେଳେ ଛକି ରହିଥିବା ଯୁବକମାନେ ଗାଡ଼ିକୁ ଅଟକାଇଥିଲେ। ଡ୍ରାଇଭର ବୁଢ଼ାଗଡ଼ିଆ ବଜାର ପାଖ ରାସ୍ତା ମଝିରେ ନମ୍ବର ବିହୀନ ଟ୍ରାକ୍ଟରକୁ ଛାଡି ଫେରାର ହୋଇଯାଇଥିଲା। ଅନ୍ୟ ଏକ ଟ୍ରାକ୍ଟର ଜୟପୁର ଗାଁ ମଝି କୋଠଘର ଠାକୁରାଣୀ ଆଗରେ ଚାଉଳ ବୁରା ଓହ୍ଲାଇ ଦେଇ ଚାଲି ଯାଇଥିଲା। ସକାଳେ ଖଇରା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବାର ଜଣାଯାଇଛି। ଅପରପକ୍ଷରେ ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରିଣୀଙ୍କ ମତାମତ ନେବାରୁ ସେ କହିଛନ୍ତି ଖୁବ ଶୀଘ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଡାଟା ଏଣ୍ଟ୍ରି ଅପରେଟରଙ୍କ ପକ୍ଷରୁ ବିଡିଓ, ବ୍ଲକ୍ ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା



**ଭୋଗରାଇ/ଚୌକି,୨୪।୬(ସମିସ):** ୨୦୦୮ ମସିହାରୁ ନିଯୁକ୍ତି ପାଇଥିବା ଗ୍ରାମ ରୋଜଗାର ସେବକ ମାନେ ଦୀର୍ଘ ୧୬ ବର୍ଷ ଧରି ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରିଆସୁଛନ୍ତି। ମାତ୍ର ସ୍ୱଳ୍ପ ପାରିଶ୍ରମିକରେ କାମ କରି ବିଭିନ୍ନ ଅସୁବିଧା ଭୋଗ କରୁଥିଲେ। ସଂଘ ପକ୍ଷରୁ ଦୀର୍ଘଦିନ ଧରି ଦାବୀ କରିଆସୁଥିଲା ବେଳେ ରାଜ୍ୟ ସରକାର ସେମାନଙ୍କୁ ଗତ ୧୨ ମାର୍ଚ୍ଚ ୨୦୨୪ରେ ସରକାରୀ କର୍ମଚାରୀ ଭାବେ ଘୋଷଣା କରି ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାଲେଶ୍ୱର ତତ୍କାଳୀନ ଜିଲ୍ଲାପାଳ ସେମାନଙ୍କୁ କୌଣସି ପ୍ରକାର ସରକାରୀ ଭାବେ ନିଯୁକ୍ତି ଦେଇ ନ ଥିଲେ। ପରେ ସାଧାରଣ ନିର୍ବାଚନର ଯୋଗୁଁ ନିଯୁକ୍ତି ଅଟକି ରହିଥିଲା। ବାଲେଶ୍ୱର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିର୍ଦ୍ଦେଶନାମାରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସେମାନଙ୍କୁ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଭାବରେ ସରକାର ନିଯୁକ୍ତି ଦେଇଛନ୍ତି। ସେଥି ମଧ୍ୟରୁ ଭୋଗରାଇ ବ୍ଲକରୁ ୨୭ ଜଣ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଜଳେଶ୍?ର, ବସ୍ତା ଓ ବାଲିଆପାଳ ବ୍ଲକକୁ ଯାଇଥିବା ବେଳେ ଭୋଗରାଇ ବ୍ଲକକୁ ବସ୍ତାରୁ ୭ ଜଣ ଓ ଜଳେଶ୍?ରୁ ୧୯ ଜଣ ମୋଟ ୨୬ ଜଣଙ୍କୁ ଭୋଗରାଇ ବ୍ଲକରେ ନିଯୁକ୍ତି ପାଇଛନ୍ତି। ଆଜି ନବ ନିଯୁକ୍ତ କର୍ମଚାରୀମାନେ ପ୍ରଥମେ ଭୋଗରାଇ ବ୍ଲକରେ ପହଞ୍ଚି ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା ଓ ବ୍ଲକ୍ ଅଧ୍ୟକ୍ଷ ପ୍ରବୀର କୁମାର ଗିରିଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ପ୍ରଦାନ କରିଥିଲେ। ମଧୁସୂଦନ ମଣ୍ଡଳ, ବିଷ୍ଣୁପ୍ରିୟା ପ୍ରଧାନ, ଦେବଦତ୍ତ ସେନାପତି, ରମେଶ ଚନ୍ଦ୍ର ଗିରି, ସୁଜୟ ପ୍ରଧାନ, ମାଧବ ଚନ୍ଦ୍ର ଘୋଷ, ପ୍ରଦୀପ ଦାସ ପ୍ରମୁଖଙ୍କ ସହ ୨୬ ଜଣ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଆଜି ଏହି ବ୍ଲକରେ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ସାପ କାମୁଡ଼ାରେ ଯୁକ୍ତ ୩ ଛାତ୍ରଙ୍କ ମୃତ୍ୟୁ

**ନୀଳଗିରି,୨୪।୬(ସମିସ):** ସାପ କାମୁଡ଼ାରେ ଯୁକ୍ତ ୩ ଛାତ୍ରଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।ନୀଳଗିରି ଥାନା ଅନ୍ତର୍ଗତ ମହିଷାପଙ୍ଗା ପଞ୍ଚାୟତ ଡମ୍ବରୁଘାଟି ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ସିଂଙ୍କ ପୁଅ ଜିତେନ୍ଦ୍ର ସିଂ (୨୦) ରବିବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ରଣା ସାପ କାମୁଡ଼ିଥିଲା। ବିଳମ୍ବିତ ରାତିରେ ନୀଳଗିରି ମେଡ଼ିକାଲକୁ ଅଣାଯାଇ ଚିକିତ୍ସା ବେଳେ ଅବସ୍ଥା ଉଦବେଗଜନ ହେବାରୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ ବେଳେ ଭଦ୍ରକ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ନୀଳଗିରି ମେଡ଼ିକାଲକୁ ଅଣାଯାଇ ବ୍ୟବଚ୍ଛେଦ ପରେ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇଛି। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସହପାଠୀ ଏବଂ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ଗତ ଚାରି ବର୍ଷ ପୂର୍ବରୁ ପିତାଙ୍କ ମୃତ୍ୟୁ ପରେ ବଡ଼ଭାଇ ପାଗଳା ହୋଇଥିବା ବେଳେ ଜିତେନ୍ଦ୍ର ଘରର ଏକମାତ୍ର କୂଳଦୀପ ଓ ବୃଦ୍ଧା ମା'ର ଆଶା ବାଡ଼ି ଥିଲେ। ତାଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ସାଧାରଣରେ ଦାବି ହୋଇଛି।

■ ଜାରି ରହିଛି ବାଲିମାଫିଆଙ୍କ ରାଜ୍

# ବଢ଼ିଚାଲିଛି ଚୋରା ବାଲି ଚାଲାଣ କାରବାର



**ଜଳେଶ୍ୱର,୨୪।୬(ସମିସ):** ଥମୁନି ବାଲି ମାଫିଆଙ୍କ ରାଜ। ବଢ଼ି ଚାଲିଛି ଚୋରା ବାଲି ଚାଲାଣ କାରବାର। ପ୍ରଶାସନ ଡାଳେଡାଳେ ଗଲେ ବାଲି ମାଫିଆ ପତ୍ରେପତ୍ରେ ଯାଉଛନ୍ତି। ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ପାଶ୍ୱର୍ବର୍ତ୍ତୀ ସୁବର୍ଣ୍ଣରେଖା ନଦୀରୁ ହଜାର ହଜାର ଟ୍ରିପ୍ ଟ୍ରାକ୍ଟର, ଡମ୍ପର ଓ ଜେସିବି ଦ୍ୱାରା ବାଲି ଉତ୍ତୋଳନ କରି ମାଫିଆମାନେ ପଶ୍ଚିମବଙ୍ଗକୁ ପଠାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସମୟ ସମୟରେ ମାଇନ୍ସ ବିଭାଗ ଛୋଟ ମାଫିଆଙ୍କୁ ଧରୁଥିବା ବେଳେ ବଡ଼ବଡ଼ ମାଫିଆ ଛୁ ମାରୁଛନ୍ତି। ପୁଲିସ ଓ ମାଇନ୍ସ ବିଭାଗର ଗତିବିଧିକୁ ମାଫିଆ ମାନେ ନଜର କରିବା ସହିତ ଛକଛକରେ ଜଗି ବସିଛନ୍ତି। ନିଲାମ ହୋଇଥିବା ବସ୍ତା ବ୍ଲକର ଆମ୍ବକୁଣ୍ଡୁଛି, ଗିଲାଯୋଡ଼ି ଓ କାଦରାୟାଁ ପାଖ ନଦୀରେ ରାତି ଦିନ ଜେସିବି ସୁବର୍ଣ୍ଣରେଖା ନଦୀରେ ପଡ଼ି ବାଲି ଖନନ ଚାଲିଛି। ସୁବର୍ଣ୍ଣରେଖା ନଦୀରେ ଜେସିବି ଦ୍ୱାରା ଖନନ କରିବା ନିୟମ ନ ଥିଲେ ମଧ୍ୟ ଆଜକୁ ତିନି ମାସ ଧରି ବାଲି ମାଫିଆ ମାନେ ପ୍ରାୟ ୫ଟି ଜେସିବି ଦ୍ୱାରା ଦିନ ରାତ୍ରି ବାଲି ଉତ୍ତୋଳନ ଚାଲିଛି। ଟ୍ରାକ୍ଟର ଗୁଡ଼ିକ ନଦୀ ଭିତରେ ପିମ୍ପୁଡ଼ି ସୁରା ଧାଡି ଭଳି ଶହ ଶହ ବାଲି ପରିବହନ ଚାଲିଛି। ପ୍ରଶାସନ ଜାଣି ସୁଦ୍ଧା ନିରବ ରହିଛି। ପୁଲିସ ଆଇନ ଶୃଙ୍ଖଳା ପାଇଁ ଥିବା ବେଳେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଉପରେ ଚଢ଼ଉ ପାଇଁ ପୁଲିସ ବାହୀନି ପର୍ଯ୍ୟାପ୍ତ ହେଉ ନାହିଁ। ମାଇନିଂ ବିଭାଗ ପାଖରେ ଚଢ଼ଉ ପାଇଁ ଆବଶ୍ୟକ ଭିତ୍ତିଭୂମୀର ଘୋର ଅଭାବ ରହିଛି। ଏହା ପଛରେ ଉଚ୍ଚସ୍ତରୀୟ ପ୍ରଶାସନ ଦାୟୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ମାଫିଆମାନେ ସୁବର୍ଣ୍ଣରେଖା ନଦୀର ଗତିପଥକୁ ବଦଳାଇ ବାଲି ଖନନ କରୁଥିବା ଦେଖିବାକୁ ମିଳିଛି। ଦୁଇ ଦିନ ତଳେ ଏକ ଟ୍ରାକ୍ଟର ରାୟାଁ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ଏକତାଳି ନଦୀ ଭିତରୁ ବିଳମ୍ବିତ ରାତ୍ରୀରେ ବାଲି ଭର୍ତ୍ତି ହୋଇ ଯାଉଥିବା ଅବସ୍ଥାରେ ଜଳେଶ୍ୱର ପୁଲିସ ଚଢ଼ଉ କରି ଏକ ଟ୍ରାକ୍ଟରକୁ ଜବଦ କରି ନୂତନ କୋର୍ଟ ସମ୍ମୁଖରେ ରଖିଛନ୍ତି। ସାଧାରଣରେ କେତେ ପରିମାଣରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ହେଉଛି, ତାହାର ପ୍ରମାଣ ସରୂପ ୬୦ ଜାତୀୟ ରାଜପଥ ସନ୍ନିକଟ କୋର୍ଟ ସମ୍ମୁଖରେ ଜବତ ଗାଡ଼ିରୁ ଅନୁମେୟ ହେଉଛି। ବହୁ ଗାଡ଼ି ଫାଇନ ଦେଇ, ଖଲାସ ହୋଇଥିଲା ବେଳେ ୧୦ଟି ମାଟି ବୋଝେଇ ଟ୍ରାକ୍ଟର, ୪ଟି ଜେସିବି, ୨ ଟି ବାଲି ବୋଝେଇ ଡମ୍ପର ଜବତ ହୋଇ କୋର୍ଟ ସମ୍ମୁଖରେ ପୁଲିସ ପ୍ରହରାରେ ସଢୁଛି।

## ଜଳକା ନଦୀ ପୋଲ ରେଳ ଧାରଣା ମଝିରୁ ଯୁବକଙ୍କ ମୃତଦେହ ଉଦ୍ଧାର



**ବସ୍ତା,୨୪।୬(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା-ନୂଆଗାଁ ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ଜଳକା ନଦୀ ପୋଲର ରେଳ ଧାରଣା ମଝିରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଛି। ଯୁବକଙ୍କୁ ହତ୍ୟା କରାଯାଇ ତାକୁ ଆତ୍ମହତ୍ୟାର ରୂପ ଦେଇଥିବା ମୃତ ଯୁବକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ଘଟଣାସ୍ଥଳରେ ରେଳବାଇ ପୁଲିସ ଓ ବସ୍ତା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ ବସ୍ତା ଥାନା ଅନ୍ତର୍ଗତ ବାହାର୍ଦ୍ଦା ପଞ୍ଚାୟତର ମେଳକ ଗ୍ରାମର ପ୍ରତାପ ନାୟକଙ୍କ ପୁଅ ଦେବାଶିଷ (୨୨) ରବିବାର ରାତିରେ ତାଙ୍କ ସାଙ୍ଗଙ୍କ ସହ ନିକଟସ୍ଥ ଗ୍ରାମରେ ଯାତ୍ରା ଦେଖିବାକୁ ଯାଇଥିବା ଘରକୁ ଫୋନ୍‌ରେ କହିଥିଲେ। ମାତ୍ର ରାତିରେ ସେ ଘରକୁ ଫେରି ନଥିଲେ। ସକାଳେ ତାଙ୍କ ରକ୍ତାକ୍ତ ମୃତଦେହ ଗ୍ରାମ ନିକଟସ୍ଥ ଜଳକା ନଦୀର ପୋଲ ଉପରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ଘରକୁ ଖବର ଦେଇଥିଲେ। ଖବର ପାଇ ମୃତ ଦେବାଶିଷଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ତାକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଖବର ପାଇ ବାଲେଶ୍ୱର ରେଳବାଇ ଆରପିଏଫ୍ ଓ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମୃତଦେହକୁ ଜବତ କରି ଫରେନ୍ସି ଟେଷ୍ଟ ପାଇ ଶବକୁ ବାଲେଶ୍ୱର ନେଇଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ବାପା ଆଣିଥିବା ହତ୍ୟା ଅଭିଯୋଗକୁ ରେଳବାଇ ପୁଲିସ ଗ୍ରହଣ କରି ନଥିବା ବେଳେ ମଙ୍ଗଳବାର ରିପୋର୍ଟ ଆସିବା ପରେ ଅଭିଯୋଗ ମୂଳେ ମାମଲା ରୁଜ୍ଜୁ କରି ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ମୃତ ଦେବାଶିଷ ବାପା ମାଆଙ୍କ ଗୋଟିଏ ବୋଲି ପୁଅ ହୋଇଥିବା ବେଳେ ତାଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିଶା ନିବାରଣ ଦିବସରେ ପ୍ରଶାସନ ନିଷ୍ପତ୍ତିକୁ ଅପେକ୍ଷା

**ଜଳେଶ୍ୱର,୨୪।୬(ସମିସ):** ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଚୋରା ନିଶା ସାମଗ୍ରୀ ସମ୍ପର୍କିତ ଖବର ସବୁ ବେଳେ ଗଣମାଧ୍ୟମର ଶିରୋନାମାରେ ରହୁଥିଲା। ଏପରିକି କେଜିକେଜି ଧଳା ଜହର, ବସ୍ତାବସ୍ତା ଗଞ୍ଜେଇ ଚୋରା ମଦ ବାରମ୍ବାର ଜବତ୍ ହେଉଥିଲା। ମଦ, ବ୍ରାଉନସୁଗର, ଗଞ୍ଜେଇ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଲଗାମ ଛଡ଼ା ପ୍ରସାର ଯୋଗୁଁ ରାଜ୍ୟରେ ବଳାତ୍କାର, ହତ୍ୟା, ଚୋରି, ଡକାୟତି, ମାରପିଟ୍, ନାରୀ ଓ ଶିଶୁ ନିର୍ଯାତନା ସମେତ ବିଭିନ୍ନ ପ୍ରକାର ଅପରାଧ ବଢୁଛି। ଜଳେଶ୍ୱର ଏକ ପଶ୍ଚିମବଙ୍ଗ ସୀମାବର୍ତ୍ତୀ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ନିଶା ପ୍ରସାରଣ ଯୋଗୁଁ ଆତ୍ମହତ୍ୟା, ସଡ଼କ ଦୁର୍ଘଟଣା, ରୋଗ ବ୍ୟାଧ, ଆର୍ଥିକ ଅଧୋଗତି ଆଦି ବୃଦ୍ଧି ପାଇ ବ୍ୟାପକ ଧନଜୀବନ ନଷ୍ଟ ହେଉଛି। ବ୍ୟକ୍ତି, ପରିବାର, ସମାଜ, ରାଜ୍ୟ ଓ ଦେଶର ପ୍ରଗତି ଉପରେ ଏହାର ସିଧା ସଳଖ କୁପ୍ରଭାବ ପଡୁଛି। ଏହା ସହିତ ସ୍ୱଳ୍ପ ସଂଖ୍ୟକ ପୁଲିସ ବାହିନୀ, ଡ୍ରଗ୍ସ ସ୍କ୍ୱାଡ, ଅବକାରୀ ବିଭାଗ ପାଖରେ ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ଆଗରୁ ବହୁ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହେଉଥିଲା। ନିଶା ପ୍ରସାରଣ ଯୋଗୁଁ କିଶୋର ଯୁବକଙ୍କ ଭବିଷ୍ୟତ ନଷ୍ଟ ସହିତ ବେକାରୀ ଓ ବେରୋଜଗାରୀ ବୃଦ୍ଧି ପାଉଛି। ଜଳେଶ୍ୱର ବ୍ଲକ ବିଶେଷତ ଆଦିବାସୀ ବହୁଳ ଅଞ୍ଚଳ ଭାବେ ଜଣାଶୁଣା। ଗରୀବନୀରିହ ଆଦିବାସୀଙ୍କୁ ନିଶାଗ୍ରସ୍ତ କରାଇ କାର୍ଯ୍ୟ ହାସଲ କରିବା ଓ ଜମି ଡିହ ହରଣ କରିବା ଆଦି ଅନେକେ ଘଟଣା ନଜିର ରହିଛି। ପ୍ରଶାସନ ପକ୍ଷରୁ ତମାଖୁ ଓ ଗୁଟ୍‌ଖା ଇତ୍ୟାଦି ନିୟନ୍ତ୍ରଣ ପାଇଁ ୨୦୧୨ ମସିହାରୁ ବ୍ୟବସ୍ଥା କରିଥିଲେ ମଧ୍ୟ ଏଯାବତ୍ ତାହାର କଡ଼ାକଡ଼ି ଅନୁପାଳନ ହେଉନାହିଁ। ଅଞ୍ଚଳରେ ଏହି ସାମଗ୍ରୀର ବ୍ୟାପକ ବ୍ୟବହାର ଫଳରେ ମୁଖ ଗହ୍ୱର କର୍କଟ, ଫୁସଫୁସ ଜନିତ ବହୁ ରୋଗ ହେବା ସହିତ, ପ୍ରସ୍ତୁତି ଓ ବିପଣନ ଖୁଲମଖୁଲା ହେଉଛି। ତେଣୁ ସମୟ ଆସିଛି, ଶିକ୍ଷିତ ସୁସ୍ଥ, ଶାନ୍ତ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ନିତ୍ୟାନ୍ତ ଅପରିହାର୍ଯ୍ୟ।

## ମଧୁହରି ବିଦ୍ୟାପୀଠରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଁ ଦାବି



**ଖଇରା,୨୪।୬(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ମଧୁହରୀ ବିଦ୍ୟାପୀଠ ଏବେ ଶ୍ରୀହୀନ ହୋଇ ପଡିଛି। ଦିନେ ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ପାଲଟିଥିବା ଏହି ହାଇସ୍କୁଲ ଏବେ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି। ଦିନେ ୯ଜଣ ଶିକ୍ଷୟତ୍ରୀଶିକ୍ଷକଙ୍କ ସହ ପୂର୍ଣ୍ଣପଦବୀରେ ଆଗେଇ ଚାଲିଥିବା ସ୍କୁଲ ଏବେ ବିନା ଶିକ୍ଷକରେ ଖାଁଖାଁ ଲାଗୁଛି। କେତେ ପ୍ରଶାସନିକ ଅଧିକାରୀ, ଚାଟାର୍ଡ ଏକାଉଣ୍ଟାଣ୍ଟ, ଅଧ୍ୟାପକ ଓ ଶିକ୍ଷକ ଜନ୍ମ ଦେଇଥିବା ଏହି ବିଦ୍ୟାଳୟକୁ ଆଜିର ଦିନରେ ଅବିଭାବକ ମାନେ ପିଲା ଛାଡିବା ନେଇ ୧୦ଥର ଭାବିବାକୁ ପଡୁଛି। ଶହେରୁ ଅଧିକ ଉପସ୍ଥାନ ରହୁଥିବା ଶ୍ରେଣୀରେ ଆଜି ୧୪କି ୧୫ପିଲା ଶ୍ରେଣୀ ମଣ୍ଡନ କରୁଛନ୍ତି। ତୁରନ୍ତ ୨୪-୨୫ଶିକ୍ଷାବର୍ଷ ଲାଗି ପ୍ରଶାସନ ପକ୍ଷରୁ କିଛି ବ୍ୟବସ୍ଥା ନକଲେ ବିଦ୍ୟାଳୟ ବନ୍ଦ ହେବା ନିଶ୍ଚିତ ବୋଲି ଉଦବେଗ ପ୍ରକାଶ କରି ବହୁ ଅବିଭାବକ, ଗ୍ରାମବାସୀ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ଗଣ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ବିଦ୍ୟାଳୟଟି ୧୯୭୯-୮୦ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବେଳେ ଆରମ୍ଭରୁ ଉଚ୍ଚକୋଟିର ଶିକ୍ଷାଦାନ ପାଇଁ ବ୍ଲକରେ ସୁନାମ ଅର୍ଜନ କରିଥିଲା। ୨୦୧୫ରୁ ବିଦ୍ୟାଳୟରେ ଦୁର୍ଦ୍ଦିନ ମାଡି ଆସିଥିଲା। ପ୍ରଥମ ଶିକ୍ଷକ ଭାବେ ପ୍ରଧାନଶିକ୍ଷକ ରତ୍ନାକର ନାୟକ ଅବସର ଗ୍ରହଣ କରିବା ପରେ ୨୦୧୭ଜାନୁଆରୀରୁ ୨୦୨୪ ଜାନୁଆରୀ ମଧ୍ୟରେ ୭ଜଣ ଶିକ୍ଷକ ଅବସର ନେଇଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଆଳ ଦେଖାଇ ଶିକ୍ଷାଧିକାରୀ ମାନେ ପଦବୀପୁରଣ ପାଇଁ ସାମାନ୍ୟତମ ଆଗ୍ରହ ପ୍ରକାଶ କରିନଥିଲେ। ଶେଷ ଶିକ୍ଷକ ଭାବେ ପ୍ରଧାନଶିକ୍ଷୟତ୍ରୀ ନିବେଦିତା ପାଣିଗ୍ରାହୀ ୩୧ମାର୍ଚ୍ଚରେ ଅବସରଗ୍ରହଣ କରିବା ପରେ ଏବେ ପ୍ରଧାନଶିକ୍ଷକ ଦାୟିତ୍ୱ ସାରୁଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସାହୁଙ୍କୁ ନ୍ୟସ୍ତ କରାଯାଇଛି। ଏଣୁ ଜଣେ ପ୍ରଧାନଶିକ୍ଷକଙ୍କୁ ୨ସ୍କୁଲର ଦାୟିତ୍ୱ ଚଳାଇବାକୁ ପଡୁଥିବାରୁ ମହତୀପୁରକୁ କାଁଭାଁ ଆସିବା କଷ୍ଟସାଧ ହୋଇ ପଡୁଛି। ଉକ୍ତ ପ୍ରଧାନଶିକ୍ଷକଙ୍କୁ ମହତୀପୁର ହାଇସ୍କୁଲର ସମ୍ପୂର୍ଣ୍ଣ ଦାୟିତ୍ୱ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ୨ ଶ୍ରେଣୀର ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅତିକମରେ ଡେପୁଟେସନରେ କୌଣସୀ ଶିକ୍ଷକ ବ୍ୟବସ୍ଥା କରିବାକୁ ଦଶମ ଶ୍ରେଣୀର ଛାତ୍ରୀ ସ୍ମୃତିସଙ୍ଗିତା ବେହେରା ଓ ଛାତ୍ର ରୋହନ ନାୟକ ପ୍ରମୁଖ ପ୍ରଶାସନ ନିକଟରେ ଗୁହାରୀ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ଯୋଗାଯୋଗ କରିବାରେ ସେ ଏବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ସେ ଯାହା ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

**ଚିକିତ୍ସା ପାଇଁ ଅର୍ଥାଭାବ ସାଜିଛି ବାଧକ**

## ଅଜଣା ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ି ରହିଛନ୍ତି ଅନନ୍ତ



**ଲଙ୍ଗଳେଶ୍ୱର,୨୪।୬(ସମିସ):** ମନରେ ଥିଲା ଅସୁମାରୀ ସ୍ୱପ୍ନ, ସେଥିପାଇଁ ଦିନ ରାତି ଏକ କରି ପାଠ ପଢୁ ଥିଲେ। ଇଚ୍ଛା ଥିଲା ପାଠ ପଢି ଭଲ ମଣିଷ ହେବା ସହ ବଡ ଚାକିରୀ କରିବେ। ଘରର ଅଭାବ ଅନଟନକୁ ଦୁର କରି ପରିବାରର ବୋଝ ନିଜ ମୁଣ୍ଡକୁ ନେବେ। ମାତ୍ର ବିଧିର ବିଧାନ ଥିଲା କିଛି ଅଲଗା। ଯୁକ୍ତ ଦୁଇ ପାସ କରିବା ପରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଏବେ ଶଯ୍ୟାଶାୟୀ ହୋଇ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି ଅନନ୍ତ। ପୁଅର ଏଭଳି ଅବସ୍ଥା ଦେଖି ବୁଢା ବାପା ମା'ଙ୍କ ଆଖିରୁ ଲୁହ ଶୁଖୁନି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ପାଳସାହି ଗ୍ରାମର ବାସିନ୍ଦା ହେଉଛନ୍ତି ଦୈତାରୀ ପାତ୍ର, ତାଙ୍କ ଦୁଇ ପୁଅ ମଧ୍ୟରୁ ସାନପୁଅ ହେଉଛନ୍ତି ଅନନ୍ତ(୩୫)। ପିଲାଟି ଦିନରୁ ସେ ଜଣେ ମେଧାବୀ ଛାତ୍ର ଥିଲେ। ପରିବାରର ଆର୍ଥିକ ସମ୍ବଳ ନଥିବା ସତ୍ତ୍ୱେ ଭୋକଉପାସରେ ରହି ବହୁ କଷ୍ଟରେ +୨ ପାସ କରିବା ପରେ ହଠାତ ଗୋଡ଼ ହାତ ଅଚଳ ହେବାକୁ ଲାଗିଲା। ଧିରେ ଧିରେ ସମ୍ପୂର୍ଣ୍ଣ ଗୋଡ଼ ଅକାମୀ ହୋଇ ଗଲା। ପରିବାରର ଆର୍ଥିକ ସମ୍ବଳ ନଥିବାରୁ ଜମିବାଡି ବିକ୍ରି କରି ୪ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି ବିଭିନ୍ନ ହସ୍‌ପିଟାଲରେ ଚିକିତ୍ସା କରାଇଲେ। ମାତ୍ର ଶରୀର ସୁସ୍ଥ ହେବା ପରିବର୍ତ୍ତେ ଅବସ୍ଥା ବିଗିଡିବାକୁ ଲାଗିଲା। ଏମିତିକି କଣ ରୋଗ ହୋଇଛି ତାହା ମଧ୍ୟ ଡାକ୍ତରମାନେ ଜାଣି ପାରିଲେନି। ପରିସ୍ଥିତି ଏମିତି ହେଲା ଯେ ଚଲାବୁଲା କରିବା ତ ଦୂର ର କଥା ଘୋଷାରି ଘୋଷାରି ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯିବାକୁ ପଡିଲା। +୨ ପାସ କରିବା ପରେ ପାଠପଢାରେ ଡୋରି ବନ୍ଧା ହେଲା। ପାଠ ପଢି ଚାକିରୀ କରିବା ଓ ବଡ ମଣିଷ ହେବା ସ୍ୱପ୍ନ ତାଙ୍କର ସ୍ୱପ୍ନରେ ରହିଗଲା। ଏବେ ପୁରୁଣା ସାର୍ଟିଫିକେଟକୁ ଦେଖି ଆଖିରୁ ଲୁହ ଗଡାଉଛନ୍ତି ଅନନ୍ତ। ଅନ୍ୟପଟେ ପୁଅ କଥା ଚିନ୍ତା କରି ବୁଢା ବାପା ମା'ଙ୍କ ଆଖିରୁ ଲୁହ ଶୁଖୁନି। ବାପା ଦୈତାରୀ ବୁଢା ବୟସରେ ପରଘରେ ମୂଲ ଲାଗି ଯାହା କିଛି ରୋଜଗାର କରନ୍ତି ସେଥିରେ କଷ୍ଟେମଷ୍ଟେ ଚଳି ଯାଉଛନ୍ତି। ଏମିତିକି ଧାର ଉଧାର କରି ପୁଅର ଔଷଧ ଖର୍ଚ୍ଚ ତୁଲାଉଛନ୍ତି। ଅଜଣା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି ଅନନ୍ତ। ଅର୍ଥାଭାବ କାରଣରୁ ଆଉ ପୁଅର ଚିକିତ୍ସା କରି ପାରୁ ନାହାନ୍ତି ପରିବାର ଲୋକେ। ତେଣୁ କାନ୍ଦି କାନ୍ଦି ପୁଅର ଜୀବନ ବଞ୍ଚାଇବା ପାଇଁ ନେହୁରା ହେଉଛନ୍ତି ବୁଢା ବାପା ମା'। ଅନନ୍ତଙ୍କ ପାଂଇ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ଏବଂ ବ୍ୟାଟେରୀ ଚାଳିତ ସାଇକଲ ଟିଏ ପାଇଁ ବାରମ୍ବାର ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରୀ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। କେବଳ ଭିନ୍ନକ୍ଷମ ଭତ୍ତା ବ୍ୟତିତ କୌଣସି ପ୍ରଶାସନିକ ସହାୟତା ତାଙ୍କୁ ମିଳିନି। ତେଣୁ ତାଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଅନ୍ତ୍ୟୋଦୟ ଯୋଜନାରେ ଚାଉଳ,ଏବଂ ବ୍ୟାଟେରୀ ସାଇକଲ ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି ପରିବାର ଲୋକେ ଏବଂ ଗ୍ରାମବାସୀ। ପ୍ରଶାସନକ କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ଯଦି ଏହି ଅସହାୟ ପରିବାରକୁ ସହଯୋଗର ହାତ ବଢାନ୍ତି ତାହାଲେ ଅନନ୍ତଙ୍କ ଜୀବନ ବଞ୍ଚି ଯାଇ ପାରନ୍ତା। ଏହି ଅସହାୟ ପରିବାରକୁ ସହଯୋଗ କରିବା ପାଇଁ ତଥା ଅନନ୍ତଙ୍କୁ ସାହାଯ୍ୟ କରିବାକୁ ଚାହାନ୍ତି ତାହାଲେ ତାଙ୍କ ଫୋନପେ ନମ୍ବର ୬୩୭୦୦୨୧୪୮୭, ୭୩୭୭୭୭୫୯୫୫ ଜରିଆରେ ଟଙ୍କା ପଠାଇ ପାରିବେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୫ • ପାଉଣ୍ଡ ୧୦୫.୪୭
- ୟୁରୋ ୮୯.୪୩ • ୟେନ୍ ୦.୫୨

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୪୯୦ (ନୂଆଦିଲ୍ଲୀ)
- ରୁପା : ୯୧,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୩୪୧.୦୦
- ନିଫ୍ଟି ୨୩,୫୩୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

## କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡରେ ସେବି ଟିମ୍‌ର ଚଢ଼ଉ

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି):** ଦେଶର ବୃହତ୍ ମ୍ୟୁଚୁଆଲ ଫଣ୍ଡ ହାଉସ୍ କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡରେ ହୋଇଛି ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ଚଢ଼ଉ। ପ୍ରାପ୍ତ ସୂଚନାନୁଯାୟୀ, ସେବାରେ ଅନିୟମିତତା ଅଭିଯୋଗରେ କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡ କାର୍ଯ୍ୟଳୟରେ ଏହି ଯାଞ୍ଚ ଆରମ୍ଭ କରାଯାଇଛି। ସେବି ଟିମ୍ ହାଇଦ୍ରାବାଦ ଏବଂ ମୁମ୍ବାଇଠାରେ ଥିବା କ୍ୱାଣ୍ଟର କାର୍ଯ୍ୟାଳୟରେ ଚଢ଼ାଉ କରିଛି।

**ଚିନ୍ତାରେ ନିବେଶକ**

ଏ ସମ୍ପର୍କରେ କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ କୁହାଯାଇଛି ଯେ, ସେବିର ଏହି ଯାଞ୍ଚରେ ଆମେ ପୂର୍ଣ୍ଣ ସହଯୋଗ କରୁଛୁ। ଫ୍ରଣ୍ଟ-ରନିଂ ଟ୍ରେଡିଂ ଗତିବିଧିକୁ ନେଇ ସେବି କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡ କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଫ୍ରଣ୍ଟ ରନିଂ ଟ୍ରେଡିଂ ହେଉଛି ଶେୟାର ବଜାର ସହ ଜଡ଼ିତ ଏକ ପ୍ରକାର ହେରଫେର। ଏଥିରେ କମ୍ପାନୀ




ନିଜର ଗ୍ରାହକଙ୍କୁ ସୂଚନା ନ ଦେଇ ବ୍ରୋକର କିମ୍ବା ବିଶ୍ଳେଷକଙ୍କ ପାଖରୁ ମିଳିଥିବା ସୂଚନା ଆଧାରରେ କାରବାର କରିଥାଏ। ଫ୍ରଣ୍ଟ ରନିଂ ଟ୍ରେଡିଂର ନକାରାତ୍ମକ ପ୍ରଭାବ ନିବେଶକଙ୍କ ଉପରେ ମଧ୍ୟ ପଡ଼ିଥାଏ। କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡ ବେଆଇନ୍ ଭାବରେ ଟ୍ରେଡିଂ କରୁଥିବା ନେଇ ସେବିକୁ ସୂଚନା ମିଳିଥିଲା। ସେବି ତଦନ୍ତ ଆରମ୍ଭ କରିଥିବାରୁ ନିବେଶକଙ୍କ ମହଲରେ ଆଶଙ୍କା ବୃଦ୍ଧି ପାଇଛି। ନିବେଶକଙ୍କୁ କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡ ପକ୍ଷରୁ ଆଶ୍ୱାସନା ଦିଆଯାଇଛି। ଭୟ କରିବାର କିଛି କାରଣ ନାହିଁ ବୋଲି କମ୍ପାନୀ କହିଛି। ତେବେ କ୍ୱାଣ୍ଟ ମ୍ୟୁଚୁଆଲ୍ ଫଣ୍ଡରେ ପ୍ରାୟ ୯୩ ହଜାର କୋଟି ଟଙ୍କା ଲଗାଇଛନ୍ତି ନିବେଶକ। ଭାରତରେ କ୍ୱାଣ୍ଟ ମ୍ୟୁଚୁଆଲ ଫଣ୍ଡର ଲୋକପ୍ରିୟତା ଦ୍ରୁତ ହାରରେ ବୃଦ୍ଧି ପାଇଛି। ୨୦୨୦ରେ କମ୍ପାନୀର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ) ୨୫୮ କୋଟି ଟଙ୍କା ରହିଥିଲା। ହେଲେ ୨୦୨୪ରେ କମ୍ପାନୀର ଏୟୁଏମ ୯୩ ହଜାର କୋଟି ହୋଇଛି। କମ୍ପାନୀ ନିକଟରେ ୮୦ ଲକ୍ଷ ନିବେଶକ ରହିଛନ୍ତି।

**ସିମ୍ କାର୍ଡ଼ ପାଇଁ | ନୂଆ ନିୟମ**

# ୯ ରୁ ଅଧିକ ସିମ୍ କିଣିଲେ ଲାଗିବ ଜରିମାନା

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି)**






ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି ନୂତନ ଟେଲିକମ୍ ଆଇନ ୨୦୨୩। ତେବେ ଏହି ନୂଆ ଟେଲିକମ୍ ଆଇନ ଅନୁଯାୟୀ, ସିମ୍ କାର୍ଡ କ୍ରୟ , ନକଲି ସଂଯୋଗ ଏବଂ କଲ୍ ଟ୍ୟାପିଂ ଭଳି ଘଟଣା ଉପରେ କଡ଼ା କାର୍ଯ୍ୟନୁଷ୍ଠାନ ବ୍ୟବସ୍ଥା ରହିବ। ଗତ ବର୍ଷ ଡିସେମ୍ବରରେ କେନ୍ଦ୍ର ସରକାର ଲୋକସଭାରେ ନୂତନ ଟେଲିକମ୍ ବିଲ୍ ଆଗତ କରିଥିଲେ। ଏହି ବିଲ୍ ଆଗତ ହେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଛି। ବର୍ତ୍ତମାନ ଏହି ଆଇନର କିଛି

**କାର୍ଯ୍ୟକାରୀ ହେବ ଟେଲିକମ୍ ଆଇନ ୨୦୨୩**

**ହଟିବ ଦେଢ଼ ଶହ ବର୍ଷ ପୁରୁଣା ଭାରତୀୟ ଟେଲିଗ୍ରାଫ୍ ଆଇନ**

ବିଭାଗ ଜୁନ୍ ୨୬ରୁ କାର୍ଯ୍ୟକାରୀ ହେବ। ଏହି ନୂତନ ଟେଲିକମ୍ ଆଇନ ୯ରୁ ଅଧିକ ସିମ୍ କାର୍ଡ କ୍ରୟ କରୁଥିବା ଲୋକଙ୍କ ପାଇଁ ସମସ୍ୟାର କାରଣ ପାଲଟିବ।

ଦେଶରେ ଟେଲିକମ୍ ଆକ୍ଟ ୨୦୨୩ ଲାଗୁ ହେବା ପରେ ୧୫୦ ବର୍ଷ ପୁରୁଣା ଭାରତୀୟ ଟେଲିଗ୍ରାଫ୍ ଆଇନ ୧୮୮୫ ରଦ୍ଦ ହୋଇଯିବ। ନୂତନ ଟେଲିକମ୍ ଆକ୍ଟ ଏହାକୁ ବଦଳାଇଦେବ। ଏହା ସହିତ, ଏହି ନୂତନ ନିୟମ ୧୯୩୩ର ବେତାର ଟେଲିଗ୍ରାଫି ଆଇନକୁ ମଧ୍ୟ ରଦ୍ଦ କରିଦେବ। ନକଲି ସିମ୍ କାର୍ଡ ଏବଂ ଜାଲିଆତିକୁ ରୋକିବା ପାଇଁ ସରକାର ନୂତନ ଟେଲିକମ୍ ଆଇନରେ ଅନେକ ବ୍ୟବସ୍ଥା ଯୋଡିଛନ୍ତି, ଯେଉଁଥିରେ ଜେଲଠାରୁ ଆରମ୍ଭ କରି ଜୋରିମାନା ପର୍ଯ୍ୟନ୍ତ ରହିଛି। କୌଣସି ବ୍ୟକ୍ତିଙ୍କର ଆଧାର କାର୍ଡ଼ ସହ ୯ଟି ସିମ୍ କାର୍ଡ଼ ସଂଯୋଗ ହୋଇଥିଲେ ତାକୁ ପ୍ରଥମ ଅପରାଧ ପାଇଁ ୫୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ଏହାସହ ଭୁଲର ପୁନରାବୃତ୍ତି ହେଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଲାଗିବ। ଏହାବ୍ୟତୀତ ଜାଲ ଉପାୟରେ (ସିମ୍ କାର୍ଡ଼ ସ୍ପୁଫିଂ) ୟୁଜର ଆଇଡିର ବ୍ୟବହାର କରି ସିମ୍ କାର୍ଡ଼ କ୍ରୟ କରାଯାଇଥିଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୫୦ ଲକ୍ଷ ଟଙ୍କାର ଜରିମାନା ଲାଗୁ ହୋଇପାରେ କିମ୍ବା ପୁଣି ଜେଲ ଓ ଜରିମାନା ଉଭୟ ଲଗାଯାଇପାରେ। କେବଳ ବାୟୋମେଟ୍ରିକ୍ ଆଧାରରେ ହିଁ ଟେଲିକମ୍ ଅପରେଟର ୟୁଜରର ଭେରିଫିକେସନ୍ କରିପାରିବେ। ଅର୍ଥାତ୍ ଆଧାର କାର୍ଡ ମାଧ୍ୟମରେ ୟୁଜରଙ୍କ ସମ୍ପର୍କରେ ଯାଞ୍ଚ କରିବାକୁ ପଡିବ। ଯଦି, ଆପଣ ଜାଣିନାହାଁନ୍ତି ଆପଣଙ୍କ ଆଧାର କାର୍ଡରୁ କେତେ ସିମ୍ କାର୍ଡ ଦିଆଯାଇଛି, ଆପଣ ଏହାକୁ ଅନଲାଇନ୍‌ରେ ଯାଞ୍ଚ କରିପାରିବେ।

ଏଥିପାଇଁ ଆପଣଙ୍କୁ ସରକାର ଆରମ୍ଭ କରିଥିବା sancharsathi.gov.in ପୋର୍ଟାଲକୁ ଯିବାକୁ ପଡିବ। ଏହାପରେ ଆପଣଙ୍କୁ ମୋବାଇଲ୍ କନେକ୍ସନ୍ ଅପ୍‌ସନ୍ ଟ୍ୟାପ୍ କିମ୍ବା କ୍ଲିକ୍ କରିବାକୁ ପଡିବ। ତା’ପରେ ପରବର୍ତ୍ତୀ ପୃଷ୍ଠାରେ ୧୦ ଅଙ୍କ ବିଶିଷ୍ଟ ମୋବାଇଲ୍ ନମ୍ବର ଏଣ୍ଟ୍ରି କରିବାକୁ ପଡିବ। ଫୋନରେ ଦିଆଯାଇଥିବା କ୍ୟାପଚା କୋଡ୍ ଏବଂ ଓଟିପି (ୱାନ୍ ଟାଇମ୍ ପାସୱାର୍ଡ) ଏଣ୍ଟ୍ରି କରନ୍ତୁ। ଏହାପରେ ଏକ ନୂତନ ପେଜ୍ ଖୋଲିବ, ଏଠାରେ ଆପଣ ଆପଣଙ୍କର ଆଧାର କାର୍ଡରେ ଦିଆଯାଇଥିବା ସମସ୍ତ ମୋବାଇଲ୍ ନମ୍ବର ଦେଖିବେ।

## କେନ୍ଦ୍ରକୁ ଘାରିଲା ଗହମ ଦର ବୃଦ୍ଧି ଚିନ୍ତା



**୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଗହମ ଉପରେ ଷ୍ଟକ୍ ସୀମା ଲାଗୁ**

**ପାଇକାରୀ ୩୦୦୦ ମେଟ୍ରିକ୍ ଟନ୍, ଖୁଚୁରା ବିକ୍ରେତାଙ୍କ ପାଇଁ ୧୦ ମେଟ୍ରିକ ଟନ୍ ସୀମା**

**ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ ହେବ**

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି)**

ଦେଶରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ସହ ତେଜରାତି ସାମଗ୍ରୀ ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ମହଙ୍ଗା ମାଡ଼ରେ ସାଧାରଣ ଖାଉଟି ନୟାନ୍ତ। ଦର ବୃଦ୍ଧି ପ୍ରଭାବରୁ କୌଣସି ସାମଗ୍ରୀ ବାଦ୍ ପଡିନାହିଁ। ସାଧାରଣ ନିର୍ବାଚନ ଶେଷ ହେବା ପରେ ପରେ ମହଙ୍ଗ ମାଡ଼ ଜୋରଦାର ହୋଇଛି। ଗହମ ଦର ବୃଦ୍ଧି ଯୋଗୁ ଖୁଚୁରା ବଜାରରେ ଅଟା, ସୁଜି ଏବଂ ମଇଦା ଦର ଢ଼େର ବଢ଼ିଯାଇଛି, ଯାହାକି ଏବେ କେନ୍ଦ୍ର ସରକାରଙ୍କ ପାଇଁ ବଡ଼ ଆହ୍ୱାନ ସାଜିଛି। ଯାହା ଫଳରେ କେନ୍ଦ୍ର ସରକାରଙ୍କୁ ଏବେ ଗହମ ଦର ବୃଦ୍ଧି ଚିନ୍ତା ଘାରିଛି।

ସାମଗ୍ରିକ ଖାଦ୍ୟ ନିରାପତ୍ତାକୁ ନିୟନ୍ତ୍ରଣ କରିବା ଏବଂ ମହଜୁଦ ରୋକିବା ପାଇଁ ଭାରତ ସରକାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ବ୍ୟବସାୟୀ/ ପାଇକାରୀ, ଖୁଚୁରା, ବିଗ୍ ଚେନ୍ ରିଟେଲର ଏବଂ ପ୍ରୋସେସରମାନଙ୍କ ପାଇଁ ପ୍ରଯୁଜ୍ୟ ଗହମ ଉପରେ ଷ୍ଟକ୍ ସୀମା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ଉପରେ ଲାଇସେନ୍ସ ଆବଶ୍ୟକତା, ଷ୍ଟକ୍ ସୀମା ଏବଂ ଚଳପ୍ରଚଳ ପ୍ରତିବନ୍ଧକ (ସଂଶୋଧନ) ଆଦେଶ, ୨୦୨୪ ଆଜିଠାରୁ ଅର୍ଥାତ୍ ଜୁନ୍ ୨୪, ୨୦୨୪ ରୁ ତୁରନ୍ତ ଜାରି କରାଯାଇଛି ଏବଂ ଏହା ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଲାଗୁ ହେବ। ଷ୍ଟକ୍ ସୀମା ପ୍ରତ୍ୟେକ ସଂସ୍ଥା ପାଇଁ ବ୍ୟକ୍ତିଗତ ଭାବେ ଲାଗୁ ହେବ ଯେପରିକି ବ୍ୟବସାୟୀ/ ପାଇକାରୀ ବିକ୍ରେତା- ୩୦୦୦ ମେଟ୍ରିକ୍ ଟନ୍; ରିଟେଲର୍ - ପ୍ରତ୍ୟେକ ଖୁଚୁରା ଆଉଟଲେଟ୍ ପାଇଁ ୧୦ ମେଟ୍ରିକ୍ ଟନ୍; ବିଗ୍ ଚେନ୍ ରିଟେଲର୍- ପ୍ରତ୍ୟେକ ଆଉଟଲେଟ୍ ପାଇଁ ୧୦ ମେଟ୍ରିକ୍ ଟନ୍ ଏବଂ ସମସ୍ତ ଡିପୋ ଓ ପ୍ରୋସେସରରେ ୩୦୦୦ ମେଟ୍ରିକ୍ ଟନ୍ ରହିଛି। ପ୍ରକ୍ରିୟାକାରୀଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ର ଅବଶିଷ୍ଟ ମାସ ସହିତ ମାସିକ ସଂସ୍ଥାପିତ କ୍ଷମତା (ଏମଆଇସି) କୁ ଗୁଣନ କରି ଏହାର ୭୦ ପ୍ରତିଶତ ନିର୍ଦ୍ଧାରିତ କରାଯାଇଛି। ଉପରୋକ୍ତ ଭଳି ସମ୍ପୃକ୍ତ ଆଇନଗତ ସଂସ୍ଥାଗୁଡ଼ିକୁ ଷ୍ଟକ୍ ସ୍ଥିତି ଘୋଷଣା କରିବାକୁ ପଡ଼ିବ ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ପୋର୍ଟାଲରେ ନିୟମିତ ଭାବେ ଅପଡେଟ୍ କରିବାକୁ ପଡ଼ିବ ଏବଂ ଯଦି ସେମାନଙ୍କ ପାଖରେ ଥିବା ଷ୍ଟକ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ ତେବେ ସେମାନଙ୍କୁ ଏହି ବିଜ୍ଞପ୍ତି ଜାରି ହେବାର ୩୦ ଦିନ ମଧ୍ୟରେ ନିର୍ଦ୍ଧାରିତ ଷ୍ଟକ୍ ସୀମାକୁ ଆଣିବାକୁ ପଡ଼ିବ।

## ଓଡ଼ିଶାରେ ୩.୩୭ କୋଟି ମୋବାଇଲ ଉପଭୋକ୍ତା

**ଭୁବନେଶ୍ୱର,୨୪।୬(ସମିସ):** ଏପ୍ରିଲ ମାସରେ ଓଡ଼ିଶାରେ ମୋବାଇଲ ଉପଭୋକ୍ତା ସଂଖ୍ୟାରେ ୧୪୪୪୦ ବୃଦ୍ଧି ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଏପ୍ରିଲ ଶେଷ ସୁଦ୍ଧା ୩.୩୭ କୋଟିକୁ ବୃଦ୍ଧି ହୋଇଛି। ଏଥିସହିତ ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଏପ୍ରିଲ ମାସରେ ଜିଓ ନିଜର ନେଟୱର୍କରେ ସର୍ବାଧିକ ୧.୧୩ ଲକ୍ଷରୁ ଅଧିକ ନୂଆ ମୋବାଇଲ ଗ୍ରାହକ ଯୋଡିଛି। ଜିଓ ଏପ୍ରିଲ ମାସରେ ଉଭୟ ଓ୍ୱାରଲେସ ଏବଂ ଓ୍ୱାରଲାଇନ କ୍ଷେତ୍ରରେ ରାଜ୍ୟରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିଛି। ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ୨୦୨୪ ଏପ୍ରିଲ ମାସରେ ଜିଓ ଓଡ଼ିଶାରେ ସର୍ବାଧିକ ୧୧୩୧୮୬ ନୂଆ ମୋବାଇଲ୍ ଉପଭୋକ୍ତା ଯୋଡ଼ିଥିବାବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦୀ ଏୟାରଟେଲ୍ ଏହି ସମୟରେ ମାତ୍ର ୮୯୫୪ ମୋବାଇଲ ଉପଭୋକ୍ତା ଯୋଡ଼ିଛି। ଅନ୍ୟପକ୍ଷରେ, ଭୋଡାଫୋନ୍ ଆଇଡିଆ (ଭି) ଓ ବିଏସ୍ଏନ୍ଏଲ୍ ଏପ୍ରିଲ ମାସରେ ଓଡ଼ିଶାରେ ହଜାର ହଜାର ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି।



**ଜୁଲାଇରୁ କ୍ରେଡିଟ କାର୍ଡର ନୂଆ ନିୟମ**

## ବିବିପିଏସ୍ ଜରିଆରେ ପ୍ରୋସେସ୍ ହେବ କ୍ରେଡିଟ କାର୍ଡ ପେମେଣ୍ଟ

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି)**

କ୍ରେଡିଟ କାର୍ଡ ବ୍ୟବହାରକାରୀଙ୍କ ପାଇଁ ବଡ଼ ଖବର। ଜୁନ ମାସ ଶେଷ ପରେ ଅର୍ଥାତ ଜୁଲାଇ ପହିଲାରେ କ୍ରେଡିଟ କାର୍ଡ ସହ ଜଡିତ ଏକ ଏପରି ନିୟମ ଲାଗୁ ହେବାକୁ ଯାଉଛି ଯାହାର ସିଧାସଳଖ ପ୍ରଭାବ କ୍ରେଡିଟ କାର୍ଡ ବ୍ୟବହାରକାରୀଙ୍କ ଉପରେ ପଡିପାରେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୩୦ ଜୁନ ୨୦୨୪ ପରେ ସମସ୍ତ କ୍ରେଡିଟ କାର୍ଡ ପେମେଣ୍ଟସକୁ ଭାରତ ବିଲ ପେମେଣ୍ଟ ସିଷ୍ଟମ ବିବିପିଏସ ଜରିଆରେ ପ୍ରୋସେସ କରିବାକୁ ଯାଉଛି। ସୂଚନା ମୁତାବକ ଏପର୍ଯ୍ୟନ୍ତ ଏଚଡିଏଫସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି ବଡ ବ୍ୟାଙ୍କ ବିବିପିଏସ ଆକ୍ଟିଭ୍ କରିନାହାନ୍ତି। ଏହି ସମସ୍ତ ବ୍ୟାଙ୍କ ମିଶି ଗ୍ରାହକଙ୍କୁ ୫ କୋଟି କ୍ରେଡିଟ୍ କାର୍ଡ ଇସ୍ୟୁ କରିଛନ୍ତି।




**ଜୁନ୍ ପରେ ପେମେଣ୍ଟ କରିପାରିବେନି କ୍ରେଡିଟ କାର୍ଡ ୟୁଜର**

ବ୍ୟାଙ୍କ କିମ୍ବା ଋଣଦାତା ଯେଉଁମାନେ ଏ ପର୍ଯ୍ୟନ୍ତ ନିର୍ଦ୍ଦେଶନାମା ଅନୁପାଳନ କରିନାହାଁନ୍ତି ସେମାନେ ମଧ ଜୁନ୍ ୩୦ ପରେ କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟ କରିପାରିବେ ନାହିଁ। ଫୋନିପ୍ ଏବଂ କ୍ରେଡିଟ୍ ପରି ଫିଣ୍ଟେକ୍, ଯାହା ପୂର୍ବରୁ ବିବିପିଏସର ସଦସ୍ୟ, ସେମାନେ ମଧ ଜୁନ୍ ୩୦ ପର୍ଯ୍ୟନ୍ତ ଆରବିଆଇର ଏହି ନିର୍ଦ୍ଦେଶାବଳୀ ପାଳନ କରିବା ଆବଶ୍ୟକ। ପେମେଣ୍ଟ ଶିଳ୍ପ ଶେଷ ସମୟସୀମାକୁ ୯୦ ଦିନ ବୃଦ୍ଧି କରିବାକୁ ଦାବି କରିଛି। ଏକ ରିପୋର୍ଟ ଅନୁଯାୟୀ, ଏ ପର୍ଯ୍ୟନ୍ତ କେବଳ ୮ ଟି ବ୍ୟାଙ୍କ ବିବିପିଏସ୍‌ରେ ବିଲ୍ ପେମେଣ୍ଟ ସେବାକୁ ଆକ୍ଟିଭ୍ କରିଛନ୍ତି। ସମୁଦାୟ ୩୪ଟି ବ୍ୟାଙ୍କ କ୍ରେଡିଟ୍ କାର୍ଡ ପ୍ରଦାନ କରିବାକୁ ଅନୁମୋଦିତ, କିନ୍ତୁ ଏହି ବ୍ୟାଙ୍କଗୁଡିକ ମଧ୍ୟରୁ କେବଳ ୮ଟି ବିବିପିଏସକୁ ଆକ୍ଟିଭ କରିଛନ୍ତି।

# ଭାରତକୁ ଆସିଲା ମେଟା ଏଆଇ

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି):** ମେଟା ଲିମା ୩, ମେଟା ଏଆଇ ହେଉଛି ବିଶ୍ୱର ଏକ ମାତ୍ର ଅଗ୍ରଣୀ ଏଆଇ ଆସିଷ୍ଟାଣ୍ଟ ବା ସହାୟତାକାରୀ ଯାହାକି ଆପଣଙ୍କ ପକେଟରେ ରହିଛି । ଆପଣଙ୍କ ଫୋନ ସହିତ ଏହି ଏଆଇ ଆସିଷ୍ଟାଣ୍ଟ ପ୍ରାୟ ଏକ ଡଜନରୁ ଅଧିକ ଦେଶରେ ମାଗଣାରେ ଉପଲବ୍ଧ। ଭାରତରେ ଏହା ଇଂରାଜୀ ଭାଷାରେ କାର୍ଯ୍ୟ ଆରମ୍ଭ କରିଛି। ହ୍ୱାଟ୍ସଆପ, ଫେସବୁକ ମେସେଞ୍ଜର ତଥା ଇନ୍ଷ୍ଟାଗ୍ରାମରେ ମେଟା ଏଆଇର ବ୍ୟବହାର ପୂର୍ବକ କାର୍ଯ୍ୟ କରିବା ପାଇଁ ତଥା ଶିକ୍ଷା, ସୃଷ୍ଟି କରିବା ପାଇଁ ଓ ଆପଣଙ୍କ ପାଇଁ ଆବଶ୍ୟକ ହେଉଥିବା ଜିନିଷ ସହିତ ସଂଯୋଗ କରିବା ପାଇଁ ମଧ ଏହା ଆବଶ୍ୟକ ହୋଇଥାଏ। ଗତ ବର୍ଷ ଅପ୍ରେଲରେ ଅନୁଷ୍ଠିତ କନେକ୍ଟ କାର୍ଯ୍ୟକ୍ରମରେ ଆମେ ଲିମା ୩ ଉପରେ ପ୍ରସ୍ତୁତ ମେଟା ଏଆଇର ସର୍ବଶେଷ ଭର୍ସନ୍ ଆଣିଥିଲୁ।




**ଅଗ୍ରଣୀ ଏଆଇ ଆସିଷ୍ଟାଣ୍ଟ ଏବେ ଫିଙ୍ଗର ଟିପ୍‌ରେ**

ମେଟା ଲିମା ୩,ମେଟା ଏଆଇ ଭଳି ଏକ ସ୍ମାର୍ଟ, ଗତିଶୀଳ ତଥା ଅଧିକ ମଜାଦାର କୌଶଳ ଯାହା ପୂର୍ବରୁ ନ ଥିଲା। ଏଥିରେ ରାତିରେ ଜଣେ ସାଙ୍ଗମାନଙ୍କ ସହିତ ହ୍ୱାଟ୍ସଆପ ଗ୍ରୁପରେ ମେଟା ଏଆଇକୁ ପସନ୍ଦର ରେଷ୍ଟୋରାଁ ସମ୍ପର୍କରେ ପଚାରନ୍ତୁ। ଏହାଛଡା ରୋଡ ଟ୍ରିପ୍‌ରେ କେଉଁ ସ୍ଥାନରେ ଅଟକିବେ ସେ ସମ୍ପର୍କରେ ମେଟା ଏଆଇକୁ ପଚାରନ୍ତୁ। ଫେସବୁକ ଜରିଆରେ ତାଲିକା ପ୍ରସ୍ତୁତ କରିବା ସମୟରେ ଆପଣ ମଧ ମେଟା ଏଆଇର ସହଯୋଗ ନେଇପାରିବେ। ଏପରିକି ଆଗ୍ରହୀ ଥିବା କୌଣସି ଚାକିରି ପାଇଁ ଆପଣ ଚେଷ୍ଟା କରିପାରିବେ। ଚିକିରି ସମ୍ପର୍କିତ ବିଭିନ୍ନ ସୂଚନା ସମ୍ପର୍କରେ ଆପଣ ମେଟା ଏଆଇକୁ ପଚାରିପାରନ୍ତି। ଏପରିକି ଯଦି ଆଇସଲ୍ୟାଣ୍ଡର ଏକ ଆଲୋକବର୍ତ୍ତିକାର ଛବି ଆପଣଙ୍କ ନଜରକୁ ଆସେ ତେବେ ଏ ସମ୍ପର୍କିତ କିଛି ପ୍ରଶ୍ନରେ ଏଆଇର ସହାୟତା ନେଇପାରିବେ। ମେଟା ଏଆଇ ସହିତ କାଳ୍ପନିକ ଶବ୍ଦ ବ୍ୟବହାର କରିବା ସମୟରେ ଆପଣ ସିଧାସଳଖ କିମ୍ବା ଗ୍ରୁପରେ ଛବି ଗୁଡ଼ିକୁ ପ୍ରସ୍ତୁତ କିମ୍ବା ସେୟାର କରିପାରିବେ।

**ରିଜର୍ଭ ବ୍ୟାଙ୍କ ବଦଳାଇଲା ରଣନୀତି**

## ବିଦେଶରେ ଭାରତର ସୁନା ଭଣ୍ଡାର ୬ ବର୍ଷରେ ସବୁଠାରୁ କମ୍

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି)**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ରୁତ ଗତିରେ ଅନ୍ୟ ଦେଶରେ ରଖାଯାଇଥିବା ଏହାର ବୃହତ୍ ସୁନା ଭଣ୍ଡାରକୁ ଦେଶକୁ ଫେରାଇ ଆଣିଛି। ଏହି କାରଣରୁ, ବିଦେଶରେ ରଖାଯାଇଥିବା ଭାରତର ସୁନା ଭଣ୍ଡାର ବିଗତ ୬ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଖସିଆସିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟକୁ ଅନୁଶୀଳନ କଲେ ଏହା ଜଣାପଡିବ।

ଆରବିଆଇ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୪ରେ ଭାରତର ମୋଟ ସୁନା ଭଣ୍ଡାରର ୪୭ ପ୍ରତିଶତ ଦେଶ ବାହାରେ ରହିଯାଇଥିଲା। ଡିସେମ୍ବର ୨୦୧୭ ପରେ ଅନ୍ୟ ଦେଶରେ ଭାରତର ସୁନା ଭଣ୍ଡାରର ଏହା ହେଉଛି ସର୍ବନିମ୍ନ ସ୍ତର। ପରିବର୍ତ୍ତିତ ପରିସ୍ଥିତିରେ ଡିସେମ୍ବର ୨୦୧୭ରେ ରିଜର୍ଭ ବ୍ୟାଙ୍କ ସୁନା କ୍ରୟକୁ ତୀବ୍ର କରିଥିଲା। ବର୍ତ୍ତମାନ କେନ୍ଦ୍ରୀୟ ବ୍ୟାଙ୍କ ଅଧିକରୁ ଅଧିକ ସୁନା ଦେଶକୁ ଆଣିବା ଦିଗରେ କାର୍ଯ୍ୟ କରୁଛି। ଗତମାସରେ ରିଜର୍ଭ ବ୍ୟାଙ୍କ ବ୍ରିଟେନରୁ ଦେଶକୁ ଏକ ବଡ଼ ପରିମାଣର ସୁନା ଫେରାଇ ଆଣିଥିଲା। ସେହି ପରିପ୍ରେକ୍ଷୀରେ ବ୍ରିଟେନରୁ ଭାରତକୁ ପ୍ରାୟ ୧୦୦ ଟନ୍ ସୁନା ଆସିଛି। ସେତେବେଳେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ବିଦେଶରୁ ଆମଦାନୀ ହେଉଥିବା ସୁନା କୌଣସି ଅପ୍ରତ୍ୟାଶିତ ଘଟଣା ନୁହେଁ। ସେ କହିଛନ୍ତି ଯେ ବର୍ତ୍ତମାନ ଦେଶରେ ସୁନା ସଂରକ୍ଷଣ କ୍ଷମତା ବୃଦ୍ଧି ପାଇଛି, ସେଥିପାଇଁ ବିଦେଶରେ ଥିବା ସୁନାକୁ ଫେରାଇ ଅଣାଯାଉଛି।




**ମେ’ରେ ଦେଶକୁ ଫେରାଇ ଅଣାଯାଇଥିଲା ୧୦୦ ଟନ୍ ସୁନା**

### ଆଇପିଏଲ୍ ପ୍ରଦର୍ଶନକୁ ସର୍ବାଧିକ ଗୁରୁତ୍ୱ

# ଜିମ୍ବାୱେ ଟୁର୍‌ରେ ଶୁବମାନ ଅଧିନାୟକ

**ନୂଆଦିଲ୍ଲୀ, ୨୪।୬(ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍ ପରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ଗସ୍ତରେ ଯିବ। ଏହି ଗସ୍ତ ଲାଗି ଓପନର ଶୁବମାନ ଗିଲ୍‌ଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଘୋଷିତ ଦଳରେ ଆଇପିଏଲ୍‌ରେ ଭଲ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ସ୍ଥାନ ମିଳିଛି। ଭାରତୀୟ ବିଶ୍ୱକପ୍ ଦଳରୁ ୱିକେଟ ରକ୍ଷକ ସଞ୍ଜୁ ସାମସନ, ଓପନର ଯଶସ୍ୱୀ ଜୟସ୍ୱାଲ, ରିଜର୍ଭ ଖେଳାଳି ରିଙ୍କୁ ସିଂ ଓ ଖଲୀଲ ଅହମ୍ମଦ୍ ଏହି ଟୁର୍ ଲାଗି ମନୋନିତ ହୋଇଛନ୍ତି। ୧୫ ଜଣିଆ ଦଳରେ ଅନେକ ଖେଳାଳି ଗତ ୨୪ରୁ ୩୬ ମାସ ମଧ୍ୟରେ ଭାରତ ଲାଗି ଅନ୍ତର୍ଜାତୀୟ କ୍ରିକେଟ ଖେଳିସାରିଛନ୍ତି। କିନ୍ତୁ ଆଇପିଏଲ୍‌ରେ ହାଇଦ୍ରାବାଦ୍ ପକ୍ଷରୁ ଖେଳୁଥିବା ପଞ୍ଜାବର ବାମହାତୀ ଅଲରାଉଣ୍ଡର ଅଭିଷେକ ଶର୍ମା ଓ ନୀତୀଶ ରେଡ୍ଡୀ, ରାଜସ୍ଥାନ ପକ୍ଷରୁ ଖେଳୁଥିବା ଅଲ୍‌ରାଉଣ୍ଡର ରିଆନ ପରାଗ, ଚେନ୍ନାଇ ପକ୍ଷରୁ ଖେଳୁଥିବା ମୁମ୍ବାଇ ରଣଜୀ ପେସ୍ ବୋଲର ତୁଷାର ଦେଶପାଣ୍ଡେଙ୍କୁ ପ୍ରଥମଥର ଜାତୀୟ ଦଳ ଲାଗି ମନୋନୀତ କରାଯାଇଛି। ତୁଷାର ଆଇପିଏଲ୍ ଅପେକ୍ଷା ଘରୋଇ କ୍ରିକେଟରେ ଉନ୍ନତ ପ୍ରଦର୍ଶନ କରିଛନ୍ତି, କିନ୍ତୁ ଟି-୨୦ ସିରିଜ୍ ହୋଇଥିବାରୁ ଆଇପିଏଲ୍ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଇ ଏହି ଦଳ ଚୟନ କରାଯାଇଛି। ଏହି ୫ ମ୍ୟାଚ୍ ବିଶିଷ୍ଟ ଟୁର୍ ଜୁଲାଇ ୬ରୁ ଆରମ୍ଭ ହୋଇ ୮ ଦିନରେ ଶେଷ ହେବ। ଅନ୍ୟ ମ୍ୟାଚ୍ ଗୁଡିକ ଜୁଲାଇ ୭, ୧୦, ୧୩ ଓ ୧୪ରେ ଖେଳାଯିବ।







### ଘୋଷିତ ଦଳ

ଶୁବମାନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ, ଅଭିଷେକ ଶର୍ମା, ରିଙ୍କୁ ସିଂ, ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ନୀତୀଶ ରେଡ୍ଡୀ, ରିଆନ ପରାଗ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆଭେଷ ଖାନ୍, ଖଲୀଲ ଅହମ୍ମଦ୍, ମୁକେଶ କୁମାର ଓ ତୁଷାର ଦେଶପାଣ୍ଡେ।

### ଟି-୨୦ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁଲାଇ ୬ | ପ୍ରଥମ ଟି-୨୦ | ହରାରେ | ଅପରାହ୍ନ ୪ଟା୩୦ |
| ଜୁଲାଇ ୭ | ଦ୍ୱିତୀୟ ଟି-୨୦ | ହରାରେ | ଅପରାହ୍ନ ୪ଟା୩୦ |
| ଜୁଲାଇ ୧୦ | ତୃତୀୟ ଟି-୨୦ | ହରାରେ | ଅପରାହ୍ନ ୪ଟା୩୦ |
| ଜୁଲାଇ ୧୩ | ଚତୁର୍ଥ ଟି-୨୦ | ହରାରେ | ଅପରାହ୍ନ ୪ଟା୩୦ |
| ଜୁଲାଇ ୧୪ | ପଞ୍ଚମ ଟି-୨୦ | ହରାରେ | ଅପରାହ୍ନ ୪ଟା୩୦ |

ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ଗୁଡ଼ିକ ଜିମ୍ବାୱେର ରାଜଧାନୀ ହରାରେ ସ୍ଥିତ ସ୍ପୋର୍ଟ୍ସ କ୍ଲବରେ ଖେଳାଯିବ।

ଟି-୨୦ ବିଶ୍ୱକପ୍‌ରେ ସାମିଲ ହୋଇ ନଥିବା ଖେଳାଳିଙ୍କୁ ନେଇ ଏହି ଦଳ ଗଠିତ ହୋଇଥିଲାବେଳେ କେବଳ ସଞ୍ଜୁ ସାମସନ ଓ ମୁକେଶ କୁମାର ବରିଷ୍ଠ ଖେଳାଳି ଭାବେ ଦଳରେ ସାମିଲ ହୋଇଛନ୍ତି। ଅନ୍ୟ ସମସ୍ତେ ଯୁବ ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରେ ହାଇଦ୍ରାବାଦ୍ ପକ୍ଷରୁ ଖେଳୁଥିବା ବାମହାତୀ ଓପନର ଅଭିଷେକ ଶର୍ମାଙ୍କ ନାମ ବେଶ ଉଲ୍ଲେଖଯୋଗ୍ୟ। ଚଳିତ ଆଇପିଏଲ୍‌ରେ ସେ ୧୬ଟି ମ୍ୟାଚ୍‌ରେ ୪୨ଟି ଛକା ମାରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ରାଜସ୍ଥାନର ଯୁବ ଖେଳାଳି ରିଆନ ପରାଗ ୫୭୩ ରନ୍ କରି ଟୁର୍ଣ୍ଣାମେଣ୍ଟରେ ତୃତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ଉଭୟ ଖେଳାଳିଙ୍କ ବୋଲିଂ ରହିଛି ଓ ଅଲରାଉଣ୍ଡ ସଫଳତା ଲାଗି ଏମାନେ ଦଳରେ ରହିଛନ୍ତି। ସୁଯୋଗ ପାଇଲେ ନିଶ୍ଚିତଭାବେ ଭଲ ପ୍ରଦର୍ଶନ କରିବେ। ଆଉ ଜଣେ ଅଲରାଉଣ୍ଡର ହେଲେ ହାଇଦ୍ରାବାଦର ନୀତୀଶ ରେଡ୍ଡୀ। ଆଇପିଏଲ୍‌ରେ ସେ କିଛି ବଡ଼ ସ୍କୋର କରି ତାଙ୍କ ଦକ୍ଷତା ପ୍ରଦର୍ଶନ କରିଛନ୍ତି। କିନ୍ତୁ ବୋଲିଂରେ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି। ୱିକେଟ ରକ୍ଷକ ଧ୍ରୁବ ଜୁରେଲ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ କିଛି ଚମତ୍କାର ପାଳି ଖେଳିଛନ୍ତି। କିନ୍ତୁ ଆଇପିଏଲ୍‌ରେ ନିମ୍ନ ଭାଗରେ ତାଙ୍କ ବ୍ୟାଟିଂ ବେଶ ଉପଯୋଗୀ ହୋଇଥିବାରୁ ତାଙ୍କୁ ଦଳରେ ନିଆଯାଇଛି। ଏଠାରେ ଆଶୁତୋଷ ଶର୍ମା ଓ ଶଶାଙ୍କ ସିଂଙ୍କ ନାମ ବିଚାରକୁ ନିଆଯାଇଥିଲେ ମଧ୍ୟ ସେମାନଙ୍କୁ ସାମିଲ କରାଯାଇ ନାହିଁ। ଘରୋଇ କ୍ରିକେଟରେ ତୁଷାର ଦେଶପାଣ୍ଡେ ବେଶ ପ୍ରଭାବଶାଳୀ ଖେଳିଛନ୍ତି। ଗତ ଦୁଇଟି ସିଜ୍‌ନରେ ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ସେ ପ୍ରଭାବୀ ଖେଳିଛନ୍ତି। ଏଣୁ ସ୍ଥିର ପ୍ରଦର୍ଶନ ଲାଗି ତାଙ୍କୁ ସୁଯୋଗ ମିଳିଛି।

ଦୀର୍ଘଦିନ ଧରି ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ଖଲୀଲ ଅହମ୍ମଦ୍ ପୁଣିଥରେ ଖେଳିବାକୁ ସୁଯୋଗ ପାଇଛନ୍ତି। ଆଭେଷ ଖାନ୍ ଓ ମୁକେଶ କୁମାର ମଧ୍ୟ ଦଳରେ ଅଛନ୍ତି। ଏଣୁ ଏମାନଙ୍କ ମଧ୍ୟରେ ବେଶ ପ୍ରତିଦ୍ୱନ୍ଦ୍ୱିତା ହେବ। ଦଳରେ ମାତ୍ର ଦୁଇ ଜଣ ବିଶେଷଜ୍ଞ ସ୍ପିନର ରବି ବିଷ୍ଣୋଇ ଓ ୱାଶିଂଟନ ସୁନ୍ଦର ରହିଛନ୍ତି। ଅଭିଷେକ, ରିଆନ ଓ ନୀତୀଶ ଯଦି ସାମିଲ ହୁଅନ୍ତି, ତେବେ ସେମାନଙ୍କୁ ବୋଲିଂ କରିବାକୁ ସୁଯୋଗ ମିଳିପାରେ। ସେହିପରି ଦଳରେ ୩ଜଣ ସ୍ପେଶାଲିଷ୍ଟ ଓପନର ଗିଲ, ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ନଂ-୩ରେ ବ୍ୟାଟିଂ କରିବେ।

# ଡବ୍ଲ୍ୟୁଟିଟି କଣ୍ଟେଣ୍ଡରର ଟାଇଟଲ୍ ଜିତିବାରେ ଶ୍ରୀଜା ପ୍ରଥମ ଭାରତୀୟ



**ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି):** ଭାରତୀୟ ମହିଳା ଟେବଲ୍ ଟେନିସ (ଟିଟି) ଖେଳାଳି ଶ୍ରୀଜା ଅକୁଳ ନାଇଜେରିଆରେ ଅନୁଷ୍ଠିତ ଡବ୍ଲ୍ୟୁଟିଟି କଣ୍ଟେଣ୍ଡର ଲାଗୋସ-୨୦୨୪ରେ ଡବଲ୍ ଟ୍ରଫି ଜିତିଛନ୍ତି। ଶ୍ରୀଜା ଏଠାରେ ଉଭୟ ଏକକ ଓ ଯୁଗଳ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୫ ବର୍ଷୀୟା ଶ୍ରୀଜା ମହିଳା ଏକକ ଫାଇନାଲରେ ୪-୧ (୧୦-୧୨, ୧୧-୯, ୧୧-୬, ୧୧-୮, ୧୧-୬)ରେ ଚାଇନାର ଯିଜି ଡିଙ୍ଗ୍‌ଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଏଥିସହ ସେ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଟେବଲ୍ ଟେନିସ (ଡବ୍ଲ୍ୟୁଟିଟି) ଏକକ ଟ୍ରଫି ଜିତିବାର କୀର୍ତ୍ତିମାନ କରିଛନ୍ତି। ବିଶ୍ୱ ମାନ୍ୟତାର ୪୩ତମ ସ୍ଥାନରେ ରହିଥିବା ଶ୍ରୀଜା ଏଥିପୂର୍ବରୁ ସେମିଫାଇନାଲରେ ୩-୨ରେ ସାଥୀ ଭାରତୀୟ ଖେଳାଳି ସୁତୀର୍ଥ ମୁଖାର୍ଜୀଙ୍କୁ ହରାଇ ଫାଇନାଲକୁ ଉଠିଥିଲେ। ତେବେ ଭାରତର ଶ୍ରେଷ୍ଠ ମାନ୍ୟତା ମହିଳା ଖେଳାଳି ମନିକା ବାତ୍ରା ରାଉଣ୍ଡ-୧୬ରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏହାପରେ ମହିଳା ଯୁଗଳରେ ଅର୍ଚ୍ଚନା କାମାଥଙ୍କୁ ସାଥୀ କରି ଶ୍ରୀଜା ଏଠାରେ ଦ୍ୱିତୀୟ ଟାଇଟଲ୍ ଜିତିଥିଲେ। ଶ୍ରୀଜା ଓ ଅର୍ଚ୍ଚନା ଯୋଡ଼ି ୩-୨ରେ ଡିଫେଣ୍ଡିଂ ଚାମ୍ପିଅନ ତଥା ଅନ୍ୟତମ ଭାରତୀୟ ଯୋଡ଼ି ଯଶସ୍ୱିନୀ ଘୋର୍ପଡେ ଓ ଦୀୟା ଚିତଲେଙ୍କୁ ହରାଇଥିଲେ। ପୁରୁଷ ଯୁଗଳରେ ହର୍‌ମିତ୍ ଦେଶାଇ ଓ ମାନଭ ଥାକ୍କର ଯୋଡ଼ି ଫାଇନାଲରେ ୩-୦ରେ ଜିତି ଦେଶ ପାଇଁ ୩ୟ ଟ୍ରଫି ହାସଲ କରିଛନ୍ତି। ପ୍ରଥମ ଭାରତୀୟ ପୁରୁଷ ଯୋଡ଼ି ଭାବେ ହରମିତ୍ ଓ ମାନଭ କଣ୍ଟେଣ୍ଡର ମିଟ୍ ଟାଇଟଲ୍ ଜିତିଛନ୍ତି।

● ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ସ୍ନେହାଲଙ୍କ ଶତକ; ଦୁର୍ଗାଙ୍କୁ ୫ ୱିକେଟ



ଦୁର୍ଗା ପ୍ରସାଦ ଦାସ



ସ୍ନେହାଲ ସାମନ୍ତରାୟ

**କଟକ,୨୪।୬(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଜାରି ରହିଛି। ନିମପୁର ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଉରକେଲା ୧୪୦ ରନ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। ସ୍ନେହାଲ ସାମନ୍ତରାୟଙ୍କ ୧୦୫ ରନ ସହାୟତାରେ ରାଉରକେଲା ୭ ୱିକେଟ ବିନିମୟରେ ୨୯୭ ରନ୍ କରିଥିଲା। ନବରଙ୍ଗପୁରର ଶୁଭମ ନାୟକଙ୍କୁ ୪ଟି ୱିକେଟ ମିଳିଥିଲା। ୨୯୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନବରଙ୍ଗପୁର ୧୫୭ ରନ୍‌ରେ ସୀମିତ ରହିଥିଲା। ବିଜୟୀ ରାଉରକେଲା ପକ୍ଷରୁ ରେହାନ ଖାନ ଏବଂ ଖୁସୱନ୍ତ ସାନ୍ଧୁ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଅକ୍ତିଆର କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ପୁରୀ ୧୦୦ ରନ୍‌ରେ କନ୍ଧମାଳକୁ ହରାଇଥିଲା। ପୁରୀ ୨୨୫ ରନରେ ଅଲଆଉଟ ହୋଇଥିଲା। ମୟଙ୍କ ପଟ୍ଟନାୟକ ୪୫ ଏବଂ ପ୍ରିୟରଞ୍ଜନ ମୁଦୁଲି ୪୪ ରନ କରିଥିଲେ। କନ୍ଧମାଳ ପକ୍ଷରୁ ରାକେଶ ନାୟକ ସର୍ବାଧିକ ୪ଟି ୱିକେଟ ଦଖଲ କରିଥିଲେ। ପୁରୀର ଦୁର୍ଗା ପ୍ରସାଦ ଦାସ ୫ଟି ଏବଂ ସାଇ ମୁଦୁଲି ୪ଟି ୱିକେଟ ହାସଲ କରିବା ଯୋଗୁଁ କନ୍ଧମାଳ ୧୨୫ ରନରେ ଅଲଆଉଟ ହୋଇଥିଲା। ୫ ୱିକେଟ ହାସଲ କରିଥିବା ଦୁର୍ଗା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ କେନ୍ଦୁଝର ୪୭ ରନରେ କଟକ-ବିକୁ, ସମ୍ବଲପୁର-ଏ ୭ ୱିକେଟରେ ଢେଙ୍କାନାଳକୁ, ବାଲେଶ୍ୱର ୯୦ ରନ୍‌ରେ ବରଗଡକୁ, ଖୋର୍ଦ୍ଧା ୯ ରନ୍‌ରେ ପାରାଦ୍ୱୀପକୁ ହରାଇଥିଲା। ଖୋର୍ଦ୍ଧାର ରୁଦ୍ର ମଲ୍ଲିକ ୧୦ ଓଭରରେ ୪ ମେଡେନ ସହ ୧୩ ରନ ବ୍ୟୟରେ ୩ଟି ୱିକେଟ୍ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

### ଚତୁର୍ଥଥର ଭାଗନେବେ ଦୀପିକା, ତରୁଣ

# ଭାରତୀୟ ତୀରନ୍ଦାଜୀ ଟିମ୍‌କୁ ଅଲିମ୍ପିକ୍ ଯୋଗ୍ୟତା



**ନୂଆଦିଲ୍ଲୀ, ୨୪।୬(ଏଜେନ୍ସି):** ଭାରତୀୟ ତୀରନ୍ଦାଜୀ ଟିମ୍‌କୁ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ଲାଗି ଟିକଟ ମିଳିଛି। ଏହା ଫଳରେ ଭାରତର ଉଭୟ ମହିଳା ଓ ପୁରୁଷ ଟିମ ସମସ୍ତ ଏକକ, ଯୁଗଳ ଓ ମିଶ୍ରିତ ଯୁଗଳ ଟିମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଟିମ୍ ଇଭେଣ୍ଟରେ ଭାରତକୁ ସିଧାସଳଖ ଯୋଗ୍ୟତା ମିଳି ନଥିଲା। ସୋମବାର ଅନ୍ତର୍ଜାତୀୟ ମାନ୍ୟତା ପ୍ରକାଶ ପାଇବା ପରେ ଯୋଗ୍ୟତା ହାସଲ କରିଥିବା ଦେଶ ପରେ ଭାରତ ପ୍ରଥମ ସ୍ଥାନରେ ରହିଥିଲା। ଏଥିଲାଗି ଉଭୟ ଦଳକୁ ପୁଣିଥରେ ଅଲିମ୍ପିକ୍ସରେ ଭାଗନେବାକୁ ସୁଯୋଗ ମିଳିଛି। ମହିଳା ଦଳରେ ଦୀପିକା କୁମାରୀ ଓ ପୁରୁଷ ଦଳରେ ତରୁଣଦୀପ ରାୟ ଚତୁର୍ଥଥର ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କିନ୍ତୁ ଏମାନେ ଦେଶ ଲାଗି କେବେ ପଦକ ଜିତିବେ ତାହା ଦେଖିବାକୁ ବାକି ରହିଛି।

ସୋମବାର ତୀରନ୍ଦାଜୀରେ ଅନ୍ତର୍ଜାତୀୟ ମାନ୍ୟତା ପ୍ରକାଶ ପାଇଥିଲା। ଯେଉଁ ଦେଶଗୁଡିକ ଟିମ୍ ଇଭେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି, ସେମାନଙ୍କ ପଛକୁ ଭାରତର ସ୍ଥାନ ରହିଥିଲା। ଅଲିମ୍ପିକ୍‌ରେ ଆଉ ଦୁଇଟି କୋଟା ବାକି ରହିଥିଲା। ଏହାକୁ ପୂରଣ କରିବା ଲାଗି ଦୁଇଟି ଶ୍ରେଷ୍ଠ ଦଳକୁ ସାମିଲ କରାଯିବାର ନିୟମ ରହିଥିଲା। ଭାରତ ଉଭୟ ମହିଳା ଓ ପୁରୁଷ ବିଭାଗରେ ଅଲିମ୍ପିକ କୋଟା ପୂରଣ କରିଥିଲା। ଏହା ପଛକୁ ମହିଳା ବିଭାଗରେ ଇଣ୍ଡୋନେସିଆ ଓ ପୁରୁଷ ବିଭାଗରେ ଚୀନ ଦ୍ୱିତୀୟଦଳ ଭାବେ ଯୋଗ୍ୟତା ଅର୍ଜନ କରିଛି।

ଏଥର ଅଲିମ୍ପିକ୍ସରେ ୧୨ଟି ଲେଖାଏଁ ଟିମ୍ ପୁରୁଷ ଓ ମହିଳା ବିଭାଗରେ ଅଂଶଗ୍ରହଣ କରିବେ। କିନ୍ତୁ ମିକ୍ସଡ ଟିମ୍ ଇଭେଣ୍ଟରେ ୫ଟି ଟିମ୍ ଅଂଶଗ୍ରହଣ କରିବାର ନିୟମ ରହିଛି। ପ୍ରଥମଥର ଲାଗି ଅଲିମ୍ପିକ୍ କୋଟା ପ୍ରଦାନ କରାଯାଇଛି। ୩ଟି କ୍ୱାଲିଫାଇଂରେ ସଫଳତା ପରେ ଏହି କୋଟା ଦିଆଯାଇଛି। ପୁରୁଷ ବିଭାଗରେ ଦକ୍ଷିଣ କୋରିଆ, ତୁର୍କୀ, ଜାପାନ, କାଜାଖସ୍ତାନ, କଲମ୍ବିଆ ଇଟାଲୀ, ମେକ୍ସିକୋ, ଚାଇନିଜ୍ ତାଇପେଇ ଓ ଗ୍ରେଟ ବ୍ରିଟେନକୁ କୋଟା ମିଳିଥିଲା। ମହିଳା ବିଭାଗରେ ଜର୍ମାନୀ, ମେକ୍ସିକୋ, ଆମେରିକା, ନେଦରଲାଣ୍ଡସ, ଚୀନ, ମାଲେସିଆ, ଗ୍ରେଟବ୍ରିଟେନ, ଚାଇନିଜ୍ ତାଇପେଇ ମଧ୍ୟ କୋଟା ପୂରଣ କରିଥିଲେ। ଏହା ପରେ ମାନ୍ୟତା ଅନୁଯାୟୀ ବାକିଥିବା କୋଟା ପୂରଣ ହୋଇଛି।

# ଦ୍ୱିପାକ୍ଷିକ ସିରିଜରେ ମନ୍ଧାନାଙ୍କ ରେକର୍ଡ ରନ

**ବେଙ୍ଗାଲୁରୁ, ୨୪।୬ (ଏଜେନ୍ସି):** ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଶେଷ ହୋଇଥିବା ୩ ମ୍ୟାଚବିଶିଷ୍ଟ ଏକଦିବସୀୟ ସିରିଜକୁ ଭାରତ ୩-୦ରେ ସୁଇପ୍ କରିନେଇଛି। ଏହି ସିରିଜରେ ଭାରତୀୟ ଦଳର ତାରକା ଓପନର୍ ସ୍ମୃତି ମନ୍ଧାନା ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ୩ଟି ମ୍ୟାଚରେ ଯଥାକ୍ରମେ ୧୧୭, ୧୩୬ ଓ ୯୦ ରନ କରିଥିଲେ। ତୃତୀୟ ମ୍ୟାଚରେ ଆଉ ୧୦ ରନ କରିଥିଲେ ସେ ବିଶ୍ୱର ୨ୟ ମହିଳା କ୍ରିକେଟର୍ ଭାବେ ଏକଦିବସୀୟରେ ହ୍ୟାଟ୍ରିକ ଶତକ ଅର୍ଜନ କରିବାର ବିରଳ ତାଲିକାରେ ସାମିଲ ହୋଇଥାନ୍ତେ। ସିରିଜରେ ମନ୍ଧାନା ୩ଟି ପାଳିରୁ ମୋଟ୍ ୩୪୩ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇନେଇଛନ୍ତି। ଏଥିସହ ସେ କୌଣସି ଏକଦିବସୀୟ ଦ୍ୱିପାକ୍ଷିକ ସିରିଜରେ ଭାରତ ପାଇଁ ସର୍ବାଧିକ ରନ କରିବାର ନୂଆ କୀର୍ତ୍ତିମାନ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଜୟା ଶର୍ମାଙ୍କ ନାମରେ ରହିଥିଲା। ଜୟା ୨୦୦୩ରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ୫ ପାଳିରୁ ୩୦୯ ରନ କରି ଏହି ରେକର୍ଡର ଅଧିକାରିଣୀ ରହିଥିଲେ। ସେହିଭଳି ୨୦୦୪ରେ ମିତାଲି ରାଜ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୭ ପାଳିରୁ ୨୮୯ ରନ ସଂଗ୍ରହ କରିଥିଲେ।




କୋପା ଆମେରିକା

# ବଲିଭିଆକୁ ହରାଇ ଆମେରିକାର ଅଭିଯାନ ଆରମ୍ଭ

**ଆର୍ଲିଂଟନ, ୨୪।୬ (ଏଜେନ୍ସି):** କୋପା ଆମେରିକା ଫୁଟ୍‌ବଲ ପ୍ରତିଯୋଗିତାର ଚଳିତ ୪୮ତମ ସଂସ୍କରଣରେ ଆମେରିକା ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଚଳିତ ସଂସ୍କରଣ ୪ର୍ଥ ଦିବସରେ ଖେଳାଯାଇଥିବା ଗ୍ରୁପ୍-ସି'ର ଏକ ମୁକାବିଲାରେ ଘରୋଇ ଆମେରିକା ୨-୦ ଗୋଲରେ ବଲିଭିଆକୁ ପରାସ୍ତ କରିଛି। ବିଜୟ ସହ ଆମେରିକା ଏହି ୩ ପଏଣ୍ଟ ପାଇଛି। ଫିଫା ମାନ୍ୟତାରେ ୧୧ତମ ସ୍ଥାନରେ ରହିଥିବା ଆମେରିକା ଏହାର ପରବର୍ତ୍ତୀ ମ୍ୟାଚରେ ଜୁନ ୨୭ରେ ପାନାମାକୁ ଭେଟିବ।

ସ୍ଥାନୀୟ ଏଟି ଆଣ୍ଡ ଟି ଷ୍ଟାଡିୟମରେ ସୋମବାର ଭୋର ଖେଳାଯାଇଥିବା ଗ୍ରୁପ୍-ସି'ର ଏହି ମ୍ୟାଚ୍‌ର ଆରମ୍ଭରୁ ଆମେରିକା ପ୍ରାରମ୍ଭରୁ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ମ୍ୟାଚର ୩ୟ ମିନିଟ୍‌ରେ ଆମେରିକା ଅଧିନାୟକ କ୍ରିଷ୍ଟିଆନ ପୁଲିସିକ୍ ପ୍ରତିପକ୍ଷ ଗୋଲ୍‌ପୋଷ୍ଟର ବାମପାର୍ଶ୍ୱରୁ ଏକ ଚମତ୍କାର ସଟ୍ ମାରି ବଲକୁ ବଲିଭିଆ ନେଟ୍ ମଧ୍ୟକୁ ପଠାଇଦେଇଥିଲେ। ବଲିଭିଆ ଗୋଲ୍‌ରକ୍ଷକ ଗୁଇଲରମୋ ଭିସ୍କାରା ଡାଇଭ ମାରି ସଟ୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ଆମେରିକା ୧-୦ରେ ଅଗ୍ରଣୀ ଲାଭ କରିଥିଲା। ସେହି ପ୍ରଥମାର୍ଦ୍ଧରେ ହିଁ ଆମେରିକା ଏହି ଅଗ୍ରଣୀକୁ ଦ୍ୱିଗୁଣିତ କରିବାରେ ସଫଳ ହୋଇଥିଲା। ୪୪ତମ ମିନିଟ୍‌ରେ ପୁଣିଥରେ ପୁଲିସିକ୍ ବଲ୍‌କୁ ଡିଫେଣ୍ଡର ଜେସସ୍ ସାଗ୍ରେଡୋଙ୍କୁ ପାସ୍ ଦେଇଥିଲେ। ଡି ଏରିଆରେ ସାଗ୍ରେଡୋ ବଲ୍‌କୁ ଫୋଲାରିନ ବାଲୋଗନଙ୍କୁ ପାସ୍ କରିଥିଲେ। ବାଲୋଗନ ବଲ୍‌କୁ ସାମାନ୍ୟ ଟଚ୍ କରି ବଲିଭିଆ ନେଟ୍ ମଧ୍ୟକୁ ପଠାଇଦେଇଥିଲେ।





୨-୦ରେ ଅଗ୍ରଣୀ ହାସଲ କରିଥିବା ଆମେରିକା ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ୍‌ସ୍କୋର କରିପାରି ନ ଥିଲା। ଅପରପକ୍ଷରେ ବଲିଭିଆ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ଫିଫା ମାନ୍ୟତାର ୮୪ତମ ସ୍ଥାନରେ ରହିଥିବା ବଲିଭିଆର କୋପା ଆମେରିକା ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି। ଦଳ ଗତ ୯ଟି ସଂସ୍କରଣରେ ମାତ୍ର ଗୋଟିଏ ମ୍ୟାଚ୍ ଜିତିବାରେ ସମର୍ଥ ହୋଇଛି।

## ଉରୁଗୁଏ-୩ : ପାନାମା-୧

**ମିଆମି ଗାର୍ଡେନ୍ସ:** କୋପା ଆମେରିକା ଟୁର୍ଣ୍ଣାମେଣ୍ଟରେ ସୋମବାର ସକାଳେ ଏଠାରେ ଖେଳାଯାଇଥିବା ଅନ୍ୟଏକ ଗ୍ରୁପ୍-ସି ମ୍ୟାଚରେ ଉରୁଗୁଏ ୩-୧ ଗୋଲରେ ସହଜରେ ପାନାମାକୁ ପରାସ୍ତ କରିଛି। ମାକ୍ସିମିଲିଆନୋ ଆରାଉଜୋ ୧୬ତମ ମିନିଟ୍‌ରେ ଗୋଲ୍ ଦେଇ ଉରୁଗୁଏକୁ ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ କରାଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧର ଶେଷ ୯ ମିନିଟ୍‌ରେ ୩ଟି ଗୋଲ୍ ଦେଖିବାକୁ ମିଳିଥିଲା। ୮୫ତମ ମିନିଟ୍‌ରେ ଡାରୱିନ ନଞ୍ଜେଙ୍କ ବାମ ଗୋଡ଼ରୁ ବାହାରିଥିବା ସଟ୍‌ଟି ପାନାମା ଗୋଲ୍‌ରକ୍ଷକଙ୍କୁ ଚକ୍‌ମା ଦେଇଥିଲା। ଫଳରେ ଉରୁଗୁଏର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ଇଞ୍ଜୁରୀ ଟାଇମ୍‌ରେ ମାଟିଆସ ଭିନା (୯୦+୧ ମିନିଟ) ହେଡ୍ ଜରିଆରେ ଉରୁଗୁଏକୁ ୩-୦ରେ ଆଗୁଆ କରାଇବା ସହ ଏକପାଖିଆ ବିଜୟ ଅଭିମୁଖେ ଆଗେଇ ନେଇଥିଲେ। ତେବେ ଇଞ୍ଜୁରୀ ଟାଇମ୍‌ର ୩ୟ ମିନିଟ୍ (୯୦+୩)ରେ ପାନାମାର ଅମୀର ମୁରୀଲୋ ଗୋଟିଏ ଗୋଲ୍ ଶୁଝିଦେଇଥିଲେ। ୩-୧ରେ ଜିତିବା ସହ ଉରୁଗୁଏ ପ୍ରଥମ ମ୍ୟାଚରୁ ୩ ପଏଣ୍ଟ ପାଇ ଖାତା ଖୋଲିଛି।



# ସୁବର୍ଣ୍ଣ



## ମୌସୁମୀ ବର୍ଷା

# ପନିପରିବା ଚାଷ ପାଇଁ ଅନୁକୂଳ

**ମୌସୁମୀ ବର୍ଷା ଆରମ୍ଭ ହୋଇଯାଇଛି । ଏହି ବର୍ଷା ପାଣିକୁ ଉପଯୋଗ କରି ଚାଷୀଭାଇ ପନିପରିବା ଚାଷ କରିପାରିବେ । ତେଣୁ ଘରପାଖ ଉଚ୍ଚା ଜମି କିମ୍ବା ଜମିରେ ଧାନ ଫସଲ ସହିତ ବିଭିନ୍ନ ପରିବା ଚାଷ କିପରି କରିବେ, ସେ ବିଷୟରେ ଜାଣି ରଖନ୍ତୁ ।**

ଏମିତି ଅନେକ ପରିବା ରହିଛି, ଯାହାକୁ ଜୁନ୍ ମାସରେ ଲଗାଇ ଚାଷୀଭାଇ ଅଧିକ ଲାଭ ପାଇପାରିବେ । ଏହି ମାସରେ ଚାରାପାତ୍ରରେ ଶିମ୍ବ, କାକୁଡ଼ି, ଅଦା ଆଦିର ଚାରା କରିପାରିବେ । ଅଦା ଚାଷ ପାଇଁ ଘରେ ଅଦାଖଣ୍ଡକୁ ବ୍ୟବହାର କରିବା ସବୁଠୁ ଭଲ । ଅନ୍ୟପଟେ, ଜାମୁକୋଳି, ସିଙ୍ଗଡ଼ା, ଆଖୁ, କପା, ଛତୁ, ଡାଳିମ୍ବ ଆଦି ଚାଷ ପାଇଁ ଉପଯୁକ୍ତ ସମୟ । କମ୍ ପରିଶ୍ରମରେ ସିଙ୍ଗଡ଼ା ଚାଷରେ ଜୁନ୍‌ରୁ ଜୁଲାଇ ମାସରେ ବୁଣାଯାଏ । ଜୁଲାଇ –ଅଗଷ୍ଟ ମାସରେ ଜମିରେ ପାଣି ଭରି ସିଙ୍ଗଡ଼ା ଚାଷ କରିପାରିବେ ।

**ଧାଡ଼ି ଧାଡ଼ି ଲଗାନ୍ତୁ ତଳା:** ଲଙ୍ଗଳ, ଫାଉଡ଼ା କିମ୍ବା ଟ୍ରାକ୍ଟର ଜରିଆରେ ମାଟିକୁ ହଳ କରି ପ୍ରସ୍ତୁତ ଜମିରେ ଜୁନ୍ ମାସ ଶେଷ କିମ୍ବା ଜୁଲାଇ ଆରମ୍ଭରେ ମନ୍ଦାକରି ଜହ୍ନି, କାକୁଡ଼ି, କଖାରୁ, କାଙ୍କଡ଼ ମଞ୍ଜି ଲଗାଇ ପାରିବେ । ଧାଡ଼ି ଧାଡ଼ି କରି ବାଇଗଣ ତଳା ଓ ଭେଣ୍ଡି ମଞ୍ଜି ଲଗାଇବା ଜରୁରି । ମଞ୍ଜି ଲଗାଇବା ସମୟରେ ହାଲୁକା ଜଳସେଚନ କରିବାକୁ ଭୁଲନ୍ତୁନି । ସେହିପରି କମ୍ ଜମିରେ ଚାଷ କରୁଥିବା ଚାଷୀ ବାଇଗଣ, ପୋଟଳ, କାଙ୍କଡ଼, କାକୁଡ଼ି, ଜହ୍ନି, ଭେଣ୍ଡି ଲଗାଇପାରିବେ । ଜଉଆ, ଝାଉଁଳା, କାଣ୍ଡବିନ୍ଧା ଓ ଫଳବିନ୍ଧା ପୋକର ପ୍ରାଦୁର୍ଭାବ କମାଇବାକୁ ପ୍ରଥମ କୋଡ଼ାଖୋସା ବା ମଞ୍ଜି ରୋପଣର ୧୫ ଦିନ ପରେ ଅନୁମୋଦିତ ୟୁରିଆ ସୁପର ପଟାସ ରାସାୟନିକ ସାର ସହିତ ମନ୍ଦା ପ୍ରତି ଶହେରୁ ଦେଢ଼ଶହ ଗ୍ରାମ ନିମ୍ବପିଡ଼ିଆ ପକାଇବା ଉଚିତ । ମନ୍ଦା ବା ଧାଡ଼ିରେ ଲଗାଇବା ପରେ ୧୫ଦିନରୁ ୧ ମାସ ଅନ୍ତରରେ ଖତ ଓ ଖାଦ୍ୟସାର ଥରେ ଥରେ ପ୍ରୟୋଗ କରିବା ଉଚିତ । ଏହାଦ୍ୱାରା ଅମଳ ବୃଦ୍ଧି ପାଏ । ବାଇଗଣ, ଭେଣ୍ଡି, ଟମାଟୋ ଆଦି ପରିବା ରୋଗପୋକ ନିୟନ୍ତ୍ରଣ ଲାଗି ଚାରା କିମ୍ବା ମଞ୍ଜି ଲଗାଇବାର ଠିକ୍ ୧୫ ଦିନ ପୂର୍ବରୁ ଝୁଡ଼ିଏ ପୁରୁଣା ଶୁଖିଲା ଗୋବରଖତକୁ ଭଲଭାବେ ଗୁଣ୍ଡ କରି ସେଥିରେ ଅଧକିଲୋ ବାୟୋ ସଞ୍ଜୀବନୀ ପକାନ୍ତୁ । ଏହାକୁ ଗୁଣ୍ଡ କରି ବସ୍ତାରେ ବାନ୍ଧି ରଖି ମନ୍ଦା କିମ୍ବା ଧାଡ଼ି ଧାଡ଼ି ପ୍ରଣାଳୀରେ ତଳା କିମ୍ବା ମଞ୍ଜି ପୋତିବାର କିଛି ସମୟ ପୂର୍ବରୁ ଖତ ସହିତ ଏହାକୁ ମାଟି ସହିତ ଭଲଭାବେ ମିଶାଇ ପକାନ୍ତୁ ।

**ନିଅଣ୍ଟିଆ ବର୍ଷାରେ ଜଳସେଚନ:** ବର୍ଷାଦିନେ ଗଛରେ ପାଣି ଦେବାକୁ ଆଦୌ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନଥାଏ । ନଦୀ କିମ୍ବା କେନାଲରୁ କ୍ଷେତକୁ ପାଣି ମଡ଼ାଇପାରିବେ । ଅନ୍ୟପକ୍ଷରେ ଯଦି ମୌସୁମୀ ପ୍ରବାହରୁ ବର୍ଷା ୧୫ଦିନ ଧରି ନହୁଏ, ମାଟି ଶୁଖିଯାଇ ଗଛ ମରିବାର ଆଶଙ୍କା ଅଧିକ ଥାଏ, ତେଣୁ ଏପରି ସ୍ଥିତିରେ ସୌରଶକ୍ତି ବା ବିଦ୍ୟୁତ୍ ଉପଯୋଗ କରି ଫସଲକୁ ଜଳଯୋଗାଣ କରିପାରିବେ । ଜମିରେ କମ୍ ପାଣି ଖର୍ଚ୍ଚ କରିବାକୁ ଚାହୁଁଥିଲେ, ବୁନ୍ଦା ଜଳସିଞ୍ଚନ ତଥା ସ୍ପ୍ରିଙ୍କଲର କରିପାରିବେ । ନଚେତ୍ ପ୍ଲାଷ୍ଟିକ୍ ବୋତଲ ମଧ୍ୟରେ କିଛି କଣା କରି ଏହା ଦ୍ୱାରା ଗୋଟିଏ ସମୟରେ ବିଭିନ୍ନ ଗଛକୁ ପାଣି ଯୋଗାଇ ପାରିବେ ।









# ବୋନ୍‌ସାଇ ମ୍ୟାନ୍

## ଘରେ ରଖିଛନ୍ତି ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ଗଛ



ବୋନସାଇ ହେଉଛି ଗଛର ଛୋଟ ବା ବାମନ ଆକାର। ଯାହାକୁ ଅଧୁନା ଲୋକେ ନିଜ ଘର ସଜାଇବାକୁ ହଜାର ହଜାର ଟଙ୍କା ଦେଇ କିଣୁଛନ୍ତି । ଲୋକଙ୍କ ଘରେ ଅଳ୍ପ କେତୋଟି ବୋନସାଇ ଗଛ ଦେଖିବାକୁ ମିଳିଥାଏ ହେଲେ ମଧ୍ୟପ୍ରଦେଶ, ଜବଲପୁରର ୭୬ ବର୍ଷୀୟ ସୋହନଲାଲ୍ ନିଜ ଘରକୁ ବୋନ୍‌ସାଇର ରୂପ ଦେଇଛନ୍ତି । ସେ ବିଦ୍ୟୁତ୍ ବିଭାଗରୁ ଅବସର ନେଇ ପରିବେଶକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ କାର୍ଯ୍ୟ କରନ୍ତି । ହେଲେ ଚାକିରି ଜୀବନର ସମସ୍ତ ପୁଞ୍ଜିକୁ ବିନିଯୋଗ କରି ସେ ଘରେ ୨,୫୦୦ ବୋନ୍‌ସାଇ ସାଇତି ରଖିଛନ୍ତି । ନିଜ ଘରକୁ ମଧ୍ୟ ବୋନସାଇ ନାଁରେ ସମର୍ପି ଦେଇଛନ୍ତି । ତେବେ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ୪୦ ପ୍ରଜାତିର ଅଧିକ ବୋନ୍‌ସାଇ ଗଛର ଦେଖାଶୁଣା କରିବା କାରଣରୁ ତାଙ୍କୁ ଲୋକେ ବୋନ୍‌ସାଇ ମ୍ୟାନ୍ ଭାବେ ଚିହ୍ନୁଛନ୍ତି । ବୋନ୍‌ସାଇ ମଧ୍ୟରେ ତାଙ୍କ ପାଖେ ମୌସୁମୀ, ନାରଙ୍ଗୀ, କମଳା, ବର, ଓସ୍ତ, କଣ୍ଟାଯୁକ୍ତ ଗଛ ତଥା ଅଶୋକ ଗଛର ଅଳଙ୍କାରିକ ଗଛ ରହିଛି । କିଛି ଗଛ ତାଙ୍କ ଘର ର୍‍ୟାକ୍‌ରେ ଶୋଭା ପାଉଥିବା ବେଳେ ଆଉ କିଛି ଘର ବାହାରେ ରହିଛି । ଯାହା ଅବିକଳ ଏକ ନର୍ସରୀର ରୂପ ନେଇଛି । ତାଙ୍କ ଘରେ ରହିଥିବା ବୋନ୍‌ସାଇ ଗଛ ଦେଖିବାକୁ ଲୋକେ ଭିଡ଼ ଜମାନ୍ତି । ଦେଶରେ ତାଙ୍କ ପାଖେ ସବୁଠୁ ଅଧିକ ବୋନସାଇ ଗଛର କଲେକ୍ସନ ରହିଥିବା ସେ କୁହନ୍ତି । ଲୋକଙ୍କୁ ପରିବେଶ ସୁରକ୍ଷା ପାଇଁ ସଚେତନ କରୁଥିବା ସୋହନଲାଲ୍ ବୋନ୍‌ସାଇ ବିଷୟରେ ଅଧିକ ଜ୍ଞାନ ଆହରଣ କରିବାକୁ ଦିଲ୍ଲୀ, କୋଲକାତା, ମୁମ୍ବାଇ ଆଦି ବଡ଼ ସହରକୁ ବିଭିନ୍ନ ସମୟରେ ଯାଇଥାନ୍ତି ।



# କଦଳୀ ବିଳମ୍ବରେ ଫଳୁଥିଲେ...

ଆମ ରାଜ୍ୟର ଅଧିକାଂଶ ଚାଷୀ ଧାନ ସହ ମୁଖ୍ୟତଃ ଜମି ହୁଡ଼ାରେ କଦଳୀ ଚାଷ କରୁଛନ୍ତି । ନିଗିଡ଼ା, ଉର୍ବର ଓ ଦୋରସା ମାଟିରେ କଦଳୀ ଚାଷ ଭଲ ହେଉଥିବାରୁ ଅଧିକାଂଶ ଟିସୁକଲଚର କିମ୍ବା ଦେଶୀ କିସମ ବ୍ୟବହାର କରି ଚାଷ କରନ୍ତି । ତେବେ କଦଳୀ ଚାଷରେ ରୋଗମୁକ୍ତ ଓ ରୋଗସହଣୀ ପୁଆ ବ୍ୟବହାର କରିବା ନିତାନ୍ତ ଆବଶ୍ୟକ । ପୁଆକୁ ବିଶୋଧନ ସମୟରେ କାର୍ବେଣ୍ଡାଜିମ୍ +କାର୍ବୋଫୁରାନ୍ ବ୍ୟବହାର କରାଯାଏ । ଗାଡ଼ ପୂରଣ ପାଇଁ କମ୍ପୋଷ୍ଟ ଦିଆଯାଏ । ହେଲେ ପାଣିର ଅଭାବ ଓ ପରିଚାଳନାରେ ଅବ୍ୟବସ୍ଥା, ଗଛକୁ ଠିକ୍ ପୋଷକତତ୍ତ୍ୱ ନ ମିଳିଲେ ଗଛର ବିକାଶ ହୁଏନି । ଫଳ ଫଳିବାରେ ବାଧା ଉପୁଜେ । ତେଣୁ କଦଳୀ ଚାଷରେ ସର୍ବଦା ସଠିକ୍ ଜଳସେଚନ ଓ ପୋଷକତତ୍ତ୍ୱ ପ୍ରୟୋଗକୁ ଧ୍ୟାନ ଦେବା ଜରୁରି ।

ସର୍ବଦା ଉନ୍ନତ ପୁଆ ବ୍ୟବହାର କରିବା ଉଚିତ । ଏହା ସହ ଗଛ ମୂଳରେ ଯବକ୍ଷାରଜାନ ସାର ଓ ଫସ୍‌ଫରସ୍‌କୁ ସାବଳରେ ମାରି ଏହାକୁ ପ୍ରୟୋଗ କରିପାରିବେ । ପାଣି ଦେଉଥିଲେ, ଗଛ ମୂଳରେ ଜମି ରହୁଛି କି ନାହିଁ, ତାହାକୁ ଧ୍ୟାନ ଦେବା ଜରୁରି । ନଚେତ୍ ମୂଳଶଢ଼ା ରୋଗ ହୋଇ ଏହା ଫଳ ବିକାଶ କରିବାରେ ସମସ୍ୟା ସୃଷ୍ଟି କରେ । ସର୍ବଦା ଘରେ କଦଳୀ ଗଛ ଲଗାଇବାକୁ ବଡ଼ ଚଉଡ଼ା ଡ୍ରମ୍ କିମ୍ବା ପ୍ଲାଷ୍ଟିକ୍ ଡବା ବ୍ୟବହାର କରିପାରିବେ । ଗଛର ବିକାଶ ପାଇଁ ଗୋବର ଖତ ପ୍ରୟୋଗ କରିପାରିବେ । ରୋଗଗ୍ରସ୍ତ ଗଛକୁ ଅନ୍ୟ ଗଛଠାରୁ ଦୂରେଇ ରଖିବା ଭଲ ।

କେବଳ ସେତିକି ନୁହେଁ, ଅନେକ ସମୟରେ କଦଳୀ କାନ୍ଦି ଗଛ ଭିତରୁ ବାହାରକୁ ବାହାରି ପାରେ ନାହିଁ । ଏହାକୁ ମଞ୍ଜକୀଳା ବୋଲି କୁହାଯାଏ । ତେଣୁ ଏହା ଜଉପୋକ ଦ୍ୱାରା ଆକ୍ରାନ୍ତ ଗଛରୁ ସୁସ୍ଥ ଗଛକୁ ବ୍ୟାପିଥାଏ । ତେଣୁ ଏହି ସମସ୍ୟା ଦେଖାଦେଲେ, ତୁରନ୍ତ ଆକ୍ରାନ୍ତ ଗଛକୁ ମୂଳରୁ ତାଡ଼ି ବାହାର କରିଦେବା ଉଚିତ । ଅନେକ ସମୟରେ କଦଳୀଗଛ ଆଘାତ ପାଇ କଟିଯାଇଥିଲେ କାନ୍ଦି ପଡ଼ିବାରେ ମଧ୍ୟ ଅସୁବିଧା ହୁଏ, ତେଣୁ ଏଥିପ୍ରତି ଧ୍ୟାନ ଦେବା ଦରକାର ।

# ଧାନ ବିହନ ଚୟନ

**ଧାନ ଚାଷ ପାଇଁ ସର୍ବଦା ପ୍ରାମାଣିକ ବିହନ ଚୟନ କରିବା ଭଲ । ଛଟାବୁଣା ଧାନ ପାଇଁ ଏକର ପ୍ରତି ୨୪ରୁ ୩୦ କିଗ୍ରା ଏବଂ ସିଡ୍‌ଡ୍ରିଲ୍ ଦ୍ୱାରା ବୁଣାଧାନ ପାଇଁ ଏକର ପ୍ରତି ୧୨ରୁ ୧୬ କିଗ୍ରା ଉତ୍କୃଷ୍ଟ ବିହନ ବ୍ୟବହାର କରି ପର୍ଯ୍ୟାପ୍ତ ପରିମାଣର ମାଟିର ଆର୍ଦ୍ରତା ଦେଖି ବୁଣାବୁଣି କାମ କରନ୍ତୁ । ଧାନ ବୁଣିବା ପୂର୍ବରୁ ମୃତ୍ତିକା ଜନିତ ରୋଗରୁ ରକ୍ଷା ପାଇଁ ୧ କିଗ୍ରା ଧାନ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ୍ କିମ୍ବା ତିନି ଗ୍ରାମ୍ କାର୍ବୋକ୍ସିନ ଓ ଥିରାମର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ ।**



ଉଚ୍ଚ ଜମିରେ ଧାନ ଚାଷ ପାଇଁ ୧୦୦ରୁ ୧୨୦ ଦିନ ମଧ୍ୟରେ ହେଉଥିବା ଅମଳକ୍ଷମ ଧାନ କିସମ ଯଥା- ସହଭାଗୀ, ଡିଆଆର-୪୨, ନବୀନ, ଏମ୍‌ଟିୟୁ-୧୦୧୦, ଜିବି-୧, ବୀଣା-୧୧, ସତ୍ୟଭାମା, ସ୍ୱର୍ଣ୍ଣ ଇତ୍ୟାଦି ବ୍ୟବହାର କରିପାରିବେ । ସେହିପରି ମଝିଆଳି ଜମିରେ ଧାନ ଚାଷ ପାଇଁ ୧୨୦ରୁ ୧୪୦ ଦିନ ମଧ୍ୟରେ ହେଉଥିବା ଅମଳକ୍ଷମ କିମସ ଯଥା -ଏମ୍‌ଟିୟୁ-୧୧୫୬, ଏମ୍‌ଟିୟୁ-୧୧୫୩, ସିଆର ଧାନ-୩୧୦, ଲଲାଲ, ଉନ୍ନତ ଲଲାଟ, ମନସ୍ୱିନୀ, ଏମଟିୟୁ-୧୦୦୧, ଆରଜିଏଲ- ୨୫୩୮, ସମ୍ପଦ, ଗୀତାଞ୍ଜଳି, ନୂଆ ଆଚାରମତି ଇତ୍ୟାଦି ବ୍ୟବହାର କରିପାରିବେ ।

ସେହିପରି ଖାଲ ଜମିରେ ଧାନ ଚାଷ ପାଇଁ ୧୪୦ ଦିନରୁ ଅଧିକ ଦିନରେ ଅମଳ ହେଉଥିବା କିସମ ଯଥା -ସ୍ୱର୍ଣ୍ଣ, ସ୍ୱର୍ଣ୍ଣସବ୍-୧, ମୃଣାଳିନୀ, ହସନ୍ତ, ରାଣୀଧାନ, ଏମ୍‌ଟିୟୁ-୧୦୭୫, ସିଆର-୧୦୦୯, ସିଆର-୧୦୦୯ସବ୍, ଏମଟିୟୁ-୧୦୬୪, ପୂଜା, ଆରଜିଏଲ-୨୫୩୭, ସିଆର -୧୦୧୮, ସାରଳା, ଦୁର୍ଗା, ନୂଆ କଳାଜୀରା, ନୂଆ ଚିନିକାମିନୀ, ସିଆର ସୁଗନ୍ଧିଧାନ - ୯୦୭ ଇତ୍ୟାଦି ବ୍ୟବହାର କରି ଚାଷୀମାନେ ଅଧିକ ଲାଭ ପାଇପାରିବେ । ତେବେ ଧାନ ବୁଣିବା ବା ତଳି ପକାଇବା ପୂର୍ବରୁ ବିହନ ବିଶୋଧନ କରିବାକୁ ଭୁଲନ୍ତୁନି ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ସିଡ୍‌ଡ୍ରିଲ୍ କିମ୍ବା ଦେଶୀ ଲଙ୍ଗଳ ସିଆର ପଛରେ ୧୫x୧୫ ସେମି କିମ୍ବା ୨୦x୨୦ ସେମି ବ୍ୟବଧାନରେ ଏବଂ ୪ରୁ ୬ ସେମି ଗଭୀରରେ ସିଧା ଧାଡ଼ିରେ ଧାନ ବିହନ ବୁଣନ୍ତୁ ।
- ପରିବର୍ତ୍ତିତ ପାଣିପାଗରେ ପନିପରିବା ଫସଲରେ ବିଭିନ୍ନ ପ୍ରକାରର ଶୋଷକ ପୋକମାନଙ୍କର ସଂକ୍ରମଣ ବଢ଼ିବାର ଆଶଙ୍କା ଥାଏ । ଏହାର ପ୍ରକୋପ ଦେଖାଦେଲେ, ୦.୨ରୁ ୦.୩ ଗ୍ରାମ ଥାୟାମିଥୋକ୍ସାମ ୨୫% ଡବ୍ଲୁ.ଜି.କିମ୍ବା ଇମିଡାକ୍ଲୋରପିଡ଼ ୧୭.୮% ଏସ୍‌ଏଲ @ ୦.୩ ମିଲିକୁ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ପ୍ରାଣୀଙ୍କୁ ରୋଗ ନ ବ୍ୟାପିବାକୁ ବର୍ଷା ପୂର୍ବରୁ ଟିକାକରଣ ସହ କୃମିନାଶକ ଔଷଧ ଖୁଆନ୍ତୁ ।

# ଜୈବିକ ଚାଷରୁ ଚଳୁଛି ପରିବାର

**ବୟସ ଏବେ ତାଙ୍କୁ ୫୬ । ହେଲେ ପରିବାର ଚଳାଇବା ତଥା ପିଲାଙ୍କୁ ମଣିଷ କରିବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ସେ ଚାଷରୁ ସଂଗ୍ରହ କରିଥାନ୍ତି । ଜମିରେ ବର୍ଷସାରା ଜୈବିକ ପ୍ରଣାଳୀରେ ବିଭିନ୍ନ ଫସଲ ଫଳାଇ ଆୟକୁ ଦ୍ୱିଗୁଣିତ କରୁଥିବା ବ୍ୟକ୍ତି ଜଣକ ହେଉଛନ୍ତି ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଠସାହି (ଜହଙ୍ଗର) ଗ୍ରାମର ଅନୁପ କୁମାର ଦାଶ ।**

## ସଫଳ ଚାଷୀ



ଘର ନିକଟ ଜମିରେ ସେ ବର୍ଷସାରା ବିଭିନ୍ନ ଫସଲ ଯଥା - ବାଇଗଣ, କୋବି, ଲଙ୍କା, ପୋଇ, କାକୁଡ଼ି, ଜହ୍ନି, ଖଡ଼ା, ପୋଟଳ, ଭେଣ୍ଡି, ଟମାଟୋ ଲଗାନ୍ତି । ରାସାୟନିକ କୀଟନାଶକ ବ୍ୟବହାର ବଦଳରେ ସେ ଜୈବିକ ପ୍ରଣାଳୀରେ ଗୋବରଖତ ବ୍ୟବହାର କରି ଫସଲ ଉତ୍ପାଦନ କରନ୍ତି । ତେଣୁ ତାଙ୍କ ଜମିରେ ଅମଳ ଫସଲର ଚାହିଦା ବହୁ ଅଧିକ ।

**ପରିବା ସହ ମାଛଚାଷ:** ପ୍ରତ୍ୟେକ ଦିନ ତାଙ୍କ କ୍ଷେତରୁ ପରିବା ତୋଳି ନିକଟସ୍ଥ ଚାନ୍ଦୋଳ, ଗୋଲରା ହାଟ ଓ ବାଲିଆ ହାଟ ଇତ୍ୟାଦିରେ ବିକ୍ରି କରିଥାନ୍ତି । ତାଙ୍କର ୨୦ ଗୁଣ୍ଠ କ୍ଷେତରେ ଏବେ ବାଇଗଣ, ୨ ଗୁଣ୍ଠ ଜମିରେ ଲଙ୍କା ଚାଷ କରିଥିବା ବେଳେ ୫ ଗୁଣ୍ଠ ବିଲରେ କାକୁଡ଼ି ଲଗାଇଛନ୍ତି । ସେ କରିଥିବା କୋଶଳା ଶାଗ ଓ ଖଡ଼ାକୁ ବିକ୍ରି କରିସାରିଥିବା ପ୍ରକାଶ କରିଛନ୍ତି । କେବଳ ପରିବା ଚାଷ ନୁହେଁ, ବରଂ ସେ ଗୋପାଳନ ମଧ୍ୟ କରିଛନ୍ତି । ଚାରୋଟି ଗାଈକୁ ଯତ୍ନ ନେଉଥିବା ଅନୁପ କ୍ଷୀରକୁ ସେ ନିକଟସ୍ଥ ଓମ୍‌ଫେଡ୍‌ରେ ମଧ୍ୟ ବିକ୍ରି କରିଥାନ୍ତି । ସେହିପରି ବାଡ଼ିରେ ଥିବା ଗଡ଼ିଆର ସଠିକ୍ ଉପଯୋଗ ମଧ୍ୟ କରିଛନ୍ତି । ଗଡ଼ିଆରେ ମାଛ ଛାଡ଼ି ଏହାର ଉଚିତ ଯତ୍ନ ନେବା ଦ୍ୱାରା ବର୍ଷକୁ ଦୁଇଥର ବିକ୍ରି କରିଥାନ୍ତି । ସେ ସବୁବେଳେ କ୍ଷେତରେ କୌଣସି ନା କୌଣସି କାମରେ ଲାଗିଥାନ୍ତି । ତେବେ ଶ୍ରୀ ଦାଶଙ୍କୁ ଚାଷରେ ତାଙ୍କ ପତ୍ନୀ ସହାୟତା କରୁଥିବା ବେଳେ ବର୍ଷସାରା ତାଙ୍କର ଗ୍ରାମ ଓ ନିକଟସ୍ଥ ଗ୍ରାମର ୫ରୁ ୬ ଜଣ ଲୋକ କାର୍ଯ୍ୟରେ ଲାଗିଥାନ୍ତି । ଅନୁପ କୁହନ୍ତି "ମୁଁ ଜଣେ ବ୍ରାହ୍ମଣ, ଠାକୁର ପୂଜା ସହିତ ଚାଷ କାର୍ଯ୍ୟ କରି ମୋ ପରିବାର ବେଶ୍ ଖୁସିରେ ଚଳାଉଛି । ମୋର ଗୋଟିଏ ଝିଅ ବିବାହ କରିସାରିଥିବା ବେଳେ ପୁଅ ପୁରୀ ସଂସ୍କୃତ ୟୁନିଭର୍ସିଟିରେ ଜ୍ୟୋତିଷ ବିଷାରଦ ଶିକ୍ଷା ଗ୍ରହଣ କରୁଛି । ଆଜିର ଯୁବ ସମାଜ ଚାକିରି ପଛରେ ନଗୋଡ଼ାଇ ନିଜେ ଆତ୍ମ ନିର୍ଭରଶୀଳ ହେବା ପାଇଁ କୃଷିକାର୍ଯ୍ୟରେ ମନଦେଲେ ରାଜ୍ୟ ତଥା ଦେଶରେ ଖାଦ୍ୟ ସଙ୍କଟ ଦୂର ହୋଇ ପାରନ୍ତା ।"

- ପ୍ରମୋଦ କୁମାର ପ୍ରଧାନ, ଡେରାବିଶ

# ଯାଆଁଳ ଛାଡୁଥିଲେ...

**ମୌସୁମୀ ଋତୁ ଆସି ବର୍ଷା ଆରମ୍ଭ ହୋଇଯାଇଛି । ଶୁଖିଲା ପୋଖରୀଗୁଡ଼ିକରେ ପାଣି ଭର୍ତ୍ତି ହେବ । ତେଣୁ ସେଥିରେ ଉନ୍ନତ ଗୁଣବତ୍ତାଯୁକ୍ତ ଯାଆଁଳ ବ୍ୟବହାର କରି ମାଛ ଚାଷ ଆରମ୍ଭ କରିପାରିବେ ।**

- ଜଳର ଆୟତନ ଅନୁଯାୟୀ ରୋହି, ଭାକୁର, ମିରିକାଳି ଏବଂ ବିଦେଶୀ କାର୍ପ ଯଥା- ବିଲାତି ରୋହି, ଗ୍ରାସ୍ କାର୍ପ, ସିଲଭର କାର୍ପ, ଅମୁର୍ କାର୍ପ ଆଦି ମାଛ ଯାଆଁଳ ଆଣି ଛାଡ଼ିବା ଉଚିତ । ପାଣିକୁ ସଫା ରଖିବାକୁ ପୋଖରୀର ମାଟିର ପି.ଏଚ୍ ୬.୫ରୁ ୭.୦ ଏବଂ ପାଣିର ପି.ଏଚ୍ ୭.୫ରୁ ୮.୫ ଭିତରେ ରହିବା ଆବଶ୍ୟକ । ଏଥିପାଇଁ ଅନୁମୋଦିତ ହାରରେ ଚୂନ ପ୍ରୟୋଗ କରନ୍ତୁ ।
- ବର୍ଷାଋତୁରେ ପାଗ ମେଘୁଆ ରହୁଥିବାରୁ ପୋଖରୀ ପାଣିରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ କମ୍ ରୁହେ । ଶ୍ୱାସକ୍ରିୟାରେ ବାଧା ଉପୁଜୁଥିବା ଯୋଗୁଁ ମାଛ ମୃତ୍ୟୁ ହୋଇଥାଏ । ତେଣୁ ପାଣିର ଦ୍ରବୀଭୂତ ଅମ୍ଳଜାନ ବୃଦ୍ଧି ପାଇଁ ଅକ୍ସିଜେନ୍ ପାଉଡ଼ର ୪୦୦ -୫୦୦ଗ୍ରାମ୍ ପ୍ରତି ଏକର ପିଛା ପ୍ରୟୋଗ କରିପାରିବେ ।
- ଯାଆଁଳ ପୋଖରୀକୁ ଚୂନାମାଛ, ବେଙ୍ଗଫୁଲା, ଜଳଜ ପୋକଜୋକ ଆଦି ପ୍ରବେଶ ନ କରିବାକୁ ପୋଖରୀ ନଳିରେ ସରୁ ଜାଲି ବାନ୍ଧନ୍ତୁ । ହୁଡ଼ାରୁ ବର୍ଷା ପାଣି ମାଛ ପୋଖରୀରେ ପଶି ମାଛ ଦେହରେ ଘା' ହୋଇଥାଏ । ଏଥିପାଇଁ ନିକଟସ୍ଥ ମତ୍ସ୍ୟଅଧିକାରୀଙ୍କୁ ଯୋଗାଯୋଗ କରି ଏକର ମିଟର ପିଛା ୪୦୦ ମି.ଲି. ସିଫାକ୍ସ ପ୍ରୟୋଗ କରନ୍ତୁ । ଚାଷ ଆରମ୍ଭରୁ ମାଛ ମୋଟ୍ ଶରୀରର ଓଜନର ଶତକଡା ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ଦିଅନ୍ତୁ ।

## ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ

# ଭାରତ-ଇଂଲଣ୍ଡ ସେମିଫାଇନାଲ



ରୋହିତ ଶର୍ମା
ରନ୍- ୯୨
ବଲ୍- ୪୧
ଚୌକା-୭
ଛକା-୮

- ଅଷ୍ଟ୍ରେଲିଆ ୨୪ ରନ୍‌ରେ ପରାସ୍ତ
- ଟ୍ରାଭିସ୍ ହେଡ୍‌ଙ୍କ ୭୬ ରନ୍ ବ୍ୟର୍ଥ
- ଅର୍ଶଦୀପଙ୍କୁ ୩, କୁଲଦୀପଙ୍କୁ ୨ ୱିକେଟ

**ସେଣ୍ଟ ଲୁସିଆ, ୨୪।୬(ଏଜେନ୍ସି):** ଅଧିନାୟକ ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଅଷ୍ଟ୍ରେଲିଆକୁ ୨୪ ରନ୍‌ରେ ହରାଇ ଭାରତ ଏଠାରେ ଚାଲିଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହି ଗ୍ରୁପ୍‌ରେ ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ଉଭୟ ଆଫଗାନିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରିଥିଲା। ଏହା ଫଳରେ ଭାରତ ୩ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ଗ୍ରୁପ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ତୃତୀୟ ଦଳ ଭାବେ ସେମିରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ସୁପର-୮ ଗ୍ରୁପ୍-୨ରୁ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆସନ୍ତାକାଲି ସକାଳେ ଆଫଗାନିସ୍ତାନ ଓ ବାଂଲାଦେଶ ମଧ୍ୟରେ ଖେଳାଯିବାକୁ ଥିବା ଶେଷ ସୁପର-୮' ମ୍ୟାଚ୍‌ର ଫଳାଫଳ ପରେ ସେମିରେ କେଉଁ ଦଳ ଖେଳିବ ତାହା ସ୍ଥିର ହେବ। ଅନ୍ୟ ପକ୍ଷରେ ନିୟମ ଅନୁଯାୟୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଗୁଏନାର ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚ୍‌ରେ ମାତ୍ର ୪୧ଟି ବଲ୍‌ରୁ ୭ ଚୌକା ଓ ୮ ଛକା ସହ ବିସ୍ଫୋରକ ୯୨ ରନ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଭାରତର ଅଧିନାୟକ ରୋହିତ ଶର୍ମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏଠାରେ ସୋମବାର ଅନୁଷ୍ଠିତ ସୁପର-୮ ଗ୍ରୁପ୍-୧'ର ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୨୦୫ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୭ ୱିକେଟରେ ୧୮୧ ରନ୍ କରିବା ଫଳରେ ଏହି ମ୍ୟାଚ୍‌କୁ ୨୧ ରନ୍ ବ୍ୟବଧାନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ ୪୩ ବଲ୍‌ରେ ସର୍ବାଧିକ ୭୬, ମିଚେଲ ମାର୍ଶ ୨୮ ବଲ୍‌ରେ ୩୭ ରନ୍ କରିଥିଲେ। ମାର୍ଶଙ୍କୁ ଆଉଟ କରି କୁଲଦୀପ ଯାଦବ ଏହି ଯୋଡ଼ି ଭାଙ୍ଗିବା ଓ ତାଙ୍କ ସ୍ପେଲ୍‌ର ଶେଷ ଓଭରରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ଆଉଟ କରିବା ପରେ ଅଷ୍ଟ୍ରେଲିଆ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଭାରତୀୟ ବୋଲରଙ୍କ ଯୋଜନାବଦ୍ଧ ଉଦ୍ୟମ ବଳରେ ଅଷ୍ଟ୍ରେଲିଆ କ୍ରମାଗତ ୱିକେଟ ହରାଇବା ଯୋଗୁଁ ବିଜୟ ସମ୍ଭବ ହୋଇପାରି ନ ଥିଲା। ଭାରତ ପକ୍ଷରୁ ଯଦିଓ ଅର୍ଶଦୀପ ସିଂ ସର୍ବାଧିକ ୩ଟି ଓ କୁଲଦୀପ ୨ଟି ୱିକେଟ ଅକ୍ତିଆର କରିଥିଲେ। କୁଲଦୀପ ୪ ଓଭରରେ ୨୧ ରନ୍ ବ୍ୟୟ କରିଥିଲେ। ଏଠାରେ ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ ଲାଗି ସୁଯୋଗ ଦେଇଥିଲେ। କିନ୍ତୁ ଦ୍ୱିତୀୟ ଓଭରରେ ବିରାଟ କୋହଲି ଖାତା ଖୋଲିବା ପୂର୍ବରୁ ଆଉଟ ହେବା ପରେ ଭାରତକୁ ଶକ୍ତ ଧକ୍କା ଲାଗିଥିଲା। ତାଙ୍କ ଆଉଟ ପରେ ଅଧିନାୟକ ରୋହିତ ଶର୍ମା ଆକ୍ରମଣାତ୍ମକ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଶିବିରରେ ହଇଚଇ ସୃଷ୍ଟି କରିଥିଲେ। ଏପରିକି ମିଚେଲ ଷ୍ଟାର୍କଙ୍କ ବୋଲିଂ କରିଥିବା ଚତୁର୍ଥ ଓଭରରେ ୪ଟି ଛକା ସହ ୨୯ ରନ୍ ଉଠାଇ ଭାରତ ଲାଗି ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ଅଷ୍ଟ୍ରେଲିଆର ଜୋଶ ହାଜ୍‌ଲେଉଡ୍ ପାୱାର ପ୍ଲେ'ରେ ଭଲ ବୋଲିଂ କରିଥିଲେ। ସେ ୩ ଓଭରରେ ମାତ୍ର ୧୦ ରନ୍ ଦେଇଥିଲେ। କିନ୍ତୁ ରୋହିତଙ୍କୁ କେହି ଅଟକାଇ ପାରି ନଥିଲେ। ମାତ୍ର ୧୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଭାରତୀୟ ଅଧିନାୟକ ରୋହିତ ଦ୍ୱିତୀୟ ୱିକେଟରେ ଋଷଭ ପନ୍ତ (୧୫)ଙ୍କ ସହ ୩୮ ବଲ୍‌ରୁ ୮୭ ରନ୍ ଉଠାଇଥିଲେ। ଏହା ପରେ ଆଉ ବଡ଼ ଭାଗୀଦାରି ହୋଇ ନ ଥିଲା କି ଅନ୍ୟ କେହି ବେଶି ସମୟ ତିଷ୍ଠି ପାରି ନ ଥିଲେ। ମିଚେଲ ଷ୍ଟାର୍କଙ୍କ ଏକ ଇନ୍‌ସୁଇଙ୍ଗ ୟର୍କରରେ ବୋଲ୍ଡ ହୋଇଥିବା ହିଟ୍ ମ୍ୟାନ୍ ରୋହିତ ମାତ୍ର ୪୧ ବଲ୍‌ରୁ ୭ ଚୌକା ଓ ୮ ଛକା ସହ ୯୨ ରନ୍ କରିଥିଲେ। ଚମତ୍କାର ବ୍ୟାଟିଂ ସତ୍ତ୍ୱେସେ ଶତକ ହାସଲ କରି ପାରି ନଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୧୬ ବଲ୍‌ରେ ୩୧, ଶିବମ ଦୁବେ ୨୨ ବଲ୍‌ରେ ୨୮ ରନ୍ କରିଥିଲେ। କିନ୍ତୁ ୧୪ତମ ଓଭର ଶେଷ ବେଳକୁ ଭାରତ ୩ ୱିକେଟରେ ୧୫୫ ରନ୍ କରିଥିଲା। ଏହି ସମୟରେ ଅଷ୍ଟ୍ରେଲୀୟ ବୋଲରମାନେ ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। ଯାହା ଫଳରେ ଭାରତ ଶେଷ ୬ ଓଭରରେ ମାତ୍ର ୫୦ ରନ୍ ଉଠାଇଥିଲା। ଏହା ମଧ୍ୟରେ ଷ୍ଟାର୍କ ବୋଲିଂ କରିଥିବା ୧୫ତମ ଓଭରରେ ୭, ୧୬ତମ ଓଭରରେ ହାଜ୍‌ଲେଉଡ୍ ୪ ଓ ୧୭ତମ ଓଭରରେ ଜାମ୍ପା ୫ ରନ୍ ଦେଇ ଭାରତୀୟଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। କେବଳ ହାର୍ଦ୍ଦିକ ପାଣ୍ଡ୍ୟା ୧୭ ବଲରେ ୧ ଚୌକା ଓ ୨ଛକା ସହ ୨୭ ରନ୍ କରିବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା।

ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜ୍‌ଲେଉଡ୍ ୪ ଓଭରରେ ମାତ୍ର ୧୪ ରନ୍ ନେଇ ଗୋଟିଏ ୱିକେଟ ନେଇଥିଲେ। ଷ୍ଟାର୍କ ଓ ଷ୍ଟୋଇନିସ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ:** ୨୦୫/୫, ୨୦ ଓଭର (ରୋହିତ୍- ୯୨, ସୂର୍ଯ୍ୟକୁମାର- ୩୧, ଶିବମ- ୨୮, ହାର୍ଦ୍ଦିକ- ୨୭*, କୋହଲି- ୦, ଷ୍ଟାର୍କ- ୨/୪୫, ଷ୍ଟୋଇନିସ- ୨/୫୬)।

**ଅଷ୍ଟ୍ରେଲିଆ:** ୧୮୧/୭, ୨୦ ଓଭର ( ହେଡ୍- ୭୬, ମାର୍ଶ- ୩୭, ମ୍ୟାକ୍ସୱେଲ- ୨୦, ୱାର୍ଣ୍ଣର- ୬, ଡେଭିଡ- ୧୫, ଅର୍ଶଦୀପ୍- ୩/୩୭, କୁଲଦୀପ୍- ୨/୨୪)।

## ବର୍ଷାରେ ୱେଷ୍ଟଇଣ୍ଡିଜ୍ ବିଦା

# ସେମିରେ ଦକ୍ଷିଣ ଆଫ୍ରିକା



**ଆଣ୍ଟିଗୁଆ, ୨୪।୬(ଏଜେନ୍ସି):** ଏଠାରେ ସୋମବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ସୁପର-୮ ଗ୍ରୁପ୍-୨'ର ବର୍ଷାବାଧାପ୍ରାପ୍ତ ଶେଷ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଡି/ଏଲ ପ୍ରଣାଳୀରେ ୱେଷ୍ଟଇଣ୍ଡିଜ୍‌କୁ ୩ ୱିକେଟରେ ପରାସ୍ତ କରିଛି। ଏହା ଫଳରେ ଗ୍ରୁପ୍-୨'ରେ ସମସ୍ତ ୩ଟି ଯାକ ଲିଗ ମ୍ୟାଚ୍ ବିଜୟୀ ହୋଇ ଦକ୍ଷିଣ ଆଫ୍ରିକା ଶୀର୍ଷସ୍ଥାନ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗତକାଲି ଇଂଲଣ୍ଡ ଦମ୍‌ଦାର ଖେଳ ପ୍ରଦର୍ଶନ କରି ପ୍ରଥମ ଦଳ ଭାବେ ଏହି ମେଗା ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲା। ମଙ୍ଗଳବାର ସକାଳେ ଗ୍ରୁପ୍-୧'ର ଶେଷ ଲିଗ୍ ମ୍ୟାଚ୍ ଆଫଗାନିସ୍ତାନ ଓ ବାଂଲାଦେଶ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ଫଳାଫଳ ପରେ ଅନ୍ୟ କେଉଁ ଦୁଇ ଦଳ ସେମିଫାଇନାଲ ଖେଳିବେ ତାହା ଜଣାପଡ଼ିବ। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ପାଳିରେ ୪ ଓଭର ବୋଲିଂ କରି ୨୭ ରନ୍‌ରେ ୪ ୱିକେଟ ନେଇଥିବା ଦକ୍ଷିଣ ଆଫ୍ରିକାର ତାବ୍ରେଜ ସାମ୍‌ସିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ସାମ୍‌ସିଙ୍କ ସ୍ପିନ୍ ମହଙ୍ଗା ପଡ଼ିଲା

ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୫ ରନ୍‌ରେ ୨ ୱିକେଟ ହରାଇଥିଲା। ବଦଳ ଖେଳାଳି ଭାବେ ଆସି ପ୍ରଥମ ମ୍ୟାଚ୍ ଖେଳିଥିବା କାଏଲ ମାୟର୍ସ ଓ ରୋଷ୍ଟୋନ ଚେଜ୍ ତୃତୀୟ ୱିକେଟରୁ ୮୧ ରନ୍ ଉଠାଇ ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। କିନ୍ତୁ ଦ୍ୱାଦଶ ଓଭରର ଶେଷ ବଲରେ ତାବ୍ରେଜ ସାମ୍‌ସି ଏହି ଯୋଡ଼ିକୁ ଭାଙ୍ଗିଦେବା ପରେ ୱେଷ୍ଟଇଣ୍ଡିଜ୍ ମୋମେଣ୍ଟମ ହରାଇଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟରେ ହରାଇ ୧୩୫ ରନ୍ କରିବାକୁ ସମର୍ଥ ହୋଇଥିଲା। ଏଥିଲାଗି ସାମ୍‌ସି ୩ଟି ୱିକେଟ ନେଇ ପ୍ରତିପକ୍ଷ ଦଳକୁ କମ୍ ରନ୍‌ରେ ଅଟକାଇବାରେ ସମର୍ଥ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ଚେଜ ୪୨ ବ୍‌ଲରେ ୩ ଚୌକା ଓ ୨ ଛକା ସହ ସର୍ବାଧିକ ୫୨ ରନ୍ କରିଥିଲେ।

### ବର୍ଷା ବିଗାଡ଼ିଦେଲା ଖେଳ

୧୩୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ବ୍ୟାଟିଂ କରିବା ପରେ ୧୧ ରନ୍‌ରେ ଦୁଇ ଓପନରଙ୍କ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ବର୍ଷା ହେବାରୁ ଖେଳ ଏକଘଣ୍ଟା କାଳ ବିଳମ୍ବ ହୋଇଥିଲା। ଯାହା ଫଳରେ ଓଭର ସଂଖ୍ୟା ୨୦ରୁ ୧୭କୁ କମାଇ ଦିଆଯାଇଥିଲା। ଏହି ୧୭ ଓଭରରେ ୧୨୩ ରନ୍‌ର ପୁନଃବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ବର୍ଷା ପରେ ୱେଷ୍ଟଇଣ୍ଡିଜ୍ ଯେତେ ଭଲ ବୋଲିଂ କରିଥିଲା, ଦକ୍ଷିଣ ଆଫ୍ରିକା ମଧ୍ୟ ଲଢୁଆ ବ୍ୟାଟିଂ କରିଥିଲା। ଆଇଡେନ୍ ମାର୍କରାମ ୧୮, ଟ୍ରିଷ୍ଟାନ ଷ୍ଟବ୍ସ ୨୯ ଓ ହେନ୍‌ରିଚ୍ କ୍ଲାସେନ ୨୨ ରନ୍ କରିଥିଲେ। ଏହା କିନ୍ତୁ ଦଳର ବିଜୟ ଲାଗି ଏହା ପର୍ଯ୍ୟାପ୍ତ ହୋଇ ନଥିଲା। ଅଲରାଉଣ୍ଡର ମାର୍କ ଜାନସେନ ଶେଷ ବା ୧୭ତମ ଓଭରର ପ୍ରଥମ ବଲ୍‌ରେ ଛକା ମାରି ଦକ୍ଷିଣ ଆଫ୍ରିକାକୁ ଏହି ସଂଘର୍ଷପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ସେ ୨୧ ରନ୍‌ରେ ଅପରାଜିତ ରହିଥିଲେ। ଘରୋଇ ଦଳର ରୋଷ୍ଟୋନ ଚେଜ୍ ୧୨ ରନ୍‌ରେ ୩ଟି ୱିକେଟ ନେଇଥିଲେ ମଧ୍ୟ ତାହା ବ୍ୟର୍ଥ ହୋଇଥିଲା। ଆନ୍ଦ୍ରେ ରସେଲ ଓ ଆଲଜରି ଯୋଶେଫ ୨ଟି ଲେଖାଏଁ ୱିକେଟ ପାଇଥିଲେ।

ଗ୍ରୁପ୍-୧'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିବାକୁ ଥିବା ଦଳ ସହ ଦକ୍ଷିଣ ଆଫ୍ରିକା ଓ ପ୍ରଥମ ସ୍ଥାନ ହାସଲ କରିଥିବା ଦଳ ସହ ଇଂଲଣ୍ଡ ସେମିଫାଇନାଲ ଖେଳିବ। ମଙ୍ଗଳବାର ସକାଳେ ଗ୍ରୁପ୍-୧'ରୁ କେଉଁ ଦୁଇଦଳ ସେମିଫାଇନାଲ ଖେଳିବେ ତାହା ସ୍ଥିର ହେବ।

**ଟି-୨୦ ବିଶ୍ୱକପ୍**
**ଆଜିର ମ୍ୟାଚ୍**
**ଆଫଗାନିସ୍ତାନ-ବାଂଲାଦେଶ**
ସ୍ଥାନ- କିଙ୍ଗସଟାଉନ୍, ସମୟ- ସକାଳ ୬ଟା
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

# ୨୦୦ ଛକା ମାରିବାରେ ରୋହିତ ପ୍ରଥମ

**ଅନ୍ତର୍ଜାତୀୟ ଟି-୨୦**

**୨୦୦ ଛକା:** ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ପ୍ରଥମ ଖେଳାଳି ଭାବେ ରୋହିତ ଶର୍ମା ୨୦୦ ଛକା ମାରିବାର ରେକର୍ଡ କରିଛନ୍ତି। ପ୍ୟାଟ୍ କମିନ୍ସଙ୍କ ବଲକୁ ରୋହିତ୍ ଏକ ବିଶାଳ ଛକା ମାରିଥିଲେ, ଯାହା ଷ୍ଟାଡିୟମର ଛାତ ଉପରେ ପଡ଼ିଥିଲା। ଏହା ତାଙ୍କ ଟି-୨୦ କ୍ୟାରିୟରର ୨୦୦ତମ ଛକା ଥିଲା। ଏହି ତାଲିକାରେ ମାର୍ଟିନ ଗପ୍ଟିଲ (୧୭୩ ଛକା) ୨ୟ ସ୍ଥାନରେ ରହିଛନ୍ତି।

**୯୨ ରନ:** ଟି-୨୦ ବିଶ୍ୱକପ୍‌ରେ ଅଧିନାୟକ ଭାବେ ରୋହିତ୍ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହ କରିଛନ୍ତି। ୯୮ ରନ ସହ କ୍ରିସ୍ ଗେଲ୍ ତାଲିକାର ଏକ ନମ୍ବର ସ୍ଥାନରେ ରହିଛନ୍ତି।

**୯୨ ରନ:** ଟି-୨୦ ବିଶ୍ୱକପ୍‌ରେ ଭାରତ ପାଇଁ ରୋହିତ ୨ୟ ସର୍ବୋଚ୍ଚ ସ୍କୋର କରିଛନ୍ତି। ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁରେଶ ରାଇନା ୧୦୧ ରନ କରିଥିଲେ।

**୮ ଛକା:** ଟି-୨୦ ବିଶ୍ୱକପ୍‌ର ଗୋଟିଏ ପାଳିରେ ଭାରତୀୟ ଭାବେ ସର୍ବାଧିକ ଛକା ରୋହିତ୍ ଶର୍ମା ମାରିଛନ୍ତି। ୨୦୦୭ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷରେ ଯୁବରାଜ ସିଂହ ୭ଟି ଛକା ମାରି ଆଗରେ ଥିଲେ।

**୧୯ ବଲ:** ରୋହିତ୍ ୧୯ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଚଳିତ ଟି-୨୦ ବିଶ୍ୱକପ୍‌ରେ ଏହା ଦ୍ରୁତତମ ଅର୍ଦ୍ଧଶତକ।

**୧୩ ୱିକେଟ୍:** ଟି-୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ଭାରତୀୟ ବୋଲର ଭାବେ ଅର୍ଶଦୀପ ସିଂହ ସର୍ବାଧିକ ୱିକେଟ୍ ନେଇଛନ୍ତି। ପୂର୍ବରୁ ୨୦୦୭ ବିଶ୍ୱକପ୍‌ରେ ଆର୍‌ପି ସିଂ ୧୨ଟି ୱିକେଟ୍ ନେଇଥିଲେ।

# 'ଶୂନ'ରେ ନେହେରାଙ୍କ ସମକକ୍ଷ ହେଲେ କୋହଲି

**ସେଣ୍ଟ ଲୁସିଆ, ୨୪।୬ (ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ରେ ଭାରତର ତାରକା ଖେଳାଳି ବିରାଟ କୋହଲି ତାଙ୍କ ଖରାପ ପ୍ରଦର୍ଶନ ଜାରି ରଖିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସୁପର୍-୮ ମୁକାବିଲାରେ ସେ ୫ ବଲ୍ ସାମ୍ନା କରି ଖାତା ଖୋଲିବା ପୂର୍ବରୁ ଜୋଶ୍ ହାଜେଉଡ୍‌ଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏଥିସହ ସେ ଏକ ଅଲୋଡ଼ା ରେକର୍ଡ କରିଛନ୍ତି। ଟି-୨୦ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ଦୁଇଥର ଖାତା ଖୋଲିବା ପୂର୍ବରୁ 'ଶୂନ' ଆଉଟ୍ ହେବାରେ ସେ ଆଶିଷ ନେହେରାଙ୍କ ସମକକ୍ଷ ହୋଇଛନ୍ତି। ପୂର୍ବରୁ ନେହେରା ୨୦୧୦ ଟି-୨୦ ବିଶ୍ୱକପ୍‌ରେ ଦୁଇଥର ଶୂନରେ ପ୍ୟାଭିଲିୟନ ଫେରିଥିଲେ। ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଥିବା କୋହଲି ଚଳିତ ସଂସ୍କରଣରେ ୬ ପାଳିରେ ମାତ୍ର ୬୬ ରନ କରିଛନ୍ତି।

# ଜାତୀୟ ଶିବିରରେ ପ୍ୟାରୀ ଓ ଜୁଲି





**କଟକ,୨୪।୬(ସମିସ):** ଆସନ୍ତା ଜୁଲାଇରେ ମିଆଁମାର ବିପକ୍ଷରେ ଭାରତୀୟ ବରିଷ୍ଠ ମହିଳା ଫୁଟବଲ ଦଳ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଜୁଲାଇ ୭ରୁ ୧୩ ତାରିଖ ଭିତରେ ମ୍ୟାଚ୍ ଖେଳାଯିବ। ଏଥିନିମନ୍ତେ ରବିବାରଠାରୁ ଜୁଲାଇ ୬ ପର୍ଯ୍ୟନ୍ତ କୋଲକାତାରେ ଭାରତୀୟ ମହିଳା ଫୁଟବଲ ଦଳର ଅଭ୍ୟାସ ଶିବିର ଆୟୋଜନ ହେବ। ଉକ୍ତ ଶିବିର ଲାଗି ଓଡ଼ିଶାରୁ ୨ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ପ୍ୟାରୀ ଖାଖା ଏବଂ ଜୁଲି କିଶାନ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଏହି ଦୁଇ ଓଡ଼ିଆ ଖେଳାଳିଙ୍କୁ ଜାତୀୟ ଶିବିରରେ ସାମିଲ କରାଯାଇଛି। ଏହି ଅବସରରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଉଭୟ ପ୍ୟାରୀ ଏବଂ ଜୁଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଗ୍ରୁପ୍ ଶୀର୍ଷସ୍ଥାନ ସହ ପ୍ରି-କ୍ୱାର୍ଟରରେ ଜର୍ମାନୀ

**ୟୁରୋ କପ୍ ଫୁଟବଲ**

**ଫ୍ରାଙ୍କଫର୍ଟ, ୨୪।୬(ଏଜେନ୍ସି):** ନିକଲାସ ଫୁଲକ୍ରୁଗଙ୍କ ହେଡର ଜରିଆରେ ସ୍ୱିଜରଲାଣ୍ଡ ସହ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖି ଆୟୋଜକ ଜର୍ମାନୀ ଏଠାରେ ଚାଲିଥିବା ୟୁରୋ କପ୍ ଫୁଟବଲ ପ୍ରତିଯୋଗିତାର ଗ୍ରୁପ୍-ଏ'ରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହା ଫଳରେ ଜର୍ମାନୀ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛି। ଏହି ମ୍ୟାଚରେ ଖେଳର ୨୮ତମ ମିନିଟ୍‌ରେ ସ୍ୱିଜରଲାଣ୍ଡ ପକ୍ଷରୁ ଡାନ୍ ଏନଡୋୟେ ଗୋଲ ସ୍କୋର କରି ଘରୋଇ ସମର୍ଥକଙ୍କୁ ଚୁପ୍ କରିଦେଇଥିଲେ। ୦-୧ ଗୋଲରେ ପଛୁଆ ରହିବା ପରେ ଜର୍ମାନୀ ଘନ ଘନ ଆକ୍ରମଣ କରିଥିଲା। ଅନେକ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରି ପାରି ନଥିଲା। କିନ୍ତୁ ଭେଟେରାନ ଷ୍ଟ୍ରାଇକର ଫୁଏଲକ୍ରୁଗ୍‌ଙ୍କୁ ମିଳିଥିବା ସୁଯୋଗକୁ ହେଡର ଜରିଆରେ ଗୋଲ ଦେଇ ଜର୍ମାନୀ ଆଶ୍ୱସ୍ତ ହୋଇଥିଲା। ପୂର୍ବରୁ ସ୍କଟଲାଣ୍ଡ ଓ ହଙ୍ଗେରୀଙ୍କୁ ହରାଇବା ପରେ ଏହି ମ୍ୟାଚ୍ ଡ୍ର ରଖି ଜର୍ମାନୀ ଗ୍ରୁପ୍-ଏ'ରେ ପ୍ରଥମ ସ୍ଥାନ ଅଧିକାର କରିଛି ଓ ପ୍ରି-କ୍ୱାର୍ଟରରେ ଗ୍ରୁପ୍-ସି'ରେ ଦ୍ୱିତୀୟସ୍ଥାନ ଅଧିକାର କରିବାକୁ ଯାଉଥିବା ଡେନ୍‌ମାର୍କ ସହ ଖେଳିବାର ସମ୍ଭାବନା ରହିଛି। ଏହି ମ୍ୟାଚ୍‌ରେ ଜର୍ମାନୀ ଖେଳ ସନ୍ତୋଷଜନକ ହୋଇପାରି ନଥିଲା। ଦଳ ଏପରି ଯଦି ପ୍ରଦର୍ଶନ କରେ ତେବେ ୟୁରୋକପ ଜିତିବା କଷ୍ଟକର ବୋଲି କୋଚ୍ ଜୁଲିଆନ ନାଗଲସମ୍ୟାନ୍ କହିଛନ୍ତି।

ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ହଙ୍ଗେରୀ ୧-୦ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କେଭିନ ସୋବୋଥ ଇଞ୍ଜୁରୀ ଟାଇମ୍‌ରେ ବିଜୟସୂଚକ ଗୋଲ ସ୍କୋର କରିଥିଲେ। ସ୍କଟଲାଣ୍ଡ ଲଢ଼େଇ କରିଥିଲେ ମଧ୍ୟ ମ୍ୟାଚ୍ ବଞ୍ଚାଇବାରେ ସମର୍ଥ



ହୋଇପାରି ନ ଥିଲା। କିନ୍ତୁ ଏହା ପ୍ରି-କ୍ୱାର୍ଟରରେ ପ୍ରବେଶ କରିବାରେ ଅସମର୍ଥ ହୋଇଛି। ଜର୍ମାନୀ ପରେ ସ୍ୱିଜରଲାଣ୍ଡ ଦ୍ୱିତୀୟ ଦଳ ଭାବେ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛି। ସ୍ୱିଜରଲାଣ୍ଡ ଗୋଟିଏ ବିଜୟ ଓ ୨ଟି ଅମୀମାଂସିତ ମ୍ୟାଚ୍‌ରୁ ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ହଙ୍ଗେରୀ ଓ ସ୍କଟଲାଣ୍ଡ ଗ୍ରୁପରେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ପ୍ରି-କ୍ୱାର୍ଟରକୁ ଉନ୍ନୀତ ହେବ। ଏହା ଫଳରେ ୧୨ଟି ଦଳ ସିଧାସଳଖ ପ୍ରି-କ୍ୱାର୍ଟରରେ ପ୍ରବେଶ କରିବେ। ଏହା ପରେ ତୃତୀୟ ସ୍ଥାନରେ ଥିବା ଶ୍ରେଷ୍ଠ ୪ଟି ଦଳକୁ ପ୍ରି-କ୍ୱାର୍ଟର ଖେଳିବାକୁ ସୁଯୋଗ ମିଳିବ। ଏବେ ସୁଦ୍ଧା କେବଳ ଗ୍ରୁପ୍-ଏ'ର ଖେଳ ଶେଷ ହୋଇଛି। ଗ୍ରୁପ୍-ବି'ରେ ସ୍ପେନ୍ ଓ ଇଟାଲୀ, ଗ୍ରୁପ୍-ସି'ରେ ଇଂଲଣ୍ଡ ଓ ଡେନ୍‌ମାର୍କ, ଗ୍ରୁପ୍-ଡି'ରେ ନେଦରଲାଣ୍ଡସ ଓ ଫ୍ରାନ୍ସ, ଗ୍ରୁପ୍-ଇ'ରେ ରୋମାନିଆ ଓ ବେଲଜିୟମ, ଗ୍ରୁପ୍-ଏଫ୍‌ରେ ପର୍ତ୍ତୁଗାଲ ଓ ତୁର୍କୀ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଏଫ୍-ରେ ପର୍ତ୍ତୁଗାଲ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ପ୍ରି-କ୍ୱାର୍ଟରରେ ସ୍ଥାନ ହାସଲ କରିସାରିଛି।



ଗୋଲସ୍କୋର ପରେ ହଙ୍ଗେରୀର କେଭିନ ସୋବୋଥ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA